

ମେସିଙ୍କ ବିଶ୍ୱକପ୍ ରେକର୍ଡ

▸ପୃଷ୍ଠା ୧୨ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-05 ◆MONDAY ◆29 JUNE 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୪ ◆ସଂଖ୍ୟା-୦୫ ◆ସୋମବାର ◆୨୯ ଜୁନ୍ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦






10 YEAR WARRANTY | BAJAJ SECURE • AMC • ROAD SIDE ASSISTANCE | 72198 21111 | Flipkart | amazon.in

*ସର୍ତ୍ତ ଓ ନିୟମାବଳୀ ଲାଗିବ । ଅଫର 30 ଜୁନ 2026 ପର୍ଯ୍ୟନ୍ତ ବୈଧ ଅଟେ । ପଲ୍ସର୍ N160 USD ସିଙ୍ଗଲ୍ ସିଟ୍ ଭାରିଆଣ୍ଟରେ ଇ-କମ ଅଫର୍, ସମ୍ପୃକ୍ତ ଇ-କମ୍ ପାର୍ଟନରଙ୍କ ସର୍ତ୍ତାବଳୀ ଉପରେ ନିର୍ଭର କରେ । ଇ-କମ୍ ଅଫର୍ ପାର୍ଟନରମାନଙ୍କ ମଧ୍ୟରେ ଭିନ୍ନ ହୋଇପାରେ । ଷ୍ଟଣ୍ଟଗୁଡ଼ିକ ଏକ୍ସପର୍ଟ ମାନଙ୍କ ଦ୍ବାରା, ପେଶାଦାରମାନଙ୍କ ତତ୍ତ୍ୱାବଧାନରେ, ନିୟନ୍ତ୍ରିତ ଓ ଆବଦ୍ଧ ବାତାବରଣରେ, ଜନସାଧାରଣ ବା ପବ୍ଲିକ୍ ରୋଡ୍ ଠାରୁ ଅଲଗାରେ କରାଯାଇଛି । ଏସବୁ ଷ୍ଟଣ୍ଟ ନକଲ କରିବାର ଅପଚେଷ୍ଟା କରନ୍ତୁ ନାହିଁ ଏବଂ ସବୁବେଳେ ଟ୍ରାଫିକ୍ ଓ ସୁରକ୍ଷା ନିୟମଗୁଡ଼ିକ ପାଳନ କରନ୍ତୁ ।

**Authorised Dealers for Bajaj Auto Ltd.: Bhubaneswar: Lewis Road** MSB BAJAJ 7381088720 • **Nayapalli** BHARAT BAJAJ 7064406721 • **Patia** BHARAT BAJAJ 7381099444• **Rasulgarh** BHARAT BAJAJ 9124717803 • **Phulnakhara** BHARAT BAJAJ 9124717805 • **Charichak** MSB BAJAJ 8018881850 , • **Banki** MSB BAJAJ 9348819293 • **Balugaon BHARAT BAJAJ 73810 99441 • Puri MSB BAJAJ 7077735752 • Pipili MSB BAJAJ 7077735755 • Brahmagiri MSB BAJAJ 7008198739 Sakhigopal MSB BAJAJ 9124590859 • Jankia BHARAT BAJAJ 9348768960** •Cuttack: **Badambadi** SURAJ BAJAJ 8093066603 • **Shikharpur RASHMI BAJAJ 9237379210 • Satichaura RASHMI BAJAJ 9237379211** • Rahama MAITREE BAJAJ 9668801781, **Nayagarh** MSB BAJAJ 7790048130 • **Rajsunakhala** MSB BAJAJ 9668820967 • **Daspalla** MSB BAJAJ 7873925390 • **Phulbani** MSB BAJAJ 8917341979 • **Chandikhole** TARINI BAJAJ 9937310800, • **Pattamundai MAITREE BAJAJ 7064987720/9668801781,** • **Kendrapara** TARINI BAJAJ 8338944471 • **Rajnagar** MAITREE BAJAJ 7064987720/9668801781.





ସକାଳ
www.sakalaepaper.com

# ପ୍ରେମିକାକୁ ମାରିବାକୁ ଯାଇ ଜୀବନ୍ତ ଦଗ୍ଧ ହେଲା ପ୍ରେମିକ

## କାର୍‌ରେ ବୋମା ବିସ୍ଫୋରଣ

ଟୁମକୁରୁ,୨୮ ।୬(ଏଜେନ୍ସି): କର୍ଣ୍ଣାଟକର ଟୁମକୁରୁ ଜିଲ୍ଲାରେ ଏକ ଚାଞ୍ଚଲ୍ୟକର ଘଟଣା ସାମ୍ନାକୁ ଆସିଛି । ଜଣେ ଯୁବକ ନିଜର ପୂର୍ବ ପ୍ରେମିକାକୁ ଅପହରଣ କରି ଚଳନ୍ତା କାର୍‌ରେ ବୋମା ବିସ୍ଫୋରଣ କରିବାକୁ ଚେଷ୍ଟା କରିଛି । ତେବେ ଯୁବତୀ ଜଣକ ଚଳନ୍ତା ଗାଡ଼ିରୁ ଡେଇଁ ନିଜ ଜୀବନ ବଞ୍ଚାଇବାରେ ସଫଳ ହୋଇଥିବା ବେଳେ ଯୁବକ ଜଣକ କାର୍ ଭିତରେ ଜୀବନ୍ତ ଦଗ୍ଧ ହୋଇଯାଇଛି । ମୃତ ଯୁବକ ଜଣକ ହେଲେ ୩୦ ବର୍ଷୀୟ ନାଗେନ୍ଦ୍ର । ବେଙ୍ଗାଲୁରୁରେ ଜଣେ ଓଟି ଟେକ୍ନିସିଆନ୍ ଭାବେ କାର୍ଯ୍ୟ କରୁଥିବା ଯୁବତୀଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଥିଲା । କିନ୍ତୁ ନିକଟରେ ସେମାନଙ୍କ ମଧ୍ୟରେ ବିବାଦ ହେବା ଯୋଗୁଁ ଯୁବତୀ ଜଣକ ନାଗେନ୍ଦ୍ରଙ୍କ ନମ୍ବର ବ୍ଲକ୍ କରିଦେଇଥିଲେ । ଏଥିରେ ଉତ୍କ୍ଷିପ୍ତ ହୋଇ ନାଗେନ୍ଦ୍ର ଶନିବାର ସକାଳେ ଯୁବତୀଙ୍କ ରୁମ୍‌ରେ ପହଞ୍ଚି ଗଣ୍ଡଗୋଳ କରିବା ସହ ଏକ ଉବେର କ୍ୟାବ୍ (ଭଡ଼ା ଗାଡ଼ି) ମାଧ୍ୟମରେ ତାଙ୍କୁ ଜୋରଜବରଦସ୍ତ ଅପହରଣ କରି ନେଇଯାଇଥିଲେ ।



ଏ ନେଇ ଯୁବତୀଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ ମଧ୍ୟ କରିଥିଲେ । ଗାଡ଼ି ଭିତରେ ନାଗେନ୍ଦ୍ର ଯୁବତୀଙ୍କୁ ଛୁରିରେ ଆକ୍ରମଣ କରିବା ସହ ଉଭୟ ଏକାଠି ମରିବା ପାଇଁ ନିଜ ପାଖରେ ଥିବା ବୋମା ଦେଖାଇ ଧମକ ଦେଇଥିଲେ । ଏହି ସମୟରେ ଡ୍ରାଇଭର ଗାଡ଼ି ଅଟକାଇବା ମାତ୍ରେ ଯୁବତୀ ଜଣକ ବାହାରକୁ ଡେଇଁ ପଡ଼ିଥିଲେ । ଏହାର କିଛି ସେକେଣ୍ଡ ମଧ୍ୟରେ କାର୍ ଭିତରେ ଏକ ଶକ୍ତିଶାଳୀ ବିସ୍ଫୋରଣ ହୋଇ ନିଆଁ ଲାଗିଯାଇଥିଲା, ଯାହାଫଳରେ ନାଗେନ୍ଦ୍ର ଭିତରେ ଫସିଯାଇ ପ୍ରାଣ ହରାଇଥିଲେ । ପୁଲିସ ସୁପରିଣ୍ଟେଣ୍ଡେଣ୍ଟ୍ ଅଶୋକ କେ.ଭି. କହିଛନ୍ତି ଯେ, ନାଗେନ୍ଦ୍ର ନିଜ ସହ ବିସ୍ଫୋରକ ସାମଗ୍ରୀ ଆଣିଥିଲେ ଏବଂ ସେ ନିଜେ ଏହି ବିସ୍ଫୋରଣ ଘଟାଇଛନ୍ତି । ଘଟଣାରେ ଆହତ ଯୁବତୀ ଏବଂ ଡ୍ରାଇଭର ପ୍ରବୀଣଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ପୁଲିସ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି ।

# ମହରମ୍ ଶୋଭାଯାତ୍ରାରେ ଗଣହତ୍ୟା ଷଡ଼ଯନ୍ତ୍ର

ମୁମ୍ବଇ,୨୮ ।୬(ଏଜେନ୍ସି): ମୁମ୍ବାଇର ବାୟକୁଲା ଅଞ୍ଚଳରେ ଏକ ବଡ଼ ଧରଣର ବିପତ୍ତିକୁ ରୋକାଯାଇପାରିଛି । ଶୁକ୍ରବାର ଦିନ ମହରମ ଶୋଭାଯାତ୍ରା ଚାଲିଥିବା ସମୟରେ ଜଣେ ଯୁବକ ଲୋକମାନଙ୍କୁ ବିଷାକ୍ତ ବଟିକା ବାଣ୍ଟୁଥିବା ବେଳେ ପୁଲିସ ହାତରେ ଧରାପଡ଼ିଛି । ଏହି ବଟିକା ଖାଇବା ଦ୍ୱାରା ପ୍ରାୟ ୧୧ ଜଣ ଲୋକ ଅସୁସ୍ଥ ହୋଇ ପଡ଼ିଥିଲେ । ବର୍ତ୍ତମାନ ସେମାନେ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି ଏବଂ ବିପଦମୁକ୍ତ ଅଛନ୍ତି । ଗିରଫ ହୋଇଥିବା ଅଭିଯୁକ୍ତର ନାମ ଫୟାଜ ପ୍ରେମଜୀ । ସେ ଜଣେ ସ୍ନାତକ ଶିକ୍ଷିତ ଯୁବକ ଏବଂ ପୂର୍ବରୁ ଇରାନ ଓ ଇରାକ ଯାତ୍ରା କରିଥିବା ଜଣାପଡ଼ିଛି । ଶୋଭାଯାତ୍ରା ସମୟରେ ସେ ଲୋକମାନଙ୍କୁ ପ୍ରତିରୋଧକ ଶକ୍ତି ବଢ଼ାଇବା ଏବଂ ଯନ୍ତ୍ରଣା ନାଶକ ବଟିକା କହି ଏହି ବିଷାକ୍ତ କ୍ୟାପସୁଲ ବାଣ୍ଟୁଥିଲା । ତିନି ଜଣ ମହିଳା ସ୍ୱେଚ୍ଛାସେବୀଙ୍କ ସନ୍ଦେହ ହେବାରୁ ସେମାନେ ବଟିକାକୁ ଭାଙ୍ଗି ଯାଞ୍ଚ କରିଥିଲେ ଏବଂ ତୁରନ୍ତ ଲାଉଡସ୍ପିକର ଯୋଗେ ଲୋକଙ୍କୁ ସତର୍କ କରାଇବା ସହ ପୁଲିସକୁ ଖବର ଦେଇଥିଲେ । ପୁଲିସ ଘଟଣାସ୍ଥଳରୁ ପ୍ରାୟ ୧୪, ୯୦୦ ବିଷାକ୍ତ ବଟିକା ଜବତ କରିଛି । ତଦନ୍ତରୁ ଜଣାପଡ଼ିଛି ଯେ ଏହି ବଟିକାଗୁଡ଼ିକରେ ମୂଷା ମାରିବା ପାଇଁ ବ୍ୟବହୃତ ହେଉଥିବା ଅତ୍ୟନ୍ତ ମାରାତ୍ମକ 'ଜିଙ୍କ ଫସଫାଇଡ୍' ନାମକ ବିଷାକ୍ତ କେମିକାଲ ମିଶାଯାଇଥିଲା । ଗିରଫ ହେବା ପରେ ଅଭିଯୁକ୍ତ ସ୍ୱୀକାର କରିଛି

**ବିଷ ବଟିକା ଦେଇ ୧୫,୦୦୦ ଲୋକଙ୍କୁ ମାରିବାକୁ ହୋଇଥିଲା ଯୋଜନା**

ଯେ ସେ ସେହି ଦିନ ଅତିକମରେ ୧୫,୦୦୦ ଲୋକଙ୍କୁ ମାରିବାକୁ ଚାହୁଁଥିଲା । ପୁଲିସ ଅଭିଯୁକ୍ତ ବିରୋଧରେ ଭାରତୀୟ ନ୍ୟାୟ ସଂହିତାର ବିଷ ପ୍ରୟୋଗ ସମ୍ବନ୍ଧୀୟ ଧାରା ଅନୁଯାୟୀ ମାମଲା ରୁଜୁ କରି କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଦୁଇ ଦିନିଆ ଅଟକ ରଖିଛି । ଏହି ଘଟଣା ପଛରେ କୌଣସି ଆତଙ୍କବାଦୀ ସଂଗଠନର ହାତ କିମ୍ବା ବଡ଼ ଷଡ଼ଯନ୍ତ୍ର ରହିଛି କି ନାହିଁ, ସେ ନେଇ ପୁଲିସ ଏବେ ଜେରା ଓ ଅଧିକ ତଦନ୍ତ ଚଳାଇଛି ।





# ମନ୍ଦିର ପଇସାରେ ଅୟସ କରୁଥିଲେ

## ଅଭିଯୁକ୍ତଙ୍କର ଫାର୍ମହାଉସ୍ ଓ ଦାମୀ ଗାଡ଼ି ଜବତ



ଅଯୋଧ୍ୟା,୨୮ ।୬(ଏଜେନ୍ସି): ଅଯୋଧ୍ୟା ରାମ ମନ୍ଦିରର ଦାନ ବାକ୍ସରୁ ଟଙ୍କା ଚୋରି ମାମଲାରେ ଗିରଫ ହୋଇଥିବା ମୁଖ୍ୟ ଅଭିଯୁକ୍ତଙ୍କୁ ନେଇ ଏକ ବଡ଼ ଖୁଲାସା ହୋଇଛି । ମନ୍ଦିରରୁ ଅର୍ଥ ହେରଫେର କରି ଗିରଫ ହୋଇଥିବା ୮ ଜଣଙ୍କ ମଧ୍ୟରେ ଅନୁକଳ୍ପ ମିଶ୍ର ଏବଂ ତାଙ୍କ ଶଳା ଲବକୁଶ ମିଶ୍ର ମୁଖ୍ୟ ମାଷ୍ଟରମାଇଣ୍ଡ ଭାବେ ସାମ୍ନାକୁ ଆସିଛନ୍ତି । ଚୋରି ଟଙ୍କାରେ ସେମାନଙ୍କର ଜୀବନଶୈଳୀ ସମ୍ପୂର୍ଣ୍ଣ ବଦଳି ଯାଇଥିବା ପୁଲିସ ତଦନ୍ତରୁ ଜଣାପଡ଼ିଛି । ଅନୁକଳ୍ପ ମିଶ୍ର ଏକ ବ୍ୟାଙ୍କର ଆଉଟସୋର୍ସି ଦଳରେ କାମ କରୁଥିଲେ ଏବଂ ଗତ ତିନି ବର୍ଷ ହେବ ମନ୍ଦିରର ଦାନ ବାକ୍ସରୁ ଟଙ୍କା ଗଣତି କରୁଥିବା ଦଳରେ ସାମିଲ ଥିଲେ । ପରେ ସେ ନିଜ ଶଳା ଲବକୁଶଙ୍କୁ ମଧ୍ୟ ସେହି ଦଳରେ ନିଯୁକ୍ତ କରାଇଥିଲେ ।

**ରାମ ମନ୍ଦିର ଚାନ୍ଦା ଚୋରି**

ଅଭିଯୁକ୍ତଙ୍କ ବସଭା ଗ୍ରାମ ସ୍ଥିତ ବାସଭବନରେ ଚଢ଼ାଉ ବେଳେ ଜଣାପଡ଼ିଛି ଯେ, କିଛି ଦିନ ପୂର୍ବରୁ ଆର୍ଥିକ ଅନାଟନ ମଧ୍ୟରେ ଗତି କରୁଥିବା ଏହି ପରିବାର ହଠାତ୍ କୋଟିପତି ପାଲଟି ଯାଇଛନ୍ତି । ଅନୁକଳ୍ପ ଗାଁ ମୁଣ୍ଡରେ ଏକ ବିଳାସପୂର୍ଣ୍ଣ ଫାର୍ମହାଉସ୍ ନିର୍ମାଣ କରିବା ସହ ଅଯୋଧ୍ୟାରେ ପ୍ରାୟ ୬୫ ଲକ୍ଷ ଟଙ୍କାର ଏକ ବିଲ୍ଡିଂ କିଣିଛନ୍ତି । ନିକଟରେ ସେ ଏକ ସ୍କର୍ପିଓ ଗାଡ଼ି ବୁକ୍ କରିଥିବା ବେଳେ ତାଙ୍କ ଶଳା ଲବକୁଶ ଏକ ଦାମୀ ମୋଟରସାଇକେଲ କିଣିଥିବା ପଡୋଶୀମାନେ ପ୍ରକାଶ କରିଛନ୍ତି । ଏପରିକି ଗତ ଏପ୍ରିଲ ମାସରେ ସେ ଗାଁରେ ଏକ ବଡ଼ ଧରଣର ଧାର୍ମିକ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ, ଯେଉଁଥିରେ ରାମ ମନ୍ଦିର ଟ୍ରଷ୍ଟର ବଡ଼ ବଡ଼ ଅଧିକାରୀ ଓ ନେତାମାନେ ଯୋଗ ଦେଇଥିଲେ ।

## ଦାନ ଅର୍ଥ ଚୋରି ସଂପର୍କରେ ଜାଣିଥିଲେ ଟ୍ରଷ୍ଟ କର୍ମକର୍ତ୍ତା

ଅଯୋଧ୍ୟା,୨୮।୬(ଏଜେନ୍ସି): ଅଯୋଧ୍ୟା ରାମ ମନ୍ଦିର ଦାନ ଅର୍ଥ ଚୋରି ଏବଂ ଆର୍ଥିକ ଅନିୟମିତତା ଦୁର୍ନୀତି ବିଷୟରେ ଜଣାପଡ଼ିବା ପୂର୍ବରୁ ହିଁ ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟ ଏହି ସନ୍ଦେହଜନକ ଚୋରି ବିଷୟରେ ଜାଣିବାକୁ ପାଇଥିଲା ବୋଲି ବିସ୍ଫୋରକ ତଥ୍ୟ ସାମ୍ନାକୁ ଆସିଛି । ଟ୍ରଷ୍ଟର ସାଧାରଣ ସମ୍ପାଦକ ଚମ୍ପତ ରାୟଙ୍କ ନିର୍ଦ୍ଦେଶକ୍ରମେ ଟ୍ରଷ୍ଟର ପ୍ରତିନିଧିମାନେ ଜୁନ୍ ୫ରେ ପୁଲିସ ସହିତ ମିଶି ଜଣେ ଅଭିଯୁକ୍ତ ଅଭିନାଶ ଶୁକ୍ଳାଙ୍କ ବାସଭବନକୁ ଯାଇଥିଲେ । ସେତିକିବେଳେ ସେଠାରୁ ନଗଦ ଟଙ୍କା ଜବତ କରାଯାଇଥିଲା । ଏହାସତ୍ତ୍ୱେ ଟ୍ରଷ୍ଟ ସେତେବେଳେ କୌଣସି ଆନୁଷ୍ଠାନିକ ଏଫଆଇଆର୍ ଦାଖଲ କରି ନଥିଲା । ପରେ ଜୁନ୍ ୭ରେ ଏହି ଘଟଣା ସାଧାରଣରେ ପ୍ରକାଶ ପାଇଥିଲା ।



# ସାଉଦିରେ ହେଲିକପ୍ଟର ଦୁର୍ଘଟଣା; ୧୪ ମୃତ

ରିୟାଦ,୨୮ ।୬(ଏଜେନ୍ସି): ରବିବାର ଦିନ ସାଉଦି ଆରବର ପ୍ରସିଦ୍ଧ ସରକାରୀ ତୈଳ କମ୍ପାନୀ 'ଆରାମକୋ'ର ଏକ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ଅତିକମରେ ୧୪ ଜଣଙ୍କର ମୃତ୍ୟୁ ଘଟିଛି । ସାଉଦି ଆରବର ସରକାରୀ ସମ୍ବାଦ ସଂସ୍ଥାକୁ ଉଦ୍ଧାର କରି ଆନ୍ତର୍ଜାତୀୟ ଗଣମାଧ୍ୟମ ରଏଟର୍ସ ପକ୍ଷରୁ ଏହି ସୂଚନା ଦିଆଯାଇଛି । ସୂଚନା ଅନୁଯାୟୀ, ଆରାମକୋ କମ୍ପାନୀର ଏହି ହେଲିକପ୍ଟରଟି ସାଉଦି ଆରବର 'ରାସ୍ ତନୁରା' ଅଞ୍ଚଳରେ କୌଣସି କାରଣବଶତଃ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା । ହେଲିକପ୍ଟରଟି କେଉଁ ପରିସ୍ଥିତିରେ ଏବଂ କେଉଁ କାରଣ ପାଇଁ ଦୁର୍ଘଟଣାଗ୍ରସ୍ତ ହେଲା, ସେ ନେଇ ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ସୂଚନା ମିଳିପାରିନାହିଁ । ଦୁର୍ଘଟଣା ପରେ ତୁରନ୍ତ ଘଟଣାସ୍ଥଳରେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଛି । ସେହି ହେଲିକପ୍ଟରରେ କେତେ ଜଣ ଯାତ୍ରୀ ଥିଲେ ଏବଂ ମୃତକମାନେ କେଉଁ ଦେଶର, ସେ ନେଇ ବିସ୍ତୃତ ତଥ୍ୟକୁ ଅପେକ୍ଷା କରାଯାଇଛି । ସାଉଦି ପ୍ରଶାସନ ଏବଂ ଆରାମକୋ କମ୍ପାନୀ ପକ୍ଷରୁ ଏହି ଗମ୍ଭୀର ଦୁର୍ଘଟଣାର ପ୍ରକୃତ କାରଣ ଖୋଜିବା ପାଇଁ ଏକ ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି ।

# ଫ୍ରାନ୍ସ ବିମାନ ଦୁର୍ଘଟଣାରେ ୧୧ ପ୍ରଶିକ୍ଷାର୍ଥୀ ମୃତ



ପ୍ୟାରିସ୍,୨୮ ।୬ (ଏଜେନ୍ସି): ଫ୍ରାନ୍ସର ଟୋମ୍ବଲେନ୍ ଅଞ୍ଚଳରେ ରବିବାର ଏକ ବେସାମରିକ ବିମାନ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୧୧ ଜଣଙ୍କର ମୃତ୍ୟୁ ଘଟିଛି । ବିମାନଟି କେତେକ ପାରାସୁଟ୍ ପ୍ରଶିକ୍ଷାର୍ଥୀ ଓ ପ୍ରଶିକ୍ଷକଙ୍କୁ ନେଇ ଯାଉଥିବା ସମୟରେ ଏହି ଦୁର୍ଘଟଣା ଘଟିଛି । ଘଟଣାସ୍ଥଳରେ ବ୍ୟାପକ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ଫ୍ରାନ୍ସର ସ୍ଥାନୀୟ ଗଣମାଧ୍ୟମ ଅନୁଯାୟୀ, ମୃତକଙ୍କ ମଧ୍ୟରେ ୫ ଜଣ ପ୍ରଶିକ୍ଷକ, ୫ ଜଣ ଛାତ୍ର ଏବଂ ବିମାନର ଚାଳକ ସାମିଲ ଅଛନ୍ତି । ରବିବାର ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ ଏକ ଜନବସତି ନିକଟସ୍ଥ ରାସ୍ତା କଡ଼ରେ ଥିବା ଘାସ ପଡ଼ିଆରେ ବିମାନଟି ହଠାତ୍ ତଳକୁ ଖସିପଡ଼ି ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା । ସ୍ଥାନୀୟ ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ବିମାନଟି ସିଧାସଳଖ ତଳକୁ ମାଡ଼ ହୋଇଯାଇଥିଲା । ଦୁର୍ଘଟଣା ସମ୍ପର୍କରେ ଖବର ପାଇ ଜରୁରୀକାଳୀନ ସେବା ବାହିନୀ ଓ ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିଛନ୍ତି । ସୁରକ୍ଷା ଦୃଷ୍ଟିରୁ ପୁଲିସ ସାଧାରଣ ଜନତାଙ୍କୁ ସେହି ଅଞ୍ଚଳକୁ ନଯିବା ପାଇଁ ଅନୁରୋଧ କରିଛି, ଯେପରି ଉଦ୍ଧାର କାର୍ଯ୍ୟରେ କୌଣସି ବାଧା ସୃଷ୍ଟି ନହୁଏ । ବର୍ତ୍ତମାନ ସୁଦ୍ଧା ବିମାନ ଦୁର୍ଘଟଣାର କାରଣ ଜଣାପଡ଼ି ନାହିଁ ।



ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପରିବେଶ ସଂରକ୍ଷଣ ଏବଂ କ୍ଷୁଦ୍ର ଦ୍ୱୀପରାଷ୍ଟ୍ରଗୁଡ଼ିକର ବିକାଶ ପାଇଁ ସେଶେଲ୍ସ ପକ୍ଷରୁ ସମ୍ମାନଜନକ 'ଗାର୍ଡିଆନ୍ ଅଫ୍ ଦି ବ୍ଲୁ ହରାଇଜନ୍' ଉପାଧି ପ୍ରଦାନ କରାଯାଇଛି । ସେଶେଲ୍ସ ଦ୍ୱାରା ପ୍ରଦାନ କରାଯାଇଥିବା ଏହା ଏଭଳି ପ୍ରଥମ ସର୍ବୋଚ୍ଚ ସର୍ବୋଚ୍ଚ ସମ୍ମାନ ଏବଂ ଏହା ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ବିଦେଶରୁ ମିଳିଥିବା ୩୪ତମ ଆନ୍ତର୍ଜାତୀୟ ସମ୍ମାନ ଅଟେ । ସେଶେଲ୍ସର ରାଷ୍ଟ୍ରପତି ପାଟ୍ରିକ ହର୍ମିନି ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଏହି ଉପାଧିରେ ସମ୍ମାନିତ କରିଛନ୍ତି । ପ୍ରଧାନମନ୍ତ୍ରୀ ଏଥିପାଇଁ ସେଶେଲ୍ସ ଜନସାଧାରଣ ଓ ସରକାରଙ୍କୁ କୃତଜ୍ଞତା ଜଣାଇବା ସହ ଏହି ସମ୍ମାନକୁ ଜଳବାୟୁ ପରିବର୍ତ୍ତନ ବିରୋଧରେ ସଂଗ୍ରାମ କରୁଥିବା ବିଶ୍ୱର ସମସ୍ତ ଦେଶକୁ ଉତ୍ସର୍ଗ କରିଛନ୍ତି ।

# ଆତଙ୍କବାଦୀ ଆକ୍ରମଣ ପଣ୍ଡ; ୨ ଉଲ୍‌ଫା କ୍ୟାଡର୍ ଗିରଫ

ଗୌହାଟୀ,୨୮ ।୬(ଏଜେନ୍ସି): ଆସାମର ତିନସୁକିଆ ଜିଲ୍ଲାରେ ପ୍ରତିବନ୍ଧିତ ସଂଗଠନ 'ୟୁନାଇଟେଡ୍ ଲିବରେସନ ଫ୍ରଣ୍ଟ ଅଫ୍ ଆସାମ (ଇଣ୍ଡିପେଣ୍ଡେଣ୍ଟ)' ବା ଉଲଫା-ଆଇ'ର ଦୁଇ ଜଣ ସଶସ୍ତ୍ର ଆତଙ୍କବାଦୀଙ୍କୁ ଗିରଫ କରାଯାଇଛି ଓ ଏମାନେ ନିଜକୁ ସଂଗଠନର 'ସେକେଣ୍ଡ ଲେଫ୍ଟନାଣ୍ଟ' ବୋଲି ପରିଚୟ ଦେଉଥିଲେ । କେନ୍ଦ୍ରୀୟ ଗୋଇନ୍ଦା ସଂସ୍ଥା ଏବଂ ସୁରକ୍ଷା ବାହିନୀର ସହାୟତାରେ ପୁଲିସ ଏକ ବିଶେଷ ଅପରେସନ ଚଳାଇ ଏହି ଦୁଇ ଜଣଙ୍କୁ କାବୁ କରିବାରେ ସଫଳ ହୋଇଛି । ତଦନ୍ତରୁ ଜଣାପଡ଼ିଛି ଯେ, ଉଲଫା-ଆଇ ସଂଗଠନ ପକ୍ଷରୁ ଏହି ଦୁଇ ଜଣଙ୍କୁ ତିନସୁକିଆ ସହରରେ ଆଖିବୁଜା ଗୁଳିଚାଳନା କରି ବହୁ ସଂଖ୍ୟାରେ ନିରୀହ ନାଗରିକଙ୍କୁ ହତ୍ୟା କରିବା ଏବଂ ସହରରେ ଆତଙ୍କ ଖେଳାଇବା ପାଇଁ ଦାୟିତ୍ୱ ଦିଆଯାଇଥିଲା । ଏହି ଦୁଇ କ୍ୟାଡର ପୂର୍ବରୁ ମଧ୍ୟ ସେହି ଅଞ୍ଚଳରେ ହୋଇଥିବା ଅନେକ ଉଲଫା ଆକ୍ରମଣରେ ସାମିଲ ଥିବା ପୁଲିସ ସୂଚନା ଦେଇଛି ।

# ହିଜବୁଲ୍ଲା ନିରସ୍ତ୍ର ନ ହେବା ଯାଏଁ ଲେବାନନରୁ ହଟିବୁନି: ନେତନ୍ୟାହୁ

ଜେରୁଜେଲମ୍,୨୮ ।୬(ଏଜେନ୍ସି): ଆମେରିକାର ମଧ୍ୟସ୍ଥତାରେ ଲେବାନନ ସହିତ ସ୍ୱାକ୍ଷରିତ ହୋଇଥିବା ନୂତନ ଚୁକ୍ତିକୁ ଏକ ଐତିହାସିକ ସଫଳତା ବୋଲି ଅଭିହିତ କରିଛନ୍ତି ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତନ୍ୟାହୁ । ସେ ସ୍ପଷ୍ଟ କରିଛନ୍ତି ଯେ, ସଶସ୍ତ୍ର ସଂଗଠନ ହିଜବୁଲ୍ଲା ସମ୍ପୂର୍ଣ୍ଣ ରୂପେ ନିରସ୍ତ୍ର ନହେବା ପର୍ଯ୍ୟନ୍ତ ଇସ୍ରାଏଲ ସେନା ଦକ୍ଷିଣ ଲେବାନନ ଛାଡ଼ିବେ ନାହିଁ । ଶନିବାର ନେତନ୍ୟାହୁ କହିଛନ୍ତି ଯେ, ଏହି ଚୁକ୍ତିନାମା ଇରାନ ଏବଂ ତା'ର ସମର୍ଥିତ ହିଜବୁଲ୍ଲା ସଂଗଠନ ପାଇଁ ଏକ ଶକ୍ତ ଆଘାତ । ନେତନ୍ୟାହୁ ସ୍ପଷ୍ଟ କରିଛନ୍ତି ଯେ ଚୁକ୍ତି ସତ୍ତ୍ୱେ ହିଜବୁଲ୍ଲାର ସାମରିକ ଶକ୍ତି ଶେଷ ନହେବା ଯାଏଁ ଇସ୍ରାଏଲୀ ସେନା ସେହି ଅଞ୍ଚଳରେ ମୁତୟନ ରହିବେ ଏବଂ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି ରଖିବେ । ଏହି ଘୋଷଣା ସହିତ, ଦେଶରେ ଆଗାମୀ ଜାତୀୟ ନିର୍ବାଚନ ପୂର୍ବରୁ ଏକ ବୃହତ ମେଣ୍ଟ ସରକାର ଗଠନ କରିବା ପାଇଁ ମଧ୍ୟ ପ୍ରଧାନମନ୍ତ୍ରୀ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି ।

# ଚରିତ୍ର ସନ୍ଦେହରେ ସ୍ତ୍ରୀକୁ ହତ୍ୟା

ବେଲାଗାଭି,୨୮ ।୬(ଏଜେନ୍ସି): କର୍ଣ୍ଣାଟକର ବେଲାଗାଭି ଜିଲ୍ଲାରେ ସ୍ତ୍ରୀର ଅନ୍ୟ ଜଣେ ପୁରୁଷଙ୍କ ସହ ପ୍ରେମ ସମ୍ପର୍କ ଥିବା ସନ୍ଦେହ କରି ଜଣେ ସ୍ୱାମୀ ତାଙ୍କୁ ଶୋଇଥିବା ଅବସ୍ଥାରେ ଏକ ଧାରୁଆ ଅସ୍ତ୍ରରେ ଅତି ନିର୍ମମ ଭାବେ ହତ୍ୟା କରିଛି । ମୃତ ମହିଳା ଜଣକ ହେଲେ ୩୫ ବର୍ଷୀୟା ଶୋଭା ପରଗୁଣ୍ଡା ସାରୱାଡ୍, ଯିଏକି କାଟାଗେରୀ ସ୍ଥିତ ଏକ ବିଦ୍ୟାଳୟରେ ରୋଷେୟା ଭାବେ କାମ କରୁଥିଲେ । ପୁଲିସ ଅନୁଯାୟୀ, ଅଭିଯୁକ୍ତ ସ୍ୱାମୀ ପରଗୁଣ୍ଡା ସାରୱାଡ୍ ଅତ୍ୟଧିକ ମଦ୍ୟପାନ କରୁଥିଲେ ଏବଂ ଗତ କିଛି ଦିନ ହେବ ନିଜ ସ୍ତ୍ରୀର ଚରିତ୍ର ଉପରେ ସନ୍ଦେହ କରୁଥିଲେ । ଏହି ବିବାଦ କାରଣରୁ ଶୁକ୍ରବାର ରାତିରେ ସ୍ତ୍ରୀ ଶୋଇଥିବା ବେଳେ ସେ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ, ଯାହାଫଳରେ ଘଟଣାସ୍ଥଳରେ ହିଁ ଶୋଭାଙ୍କର ମୃତ୍ୟୁ ହୋଇଥିଲା । ଏହି ଦମ୍ପତିଙ୍କର ବିବାହକୁ ୧୫ ବର୍ଷ ହୋଇଥିଲା ଏବଂ ସେମାନଙ୍କର ଦୁଇଟି ସନ୍ତାନ ମଧ୍ୟ ଅଛନ୍ତି । ହତ୍ୟାକାଣ୍ଡ ଘଟାଇବା ପରେ ଅଭିଯୁକ୍ତ ସ୍ୱାମୀକୁ ପୁଲିସ ଗିରଫ କରିଛି ।

**ପୁଣେ କେତନ ଅଗ୍ରୱାଲ ହତ୍ୟାକାଣ୍ଡ**

# ହତ୍ୟା ପାଇଁ ଗୁଗଲ୍ ଏବଂ ୟୁଟ୍ୟୁବ୍‌ର ସହାୟତା ନେଇଥିଲେ

ପୁଣେ,୨୮।୬(ଏଜେନ୍ସି):

ପୁଣେର ଯୁବ ବ୍ୟବସାୟୀ କେତନ ଅଗ୍ରୱାଲଙ୍କ ହତ୍ୟା ମାମଲା ଦେଶରେ ଆଲୋଡ଼ନ ସୃଷ୍ଟି କରିଛି । ରବିବାର ପୁଲିସ ମୁଖ୍ୟ ଅଭିଯୁକ୍ତ ସିୟା ଗୋୟଲ ଏବଂ ଚେତନ ଚୌଧୁରୀଙ୍କୁ ଲୋହଗଡ ଦୁର୍ଗକୁ ନେଇ ହତ୍ୟାକାଣ୍ଡର ଦୃଶ୍ୟ ପୁନଃନିର୍ମାଣ (ରିକ୍ରିଏସନ୍) କରିଛି । ଏହି ସିନ୍ ରିକ୍ରିଏସନ୍ ପାଇଁ ପୁଲିସ କେତନଙ୍କ ଓଜନ ସହିତ ସମାନ ଏକ ଡମି ବ୍ୟବହାର କରିଥିଲା । କେତନଙ୍କ ସହ ସିୟାଙ୍କର ବିବାହ ନଭେମ୍ବରରେ ହୋବାକୁ ସ୍ଥିର ହୋଇଥିଲା । ବିବାହକୁ ବନ୍ଦ କରି ପରିବାରର ସମ୍ମାନ ହାନି କରିବା ଅପେକ୍ଷା କେତନଙ୍କ ହତ୍ୟା ଅଧିକ ସହଜ ମନେ ହୋଇଥିଲା ବୋଲି ସିୟା ପୁଲିସ ଆଗରେ ସ୍ୱୀକାର କରିଛନ୍ତି ।

ତଦନ୍ତରୁ ଜଣାପଡ଼ିଛି, ସିୟା ପ୍ରେମିକ ଚେତନ ସହ ମିଶି ଏହି ହତ୍ୟାକାଣ୍ଡ ପାଇଁ ଅନେକ ଦିନ ଆଗରୁ ଯୋଜନା ପ୍ରସ୍ତୁତ କରିଥିଲେ । ସେମାନେ ଗୁଗଲ୍ ଏବଂ ୟୁଟ୍ୟୁବ୍‌ରେ ହତ୍ୟା କରିବାର ବିଭିନ୍ନ ଉପାୟ ଖୋଜିଥିଲେ । ଶେଷରେ ପାହାଡ଼ରୁ ଠେଲି ଦେବା ସବୁଠାରୁ ସହଜ ଉପାୟ ବୋଲି ସ୍ଥିର କରିଥିଲେ । ହତ୍ୟା ପରେ ତଦନ୍ତର ସାମ୍ନା ହେବାକୁ ପଡ଼ିବ ବୋଲି ସେମାନେ ଜାଣିଥିଲେ । ଏହି ମାମଲାରେ ଦଣ୍ଡ ବିଧାନ, ସେଥିରୁ ମୁକୁଳିବାର ଉପାୟ ଏବଂ ପ୍ରଶ୍ନୋତ୍ତରୀ ପାଇଁ ଅନଲାଇନରେ ସନ୍ଧାନ କରି ନିଜକୁ ପ୍ରସ୍ତୁତ କରିଥିଲେ । ଏପରିକି ହତ୍ୟାକାଣ୍ଡର ୪-୫ ଦିନ ପୂର୍ବରୁ ସେମାନେ ଦୁର୍ଗରେ ଏହାର ଅଭ୍ୟାସ ବା ରିହର୍ସାଲ କରିଥିଲେ । ଘଟଣା ଦିନ ଚେତନଙ୍କ ମୁହଁ ଲୁଚାଇବା ପାଇଁ ଲୋହାଗଡକୁ ଯିବା ବେଳେ ଏକ ହୁଡି ପିନ୍ଧିଥିଲେ । ଦୁର୍ଗରେ ପହଞ୍ଚି ସେ ହୁଡି କାଢ଼ି ବ୍ୟାଗରେ ରଖିଥିଲେ । କେତନଙ୍କୁ ଦୁର୍ଗରୁ ଠେଲି ସାରିବା ପରେ ସେ ପୁଣି ହୁଡି ପିନ୍ଧି ଦୁର୍ଗରୁ ବାହାରି ଆସିଥିଲେ । ବେଶ୍ ସ୍ୱାଭାବିକ ଭାବେ ଲୋକମାନଙ୍କ ସହ ବାର୍ତ୍ତାଳାପ କରିଥିଲେ ଏବଂ ବାହାରେ ଚା' ପିଇଥିଲେ । ଏହି ସମୟରେ ସେ ନିଜର ଡିଜିଟାଲ ଉପସ୍ଥିତି ଲୁଚାଇବା ପାଇଁ ପ୍ରାୟ ୧୦ ଘଣ୍ଟା କାଳ ନିଜ ଫୋନର ଇଣ୍ଟରନେଟ୍ ବନ୍ଦ କରି ଅଫଲାଇନ୍ ରହିଥିଲେ । ଏହି ୬୪୦ ମିନିଟ ଅଫଲାଇନ୍ ରଣନୀତି ପୁଲିସକୁ ବିଭ୍ରାନ୍ତ ପାଇଁ ଉଦ୍ଦିଷ୍ଟ ଥିଲା । କିନ୍ତୁ ଏତେ ସମୟ ଅଫଲାଇନ ରହିବା ହିଁ ପୁଲିସର ସନ୍ଦେହକୁ ଦୃଢ଼ କରିଥିଲା । ସେ ନିଜ ଫୋନକୁ ନିଜ ଦୋକାନରେ ଛାଡ଼ି ଜଣେ କର୍ମଚାରୀଙ୍କ ଫୋନ୍ ନେଇ ଦୁର୍ଗକୁ ଯାଇଥିଲେ । ସେହି ସମୟରେ ଆସିଥିବା ସମସ୍ତ କଲ୍‌କୁ ତାଙ୍କ ଦୋକାନ କର୍ମଚାରୀମାନେ ଉଠାଇଥିଲେ ବୋଲି ପୁଲିସ ଯାଞ୍ଚ କରି ଜାଣିବାକୁ ପାଇଥିଲା ।



ପୁଲିସ ଏପର୍ଯ୍ୟନ୍ତ ସିୟା ଏବଂ ଚେତନଙ୍କ ମଧ୍ୟରେ ହୋଇଥିବା ୨,୦୦୦ରୁ ଅଧିକ କଲ୍ ରେକର୍ଡ ଏବଂ ୨୩୮ ଘଣ୍ଟାର କଥାବାର୍ତ୍ତା ବିଷୟରେ ଜାଣିବାକୁ ପାଇଛି । କେତନଙ୍କ ହତ୍ୟା ପରେ ମଧ୍ୟ ସେମାନେ ବହୁ ସମୟ କଥା ହୋଇଥିବା କଲ୍ ରେକର୍ଡରୁ ଜଣାପଡ଼ିଛି । ଘଟଣାଦିନ ଘରକୁ ଫେରିବା ପରେ ସେମାନେ ହ୍ୱାଟସଆପ୍ ମାଧ୍ୟମରେ ଯୋଗାଯୋଗରେ ରହିଥିଲେ । ପରେ ପରସ୍ପର ମଧ୍ୟରେ ହୋଇଥିବା ଅନେକ ଚାଟ୍ ଡିଲିଟ୍ କରିଦେଇଥିଲେ । ପୁଲିସ ଏବେ ଡିଲିଟ୍ ହୋଇଥିବା ହ୍ୱାଟସଆପ୍ ଚାଟ୍ ପୁନରୁଦ୍ଧାର ପାଇଁ ଫୋରେନସିକ୍ ଯାଞ୍ଚ କରୁଛି । ପୁଲିସ ସିୟାଙ୍କ ଭାଇ ସାହିଲ ଗୋୟଲ ଏବଂ ତାଙ୍କ ପରିବାରକୁ ମଧ୍ୟ ଘଣ୍ଟା ଘଣ୍ଟା ଧରି ପଚରାଉଚରା କରିଛି ।

ବର୍ତ୍ତମାନ ସିୟା ଏବଂ ଚେତନ ପୁଲିସ ହେପାଜତରେ ଅଛନ୍ତି । ଚେତନଙ୍କ ବାପା ବାବୁଲାଲ ଚୌଧୁରୀ ଚେତନଙ୍କୁ ତଥାକଥିତ ଧନୀ ଲୋକମାନେ ଫସାଇ ଦେଉଥିବା ଅଭିଯୋଗ କରିଛନ୍ତି । ପୁଲିସ ତଦନ୍ତ ବେଳେ ଏବେ ଦୁଇ ମୁଖ୍ୟ ଅଭିଯୁକ୍ତ ପରସ୍ପରକୁ ଦାୟୀ କରିବା ଆରମ୍ଭ କରିଛନ୍ତି । ଚେତନଙ୍କ ଅନୁଯାୟୀ, ସିୟା ପ୍ରଥମେ ହତ୍ୟା ଯୋଜନା ପ୍ରସ୍ତୁତ କରିଥିଲେ ଏବଂ ସେ କେବଳ ସିୟାଙ୍କ ସହିତ ଖସି ପଳାଇଯିବାକୁ ଚାହୁଁଥିଲେ । କିନ୍ତୁ ସିୟା ଅଭିଯୋଗ କରିଛନ୍ତି ଯେ, ସମ୍ପୂର୍ଣ୍ଣ ମାମଲାର ଚେତନ ମାଷ୍ଟରମାଇଣ୍ଡ ଥିଲେ ଏବଂ ତାଙ୍କ ଉପରେ ଚାପ ପକାଇଥିଲେ ।



ଆଜି ଦେବସ୍ନାନ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-05 ◆MONDAY ◆29 JUNE 2026 ◆PAGE-12 ◆₹ 7.00

◆ବର୍ଷ-୪୪ ◆ସଂଖ୍ୟା-୦୫ ◆ସୋମବାର ◆୨୯ ଜୁନ୍ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


## ୧୩ ବର୍ଷର ନାବାଳିକାକୁ ୫ ଦିନରେ ୩୦ଜଣଙ୍କ ଦୁଷ୍କର୍ମ

■ ଜୟପୁର, ୨୮।୬ (ଏଜେନ୍ସି): ରାଜସ୍ଥାନର ଶ୍ରୀ ଗଙ୍ଗାନଗର ଜିଲ୍ଲାରେ ଜଣେ ୧୩ ବର୍ଷର ନାବାଳିକାକୁ ହୋଟେଲ ମାଲିକଙ୍କୁ ବିକ୍ରି କରିବା ପରେ ୫ ଦିନ ମଧ୍ୟରେ ୩୦ରୁ ଅଧିକ ଜଣ ତାଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି । ଏହି ଘଟଣା ସାରା ରାଜ୍ୟରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି । ସୂଚନା ଅନୁଯାୟୀ, ନାବାଳିକା ଜଣକ ନିଜ ଘରୁ ନିଖୋଜ ହୋଇଯାଇଥିଲେ । ଉକ୍ତ ନାବାଳିକାଙ୍କୁ ଜଣେ ରିକ୍ସା ଚାଳକ ହୋଟେଲ ମାଲିକଙ୍କୁ ବିକ୍ରି କରିଦେଇଥିଲା । ଏହାପରେ ବିଭିନ୍ନ ହୋଟେଲରେ ୫ ଦିନ ଧରି ତାଙ୍କୁ ଯୌନ ନିର୍ଯାତନା ଦିଆଯାଇଥିଲା । ନାବାଳିକା ଜଣକ ଯନ୍ତ୍ରଣା ଅନୁଭବ କଲେ ତାଙ୍କୁ ଜୋରଜବରଦସ୍ତ ମଦ୍ୟପାନ କରାଯାଉଥିଲା ବୋଲି ସେ ଅଭିଯୋଗ କରିଛନ୍ତି । ଏହି ମାମଲାରେ ସଂପୃକ୍ତ ଥିବା କେତେକ ହୋଟେଲ ମାଲିକ ଏବଂ ମ୍ୟାନେଜରଙ୍କୁ ପୁଲିସ ଗିରଫ କରିଛି । ଶ୍ରୀ ଗଙ୍ଗାନଗରରେ ଚାଲୁଥିବା ପ୍ରାୟ ୧୫୦ରୁ ଅଧିକ ବେଆଇନ ହୋଟେଲକୁ ବନ୍ଦ କରିବା ପାଇଁ ଏବେ ଦାବି ଜୋର ଧରିଛି । ଏହି ଘଟଣାକୁ ନେଇ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ସ୍ଥାନୀୟ ବିଧାୟକ ରୂପିନ୍ଦର ସିଂହ କୁନ୍ନର ଏହି ଆନ୍ଦୋଳନରେ ସାମିଲ ହୋଇ ଅଭିଯୁକ୍ତମାନଙ୍କୁ ମୃତ୍ୟୁଦଣ୍ଡ ଦେବାକୁ ଦାବି କରିଛନ୍ତି ।

## ୟୁରୋପରେ ଭୟଙ୍କର ଗ୍ରୀଷ୍ମ ପ୍ରବାହ; ୭ ଦିନରେ ୧୫୦୦ ମୃତ



■ ଲଣ୍ଡନ, ୨୮।୬ (ଏଜେନ୍ସି): ଏଥର ଏଲ-ନିନୋ କେବଳ ଭାରତ ନୁହେଁ, ୟୁରୋପରେ ମଧ୍ୟ ତାଣ୍ଡବ ରଚାଇବା ଆରମ୍ଭ କରିଦେଇଛି । ସମଗ୍ର ୟୁରୋପ ଏବେ ଭୟଙ୍କର ଗ୍ରୀଷ୍ମ ପ୍ରବାହର ସମ୍ମୁଖୀନ ହୋଇଛି । ତୁର୍କିକୁ ଛାଡ଼ିଦେଲେ ଅନ୍ୟସବୁ ୟୁରୋପୀୟ ଦେଶରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି । ଜୁନ ୨୧ ତାରିଖରୁ ଆରମ୍ଭ ହୋଇଥିବା ଗ୍ରୀଷ୍ମ ପ୍ରବାହ ଯୋଗୁଁ ଗତ ସାତ ଦିନ ମଧ୍ୟରେ ୧୫୦୦ରୁ ଅଧିକ ଲୋକ ପ୍ରାଣ ହରାଇଲେଣି । ଏଥିରେ ସବୁଠାରୁ ବେଶି କ୍ଷତିଗ୍ରସ୍ତ ହୋଇଛି ଫ୍ରାନ୍ସ । କେବଳ ଫ୍ରାନ୍ସରେ ଏକ ହଜାରରୁ ଅଧିକ ଲୋକ ପ୍ରାଣ ହରାଇଛନ୍ତି । ମୃତ୍ୟୁବରଣ କରୁଥିବା ଅଧିକ ଲୋକ ହେଉଛନ୍ତି ବୟସ୍କ ବ୍ୟକ୍ତି । ଏହାସହିତ ଶତାଧିକ ଲୋକ ମଧ୍ୟ ଅସୁସ୍ଥ ହୋଇପଡ଼ି ମେଡିକାଲରେ ଭର୍ତ୍ତି ▶ପୃଷ୍ଠା-୭

## ୫ରେ ପ୍ରକାଶ ପାଇବ ଚିଠା ଭୋଟର ତାଲିକା

# ବାଦ୍ ପଡ଼ିବେ ୨୦ ଲକ୍ଷ !



■ ଭୁବନେଶ୍ୱର, ୨୮।୬ (ସମିସ): ରାଜ୍ୟରେ ସ୍ୱତନ୍ତ୍ର ସଘନ ସଂଶୋଧନ(ଏସଆଇଆର) ପ୍ରକ୍ରିୟାରେ ବାଦ ପଡ଼ିପାରନ୍ତି ପ୍ରାୟ ୨୦ ଲକ୍ଷ ଭୋଟର । ଭୋଟରଙ୍କୁ ବଣ୍ଟାଯାଇଥିବା ପରିଗଣନା ଫର୍ମ ମଧ୍ୟରୁ ମୋଟ ୨୦ ଲକ୍ଷ ୨୦ ହଜାର ୧୫୦ଟି ଫର୍ମ ସଂଗୃହୀତ ହୋଇ ନ ଥିବା କୁହାଯାଉଥିବାରୁ ଭୋଟର ତାଲିକାରୁ ଏମାନେ ବାଦ ପଡ଼ିବା ଆପାତତଃ ଚୂଡ଼ାନ୍ତ ବୋଲି ମନେ କରାଯାଉଛି । ମୃତ୍ୟୁ, ସ୍ଥାନାନ୍ତରଣ, ସ୍ଥାୟୀ ଅନୁପସ୍ଥିତି ଓ ଅନ୍ୟାନ୍ୟ କାରଣରୁ ଏହି ପରିଗଣନା ଫର୍ମ ମିଳି ନଥିବା ଓ ଭୋଟର ତାଲିକାରେ ଥିବା ଏହି ନାମଗୁଡ଼ିକର ଡ଼ିଜିଟାଇଜେସନ ହୋଇ ନ ଥିବା କୁହାଯାଉଛି ।

ରାଜ୍ୟରେ ଏସଆଇଆର ପୂର୍ବରୁ ରାଜ୍ୟରେ ଭୋଟର ସଂଖ୍ୟା ଥିଲା ୩ କୋଟି ୩୩ ଲକ୍ଷ ୯ ୯ ହଜାର ୫୯୧ । ଗତ ମେ ମାସ ୩୦ ତାରିଖରେ ରାଜ୍ୟରେ ଏସଆଇଆର ଅଭିଯାନ ଆରମ୍ଭ ହୋଇଥିଲା । ଏହି ଅଭିଯାନରେ ରାଜ୍ୟରେ ୩ କୋଟି ୩୩ ଲକ୍ଷ ୭୭ ହଜାର ୯୪୨ ଜଣଙ୍କୁ ପରିଗଣନା ଫର୍ମ ବଣ୍ଟନ କରାଯାଇଥିଲା । ଯାହା ମୋଟ ଭୋଟରଙ୍କର ୯୯.୯୪ ପ୍ରତିଶତ ଥିଲା । ଆଜି ଶେଷଦିନ ସୁଦ୍ଧା ୩ କୋଟି ୧୩ ଲକ୍ଷ ୭ ୯ ହଜାର ୪୨୭ ଜଣ ଭୋଟରଙ୍କର ତଥ୍ୟ ଡିଜିଟାଇଜେସନ ହୋଇଛି । ତେବେ ବଳକା ୨୦ ଲକ୍ଷ ୨୦ ହଜାର ୧୫୦ ଭୋଟର ଡ଼ିଜିଟାଇଜେସନରୁ ବଞ୍ଚିତ ହୋଇଥିବା କୁହାଯାଉଛି । ତେଣୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଆସନ୍ତା ୫ ତାରିଖରେ ପ୍ରକାଶ ପାଇବାକୁ ଥିବା ଚିଠା ଭୋଟର ତାଲିକା ଉପରେ ସମସ୍ତଙ୍କର ନଜର ରହିଛି । ଯଦିଓ ଚିଠା ଭୋଟର ତାଲିକା ପ୍ରକାଶ ପରେ ଆପତ୍ତି ଅଭିଯୋଗ କରିବାକୁ ମଧ୍ୟ ସୁଯୋଗ ଦିଆଯାଇଛି, ତଥାପି ଏହା ଅନେକଙ୍କ ମନରେ ଭିନ୍ନଭିନ୍ନ ଶଙ୍କା ସୃଷ୍ଟି କରିଛି । ସୂଚନାନୁସାରେ ଚିଠା ଭୋଟର ତାଲିକାକୁ ନେଇ କୌଣସି ପ୍ରକାରର ଆପତ୍ତି କିମ୍ବା ଅଭିଯୋଗ ଥିଲେ, ଆସନ୍ତା ଜୁଲାଇ ୫ ତାରିଖରୁ ଅଗଷ୍ଟ ୪ ତାରିଖ ମଧ୍ୟରେ ଆପତ୍ତି ଦାଖଲ କରାଯାଇପାରିବ । ଜୁଲାଇ ୫ ତାରିଖ ପରେ ଯଦି ଚିଠା ଭୋଟର ତାଲିକାରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ, ଫର୍ମ-୬ ମାଧ୍ୟମରେ ନୂତନ ନାମ ଯୋଡ଼ିପାରିବେ । ଫର୍ମ-୭ ଦେଇ ଭୋଟର ତାଲିକାରୁ ନାମ ବାଦ୍ ଓ ଫର୍ମ-୮ ମାଧ୍ୟମରେ ଯେକୌଣସି ପ୍ରକାରର ସଂଶୋଧନ କରିପାରିବାର ବ୍ୟବସ୍ଥା ରହିଛି ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଏସଆଇଆର ପ୍ରକ୍ରିୟାକୁ ନେଇ ବିଭିନ୍ନ ରାଜ୍ୟରେ ଅସନ୍ତୋଷ ଦେଖାଦେଇଥିବା ବେଳେ ବହୁ ଭୋଟରଙ୍କ ନାମ ତାଲିକାରୁ କଟିଯାଇଥିବା ନେଇ ସଂପୃକ୍ତ ରାଜ୍ୟମାନଙ୍କରେ ଅଭିଯୋଗ ହୋଇଛି । ଏହି ପରିପ୍ରେକ୍ଷୀରେ ଓଡ଼ିଶାରେ ଏକ ସମ୍ପୂର୍ଣ୍ଣ, ସଠିକ୍ ଏବଂ ଅଦ୍ୟତନ ଭୋଟର ତାଲିକା ପ୍ରସ୍ତୁତ କରିବା ପାଇଁ ନିର୍ବାଚନ କମିଶନ ଗୁରତ୍ୱାରୋପ କରି ଆସୁଛନ୍ତି । ତେବେ ଚିଠା ଭୋଟର ତାଲିକା ପ୍ରକାଶ ପାଇବା ପରେ ଏସ୍ଆଇଆର୍‌ରେ କେତେ ଭୋଟର ବାଦ ପଡ଼ିଛନ୍ତି ତାହା ସ୍ପଷ୍ଟ ହେବ ବୋଲି କୁହାଯାଉଛି ।

## ପୁଣି ଅଶାନ୍ତ ମଧ୍ୟପ୍ରାଚ୍ୟ

### ଆମେରିକା ଶିବିର ଉପରେ ଇରାନର କ୍ଷେପଣାସ୍ତ୍ର ମାଡ଼



■ ତେହରାନ, ୨୮।୬ (ଏଜେନ୍ସି): ଆମେରିକା ଏବଂ ଇରାନ ମଧ୍ୟରେ ଚୂଡ଼ାନ୍ତ ଶାନ୍ତି ବୁଝାମଣା ପାଇଁ କଥାବାର୍ତ୍ତା ଚାଲିଥିବା ବେଳେ ପୁଣି ଅଶାନ୍ତ ହୋଇପଡ଼ିଛି ମଧ୍ୟପ୍ରାଚ୍ୟ । ଗତ ଦୁଇ ଦିନ ଧରି ଆମେରିକା ଏବଂ ଇରାନ ପରସ୍ପର ଉପରେ କ୍ଷେପଣାସ୍ତ୍ର ମାଡ଼ ଆରମ୍ଭ କରିଛନ୍ତି । ଆମେରିକାର ଆକ୍ରମଣର ଜବାବରେ ଇରାନ ଏବେ ଓଲଟା ଆକ୍ରମଣ ଚଳାଇଛି । ଇରାନର ସେନା କୁଏତ ଏବଂ ବାହାରିନରେ ଥିବା ଆମେରିକାର ସାମରିକ ଘାଟିଗୁଡ଼ିକ ଉପରକୁ ଶକ୍ତିଶାଳୀ କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ଆକ୍ରମଣ କରିଛି । ୮ଟି ସ୍ଥାନରେ ହୋଇଥିବା ଏହି ଆକ୍ରମଣରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଜଣାପଡ଼ିଛି । ଫଳରେ ଦୁଇ ସପ୍ତାହ ପୂର୍ବରୁ ହୋଇଥିବା ଅସ୍ତ୍ରବିରତି ଚୁକ୍ତି ଏବେ ସମ୍ପୂର୍ଣ୍ଣ ଭାଙ୍ଗିଯିବା ସ୍ଥିତିକୁ ଚାଲିଆସିଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହା ଉପରେ କଡ଼ା ପ୍ରତିକ୍ରିୟା ପ୍ରକାଶ କରି କହିଛନ୍ତି ଯେ ଯଦି ଇରାନ ନିଜର ଆଭିମୁଖ୍ୟ ନ ବଦଳାଏ, ତେବେ ତାର ଅସ୍ତିତ୍ୱ ସମାପ୍ତ ହୋଇଯିବ । ଅପରପକ୍ଷରେ ଇରାନ ମଧ୍ୟ ଚେତାବନୀ ଦେଇଛି ଯେ ଆଗାମୀ ଦିନରେ ଏହି ଅଞ୍ଚଳରେ ଥିବା ଆମେରିକା ଘାଟିଗୁଡ଼ିକୁ 'ନର୍କ'ର ସାମ୍ନା କରିବାକୁ ପଡ଼ିବ । ଇରାନର ସେନାବାହିନୀ ପକ୍ଷରୁ କୁହାଯାଇଛି ଯେ ଶନିବାର ଆମେରିକା ସେନା ଇରାନର କ୍ଷେପଣାସ୍ତ୍ର ଓ ଡ୍ରୋନ୍ ଭଣ୍ଡାର ଏବଂ ଉପକୂଳବର୍ତ୍ତୀ ରାଡାର୍ କେନ୍ଦ୍ରଗୁଡ଼ିକ ଉପରେ ବୋମାବର୍ଷଣ କରିଥିଲା । ଏହାର ପ୍ରତିଶୋଧ ନେବା ପାଇଁ ଇରାନର ନୌସେନା ଏବଂ ବାୟୁସେନା ମିଳିତ ଭାବେ କୁଏତ ଏବଂ ବାହାରିନରେ ଥିବା ▶ପୃଷ୍ଠା-୭

## ପରିଚୟ ଖୋଜୁଛି ନାଗରିକ

### ପାନ୍, ଆଧାର, ପାସପୋର୍ଟ ନୁହେଁ ନାଗରିକତାର ପ୍ରମାଣପତ୍ର!

### ପ୍ରମାଣପତ୍ର ନୁହେଁ ଭୋଟର ଆଇଡି, ରାସନ କାର୍ଡ, ଡିଏଲ୍

■ ନୂଆଦିଲ୍ଲୀ, ୨୮।୬ (ଏଜେନ୍ସି): ଆଧାର, ପାନ୍‌କାର୍ଡ, ପାସପୋର୍ଟ ଭାରତୀୟ ନାଗରିକତାର ପ୍ରମାଣପତ୍ର ନୁହେଁ । ସେହିପରି ଭୋଟର ପ୍ରମାଣପତ୍ର, ରାସନ କାର୍ଡ, ଡ୍ରାଇଭିଂ ଲାଇସେନ୍ସ ମଧ୍ୟ ଭାରତୀୟ ନାଗରିତାର ପ୍ରମାଣପତ୍ର ରୂପେ ଗ୍ରହଣୀୟ ନୁହେଁ । ସମ୍ପ୍ରତି ବୈଦେଶିକ ମନ୍ତ୍ରଣାଳୟର ଜନୈକ ଅଧିକାରୀ ଏସମ୍ପର୍କରେ ଦେଇଥିବା ଟିପ୍ପଣୀ ସାରା ଦେଶରେ ନୂଆ ବିତର୍କ ସୃଷ୍ଟି କରିଛି । ପାସପୋର୍ଟକୁ ଏକ ଯାତ୍ରା ଦସ୍ତାବିଜ୍ ବୋଲି ଉଲ୍ଲେଖ କରି ଏହାକୁ ଭାରତୀୟ ନାଗରିକତାର ପ୍ରମାଣପତ୍ର କୁହାଯାଇ ପାରିବ ନାହିଁ ବୋଲି ବୈଦେଶିକ ମନ୍ତ୍ରଣାଳୟର ମନ୍ତବ୍ୟ ସାରା ଦେଶରେ ଆଲୋଡ଼ନ ସୃଷ୍ଟି କରିଛି । ଯଦି ସରକାରଙ୍କ ପ୍ରଦତ୍ତ ଓ ବିଭିନ୍ନ କାର୍ଯ୍ୟ ନିମନ୍ତେ ସ୍ୱୀକୃତ ଏହି ପ୍ରମାଣପତ୍ରଗୁଡ଼ିକ ନାଗରିକତ୍ୱର ପ୍ରମାଣପତ୍ର ନୁହେଁ, ତେବେ ଭାରତୀୟ ନାଗରିକତାର ପ୍ରମାଣ କ'ଣ ବୋଲି ପ୍ରଶ୍ନ ଉଠିଛି । ଏହି ସମୟରେ ଏହାକୁ ନେଇ ଦେଶରେ ଖୁବ୍ ଶୀଘ୍ର ଜାତୀୟ ନାଗରିକ ପଞ୍ଜୀକରଣ (ଏନ୍‌ଆର୍‌ସି) ଲାଗୁ ହୋଇପାରେ ବୋଲି ମଧ୍ୟ ଚର୍ଚ୍ଚା ଦାନାବାନ୍ଧିଛି । ଯଦିଓ ଏନ୍‌ଆର୍‌ସି ଲାଗୁ ସମ୍ପର୍କରେ ସରକାରଙ୍କ ପକ୍ଷରୁ ବିଧିବଦ୍ଧ ଘୋଷଣା କରାଯାଇ ନାହିଁ, ତେବେ ଆଗାମୀ ବଜେଟ୍ ଅଧିବେଶନରେ ଏ ସଂକ୍ରାନ୍ତରେ କୌଣସି ଚିଠା ଆସିପାରେ ବୋଲି ମଧ୍ୟ ଆକଳନ କରାଯାଉଛି ।

ବର୍ତ୍ତମାନର ଆଇନ ଅନୁସାରେ ଆଧାର କାର୍ଡ ନାଗରିକତାର ପ୍ରମାଣ ନୁହେଁ ବୋଲି କୁହାଯାଉଛି । ଆଧାର ଆଇନ ୨୦୧୬ର ଧାରା–୯ରେ ସ୍ପଷ୍ଟ କରାଯାଇଛି ଯେ ଆଧାର କେବଳ ପରିଚୟ ଓ ବିଭିନ୍ନ ସେବା ପ୍ରାପ୍ତି ପାଇଁ ଉପଯୋଗ ହୋଇପାରେ । ଏହା ନାଗରିକତା କିମ୍ବା ବାସସ୍ଥାନର ▶ପୃଷ୍ଠା-୭

## ମହାନଦୀରେ ବୁଡ଼ିଗଲେ ୪ ଛାତ୍ର

### ଜଣେ ମୃତ, ୨ ନିଖୋଜ, ଜଣେ ଉଦ୍ଧାର

**୮ ଜଣିଆ ଅଗ୍ନିଶମବାହିନୀର ସର୍ଚ୍ଚ ଅପରେସନ୍**

■ କଟକ, ୨୮।୬ (ସମିସ): ଜଗତପୁର ଥାନା ଅନ୍ତର୍ଗତ ମହାନଦୀର ସାତବାଟିଆ ନିକଟବର୍ତ୍ତୀ ଖଇରା ଘାଟରେ ଆଜି ଅପରାହ୍ଣ ୪ଟା ୩୦ରେ ଘଟିଛି ଅଘଟଣ । ନଦୀର ପ୍ରଖର ସ୍ରୋତରେ ବୁଡ଼ିଯାଇ ୨ ଜଣ ଛାତ୍ର ନିଖୋଜ ହୋଇଯାଇଛନ୍ତି । ସୌଭାଗ୍ୟବଶତଃ ଜଣେ ଛାତ୍ର ଉଦ୍ଧାର ହୋଇଥିବା ବେଳେ ଜଣଙ୍କର ପ୍ରାଣ ଯାଇଛି । ବେଲେଶ୍ୱର ଅଞ୍ଚଳର ମୁକ୍ତିପ୍ରସାଦ ଦାସ(୨୧)ଙ୍କ ମୃତ୍ୟୁ ଘଟିଛି । ଉଦ୍ଧାର ହୋଇଥିବା ଛାତ୍ର କଲ୍ୟାଣନଗର ଅଞ୍ଚଳର ଅମ୍ଲାନପ୍ରସାଦ ନାୟକ(୨୦) । ନିଖୋଜ ଛାତ୍ରଦ୍ୱୟ ହେଲେ, ପୋତାପୋଖରୀ ଅଞ୍ଚଳର ଅରିଜିତ୍ ସାହୁ(୨୧) । ସେ ଷ୍ଟିୱାର୍ଟ ବିଜ୍ଞାନ ମହାବିଦ୍ୟାଳୟର ▶ପୃଷ୍ଠା-୭

## କେନ୍ଦ୍ର କ୍ୟାବିନେଟ ସମ୍ପ୍ରସାରଣ ଚର୍ଚ୍ଚା

# 'ଶୁଦ୍ଧ ମୁହୂର୍ତ୍ତ'କୁ ଅପେକ୍ଷା

**କ୍ୟାବିନେଟରେ ସାମିଲ ହୋଇପାରନ୍ତି ଶକ୍ତିକାନ୍ତ ଦାସ**

■ ନୂଆଦିଲ୍ଲୀ/ ଭୁବନେଶ୍ୱର, ୨୮।୬ (ସମିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ତୃତୀୟ କାର୍ଯ୍ୟକାଳର ଦୁଇ ବର୍ଷ ପୂରଣର ଅବ୍ୟବହିତ ପରେ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ଏକ ବଡ଼ ଧରଣର ପୁନର୍ଗଠନ ହେବ ବୋଲି କୁହାଯାଉଥିଲା । ସଂସଦର ମୌସୁମୀ ଅଧିବେଶନ ପୂର୍ବରୁ କେନ୍ଦ୍ର ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହେବ ବୋଲି କୁହାଯାଉଥିଲେ ହେଁ ବିଭିନ୍ନ କାରଣରୁ ଏହା ବିଳମ୍ବିତ ହୋଇ ଚାଲିଛି । ପ୍ରଧାନମନ୍ତ୍ରୀ ସମ୍ପ୍ରତି ସେସେଲ୍‌ସ ଗସ୍ତରେ ଅଛନ୍ତି । ସେ ପ୍ରତ୍ୟାବର୍ତ୍ତନ କରିବା ପରେ ଜାପାନ ପ୍ରଧାନମନ୍ତ୍ରୀ ଭାରତ ଆସିବାର କାର୍ଯ୍ୟକ୍ରମ ରହିଛି । ସେଥିପାଇଁ ପ୍ରଧାନମନ୍ତ୍ରୀ ୩ ତାରିଖ ପର୍ଯ୍ୟନ୍ତ ବ୍ୟସ୍ତ ରହିବେ । ସେହିପରି ଜୁଲାଇ ୬ ତାରିଖରୁ ପ୍ରଧାନମନ୍ତ୍ରୀ ବ୍ରାଜିଲ, ଘାନା ଆଦି ଦେଶ ଗସ୍ତରେ ଯିବେ । ତେଣୁ ମନ୍ତ୍ରିମଣ୍ଡଳ ପୁନର୍ଗଠନ ନିମନ୍ତେ ଏକ 'ଶୁଦ୍ଧ ମୁହୂର୍ତ୍ତ'କୁ ଅପେକ୍ଷା କରାଯାଇଥିବା କୁହାଯାଉଛି । ରାଷ୍ଟ୍ରପତିଙ୍କ ସହ ▶ପୃଷ୍ଠା-୭



**ନିଅଣ୍ଟିଆ ବର୍ଷା ପରିମାଣ ୫୦ ପ୍ରତିଶତରୁ ଉର୍ଦ୍ଧ୍ୱ**

**ଚାଷବାସ ବିଳମ୍ବିତ; ଘାରିଲା ଗଜା ମରୁଡ଼ି ଭୟ**

**ଜୁଲାଇ ୨ ଲଘୁଚାପ ଉପରେ ସମସ୍ତଙ୍କ ନଜର**

# ଆଷାଢ଼ ଅଧା; ଭୂଇଁ ଫାଟି ଆଁ

### ଏଯାଏଁ ସକ୍ରିୟ ହୋଇ ପାରିଲାନି ମୌସୁମୀ ବାୟୁ

■ ଭୁବନେଶ୍ୱର, ୨୮।୬ (ସମିସ): ଆଷାଢ଼ ଅଧା ହେଲାଣି । ଆସନ୍ତାକାଲି ଶ୍ରୀଜୀଉଙ୍କ ସ୍ନାନଯାତ୍ରା । ମାତ୍ର ଚାଷ ତ ଦୂରର କଥା, ବିଲରେ ଲଙ୍ଗଳ କଣ୍ଟି ପଶୁନାହିଁ । ଅନେକ ଅଞ୍ଚଳରେ ଚାଷୀ ହଳ କରିପାରି ନାହାନ୍ତି । ସାରା ଓଡ଼ିଶାକୁ ମୌସୁମୀ ଛୁଇଁଥିବା କୁହାଯାଉଥିଲେ ହେଁ ବର୍ଷା ନାହିଁ । ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ନ ହେବା ଯୋଗୁଁ ଜୁନ୍ ଶେଷ ସୁଦ୍ଧା ରାଜ୍ୟରେ ନିଅଣ୍ଟିଆ ବର୍ଷାର ପରିମାଣ ୫୨ ପ୍ରତିଶତରେ ପହଞ୍ଚିଛି । ସାଧାରଣ ଭାବେ ଜୁନ୍ ସୁଦ୍ଧା ରାଜ୍ୟରେ ୧୯୨.୩ ମିଲିମିଟର ବର୍ଷା ହେବା କଥା । ମାତ୍ର ରବିବାର ସୁଦ୍ଧା ରାଜ୍ୟରେ କେବଳ ୯୧.୪ ମିମି ବର୍ଷା ହୋଇଛି ।

ଲଘୁଚାପ ସୃଷ୍ଟି ନ ହେବା ଯୋଗୁଁ ମୌସୁମୀ ସକ୍ରିୟ ହେବାରେ ବଡ଼ ପ୍ରତିବନ୍ଧକ ସାଜିଛି; ଯାହାକି ବର୍ଷା ଅଭାବ ଜନିତ ସଙ୍କଟକୁ ଆହୁରି ଗଭୀର କରିଛି । ବର୍ଷା ଅଭାବ ଦୃଷ୍ଟିରୁ ୨୯ ଜିଲ୍ଲା ସମ୍ବେଦନଶୀଳ ଅବସ୍ଥାରେ ରହିଛି । ପାଣିପାଗ କେନ୍ଦ୍ରର ତଥ୍ୟ ଅନୁଯାୟୀ ଜୁନ୍ ୨୪ ପର୍ଯ୍ୟନ୍ତ ରାଜ୍ୟର ୩୦ ଜିଲ୍ଲା ମଧ୍ୟରୁ ୨୯ଟି ଜିଲ୍ଲାରେ ବର୍ଷା ନିଅଣ୍ଟିଆ ସ୍ଥିତିରେ ରହିଛି । କେବଳ ଢେଙ୍କାନାଳ ଜିଲ୍ଲାରେ ସ୍ୱାଭାବିକ ତୁଳନାରେ ୧୫ ପ୍ରତିଶତ ଅଧିକ ବର୍ଷା ରେକର୍ଡ ହୋଇଛି । ଦେବଗଡ଼ ଜିଲ୍ଲାରେ ସବୁଠୁ ନିଅଣ୍ଟିଆ ସ୍ଥିତି ଅର୍ଥାତ ସ୍ୱାଭାବିକ ତୁଳନାରେ ୭୮ ପ୍ରତିଶତ କମ୍ ବର୍ଷା ହୋଇଛି । ସମ୍ବଲପୁରରେ ୭୪ ପ୍ରତିଶତ କମ୍ ବର୍ଷା ▶ପୃଷ୍ଠା-୭

# ତିରୁମାଲାରେ ଭେଙ୍କଟେଶ୍ୱରଙ୍କୁ କେଶ ଦାନକଲେ ଅନନ୍ତ ଅମ୍ବାନୀ

### ସବୁକିଛି ପାଇ ବି ଯିଏ ଭଗବାନଙ୍କୁ ମାନେ, ସେ ହିଁ ପ୍ରକୃତ ଧନୀ





ତିରୁମାଲା, ଜୁନ୍ ୨୮: ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅନନ୍ତ ଅମ୍ବାନୀ ରବିବାର ଭୋର ସମୟରେ ତିରୁମାଲା ସ୍ଥିତ ପ୍ରଭୁ ଭେଙ୍କଟେଶ୍ୱରଙ୍କ ପବିତ୍ର ପାହାଡ଼ିଆ ମନ୍ଦିରରେ ପୂଜାର୍ଚ୍ଚନା କରି ନିଜର ଗଭୀର ବିଶ୍ୱାସ ଓ ଭକ୍ତିକୁ ପୁନଃ ପ୍ରତିପାଦିତ କରିଛନ୍ତି । ଅନନ୍ତ ଅମ୍ବାନୀ ରାତି ପ୍ରାୟ ୧ଟାରେ ତିରୁମାଲାରେ ପହଞ୍ଚିଥିଲେ ଏବଂ ପ୍ରଭୁ ଭେଙ୍କଟେଶ୍ୱର ସ୍ୱାମୀଙ୍କୁ ନିଜର କେଶ ଦାନ କରି ଶତାବ୍ଦୀ ପୁରୁଣା ପରମ୍ପରାକୁ ପୂରଣ କରିଥିଲେ । ଏହି କାର୍ଯ୍ୟ ହେଉଛି ଭଗବାନଙ୍କ ନିକଟରେ ଆତ୍ମସମର୍ପଣ ଓ ଭକ୍ତିର ଏକ ଶ୍ରଦ୍ଧାପୂର୍ଣ୍ଣ ପ୍ରତୀକ, ଯାହା ପ୍ରତିବର୍ଷ ମନ୍ଦିର ପରିଦର୍ଶନ କରୁଥିବା ଲକ୍ଷ ଲକ୍ଷ ଭକ୍ତଙ୍କ ଦ୍ୱାରା ପାଳନ କରାଯାଇଥାଏ । ଭୋର ପ୍ରାୟ ୩.୩୦ଟାରେ, ଅନନ୍ତ ଅମ୍ବାନୀ ପବିତ୍ର 'ସୁପ୍ରଭାତ ସେବା'ରେ ଅଂଶଗ୍ରହଣ କରିଥିଲେ । ଦର୍ଶନ ପରେ ମନ୍ଦିରର ପୂଜକମାନେ ତାଙ୍କୁ ବୈଦିକ ମନ୍ତ୍ରୋଚ୍ଚାରଣ ସହ ଆଶୀର୍ବାଦ ପ୍ରଦାନ କରିଥିଲେ ଏବଂ ତିରୁମାଲା ତିରୁପତି ଦେବସ୍ଥାନମ୍ (TTD)ର କାର୍ଯ୍ୟନିର୍ବାହୀ ଅଧିକାରୀ ତାଙ୍କୁ ଏକ ପବିତ୍ର ସ୍ମାରକୀ ଏବଂ ପ୍ରସାଦ ଭେଟି ଦେଇଥିଲେ ।

ଏହି ଗସ୍ତର ଏକ ଅଂଶ ଭାବରେ, ଅନନ୍ତ ଅମ୍ବାନୀ ମନ୍ଦିରର ଗୋଶାଳାରେ ମଧ୍ୟ କିଛି ସମୟ ବିତାଇଥିଲେ । ସେଠାରେ ସେ ପ୍ରାର୍ଥନା କରିବା ସହ ଗାଈ ଓ ମନ୍ଦିରର ହାତୀମାନଙ୍କ ଗହଣରେ ସମୟ ଅତିବାହିତ କରିଥିଲେ । ପରେ ସେ ନିଜର ଆଧ୍ୟାତ୍ମିକ ଯାତ୍ରା ସମାପ୍ତ କରିବା ପୂର୍ବରୁ ପଦ୍ମାବତୀ ଆମ୍ମାବାରୀ ମନ୍ଦିରରେ ପୂଜାର୍ଚ୍ଚନା କରିବା ପାଇଁ ତିରୁପତି ଅଭିମୁଖେ ଯାତ୍ରା କରିଥିଲେ । ସେ ସକାଳ ପ୍ରାୟ ୬.୩୦ଟାରେ ତିରୁପତିରୁ ପ୍ରସ୍ଥାନ କରିଥିଲେ । ଏହି ଗସ୍ତ ଅନନ୍ତ ଅମ୍ବାନୀଙ୍କର ଭାରତର ଆଧ୍ୟାତ୍ମିକ ପରମ୍ପରା ଏବଂ ସାଂସ୍କୃତିକ ଐତିହ୍ୟ ପ୍ରତି ଥିବା ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି । ଏହା ହେଉଛି ସନାତନ ଧର୍ମର କାଳଜୟୀ ସୌନ୍ଦର୍ଯ୍ୟ । ଭଗବାନ ଭେଙ୍କଟେଶ୍ୱରଙ୍କ ଦିବ୍ୟ ଉପସ୍ଥିତିରେ, କେହି ଧନୀ କି ଗରିବ ନୁହେଁ, କେହି ଶକ୍ତିଶାଳୀ କି ସାଧାରଣ ନୁହେଁ; ସମସ୍ତେ କେବଳ ଭକ୍ତ । ତିରୁପତିରେ ଅନନ୍ତ ଅମ୍ବାନୀଙ୍କ କେଶ ଅର୍ପଣ ମନେ ପକାଇ ଦିଏ ଯେ ପ୍ରକୃତ ମହାନତା ଆତ୍ମସମର୍ପଣରେ ନିହିତ । ଭଗବାନଙ୍କ ସମ୍ମୁଖରେ ପ୍ରତ୍ୟେକ ମୁଣ୍ଡ ସମାନ ନମ୍ରତାର ସହ ମୁଣ୍ଡ ନୁଆଁଇଥାଏ । ଏହି କାରଣରୁ ତିରୁପତି କୋଟି କୋଟି ଲୋକଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି ।

ଏଥିରୁ ଆଉ ଏକ ଶିକ୍ଷା ମିଳିଥାଏ ଯେ ଧନ, କ୍ଷମତା ଏବଂ ମର୍ଯ୍ୟାଦା ମନ୍ଦିର ଦ୍ୱାର ବାହାରେ ରହିଥାଏ; ଭଗବାନ ଭେଙ୍କଟେଶ୍ୱରଙ୍କ ସମ୍ମୁଖରେ ପ୍ରତ୍ୟେକ ଭକ୍ତ ସମାନ । ଅନନ୍ତ ଅମ୍ବାନୀଙ୍କ କେଶ ଅର୍ପଣ ଏକ ସୁନ୍ଦର ଅନୁସ୍ମାରକ ଯେ ସନାତନ ଧର୍ମରେ ନମ୍ରତା ହେଉଛି ସର୍ବୋଚ୍ଚ ନୈବେଦ୍ୟ ଏବଂ ଭଗବତ୍ ବିଶ୍ୱାସ ହେଉଛି ସବୁଠାରୁ ବଡ଼ ସମ୍ପଦ । ଧନୀ କିମ୍ବା ପ୍ରସିଦ୍ଧ ହେବା ନୁହେଁ; ଭଗବାନ ଭେଙ୍କଟେଶ୍ୱରଙ୍କ ଭକ୍ତ ସବୁଠାରୁ ବଡ଼ ପରିଚୟ ।

- ଭଗବାନଙ୍କ ସମ୍ମୁଖରେ କେହି ଧନୀ କି ଗରିବ, ଶକ୍ତିଶାଳୀ କି ସାଧାରଣ ନୁହେଁ; ସମସ୍ତେ କେବଳ ଭକ୍ତ
- ସନାତନ ଧର୍ମରେ ନମ୍ରତା ହିଁ ସର୍ବୋଚ୍ଚ ନୈବେଦ୍ୟ ଏବଂ ଭଗବତ୍ ବିଶ୍ୱାସ ହେଉଛି ସବୁଠାରୁ ବଡ଼ ସମ୍ପଦ
- ଭଗବାନ ଭେଙ୍କଟେଶ୍ୱରଙ୍କ ସମ୍ମୁଖରେ ପ୍ରତ୍ୟେକ ମୁଣ୍ଡ ସମାନ ନମ୍ରତାର ସହ ନୁଆଁଇଥାଏ
- ଧନ, କ୍ଷମତା ଏବଂ ମର୍ଯ୍ୟାଦା ମନ୍ଦିର ଦ୍ୱାର ବାହାରେ ରହିଥାଏ; ଭଗବାନଙ୍କ ସମ୍ମୁଖରେ ପ୍ରତ୍ୟେକ ଭକ୍ତ ସମାନ

## Balance Sheet of The Sambalpur District Co-operative Central Bank Ltd.
## Balance as on 31st March 2026

(₹ in Thousand)

| Capital and Liabilities | Schedule | Year ended on 31.03.2026 | Year ended on 31.03.2025 |
|---|---|---|---|
| Capital | 1 | 3913345 | 3486202 |
| Reserves and Surplus | 2 | 2255497 | 2141732 |
| Deposits | 3 | 31595614 | 30101206 |
| Borrowings | 4 | 15440360 | 15468250 |
| Other liabilities and provisions | 5 | 6507216 | 5814130 |
| **Total** | | **59712032** | **57011520** |

| Assets | Schedule | Year ended on 31.03.2026 | Year ended on 31.03.2025 |
|---|---|---|---|
| Cash and balances with Reserve Bank of India | 6 | 136159 | 134004 |
| Balance with banks and money at call and short notice | 7 | 1198381 | 2233389 |
| Investments | 8 | 19267519 | 17104573 |
| Advances | 9 | 35907973 | 33824459 |
| Fixed Assets | 10 | 224427 | 223939 |
| Other Assets | 11 | 2977573 | 3491156 |
| **Total** | | **59712032** | **57011520** |
| | | | |
| Contingent liabilities Bills for collection | 12 | 12253 | 4593 |

| -sd- | -sd- | -sd- | -sd- | -sd- | -sd- |
|---|---|---|---|---|---|
| **AGM (O&A)** | **CEO** | **Director** | **Director** | **President** | **M/s K.C.JENA & CO. Chartered Accountants** |

## The Sambalpur District Co-operative Central Bank Ltd.
## Profit and Loss Account for the year ended 31st March 2026

(₹ in Thousand)

| | | Schedule | Year ended on 31.03.2026 | Year ended on 31.03.2025 |
|---|---|---|---|---|
| **I.** | **Income** | | | |
| | Interest Earned | 13 | 3456125 | 3395148 |
| | Other Income | 14 | 65139 | 39924 |
| | **Total** | | **3521264** | **3435072** |
| **II.** | **Expenditure** | | | |
| | Interest expended | 15 | 2666499 | 2431522 |
| | Operating expenses | 16 | 297743 | 283196 |
| | Provisions and contingencies | | 461923 | 637532 |
| | **Total** | | **3426165** | **3352250** |
| **III.** | **Profit/Loss** | | | |
| | Net profit/loss(-) for the year | | 95099 | 82822 |
| | Profit/loss(-) brought forward | | | |
| | **Total** | | **95099** | **82822** |
| **IV.** | **Appropriations** | | | |
| | Transfer to Statutory Reserves | | | |
| | Transfer to Other Reserves | | | |
| | Transfer to Government/ Proposed Dividend | | | |
| | Balance carried over to balance sheet | | 95099 | 82822 |

| -sd- | -sd- | -sd- | -sd- | -sd- | -sd- |
|---|---|---|---|---|---|
| **AGM (O&A)** | **CEO** | **Director** | **Director** | **President** | **M/s K.C.JENA & CO. Chartered Accountants** |

### Independent Auditor's Report
### Report on Audit of the Financial Statements

**Qualified Opinion:**

We have audited the accompanying Financial Statements of the **Sambalpur District Co-operative Central Bank Ltd ("the Bank"), Bargarh** which comprise the Balance Sheet as at **March 31, 2026,** the Profit and Loss Account for the year ended on that date and a summary of significant accounting policies and other explanatory information.

In our opinion and to the best of our information and according to the explanations given to us, **except for the possible effects of the matters described in the Basis of Qualified Opinion** of our report, the aforesaid financial statements read together with the Notes, give the information required thereon in accordance with Forms A and B respectively of the Third Schedule to the Banking Regulation Act, 1949 (As applicable to Co-Operative Societies), the guidelines issued by the Reserve Bank of India and the guidelines issued by the National Bank for Agricultural and Rural Development (NABARD), the Registrar of Co-Operative Societies, Odisha, the Orissa Co-Operative Societies Act, 1962 and the rules made thereunder (as applicable) in the manner so required and in conformity with the accounting principles generally accepted in India give a true and fair view:

(a) In the case of the Balance Sheet, of state of affairs of the Bank as at **March 31, 2026;** and
(b) In the case of the Profit and Loss Account, of the **profit** for the year ended on that date.

We conducted our audit in accordance with the Standards on Auditing (SAs) issued by the Institute of Chartered Accountants of India. Our responsibilities under those standards are further described in the Auditor's Responsibilities for the audit of the Financial Statements section of our report. We are independent of the Bank in accordance with the code of ethics issued by the Institute of Chartered Accountants of India together with ethical requirements that are relevant to our audit of the financial statements under the provisions of the Banking Regulations Act, 1949 and the rules made thereunder and under the provisions of the Odisha State Co-operative Societies Act, 1962 and the rules made thereunder and we have fulfilled our other ethical responsibilities in accordance with these requirements and the code of ethics. We believe that the audit evidence we have obtained is sufficient and appropriate to provide a basis for our opinion.

**Management's Responsibility for the Financial Statements:**

The Board of Management of the Bank is responsible for the preparation of these financial statements that give a true and fair view of the financial position and financial performance of the Bank in accordance with provisions of the Banking Regulations Act, 1949 (AACS), the guidelines issued by the Reserve Bank of India and the guidelines issued by the National Bank for Agricultural and Rural Development (NABARD), the Odisha State Co-operative Societies Act, 1962 (as applicable) read with rules made there under and Generally Accepted Accounting Principles (GAAP) in India so far as applicable to Co-operative Banks. This responsibility also includes maintenance of adequate accounting records in accordance with the provisions of the Act, safeguarding the assets of the Bank, preventing and detecting frauds and other irregularities, selection and application of appropriate accounting policies, making judgements and estimates that are reasonable and prudent and design, implementation and maintenance of adequate internal controls that are operating effectively for ensuring the accuracy and completeness of the accounting records relevant to the preparation and fair presentation of the financial statements and are free from material misstatement, whether due to fraud or error.

In preparing the financial statements, management is responsible for assessing the Bank's ability to continue as a going concern, disclosing, as applicable, matters related to going concern and using the going concern basis of accounting unless management either intends to liquidate the Bank or to cease operations, or has no realistic alternative but to do so. The Board of Management are also responsible for overseeing Bank's Financial Reporting process.

**Auditors' Responsibilities for the Audit of the Financial Statements:**

Our objectives are to obtain reasonable assurance about whether the Financial Statements as a whole are free from material misstatement, whether due to fraud or error, and to issue an auditor's report that includes our opinion. Reasonable assurance is a high level of assurance, but is not a guarantee that an audit conducted in accordance with SAs will always detect a material misstatement if and when it exists. Misstatements can arise from fraud or error and are considered material if, individually or in the aggregate, they could reasonably be expected to influence the economic decisions of users taken on the basis of these Financial Statements.

As part of an audit in accordance with SAs, we exercise professional judgment and maintain professional skepticism throughout the audit. We also:

- Identify and assess the risks of material misstatement of the Financial Statements, whether due to fraud or error, design and perform audit procedures responsive to those risks, and obtain audit evidence that is sufficient and appropriate to provide a basis for our opinion. The risk of not detecting a material misstatement resulting from fraud is higher than for one resulting from error, as fraud may involve collusion, forgery, intentional omissions, misrepresentations, or the override of internal control;
- Evaluate the appropriateness of accounting policies used and the reasonableness of accounting estimates and related disclosures made by management;
- Conclude on the appropriateness of management's use of the going concern basis of accounting and, based on the audit evidence obtained, whether a material uncertainty exists related to events or conditions that may cast significant doubt on the Bank's ability to continue as a going concern. If we conclude that a material uncertainty exists, we are required to draw attention in our auditor's report to the related disclosures in the Financial Statements or, if such disclosures are inadequate, to modify our opinion. Our conclusions are based on the audit evidence obtained up to the date of our auditor's report. However, future events or conditions may cause the Bank to cease to continue as a going concern.
- Evaluate the overall presentation, structure and content of the Financial Statements, including the disclosures, and whether the Financial Statements represent the underlying transactions events in a manner that achieves fair presentation.

We communicate with those charged with governance regarding, among other matters, the planned scope and timing of the audit and significant audit findings, including any significant deficiencies in internal control that we identify during our audit.

We also provide those charged with governance with a statement that we have complied with relevant ethical requirements regarding independence, and to communicate with them all relationships and other matters that may reasonably be thought to bear on our independence, and where applicable, related safeguards.

**Report on Other Legal & Regulatory Requirements:**

The Balance Sheet and the Profit and Loss Account have been drawn up in Forms A and B respectively of the Third Schedule to the Banking Regulation Act, 1949 (AACS) and the Orissa Co-Operative Societies Act, 1962 and the rules made thereunder. Accordingly, we report that:

(a) we have sought and obtained all the information and explanations, which to the best of our knowledge and belief were necessary for the purpose of our audit;
(b) in our opinion, proper books of account as required by law have been kept by the Bank so far as it appears from our examination of those books and proper returns adequate for the purposes of our audit have been received from the branches/offices;
(c) as required under section 30(3) of the Banking Regulation Act, 1949 (AACS), we further report that the transactions of the Bank, which came to our notice have been made are within the powers of the Bank;
(d) the Balance Sheet and the Profit and Loss Account dealt with by this report, are in agreement with the books of account;
(e) the reports on the accounts of the branches/offices certified by the branch concurrent auditors appointed by AGCS have been forwarded to us and have been properly dealt with by us in preparing our audit report;
(f) we have furnished our opinion and findings on the long form audit report (LFAR) questionnaire prescribed by NABARD, and our observation on the financial statements and others as given in Annexure-I which forms an integral part of our audit report;
(g) The Accounting Standards (AS) adopted by the Bank are consistent with those laid down by accounting principles generally accepted in India so far as applicable to Banks except AS-5 (Net Profit of Loss for the period, Prior Period Items and changes in Accounting Policies), AS-15 (Employee Benefits), AS-20 (Earning per Share), AS-29 (Provisions, Contingent Liabilities and Contingent Assets), AS-22 (Accounting for Income Tax) whose impact is not ascertained;

We further report that for the year under audit, the Bank has been classified as "B+" as per Annexures enclosed separately.

**For M/s. K C JENA & CO., Chartered Accountants, FRN.0319212E**
**CA K.C. JENA (FCA) (Partner) Membership No.054561**

**B. NOTES ON ACCOUNTS AND OTHER EXPLANOTRY INFORMATION.**

1. Expenses are generally accounted for on accrual basis of accounting except income under locker rent, interest subvention scheme.
2. There has been contribution by PACS, CCB, OSCB and GOO to Deposit Guarantee Corpus Fund and which stands at Rs.20.67 crore as on 31.03.2026 for the security of depositors of PACS.
3. The Bank has received funds from PACS towards Special Bad Debt Reserve & Risk Fund Deposit in initial period. The software could not provide interest on the deposit. The Bank provides interest manually. Accordingly, bank has provided interest for ₹25.47 lakh for current year.
4. Matured Fixed Deposit as on 31.03.2026 stands at ₹66.84 crore against previous year balance of ₹65.88 crores as on 31.03.2025. Interest at the rate of Savings Account Interest has been provided for on the outstanding amount. An amount of ₹2.01 crore has been shown as interest payable, which is included in the total interest payable on deposit of the bank reflected in Balance Sheet as on 31.03.2026.
5. There is Suspense Payable of ₹23.53 crore and Suspense Recoverable of ₹94.59 lakhs as on 31.03.2026. Suspense payable represents amounts payable to employees, payable to others against various purposes, etc. Similarly, Suspense Recoverable represents festival advances to staff, mobile advances to staff, TA advances to staff and other recoverable. Advance unrecoverable above 3 years have been provided;
6. The Bank has apportioned an amount of ₹24.85 lakhs towards Investment depreciation reserve for considering any diminution in value of investment;
7. The Bank has created contra item for LIC plan asset value of gratuity for ₹12.01 crore, provision for bonus for ₹12.50 lakhs and DEAF payment for ₹122.53 lakhs. However, bank has no obligation to pay nor any right to receive the same;
8. Bank's issued capital has exceeded its authorized capital and the Bank is in the process of amending its bye-laws; The bank has approved increase in authorized share capital from 170 crore to 700 crore on 27.09.2024 vide 56th AGB dated 27.09.2024. Accordingly, CEO of the bank has written to the DRCS on 23.12.2024 for registration of the amendment of bye-law. Further reminder letter has been issued to DRCS on 31.05.2025. However, no response has been received till date.
9. The Bank has transferred a sum of ₹122.53 lakhs to Depositor Education & Awareness Fund as on 31.03.2026 and the same is shown as Contra item. However, the corresponding previous year figure is shown as contingent liability as these are unclaimed deposits by various customers.

(₹ in lakh)

| Depositor Education and Awareness Fund | As on 31.03.2026 | As on 31.03.2025 |
|---|---|---|
| Opening balance of amounts transferred to DEAF | 45.93 | 44.49 |
| Add : Amounts transferred to DEAF during the year | 76.60 | 1.44 |
| Less: Amounts reimbursed by DEAF towards claims | 0.00 | 0.00 |
| Closing balance of amounts transferred to DEAF | 122.53 | 45.93 |

10. Payment of insurance premium to DICGC during the year 25-26 was ₹4.48 crore.
11. Bank has achieved CRAR 14.57% as on 31.03.2026.
12. The average cost of deposit is 6.33% during the year 2025-26.
13. NPAs:
    a. Gross NPAs: ₹48116.88 lakh (subject to auditor's qualified opinion)
    b. Net NPAs ₹31359.58 lakh (subject to auditor's qualified opinion)
    c. Percentage of gross NPAs to total advances: 13.37%
    d. Percentage of Net NPAs to total advances: 8.71%
14. Profitability:
    a. Interest income as a percentage of working fund: 5.82%
    b. Non-interest income as a percentage of working fund: 0.11%
    c. Operating profit as a percentage of working fund: 0.94%
    d. Return on Assets: 0.16%
    e. Business (Deposit+Advances) per employee: ₹3994.30 lakh.
    f. Profit per employee: ₹5.63 lakh
15. Provisions:
    a. Provisions on NPAs made (as on 31.03.2026): ₹167.57 crore
    b. Provisions made in respect of overdue interest, gratuity fund, leave encashment have been taken into P/L account. However, arrears in reconciliation of inter-branch account is Nil.
    c. Provisions made on depreciation in investments: Nil
16. A sum of ₹14.00 crore has been provided towards imbalance of funds with PACS. Total provision made till 31.03.2026 is ₹91.78 crore for against imbalance of ₹570.47 crore.
17. The Bank has practice of appropriation of profits after the approval in the Annual General Body Meeting (AGBM) as per the Bye-laws of the Bank. Consequently, the Bank provide apportion of profit in next year in grouped and regrouped the reserves fund as per the guidelines received from the authority. Till the approval of appropriation takes place, the Bank grouped the profit for the year under Statutory Reserve Fund in the financial statements. The Bank is in the process of reconciling the balance available of Profit & Loss from the Statutory Reserve as required under revised presentation of financial statements;
18. During the year, the Bank has received Interest subvention of Rs.4.16 crore.
19. Contingent liabilities not recognized as debt as on 31.03.2026.

| | Period | Amount ₹ lakhs |
|---|---|---|
| Income Tax | AY 2017-18 | 3.27 |
| Income Tax | AY 2018-19 | 3.74 |
| Income Tax | AY 2014-15 | 813.38 (deposited 20%) |
| Payment of Gratuity | FY 2025-26 | 88.51 |
| Consumer cases | Various periods | 110.64 |
| Premises rent | Various periods | Not ascertained |

| -sd- | -sd- | -sd- | -sd- | -sd- | -sd- |
|---|---|---|---|---|---|
| **AGM (O&A)** | **CEO** | **Director** | **Director** | **President** | **M/s K.C.JENA & CO. Chartered Accountants** |

## ସଞ୍ଜ ନଇଁଲେ ଅନ୍ଧାର ଜାତୀୟ ରାଜପଥ

# ରାଜପଥ ସାରା କିଟିକିଟି ଅନ୍ଧାର; ବଢୁଛି ଦୁର୍ଘଟଣା

ବ୍ରହ୍ମପୁର,୨୮।୬(ସମିସ)



ସଞ୍ଜ ନଇଁଲେ ୧୬ ନମ୍ବର ଜାତୀୟ ରାଜପଥର ଅନେକ ସ୍ଥାନରେ ଅନ୍ଧାରରେ ବୁଡ଼ିଯାଉଛି। ରାସ୍ତା ମଝିରେ ଓ ପାଶ୍ୱର୍ରେ ଲଗାଯାଇଥିବା ଶତାଧିକ ଏଲଇଡି ଷ୍ଟ୍ରିଟ୍ ଲାଇଟ୍ ଦୀର୍ଘଦିନ ଧରି ଅଚଳ ପଡ଼ିଥିବାରୁ ରାତିରେ ଯାତାୟାତ ବିପଦପୂର୍ଣ୍ଣ ହୋଇପଡ଼ିଛି। ଫଳରେ ପ୍ରତିଦିନ ହଜାର ହଜାର ଯାନବାହନ ଚଳାଚଳ କରୁଥିବା ଏହି ରାଜପଥରେ ଦୁର୍ଘଟଣାର ଆଶଙ୍କା ବଢ଼ି ଚାଲିଛି। ବିଭିନ୍ନ ସମୟରେ ରାସ୍ତାରେ ବୁଲୁଥିବା ଗାଈମାନଙ୍କୁ ଗାଡ଼ି ଗୁଡ଼ିକ ଧକ୍କା ଦେଇ ଥିବା ନଜିର ରହିଛି। ବ୍ରହ୍ମପୁର ଦେଇ ୧୬ ନମ୍ବର ଜାତୀୟ ରାଜପଥ ଯାଇଥିବା ବେଳେ ଏହା ବିଶାଖାପାଟନମ ଠାରୁ ଭୁବନେଶ୍ୱରକୁ ସଂଯୋଗ କରିଛି। ଏହି ଜାତୀୟ ରାଜପଥ ବ୍ରହ୍ମପୁର ସହରର ଗୋଷାଣିନୂଆଗାଁ, ଲାଞ୍ଜିପଲ୍ଲୀ, ଆଙ୍କୁଲି, କମାପଲ୍ଲୀ ଓ ଆମ୍ବପୁଆ ଭଳି ବିଭିନ୍ନ ଛକ ଦେଇ ଗତିକରିଛି। ସେହିପରି ଏହି ଛକ ଗୁଡ଼ିକ ସିଧାସଳଖ ରାଜପଥ ଠାରୁ ସହର ମଧ୍ୟରୁ ସଂଯୋଗ କରିଛି। ଫଳରେ ପ୍ରତିଦିନ ସହର ମଧ୍ୟରୁ ରାଜପଥକୁ ଏବଂ ରାଜପଥ ଠାରୁ ସହର ଭିତରକୁ ଶତାଧିକ ଗାଡ଼ି ଯାତାୟତ କରିଛନ୍ତି। ସେହିଭଳି ଜାତୀୟ ରାଜପଥରେ ପ୍ରତିଦିନ ବିଭିନ୍ନ ବର୍ଗର ଗାଡ଼ି ରାଜ୍ୟର ବିଭିନ୍ନ ସ୍ଥାନକୁ ଏହି ରାସ୍ତା ଦେଇ ଜାତାୟତ କରିଥାଏ। ଯାତ୍ରୀଙ୍କ ସୁରକ୍ଷା ସମେତ ରାଜପଥରେ ଦୁର୍ଘଟଣା ରୋକିବା ନିମନ୍ତେ ରାସ୍ତା ମଝି ଓ ପାଶ୍ୱର୍ରେ ଶତାଧିକ ଏଲଇଡି ଷ୍ଟ୍ରିଟ୍ ଲାଇଟ୍ ଲଗାଯାଇଛି। ଏଥିନିମନ୍ତେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇଛି। ରାସ୍ତାରେ ଲାଗିଥିବା ଏଲଇଡି ଲାଇଟର ରକ୍ଷଣାବେକ୍ଷଣ ନିମନ୍ତେ ଜାତୀୟ ରାଜପଥ ପ୍ରାଧିକରଣର ଦାୟିତ୍ୱ ରହିଛି। ଏଭଳି ଭାବେ ରାଜପଥର ଆଲୋକୀକରଣ ଓ ରକ୍ଷଣାବେକ୍ଷଣ ପାଇଁ ପ୍ରତିବର୍ଷ ଲକ୍ଷାଧିକ ଟଙ୍କା ବ୍ୟୟ କରାଯାଉଥିବା ସତ୍ତ୍ୱେ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ ରହିଥିବା ଦେଖିବାକୁ ମିଳିଛି। ଅଧିକାଂଶ ସ୍ଥାନରେ ଲାଇଟ୍ ବନ୍ଦ ରହିଥିବା ବେଳେ ସମସ୍ୟା ସମାଧାନ ନିମନ୍ତେ ବିଭିନ୍ନ ସମୟରେ ଦବି ହୋଇଛି। ଏହା ପରେ ମଧ୍ୟ ସମସ୍ୟା ସମାଧାନ ନହେବାରୁ ସାଧାରଣ ଲୋକଙ୍କ ମଧ୍ୟରେ ପ୍ରାଧିକରଣର କାର୍ଯ୍ୟଦକ୍ଷତାକୁ ନେଇ ପ୍ରଶ୍ନ ଉଠିଛି। ଅନ୍ଧାର ଯୋଗୁଁ ରାତିରେ ରାସ୍ତା ପାର ହେବା ଏବଂ ଯାନ ଚଳାଚଳ କରିବା ଅତ୍ୟନ୍ତ ବିପଦପୂର୍ଣ୍ଣ ହୋଇପଡ଼ିଛି। ବିଶେଷକରି ବର୍ଷା ସମୟରେ ଦୃଶ୍ୟମାନତା କମିଯାଉଥିବାରୁ ଦୁର୍ଘଟଣାର ସମ୍ଭାବନା ଆହୁରି ବଢ଼ିଯାଉଛି। ବାରମ୍ବାର ଅଭିଯୋଗ ଓ ଦାବି ସତ୍ତ୍ୱେ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ପକ୍ଷରୁ କୌଣସି ସ୍ଥାୟୀ ପଦକ୍ଷେପ ନିଆଯାଉ ନଥିବା ସ୍ଥାନୀୟ ଲୋକଙ୍କ ଅଭିଯୋଗ ହେଉଛି। ଯାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଅଚଳ ଲାଇଟ୍ ଗୁଡ଼ିକୁ ତୁରନ୍ତ ବଦଳାଇବା ସହ ନିୟମିତ ରକ୍ଷଣାବେକ୍ଷଣ କରିବାକୁ ବିଭିନ୍ନ ସାମାଜିକ ସଂଗଠନ, ବୁଦ୍ଧିଜୀବୀ ଓ ସାଧାରଣ ଲୋକ ଦାବି କରିଛନ୍ତି। ଏହି ସମସ୍ୟାକୁ ଗୁରୁତ୍ୱର ସହ ନେଇ ଶୀଘ୍ର ସମାଧାନ କଲେ ରାତ୍ରିକାଳୀନ ଦୁର୍ଘଟଣା ହ୍ରାସ ପାଇବା ସହ ଯାତ୍ରୀମାନେ ନିରାପଦ ଯାତାୟାତର ସୁବିଧା ପାଇପାରିବେ। ଏଥିପ୍ରତି ଜିଲ୍ଲା ପ୍ରଶାସନ ଓ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

**ସବୁ ଜାଣିଶୁଣି ନିରବ କର୍ତ୍ତୃପକ୍ଷ**

## ଯୌତୁକ ଦାବିରେ ପତ୍ନୀଙ୍କୁ ନିର୍ଯାତନା; ସ୍ୱାମୀ ଗିରଫ



ବ୍ରହ୍ମପୁର,୨୮।୬(ସମିସ): ଯୌତୁକ ଦାବିରେ ପତ୍ନୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେବା ସହ ହତ୍ୟା ଉଦ୍ୟମ ଅଭିଯୋଗରେ ଗୋଷାଣିନୂଆଗାଁ ଥାନା ପୁଲିସ ହିଲପାଟଣାର କେ. ରାଜେଶ ନାମକ ଜଣେ ଯୁବକଙ୍କୁ ଗିରଫ କରିଛି। ସୂଚନା ପ୍ରକାରେ, ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମର ପି. ସ୍ୱାତୀ(୩୧) ନାମକ ଜଣେ ମହିଳା ଓ ରାଜେଶଙ୍କ ମଧ୍ୟରେ ପ୍ରେମବିବାହ ହୋଇଥିଲା। ତେବେ ବିବାହ ପରେ ସ୍ୱାତୀଙ୍କୁ ତାଙ୍କ ଶାଶୁଘର ଲୋକେ ଅଧିକ ଯୌତୁକ ଦାବି କରି ମାନସିକ ଓ ଶାରୀରିକ ନିର୍ଯାତନା ଦେଇ ଆସୁଥିଲେ। ୨୦୨୩ରେ ହାଇଦ୍ରାବାଦରେ ରହୁଥିବା ସମୟରେ ସ୍ୱାମୀ ରାଜେଶଙ୍କ ମାଡ଼ରେ ସ୍ୱାତୀଙ୍କର ଗର୍ଭପାତ ହୋଇଥିଲା। ରାଜେଶ ତାଙ୍କ ସହମତି ବିନା ଜବରଦସ୍ତି ଶାରୀରିକ ସମ୍ପର୍କ ରଖୁଥିଲେ ଏବଂ ଏ ବିଷୟରେ କାହାକୁ କହିଲେ ସ୍ୱାତୀ ଓ ତାଙ୍କ ପରିବାର ଲୋକଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଉଥିଲେ। ନିର୍ଯାତନା ସହ୍ୟ କରିନପାରି ଶେଷରେ ସ୍ୱାତୀ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ସ୍ଥିତ ନିଜ ପୈତୃକ ଗ୍ରାମକୁ ଚାଲିଯାଇଥିଲେ। ଗତମାସରେ ସ୍ୱାତୀଙ୍କୁ ତାଙ୍କ ସ୍ୱାମୀ ରାଜେଶ ପୁଣି ମାଡ ମାରିଥିଲେ। ଏପରିକି ତକିଆ ସାହାଯ୍ୟରେ ତାଙ୍କ ମୁହଁକୁ ଚାପି ଧରି ଜୀବନରୁ ମାରିଦେବାକୁ ଚେଷ୍ଟା କରିଥିଲେ। ଆକ୍ରମଣ ଓ ମାଡ଼ ଯୋଗୁଁ ସ୍ୱାତୀଙ୍କ କାନର ପରଦା ଫାଟିଯାଇଥିଲା। ପୂର୍ବରୁ ମଧ ରାଜେଶ ପ୍ରାୟ ୩ଥର ତାଙ୍କୁ ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିଲେ ବୋଲି ସ୍ୱାତୀ ନିଜ ଅଭିଯୋଗରେ ଦର୍ଶାଇଥିଲେ। ସ୍ୱାତୀଙ୍କ ଅଭିଯୋଗକୁ ଭିତ୍ତି କରି ଗୋଷାଣିନୂଆଗାଁ ଥାନା ପୁଲିସ ଏକ ମାମଲା(୧୫୮/୨୬) ରୁଜୁ କରି ତଦନ୍ତ କରିଥିଲା। ଆଜି ପୁଲିସ ଏହି ମାମଲାର ମୁଖ୍ୟ ଅଭିଯୁକ୍ତ ରାଜେଶକୁ ଗିରଫ କରି କୋର୍ଟଚାଲାଣ କରିଛି।

## ଚଣ୍ଡୀ ମନ୍ଦିରର ହୁଣ୍ଡି ଭାଙ୍ଗି ଲୁଟିନେଲେ ଦୁର୍ବୃତ୍ତ

ବ୍ରହ୍ମପୁର,୨୮।୬(ସମିସ): କିଛି ଦିନର ବ୍ୟବଧାନରେ ସହରରେ ଦୁର୍ବୃତ୍ତମାନଙ୍କ ନଜର ପଡିଛି ମନ୍ଦିରର ହୁଣ୍ଡି ଉପରେ। ଗତ ବିଳମ୍ବିତ ରାତିରେ ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଲାଞ୍ଜିପଲ୍ଲୀ ଚଣ୍ଡୀ ମନ୍ଦିରର ହୁଣ୍ଡି ଭାଙ୍ଗି ଦୁର୍ବୃତ୍ତମାନେ ଦାନଅର୍ଥକୁ ଲୁଟି ନେଇଯାଇଥିବା ଅଭିଯୋଗ ହୋଇଛି। ଚୋରମାନେ ରାତି ଅଧିଆ ମନ୍ଦିରେ ପଶି ହୁଣ୍ଡି ନେଇଯାଇ ସେଥିରୁ ଟଙ୍କା କାଢି ହୁଣ୍ଡିକୁ ପୁଣି ମନ୍ଦିର ଭିତରେ ରଖି ଫେରାର ହୋଇଯାଇଥିବା ଜଣାପଡିଛି। ଏକ ବର୍ଷରୁ ଉର୍ଦ୍ଧ୍ୱ କାଳହେଲା ଉକ୍ତ ହୁଣ୍ଡିରୁ ଦାନ ଅର୍ଥକୁ ବାହାର କରାଯାଇନଥିଲା। ଫଳରେ ସେଥିରେ ଅନ୍ୟୁନ ୩୦ରୁ ୪୦ହଜାର ଟଙ୍କା ଥିବା ମନ୍ଦିର ପୂଜକ ଅନୁମାନ କରିଛନ୍ତି। ଦୁର୍ବୃତ୍ତମାନେ ହୁଣ୍ଡିରୁ ନୋଟଗୁଡିକୁ ନେଇ ଯାଇଥିବା ବେଳେ ଖୁଚୁରା ପଇସାକୁ ଛାଡି ଦେଇଥିବା ଦେଖିବାକୁ ମିଳିଛି। ଏନେଇ ଥାନାରେ ଅଭିଯୋଗ ପରେ ପୁଲିସ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ ସହ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

## ମାମଲା ପ୍ରତ୍ୟାହାର ଧମକ; ଅଭିଯୁକ୍ତ ପୁଣି ଗିରଫ

ବ୍ରହ୍ମପୁର,୨୮।୬(ସମିସ): କୋର୍ଟରେ ଚାଲିଥିବା ମାମଲା ପ୍ରତ୍ୟାହାର କରିବାକୁ ଧମକ ଦେଇ ବ୍ରହ୍ମପୁର ଗୋଷାଣିନୂଆଗାଁ ଥାନା ପୁଲିସ ରୂପାଲି ବେହେରାଙ୍କୁ ଗିରଫ କରିଛି। ସୂଚନା ପ୍ରକାରେ, ସଦର ଥାନା ଅନ୍ତର୍ଗତ ଡେଙ୍ଗାପଦର ଗ୍ରାମର ସୁଦାମ ସେଠୀ



ଗତ ୨୬ତାରିଖ ଅପରାହ୍ନରେ ସାଇ ମନ୍ଦିର ନିକଟସ୍ଥ ଓମ୍ ବିହାର ଠାରେ କାମ କରୁଥିଲେ। ଏହି ସମୟରେ ପୂର୍ବ ରାଗ ସୁଝାଇବାକୁ ଯାଇ ଅଭିଯୁକ୍ତ ରୂପାଲି ବେହେରା ଓ ତାଙ୍କର ଅନ୍ୟ ୩ଜଣ ସହଯୋଗୀ ସେଠାରେ ପହଞ୍ଚି ସୁଦାମଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। କୋର୍ଟରେ ରୂପାଲିଙ୍କ ବିରୋଧରେ ଚାଲିଥିବା ମାମଲାକୁ ଯଦି ସୁଦାମ ପ୍ରତ୍ୟାହାର ନକରନ୍ତି ତେବେ ତାଙ୍କୁ ଜୀବନରୁ ମାରିଦେବାକୁ ସେମାନେ ଧମକ ଦେଇଥିଲେ। ସୁଦାମ ଏହାର ପ୍ରତିବାଦ କରିବାରୁ ରୂପାଲି ବେହେରା ତାଙ୍କୁ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ସୁଦାମଙ୍କ ସାନଭାଇ ଟିଲୁ ସେଠୀ ସେଠାରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ରୂପାଲି ବେହେରା ଜେଲ୍‌ରୁ ଜାମିନରେ ଆସିବା ପରଠାରୁ ତାଙ୍କୁ ବିଭିନ୍ନ ପ୍ରକାରେ ହଇରାଣ ହରକତ ଓ ମାନସିକ ନିର୍ଯାତନା ଦେଇ ଆସୁଥିବା ସୁଦାମ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା(୨୫୦/୨୬) ରୁଜୁ କରି ତଦନ୍ତ ଚଳାଇଥିଲା। ରୂପାଲି ବେହେରାଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଥିବା ବେଳେ ଘଟଣାରେ ସଂପୃକ୍ତ ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୁଲିସ ତନାଘନା ଚଳାଇଛି।

## ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର ୭ ସହକାରୀ ଅଧ୍ୟାପକଙ୍କୁ ବଦଳି

ବ୍ରହ୍ମପୁର,୨୮।୬(ସମିସ): ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଓଡ଼ିଶା ଶିକ୍ଷା ସେବା(କଲେଜ ଶାଖା)ର ଅଧିକାରୀଙ୍କ ବଦଳି ହୋଇଛି। ବିଭାଗ ପକ୍ଷରୁ ଜାରି ନିର୍ଦ୍ଦେଶନାମାରେ ମୋଟ ୬୧ଜଣ ସହକାରୀ ଅଧ୍ୟାପକ ଓ କନିଷ୍ଠ ଅଧ୍ୟାପକଙ୍କ ବଦଳି ହୋଇଥିବା ଜଣାପଡିଛି। ସେଥି ମଧ୍ୟରୁ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟରତ ୭ଜଣ ଅଧ୍ୟାପକ ଓ ଅଧ୍ୟାପିକାଙ୍କ ଅନ୍ୟତ୍ର ବଦଳି ହୋଇଛି। ବିଶ୍ୱବିଦ୍ୟାଳୟରେ କାର୍ଯ୍ୟରତ ମାନବବିଜ୍ଞାନ ବିଭାଗ ସହକାରୀ ଅଧ୍ୟାପିକା ପ୍ରଜ୍ଞା ପ୍ରିୟଦର୍ଶିନୀ ସାହୁଙ୍କୁ ସମ୍ବଲପୁର ସ୍ଥିତ ସରକାରୀ ମହିଳା ଡିଗ୍ରୀ କଲେଜକୁ ବଦଳି କରାଯାଇଛି। ସେହିପରି ଉଦ୍ଭିଦ ବିଜ୍ଞାନ ବିଭାଗର ଗୌତମ ସାବତଙ୍କୁ ବିନାୟକ ଆଚାର୍ଯ୍ୟ ଡିଗ୍ରୀ କଲେଜ, ବାଣିଜ୍ୟ ବିଭାଗର ଅଧ୍ୟାପିକା ଡ. ଅନ୍ନପୂର୍ଣ୍ଣା ସାହୁ, ପଦାର୍ଥ ବିଜ୍ଞାନର ଅଧ୍ୟାପିକା ଡ. ପ୍ରଣତି ରଥ ଓ ଏସବିଆର ସରକାରୀ(ସ୍ୱୟଂଶାସିତ) ମହିଳା ମହାବିଦ୍ୟାଳୟ, ଶିକ୍ଷା ବିଭାଗର ଅଧ୍ୟାପିକା ଦୀପିକା ସେଠୀଙ୍କୁ ଭୁବନେଶ୍ୱର ସ୍ଥିତ ରାଜଧାନୀ ମହାବିଦ୍ୟାଳୟ, ରାଜନୀତି ବିଜ୍ଞାନ ବିଭାଗର ସହକାରୀ ଅଧ୍ୟାପକ ଡ. ବରୁଣ କୁମାର ବେହେରାଙ୍କୁ ନୟାଗଡ଼ ସ୍ଥିତ ମଡେଲ ଡିଗ୍ରୀ କଲେଜ ଏବଂ ପ୍ରାଣୀବିଜ୍ଞାନର ସହରକାରୀ ଅଧ୍ୟାପକ ଡ. ସୁଶୀଲ କୁମାର ରାଠୋରଙ୍କୁ ନୂଆପଡ଼ା ସ୍ଥିତ ମଡେଲ ଡିଗ୍ରୀ କଲେଜକୁ ବଦଳି ହୋଇଥିବା ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତିରୁ ଜଣାପଡିଛି। ବର୍ତ୍ତମାନ ବିଶ୍ୱବିଦ୍ୟାଳୟରେ ନିଯୁକ୍ତି ପ୍ରକ୍ରିୟା ଚାଲିଥିବା ବେଳେ ନବନିଯୁକ୍ତ ଅଧ୍ୟାପକ ଓ ଅଧ୍ୟାପିକାମାନେ କାର୍ଯ୍ୟରେ ଯୋଗଦେବା ପର୍ଯ୍ୟନ୍ତ ବଦଳି ହୋଇଥିବା ଅଧ୍ୟାପକ ଓ ଅଧ୍ୟାପିକାମାନେ ବିଶ୍ୱବିଦ୍ୟାଳୟରେ ଶିକ୍ଷାଦାନ କାର୍ଯ୍ୟ ଜାରି ରଖିବେ। ନବନିଯୁକ୍ତ ଅଧ୍ୟାପକଙ୍କ କାର୍ଯ୍ୟରେ ଯୋଗଦାନ ପରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏହି ୭ଜଣଙ୍କୁ କାର୍ଯ୍ୟମୁକ୍ତ କରିବେ ବୋଲି ଚିଠିରେ ଉଲ୍ଲେଖ ରହିଛି। ଅନ୍ୟପକ୍ଷରେ ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ଓ ଅଧ୍ୟାପିକାଙ୍କ ସଂଖ୍ୟା ଅଭାବ ଥିବାବେଳେ ବର୍ତ୍ତମାନ ପୁଣି ଏଠାରେ କାର୍ଯ୍ୟରତ ଅଧ୍ୟାପକ ଓ ଅଧ୍ୟାପିକାଙ୍କ ବଦଳିକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଶିକ୍ଷାବିଭାଗର ଏଭଳି ନିଷ୍ପତି ଦ୍ୱାରା ଛାତ୍ରଛାତ୍ରୀଙ୍କ ପାଠପଢାରେ ପ୍ରଭାବ ପଡ଼ିବ ବୋଲି ବହୁ ଶିକ୍ଷାବିତ୍ ଅଭିଯୋଗ କରିଛନ୍ତି।

## ମାନସିକ ଦୁଶ୍ଚିନ୍ତାରେ ଚରମ ପଦକ୍ଷେପ ନେଇଥିଲେ ବିଜେପି ନେତା !

ବ୍ରହ୍ମପୁର,୨୮।୬(ସମିସ)



- ଫେରାର ପୂର୍ବରୁ ବିଷପାନ କରି ଗୁରୁତର ଅବସ୍ଥାରେ ଏମକେସିଜି ମେଡିକାଲରେ ଭର୍ତ୍ତି ହୋଇଥିଲେ : ସ୍ୱତନ୍ତ୍ର ପିପି
- ଜାମିନରେ ଆସି ଫେରାର ହେବାର ଦୀର୍ଘ ଦେଢମାସ ପରେ ବି ଭବାନୀଙ୍କ ଟେର ପାଇନି ପୁଲିସ

ସର୍ତ୍ତମୂଳକ ଜାମିନରେ ମୁକୁଳି ଫେରାର ହେବାର ଦିର୍ଘ ୫୩ଦିନ ପରେ ମଧ ବିଜେପି ନେତାଙ୍କ ଟେର ପାଇପାରିନି ପୁଲିସ। ଯଦ୍ୱାରା ଦିନକୁ ଦିନ ଭବାନୀ ଶଙ୍କର ଦାଶଙ୍କ ଅଡୁଆ ବଢିବାରେ ଲାଗିଛି। ଇତି ମଧ୍ୟରେ ଭବାନୀଙ୍କ ବିରୁଦ୍ଧରେ ସ୍ଥାନୀୟ ନିମଖଣ୍ଡି ଓ ଗଜପତି ଜିଲ୍ଲାର ମୋହନା ଥାନାରେ ଦୁଇଟି ନୂତନ ମାମଲା ରୁଜୁ ହୋଇସାରିଛି। ତେବେ ଭବାନୀଙ୍କ ସମ୍ପର୍କରେ ମିଳିଛି ନୂତନ ତଥ୍ୟ।

ନିଜର ଏକମାତ୍ର ପୁଅର ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଯୋଗ ଦେବାକୁ ଭବାନୀଙ୍କୁ କୋର୍ଟରୁ ସର୍ତ୍ତମୂଳକ ତଥା ୧୦ଦିନ ପାଇଁ ଜାମିନ ମିଳିଥିଲା। ତେବେ ଜେଲରୁ ମୁକୁଳିବା ପରେ ସେ ପୁଅର ଶ୍ରାଦ୍ଧବାର୍ଷିକୀରେ ଯୋଗ ଦେଇଥିଲେ। କିନ୍ତୁ ତାହାପରେ କୁଆଡେ ସେ ମାନସିକ ଦୁଶ୍ଚିନ୍ତାରେ ପଡି ବିଷପାନ କରି ଆତ୍ମହତ୍ୟା ଉଦ୍ୟମ କରି ଗୁରୁତର ହୋଇପଡିଥିବା ସୂଚନା ମିଳିଛି। ଏଭଳି ସୂଚନା ଦେଇଛନ୍ତି ଖୋଦ୍ ସ୍ଥାନୀୟ ଆଡହକ ଅତିରିକ୍ତ ଜିଲ୍ଲା ଦୌରାଜଜ୍(ପକସୋ) କୋର୍ଟର ସ୍ୱତନ୍ତ୍ର ପିପିଡଃ ଶିବପ୍ରସାଦ ମିଶ୍ର। ଗୁରୁତର ଅବସ୍ଥାରେ ଭବାନୀଙ୍କୁ ସ୍ଥାନୀୟ ଏକକେସିଜି ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ଡାକ୍ତରଖାନା ରିପୋର୍ଟରୁ ମଧ ଏହା ସ୍ପଷ୍ଟ ଜଣାପଡୁଛି। ଗତ ମେ ୧୨ତାରିଖରେ ଏଭଳି କିଛି ଘଟଣା ଘଟିଥିବା ବେଳେ ସେ ଏମକେସିଜି ମେଡିକାଲରେ ଚିକିତ୍ସିତ ହୋଇଥିଲେ। ତେବେ ପରବର୍ତ୍ତି ସମୟରେ ଅର୍ଥାତ୍ ଗତ ମେ ୧୮ ତାରିଖରେ ସେ କୋର୍ଟରେ ଆତ୍ମସମର୍ପଣ କରି ଜେଲକୁ ଫେରିଯିବା କଥା। ତାହା ନକରି ସେ ଫେରାର ହୋଇଯାଇଥିବାରୁ ତାଙ୍କ ବିରୁଦ୍ଧରେ ଜାମିନ ବିହୀନ ଗିରଫ ପରୱାନା ଜାରି ହୋଇଥିବା କୋର୍ଟ ସୂତ୍ରରୁ ଜଣାପଡିଛି। ଭବାନୀଙ୍କୁ ଜାମିନରେ ନେଇଥିବା ଦୁଇ ଜାମିନଦାର ନିରାକାର ସାହୁ ଓ ସନ୍ୟାସୀ ମହାନ୍ତିଙ୍କୁ ମଧ କୋର୍ଟରୁ ନୋଟିସ ଜାରି ହୋଇଥିବା ବେଳେ ବୈଦ୍ୟନାଥପୁର ଥାନାକୁ ମଧ ଜାରି ହୋଇଥିବା ଏନବିଡବ୍ଲ୍ୟୁ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ରହିଛି। ଫେରାର ଅଭିଯୁକ୍ତ ଭବାନୀଙ୍କ ବିରୁଦ୍ଧରେ ଉଭୟ ବ୍ରହ୍ମପୁର ଓ ଗଜପତି ଜିଲ୍ଲାରେ ମାମଲା ରୁଜୁ ହେବାପରେ ତାଙ୍କୁ ଧରିବା ଉଭୟ ଜିଲ୍ଲା ପୁଲିସ ପାଇଁ ବଡ ଚାଲେଞ୍ଜ ହୋଇଛି। ବ୍ରହ୍ମପୁରରେ ଜନୈକା ନାବାଳିକାଙ୍କୁ ମାଗଣାରେ ନର୍ସ ପାଠ ପଢାଇବାରେ ସହାୟତା କରିବାର ପ୍ରତିଶ୍ରୁତି ଦେଇ ନାବାଳିକାଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଥିଲା। ଉକ୍ତ ମାମଲାରେ ପୂର୍ବରୁ ଭବାନୀଙ୍କ ସହିତ ଜଣେ ଅଙ୍ଗନବାଡି କର୍ମୀ ଓ ଭବାନୀଙ୍କ ଘରୋଇ କ୍ଲିନିକର ଜଣେ ସହାୟିକାଙ୍କୁ ପୁଲିସ ଗିରଫ କରିଥିଲା।

## ଓଡ଼ିଶା ଚିତ୍ରାଳୟ ମାଲିକ ମହାସଂଘର ଅର୍ଦ୍ଧବାର୍ଷିକ ଉତ୍ସବ



ବ୍ରହ୍ମପୁର,୨୮।୬(ସମିସ): ଗୋଷାଣିନୂଆଗାଁ ସ୍ଥିତ ଗୋପାଳକୃଷ୍ଣ ରଙ୍ଗମଞ୍ଚରେ ଓଡ଼ିଶା ଚିତ୍ରାଳୟ ମାଲିକ ମହାସଂଘର ଅର୍ଦ୍ଧବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ସଂଘ ସଭାପତି ନାରାୟଣ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ରାଜ୍ୟ ସମ୍ପାଦକ ଦୁର୍ଗା ପ୍ରସାଦ ଆଚାର୍ଯ୍ୟ, ଗଞ୍ଜାମ ସଭାପତି ଦିଲ୍ଲୀପ କୁମାର ସାମନ୍ତରା, ନୟାଗଡ଼ ସଭାପତି ଭୀମସେନ ବେହେରା, ଉପଦେଷ୍ଟା ବିଜୟ କୁମାର ସାହୁ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଶୁଶାନ୍ତ କୁମାର ସାହୁ ଓ ଧ୍ରୁବ କୁମାର ପ୍ରଧାନ ପ୍ରମୁଖ ମଞ୍ଚାସିନ ଥିଲେ। ସମ୍ପ୍ରତି ଚିତ୍ରାଳୟ ମାଲିକ ମହାସଂଘ ଓ ମ୍ୟୁଜିକ୍ ମହାସଂଘ ମିଶ୍ରଣରେ ଏକ ମହାସଂଘ ପରିଚାଳିତ ହେଉଥିବା ନେଇ ବୈଠକରେ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସନ୍ତୋଷ କୁମାର ଦାଶ ଓ ଗୀତା ସ୍ୱାଇଁଙ୍କ ସମେତ ବହୁ ସଭ୍ୟ ଉପସ୍ଥିତ ଥିଲେ।

## ଗଞ୍ଜାମ ଜିଲ୍ଲା ନାଟ୍ୟ ନିର୍ଦ୍ଦେଶକ ସଂଘର ଜରୁରୀ ବୈଠକ



ବ୍ରହ୍ମପୁର,୨୮।୬(ସମିସ): ଓଡିଶା ନାଟ୍ୟ ନିର୍ଦ୍ଦେଶକ ସଂଘ ଗଞ୍ଜାମ ଶାଖାର ଏକ ଜରୁରୀକାଳୀନ ସାଙ୍ଗଠନିକ ବୈଠକ ରବିବାର ସ୍ଥାନୀୟ ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ସଂଘର ସଭାପତି ରାଜଗୋପାଳ ପାଢ଼ୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ନୂତନ ସଦସ୍ୟତା ଗ୍ରହଣ, ସଂଘ ସଦସ୍ୟଙ୍କୁ ପରିଚୟ ପତ୍ର ବଣ୍ଟନ ବ୍ୟବସ୍ଥା, ଦଣ୍ଡନାଚ ସହ ଜିଲ୍ଲାର ବିଭିନ୍ନ କାର୍ଯ୍ୟରେ ଜିଲ୍ଲାର ନିର୍ଦ୍ଦେଶକଙ୍କୁ ଅଗ୍ରାଧିକାର, ସଂଘରୁ ଦୂରେଇ ରହୁଥିବା ସଦସ୍ୟଙ୍କୁ ସଂଘକୁ ଫେରାଇ ଆଣିବା ଆଦି ବହୁବିଧ ବିଷୟ ନେଇ ବିସ୍ତୃତ ଆଲୋଚନା ହୋଇଥିଲା। କଟକରେ ହୋଇଥିବା ରାଜ୍ୟସଂଘ ବୈଠକ ପରେ ଜିଲ୍ଲାର ଏହି ବୈଠକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିବାରୁ ବୈଠକରେ ବହୁ ସଦସ୍ୟ ଉପସ୍ଥିତ ରହି ସଂଘକୁ ସୁଦୃଢ଼ ପାଇଁ ମତପୋଷଣ କରିଥିଲେ। ଜିଲ୍ଲା ନିର୍ଦ୍ଦେଶକ ସଂଘ ତରଫରୁ ରାଜ୍ୟ ଚିତ୍ରାଳୟ ସଂଘକୁ କଳା ଓ କଳାକାରଙ୍କ ବିକାଶ ପାଇଁ ମିଳିତ ଭାବେ କାର୍ଯ୍ୟ କରିବାକୁ ଲିଖିତ ପତ୍ର ପ୍ରଦାନ କରାଯାଇଥିଲା। ଆୟୋଜିତ ବୈଠକରେ ସଂଘର ରାଜ୍ୟ ଉପଦେଷ୍ଟା ମଦନ ମୋହନ ମିଶ୍ର, ରମେଶ ମହାରଣା, ଏନ. ରାମବାବୁ, ରାଜ୍ୟ ଉପସଭାପତି ଟୁଟୁ ପାଢ଼ୀ, କୃଷ୍ଣଚନ୍ଦ୍ର ପଣ୍ଡା, ଜିଲ୍ଲା ସମ୍ପାଦକ ଭାସ୍କର ସେନାପତି, କୋଷାଧକ୍ଷ ଗୌତମ ବାଡ଼ତ୍ୟା, ସୁଶାନ୍ତ ପଟ୍ଟନାୟକ, ତ୍ରିଲୋଚନ ମହାରଣା, ଯୋଗେନ୍ଦ୍ର ସେଠୀ, ଚିରଞ୍ଜିବି ସାହୁ, ସପ୍ନେଶ୍ୱର ପ୍ରଧାନ, ଡେନମ କୁମାର, ନିରଞ୍ଜନ ବାଡ଼ତ୍ୟା, କାର୍ତ୍ତିକ ମଣ୍ଡଳ, ତ୍ରିପତି ପାତ୍ର, ରାଧାକାନ୍ତ ନାୟକ, ନବୀନ ହୋତା, ହୃଷିକେଶ ଆଚାର୍ଯ୍ୟ, ରମେଶ ରାଉଳ, ଦୀନବନ୍ଧୁ ଶତପଥୀ, ଶିଶିର ଶତପଥୀ ଓ ସିଏଚ. ଦେବଦାସ ପ୍ରମୁଖ ଉପସ୍ଥିତ ରହି ସଂଘୀୟ ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଆଗାମୀ ଦିନରେ ଦଣ୍ଡନାଚ ଗ୍ରାମ୍ୟକମିଟି ସହ ଜିଲ୍ଲା ନିର୍ଦ୍ଦେଶକ ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆୟୋଜନ କରିବା ନେଇ ଆଲୋଚନା ହୋଇଥିଲା।

## ଶ୍ରୀସତ୍ୟସାଇ ସେବା ସମିତି ପକ୍ଷରୁ ରକ୍ତଦାନ ଶିବିର



ବ୍ରହ୍ମପୁର,୨୮।୬(ସମିସ): ସ୍ଥାନୀୟ ଡାଇମଣ୍ଡ ଟ୍ୟାଙ୍କ ରୋଡ଼ ସ୍ଥିତ ଶ୍ରୀ ସତ୍ୟସାଇ ସେବା ସମିତି ଓ କଳିଙ୍ଗନଗର ସମିତିର ମିଳିତ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର "ଅମୃତ ବିନ୍ଦୁ' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଶିବିରକୁ ସମିତିର ଆବାହକ ସ୍ୱାଧୀନ କୁମାର ପଟ୍ଟନାୟକ ଓ କଳିଙ୍ଗ ନଗର ସମିତି ଆବାହକ ଲକ୍ଷ୍ମୀ ରେଡ୍ଡୀ ଉଦଘାଟନ କରିଥିଲେ। ଶିବିରରେ ଏମକେସିଜି ମେଡ଼ିକାଲ ରକ୍ତ ଭଣ୍ଡାର କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ। କାର୍ଯ୍ୟକ୍ରମରେ ଭାସ୍କର ରାଓ, ଡି. ହରି କିସନ ରେଡ୍ଡୀ, ବିଭୁ ପ୍ରସାଦ ରାଓ, ଅରୁଣ ପଣ୍ଡା, କୁମାର ପାତ୍ର, କେ. ରାମ ଗୋପାଳ, କ୍ଷୀରୋଦ କୁମାର ପାଢ଼ୀ, ଶିବ ଶଙ୍କର ପାଣିଗ୍ରାହୀ, ଆରଭିଏନ ରାଓ, ପି.ଭି. ସାଇ ପ୍ରସାଦ, ବି. ସତ୍ୟେନ୍ଦ୍ର, ଉତ୍ତମ ଚରଣ ଦାସ ଓ ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ମାଟିରେ ମିଶିଲା ବିଇଡିଏର ୪୦ ବର୍ଷ ପୁରୁଣା କୋଠା

ବ୍ରହ୍ମପୁର,୨୮।୬(ସମିସ)





- ଘରୋଇ ସଂସ୍ଥାଦ୍ୱାରା ହାତକୁ ନିଆଯାଇଛି କୋଠା ଭାଙ୍ଗିବା କାର୍ଯ୍ୟ
- ଆଗକୁ ଭଙ୍ଗାଯାଇପାରେ ବିଇଡିଏର ବସ୍‌ଷ୍ଟାଣ୍ଡ ପ୍ରାଶାସନିକ କୋଠା
- ରାଜସ୍ୱ ବୃଦ୍ଧି ଲକ୍ଷ୍ୟରେ ଉଭୟ ସ୍ଥାନରେ ନିର୍ମାଣ ହେବ ମାର୍କେଟ କମ୍ପ୍ଲେକ୍ସ!

ମାଟିରେ ମିଶିଲା ସହରର ଅନ୍ୟ ଏକ ପୁରୁଣା ସରକାରୀ କୋଠା। ବ୍ରହ୍ମପୁର ଉନ୍ନୟନ ନଗମର ପୁରୁଣା କାର୍ଯ୍ୟାଳୟ ଯାହା ପ୍ରାୟ ୪୦ବର୍ଷ ପୁରୁଣା ଥିଲା ଓ ପୂର୍ତ୍ତବିଭାଗ ପକ୍ଷରୁ ବିପଦଶଙ୍କୁଳ ଘୋଷଣା କରାଯାଇଥିଲା। ବିଳମ୍ବରେ ହେଲେ ମଧ ବିଇଡିଏ ପକ୍ଷରୁ ଉକ୍ତ କୋଠାକୁଚ ଭାଙ୍ଗିବା କାର୍ଯ୍ୟ ଆରମ୍ଭ କରାଯାଇଛି। ଟେଣ୍ଡର ଜରିଆରେ ସ୍ଥାନୀୟ ଶିବାଶକ୍ତି ପ୍ରାଇଭେଟ ଲିମିଟେଡ ନାମକ ଏକ ଘରୋଇ ସଂସ୍ଥା ଏହି କୋଠା ଭାଙ୍ଗିବାର ଦାୟିତ୍ୱ ନେଇଥିବା ଜଣାପଡିଛି। ଏଥିପାଇଁ ସମ୍ପୃକ୍ତ ଘରୋଇ ସଂସ୍ଥା ବିଇଡିଏକୁ ୨ଲକ୍ଷ ଟଙ୍କା ଦେବ ବୋଲି ଜଣାପଡିଛି। ଇତି ମଧ୍ୟରେ କୋଠା ଭାଙ୍ଗିବା କାର୍ଯ୍ୟ ପ୍ରାୟ ଶତକଡା ୫୦ପ୍ରତିଶତ ଶେଷ ହୋଇସାରିଛି। ପୂର୍ବରୁ ଏହି କୋଠାରେ ବିଇଡିଏ କାର୍ଯ୍ୟାଳୟ ଚାଲୁଥିବା ବେଳେ ପ୍ରାୟ ୮ରୁ୧୦ଟି ଦୋକାନ ଘର ମଧ୍ୟ ରହିଥିଲା। ଏହି କୋଠାକୁ ଭାଙ୍ଗିବା ପରେ ସେଠାରେ କଣ କରାଯିବ ଯଦିଓ ସ୍ପଷ୍ଟ ହୋଇନାହିଁ ତେବେ କମର୍ସିଆଲ ମାର୍କେଟ କମ୍ପ୍ଲେକ୍ସ କରାଯିବ ବୋଲି ଆଲୋଜନା ହେଉଛି। ସେହିଭଳି ସହର ମଧ୍ୟରେ ଥିବା ବିଇଡିଏର ପୁରୁଣା ବସଷ୍ଟାଣ୍ଡର ପ୍ରଶାସନିକ କୋଠାକୁ ମଧ ଭଙ୍ଗାଯିବ ବୋଲି ଜଣାପଡିଛି। ଏହି କୋଠା ମଧ୍ୟ ପ୍ରାୟ ୩୫ବର୍ଷ ପୁରୁଣା ହୋଇଥିବା ବେଳେ ଏହାକୁ ମଧ ପୂର୍ତ୍ତବିଭାଗ ପକ୍ଷରୁ ବିପଦଶଙ୍କୁଳ ଘୋଷଣା କରାଯାଇଥିବା ଜଣାପଡିଛି। ବର୍ତ୍ତମାନ ବସଷ୍ଟାଣ୍ଡକୁ ଅସ୍ଥାୟୀ ଭାବେ ଡୁଡୁମା କଲୋନୀକୁ ସ୍ଥାନାନ୍ତର କରାଯାଇଥିବା ବେଳେ ପୁରୁଣା ବସଷ୍ଟାଣ୍ଡକୁ ବନ୍ଦ କରାଯାଇଛି। ଏହି କୋଠାକୁ ମଧ ଖୁବ୍‌ଶୀଘ୍ର ଭଙ୍ଗାଯାଇ ସହରର ମଧଭାଗରେ ଥିବା ଏହି ସ୍ଥାନରେ ଅନ୍ୟଏକ ମେଗା ମାର୍କେଟ ନିର୍ମାଣ କରାଯିବ ବୋଲି ଶୁଣିବାକୁ ମିଳୁଛି। ତେବେ ଏକ୍ଷେତ୍ରରେ ପ୍ରତିବନ୍ଧକ ସାଜିଛି ସରକାରୀ ନିଷ୍ପତ୍ତିରେ। ରାଜ୍ୟରେ ନୂତନ ସରକାର ଗଠନ ପରଠାରୁ ସମସ୍ତ ଉନ୍ନୟନ କର୍ତ୍ତୃପକ୍ଷର ଅଧକ୍ଷ ଦାୟିତ୍ୱ ତୁଲାଉଛନ୍ତି ଖୋଦ୍ ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ। ଦେଢବର୍ଷ ପୂର୍ବେ ଅର୍ଥାତ୍ ଗତ ଡିସେମ୍ବରରେ ମନ୍ତ୍ରୀଙ୍କ ଅଧକ୍ଷତାରେ ଅଥରିଟି ବା କର୍ତ୍ତୃପକ୍ଷ ବୈଠକ ଅନୁଷ୍ଠିତ ହୋଇଥିଲା। ଖୋଦ୍ ମନ୍ତ୍ରୀ ଅଧକ୍ଷ ଦାୟିତ୍ୱରେ ଥିବାରୁ ଏଠାରେ କୌଣସି ନିଷ୍ପତ୍ତି ନିଆଯାଇପାରୁନାହିଁ। ନିୟମିତ ବ୍ୟବଧାନରେ ବିଇଡିଏ ଅଧିକାରୀଙ୍କୁ ମନ୍ତ୍ରୀ ତଥା ବିଇଡିଏ ଅଧକ୍ଷଙ୍କ ନିକଟକୁ ଫାଇଲ ନେବାକୁ ପଡୁଥିବା ଜଣାପଡିଛି। ଏଭଳି ସ୍ଥିତିରେ ବିଇଡିଏର ନିଜସ୍ୱ କୌଣସି ନୂତନ ପ୍ରକଳ୍ପ ନଥିବାରୁ ବହୁ ରାଜସ୍ୱ କ୍ଷତି ସହିବାକୁ ପଡୁଛି। ସ୍ଥିତି ଏଭଳି ହୋଇଛି ଯେ କର୍ମଚାରୀଙ୍କୁ ଦରମା ଦେବା ସ୍ଥିତିରେ ମଧ ବିଇଡିଏ ନଥିବା ଦେଖିବାକୁ ମିଳିଛି। ବହୁ ପ୍ରକଳ୍ପ ହାତରେ ଥିଲେ ହେଁ ଅର୍ଥାଭାବରୁ ସେଗୁଡିକର କାର୍ଯ୍ୟ କ୍ଷୀପ୍ରଗତିରେ ଆଗେଇ ପାରୁନାହିଁ। ଫଳରେ ପ୍ରକଳ୍ପ ଗୁଡିକ ବିଳମ୍ବ ହେଉଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି।

ସକାଳ
THE SAKALA



# ସମ୍ପାଦକୀୟ



ସମସ୍ତେ ବିଶ୍ୱକୁ ପରିବର୍ତ୍ତନ କରିବା କଥା କୁହନ୍ତି, କିନ୍ତୁ ନିଜକୁ ପରିବର୍ତ୍ତନ କରିବା କଥା ଭାବନ୍ତି ନାହିଁ।
--ଲିଓ ଟଲଷ୍ଟୟ

## ମନ୍ତ୍ରୀ-ହିତାଧିକାରୀ

୨୦୧୪ ସାଧାରଣ ନିର୍ବାଚନ ପରେ ଦେଶର ଶାସନ ବ୍ୟବସ୍ଥାରେ ଯେଉଁ ଐତିହାସିକ ପରିବର୍ତ୍ତନ ଘଟିଥିଲା ତାହାର ଆଧାର ଥିଲା ଦରଦାମ ବୃଦ୍ଧି ଓ ଦୁର୍ନୀତି। କଂଗ୍ରେସ ଅମଳର ୬୦ ବର୍ଷର ଦୁର୍ନୀତି ଜନିତ କ୍ଷତିଭରଣା ମାତ୍ର ୬୦ ମାସ ଭିତରେ ଭରଣା କରିଦେବାର ଦମ୍ଭ ଦେଖାଇ ଭୋଟଭିକ୍ଷା କରିଥିବା ଏନ୍‌ଡିଏ ସରକାରଙ୍କ ଜଣକ ପରେ ଜଣେ ମନ୍ତ୍ରୀ ଏବେ ଦୁର୍ନୀତିରେ ଜଡ଼ିତ ଥିବାର ଖବରମାନ ଆସୁଛି। ଦେଶର ଗରିବ ବର୍ଗଙ୍କ କଲ୍ୟାଣ ପାଇଁ ଉଦ୍ଦିଷ୍ଟ ରାସନ୍ କାର୍ଡ, ଇନ୍ଦିରା ଆବାସ ଆଦି ରିହାତିଯୁକ୍ତ ଯୋଜନା ଏବଂ ବିଭିନ୍ନ ଆର୍ଥିକ ସରକାରୀ ସହାୟତା ହଡ଼ପ ଅଭିଯୋଗରେ ସାଧାରଣତଃ ନିମ୍ନ-ମଧ୍ୟବିତ୍ତ ଓ ମଧ୍ୟବିତ୍ତ ବର୍ଗ ନିନ୍ଦିତ ହୋଇଆସୁଛନ୍ତି। କିନ୍ତୁ ସରକାରୀ ରିହାତି ଯୋଜନାର ଲୋଭକୁ ଖୋଦ୍ କେନ୍ଦ୍ର ସରକାରଙ୍କ ମନ୍ତ୍ରୀମାନେ ମଧ୍ୟ ସମ୍ବରଣ କରିପାରୁ ନାହାନ୍ତି - ଏହାଠାରୁ ବଡ଼ ବିଡ଼ମ୍ବନା ଆଉ କ'ଣ ହୋଇପାରେ?

କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ ଭଗୀରଥ ଚୌଧୁରୀ ନିଜ ନିର୍ବାଚନ ମଣ୍ଡଳୀ ରାଜସ୍ଥାନର ପିହି ଗ୍ରାମରେ ଥିବା ତାଙ୍କ ଫାର୍ମରେ କାକୁଡ଼ି ଚାଷ ପାଇଁ ପ୍ରାୟ ୯ ୯ ଲକ୍ଷ ଟଙ୍କାର ରିହାତି ହାତେଇ ନେଇଥିବା ଏକ ଜାତୀୟ ଖବରକାଗଜରେ ପ୍ରକାଶ ପାଇଛି। କେତେକ ନିର୍ଦ୍ଦିଷ୍ଟ ପନିପରିବା ଓ ଫୁଲର ଉଚ୍ଚଲାଭଭିତ୍ତିକ ବହୁଳ ଉତ୍ପାଦନ ବା କୃଷି ପାଇଁ ୨୦୧୪-୧୫ ମସିହାରେ 'ସମନ୍ୱିତ ଉଦ୍ୟାନ କୃଷି ବିକାଶ' ନାମରେ ଏକ ଯୋଜନା ଆରମ୍ଭ ହୋଇଥିଲା। ଜାତୀୟ ଉଦ୍ୟାନ କୃଷି ବୋର୍ଡ ଏହାର ତତ୍ତ୍ୱାବଧାରକ ଥିବା ବେଳେ କେନ୍ଦ୍ର କୃଷି ମନ୍ତ୍ରଣାଳୟର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହା କାର୍ଯ୍ୟକାରୀ ହେଉଛି। କେନ୍ଦ୍ର କୃଷି ମନ୍ତ୍ରୀ ଓ କୃଷି ରାଷ୍ଟ୍ରମନ୍ତ୍ରୀ ଯଥାକ୍ରମେ ବୋର୍ଡର ଏକ୍ସ ଅଫିସିଓ ପ୍ରେସିଡେଣ୍ଟ ଓ ଭାଇସ ପ୍ରେସଡେଣ୍ଟ ଅଛନ୍ତି। ରିହାତି ଯୋଜନା ପାଇଁ ଆବେଦନ ବିଚାର ଓ ଅନୁମୋଦନ ନିଷ୍ପତ୍ତି ବୋର୍ଡ ଉପରେ ନ୍ୟସ୍ତ ବା ବୋର୍ଡ ହିଁ ସର୍ବେସର୍ବା। ଏହି ଯୋଜନାରେ କୃଷକ ପରିବାର/ସଂସ୍ଥା/ଅନୁଷ୍ଠାନ ପିଛା ସର୍ବାଧିକ ୧ କୋଟି ଟଙ୍କା କିମ୍ବା ଉତ୍ପାଦନ ପ୍ରକଳ୍ପ ଖର୍ଚ୍ଚର ସର୍ବାଧିକ ୫୦% ପର୍ଯ୍ୟନ୍ତ ସରକାର ବହନ କରିବାର ବା ରିହାତି ଦେବାର ବ୍ୟବସ୍ଥା ରହିଛି।

ଦେଶର ବିଭିନ୍ନ ବର୍ଗର କଲ୍ୟାଣ ପାଇଁ ନୀତି ନିର୍ଦ୍ଧାରଣ ଓ ଆଇନ ପ୍ରଣୟନ କରିବା ମନ୍ତ୍ରଣାଳୟର ଦାୟିତ୍ୱ। ଯୋଜନାଗୁଡ଼ିକର ରୂପାୟନ ଠିକ୍ ହେଉଛି କି ନାହିଁ ତାହାର ତଦାରଖ ବା ଜଗିବା ଦାୟିତ୍ୱ ସମ୍ପୃକ୍ତ ବିଭାଗୀୟ ମନ୍ତ୍ରୀମାନଙ୍କର। କିନ୍ତୁ ମନ୍ତ୍ରଣାଳୟ ଦାୟିତ୍ୱରେ ରହି ସେହି ମନ୍ତ୍ରଣାଳୟ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବ୍ୟାବସାୟିକ କୃଷି ଯୋଜନାକୁ ସ୍ୱଚ୍ଛଳ ବର୍ଗକୁ ପ୍ରତିନିଧିତ୍ୱ କରୁଥିବା ସତ୍ତ୍ୱେ ନିଜ ପାଇଁ ବ୍ୟବହାର କରିବା କେତେ ସମୀଚୀନ ତାହା ବିଚାରସାପେକ୍ଷ। 'କୃଷକ ପରିବାରରୁ ଆସିଥିବା ଏବଂ କୃଷି ହିଁ ତାଙ୍କର କୌଳିକ ବୃତ୍ତି ହୋଇଥିବାରୁ ରିହାତି ନେବାରେ କୌଣସି ତ୍ରୁଟି ନାହିଁ' ବୋଲି ସେ ଦେଇଥିବା ସ୍ପଷ୍ଟୀକରଣ ମଧ୍ୟ କେତେ ଗ୍ରହଣୀୟ ତାହା ପ୍ରଣିଧାନଯୋଗ୍ୟ।

ସ୍ୱଚ୍ଛଳ ବର୍ଗକୁ ପ୍ରତିନିଧିତ୍ୱ କରୁଥିବା ସତ୍ତ୍ୱେ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟର ସମାନ ଯୋଜନାରେ ରିହାତି ହାତେଇବାରେ କେବଳ କେନ୍ଦ୍ରମନ୍ତ୍ରୀ ଏକା ନୁହନ୍ତି, ରାଜସ୍ଥାନ କ୍ୟାଡରର ଜଣେ ବରିଷ୍ଠ ଆଇଏଏସ୍ ଅଧିକାରୀ ମଧ୍ୟ ସାମିଲ୍ ଅଛନ୍ତି। ୧୯ ୯୪ ବ୍ୟାଚ୍‌ର ରାଜସ୍ଥାନ କ୍ୟାଡରର ଆଇଏଏସ୍ ଅଧିକାରୀ ନରେଶ ପାଲ୍ ଗଙ୍ଗୱାର ଏବେ ମତ୍ସ୍ୟ, ପଶୁପାଳନ ଓ ଦୁଗ୍ଧ ଉତ୍ପାଦନ ବିଭାଗର ସଚିବ ଭାବେ କାର୍ଯ୍ୟରତ। ଉପରୋକ୍ତ ଯୋଜନାରେ ସେ ଗତ ପାଞ୍ଚବର୍ଷ ଭିତରେ ୧ କୋଟ ୧୬ ଲକ୍ଷ ଟଙ୍କାର ରିହାତି ହାତେଇ ନେଇଛନ୍ତି। ଗଙ୍ଗୱାରଙ୍କ ମାଆ ବିଦ୍ଧ୍ୟମତୀ, ପୁଅ କୁମାର ରତିକ, ପତ୍ନୀ ରଞ୍ଜିତା ସିଂହଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଏହି ରିହାତି ଅର୍ଥ ଆସିଛି। ରିହାତି ଭିତ୍ତିକ ଏହି ପ୍ରକଳ୍ପ ଅନୁମୋଦନ ବେଳେ ଗଙ୍ଗୱାର ରାଜସ୍ଥାନରେ ଏକ ଗୁରୁତ୍ୱପୂର୍ଣ୍ଣ ସରକାରୀ ପଦରେ ରହିଥିଲେ। ଆଇଏଏସ୍ କଣ୍ଡକ୍ଟ ରୁଲ୍ ୧୯୬୮ ଅନୁଯାୟୀ କ୍ଲାସ୍ ୧ ଓ କ୍ଲାସ୍ ୨ ବର୍ଗର ଅଧିକାରୀମାନେ ସେମାନଙ୍କ ଜମିଜମା ସମ୍ବନ୍ଧୀୟ ବିବରଣୀ ସାର୍ବଜନିନ କରିବାକୁ ବାଧ୍ୟ। କିନ୍ତୁ ଗଙ୍ଗୱାର ତାହା କରିନାହାନ୍ତି। ଅପରପକ୍ଷରେ ତାଙ୍କ ମା' ଓ ପୁତ୍ର ତାଙ୍କ ଉପରେ ନିର୍ଭରଶୀଳ ନ ଥିବାରୁ ସମ୍ପତ୍ତି ତାଲିକାରେ ଉକ୍ତ ଜମି ସମ୍ବନ୍ଧୀୟ ବିବରଣୀ ଉଲ୍ଲେଖ କରା ନ ଯିବା ଯୁକ୍ତିଯୁକ୍ତ ବୋଲି ସେ ଦର୍ଶାଇଛନ୍ତି।

ସରକାରୀ ନୀତି ନିୟମର ଗଳାବାଟ ଦେଇ ମନ୍ତ୍ରୀ ମହୋଦୟ ଓ ବରିଷ୍ଠ ଅଧିକାରୀ ସରକାରୀ ଯୋଜନାର ହିତାଧିକାରୀ ହୋଇପାରନ୍ତି। କିନ୍ତୁ ନୈତିକତା ଦୃଷ୍ଟିରୁ ଏହା କେତେଦୂର ଗ୍ରହଣୀୟ ତାହା ବିଚାରଯୋଗ୍ୟ। ସରକାରୀ ଯୋଜନାର ବାଟମାରଣା ହେଉଥିବା ଅଭିଯୋଗ କିମ୍ବା ମନ୍ତ୍ରୀ-ବାବୁମାନେ ଦୁର୍ନୀତିଖୋର ହେବାର ଅଭିଯୋଗ ନୂଆ ନୁହେଁ। ଏବେ କେବଳ ସରକାରୀ ଯୋଜନାର ହଡ଼ପର ଏକ ନୂଆ ଦିଗ ସାମ୍ନାକୁ ଆସିଛି। ବାଡ଼ ଯଦି କ୍ଷେତ ଖାଏ ତେବେ ଜଗିବ କିଏ? ଓଡ଼ିଆରେ ପ୍ରଚଳିତ ଏହି ଆପ୍ତବାକ୍ୟଟି ଦେଶର ଅର୍ଥ ବ୍ୟବସ୍ଥା ପ୍ରତି ପ୍ରଯୁଜ୍ୟ। ଏହା କେବଳ ଗୋଟିଏ ଗୋଟିଏ ଉଦାହରଣ ମାତ୍ର। ସାର୍ବଜନିନ ହୋଇ ନ ଥିବା ସତ୍ୟ ଯେ ଆହୁରି ସାଂଘାତିକ ହୋଇ ନଥିବ କିଏ କହିବ?

ନିକଟରେ ଏନ୍‌ଡିଏ ଶାସିତ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ସରକାରୀ ଅର୍ଥ ହାତେଇବାରେ ଏକ ଅଭିନବ ପରିକଳ୍ପନା କରିଛନ୍ତି। ଯେଉଁ ସ୍ଥାନରେ ଭିତ୍ତିଭୂମି ବିକାଶ ଯୋଜନା କାର୍ଯ୍ୟକାରୀ କରିବାକୁ ଚିନ୍ତା କରିଥିଲେ ସେହି ଆଖପାଖରେ ଆଗୁଆ ନିଜ ପରିବାର ଓ ସମ୍ପର୍କୀୟଙ୍କ ନାମରେ ବିପୁଳ ପରିମାଣ ଜମି କିଣି ନେଲେ। ପୁଣି ଯେଉଁଠାରେ ସେମାନଙ୍କ ସମ୍ପର୍କୀୟଙ୍କ ନାମରେ ଜମି ଥିଲା ସେଠାରେ ଭିତ୍ତିଭୂମି ପ୍ରକଳ୍ପ ଆରମ୍ଭ କଲେ। ଏହିଭଳି ଭାବେ ୧୬୮ ଏକରର ୧୩୭ଟି ପ୍ଲଟ୍ ପଞ୍ଜିକୃତ ହୋଇଥିଲା। ପ୍ରକଳ୍ପ ଘୋଷଣା ପରେ ଜମି ମୂଲ୍ୟ ଆପଣାଛାଏଁ ଆକାଶଛୁଆଁ ହୋଇଗଲା। ଏଥିରେ ବିଧିବଦ୍ଧ ଦୁର୍ନୀତିର ପ୍ରମାଣ ନଥିବାରୁ ମୁଖ୍ୟମନ୍ତ୍ରୀ ମଧ୍ୟ କଳଙ୍କବିହୀନ ବୋଲି ଘୋଷଣା ହେଲା। ନିରଙ୍କୁଶ ଶାସନ ଦୁର୍ନୀତିକୁ ଜନ୍ମ ଦିଏ - ଏହି ଆପ୍ତବାକ୍ୟଟି ଏବେ ଧୀରେ ଧୀରେ କେନ୍ଦ୍ର ସମେତ ଭାରତର ଅନ୍ୟାନ୍ୟ ଏନ୍‌ଡିଏ ଶାସିତ ରାଜ୍ୟକୁ ବ୍ୟାପୁଛି - ଉପରୋକ୍ତ କିଛି ଘଟଣା ତାହାର ଉଦାହରଣ ମାତ୍ର। ●

## ଓଡ଼ିଶାରେ ବ୍ରିଟିଶ୍ ସ୍ମାରକୀର ଅନୁପସ୍ଥିତି

ଡ.ଅନ୍ତର୍ଜିତା ନାୟକ

ପଶ୍ଚିମବଙ୍ଗର ଭିକ୍ଟୋରିଆ ମେମୋରିଆଲ ଭଳି ଭବ୍ୟ ମହଲ ହେଉ ବା ମୁମ୍ବାଇ, ଦିଲ୍ଲୀ, ଚେନ୍ନାଇ ଓ ହାଇଦ୍ରାବାଦର ଆକର୍ଷଣୀୟ ଔପନିବେଶିକ ଅଟ୍ଟାଳିକାମାନଙ୍କ ସୌନ୍ଦର୍ଯ୍ୟ, ବିଶାଳ ସ୍ମାରକୀ, ରାଜକୀୟ ପ୍ରଶାସନିକ ଅଟ୍ଟାଳିକା, ଘଣ୍ଟା ସ୍ତମ୍ଭ, ପ୍ରଶସ୍ତ ବୁଲେଭାର୍ଡ, ବିସ୍ତୃତ କ୍ୟାଣ୍ଟନମେଣ୍ଟ, ଉଦ୍ଭିଦ ଉଦ୍ୟାନ ଓ ବିଶ୍ୱବିଦ୍ୟାଳୟ ହେଉ, ବ୍ରିଟିଶ ସାମ୍ରାଜ୍ୟ ଛାଡ଼ିଯାଇଥିବା ଆଖିଦୃଶିଆ ସ୍ଥାପତ୍ୟକୁ କେହି ଅଣଦେଖା କରିପାରିବେ ନାହିଁ। କିନ୍ତୁ ଜଣେ ଯେତେବେଳେ ଓଡ଼ିଶାକୁ ପ୍ରବେଶ କରେ ଦିଶେ ନାହିଁ କୌଣସି ବିଶାଳ ପ୍ରଶାସନିକ ପରିସର କି ବ୍ରିଟିଶ ସାମ୍ରାଜ୍ୟର ବିଜୟ ଉତ୍ସବ ପାଳନ କରୁଥିବା ଭବ୍ୟ ସ୍ମାରକୀ। କଟକର ରେଭେନ୍ସା ବିଶ୍ୱବିଦ୍ୟାଳୟ ଭଳି ସ୍ଥାପତ୍ୟ ବ୍ୟତୀତ ଓଡ଼ିଶାରେ ବ୍ରିଟିଶ ପଦଚିହ୍ନ ପ୍ରାୟ ଅନୁପସ୍ଥିତ। ଏଥିରୁ ସ୍ପଷ୍ଟ ହୁଏ ଯେ, ଓଡ଼ିଶା ସେଇ ଅଦମ୍ୟ ରାଜ୍ୟ, ଯେଉଁଠି ବ୍ରିଟିଶ ସହଜରେ ନିଜ ସାମ୍ରାଜ୍ୟବାଦୀ ସ୍ଥାପତ୍ୟ ସ୍ୱାକ୍ଷରକୁ ମୋହର ଲଗାଇପାରି ନ ଥିଲା। ଓଡ଼ିଶାର ଅଭେଦ୍ୟ ଭୂଗୋଳ, ବୀର ପାଇକ, ସାହସୀ ଜନଜାତି ଓ ସମୃଦ୍ଧ ଐତିହ୍ୟ ସହିତ ଏମିତି ଅନେକ ଜଟିଳ ପରିସ୍ଥିତି ହେତୁ ବ୍ରିଟିଶ ପକ୍ଷରେ ଏହି ଅଞ୍ଚଳକୁ ପୂର୍ଣ୍ଣ ଭାବେ ଅନୁପ୍ରବେଶ କରିବା, ଶାସନ କରିବା କିମ୍ବା ପ୍ରତୀକାତ୍ମକ ଭାବେ ଦାବି କରିବା ଅତ୍ୟନ୍ତ କଷ୍ଟକର ହୋଇପଡ଼ିଥିଲା।

ଭାରତର ଅନ୍ୟାନ୍ୟ ଅଞ୍ଚଳ ତୁଳନାରେ ଇଂରେଜମାନେ ଓଡ଼ିଶାରେ ବହୁତ ବିଳମ୍ବରେ ପ୍ରବେଶ କରିପାରିଥିଲେ। ୧୮୦୩ ମସିହାରେ ଆଙ୍ଗ୍ଲୋ-ମରାଠା ଯୁଦ୍ଧ ପରେ ଓଡ଼ିଶା, ବ୍ରିଟିଶ ଶାସନ ଅଧୀନକୁ ଆସିଥିଲା। ସେ ସମୟରେ ବଙ୍ଗଳା ପ୍ରାୟ ଅର୍ଦ୍ଧଶତାବ୍ଦୀ ଧରି ଔପନିବେଶିକ ନିୟନ୍ତ୍ରଣରେ ଥିଲା। ମାଡ୍ରାସ ଦୀର୍ଘବର୍ଷ ଧରି ସାମ୍ରାଜ୍ୟବାଦୀ ପ୍ରଶାସନର ଅଂଶ ହୋଇ ରହିଥିଲା। ବମ୍ବେ ଏକ ଗୁରୁତ୍ୱପୂର୍ଣ୍ଣ ରଣନୈତିକ ଓ ବାଣିଜ୍ୟିକ କେନ୍ଦ୍ର ଭାବେ ଉଦୟ ହେଉଥିଲା। ଔପନିବେଶିକ ଶାସନକାଳୀନ ଅନେକ ଆଧିକାରିକ ଲେଖାଯୋଖା, ଯଥା 'ବେଙ୍ଗଲ ଆଡ୍‌ମିନିଷ୍ଟ୍ରେସନ୍ ପ୍ରୋସିଡିଂ', 'ହଣ୍ଟରସ ଗେଜେଟିୟର' ଆଦି ସ୍ପଷ୍ଟ କରେ ଯେ, ଊନବିଂଶ ଶତାବ୍ଦୀରେ ବଙ୍ଗଳା କିମ୍ବା ବମ୍ବେ ତୁଳନାରେ ଓଡ଼ିଶାରେ ଇଂରେଜଙ୍କର ପ୍ରାଥମିକ ପ୍ରତିଷ୍ଠାନ ଉପରେ ହୋଇଥିବା ଖର୍ଚ୍ଚ ଅତ୍ୟନ୍ତ କମ୍ ଥିଲା। ଏହାର ପ୍ରମୁଖ କାରଣ ଥିଲା ବ୍ରିଟିଶ ବୁଝିପାରିଥିଲେ ଯେ ଓଡ଼ିଶା ସେହିପରି ଏକ ସହଜ ଅଞ୍ଚଳ ନୁହେଁ, ଯେଉଁଠାରେ ସାମ୍ରାଜ୍ୟବାଦୀ ସହଜରେ ଭିତ୍ତିସ୍ଥ କରାଯାଇପାରିବ। ସେ ସମୟରେ ଓଡ଼ିଶାର ଅନେକ ରାଜ୍ୟ ଯଥା ଖୋର୍ଦ୍ଧା, କେନ୍ଦୁଝର, ଢେଙ୍କାନାଳ, ନୟାଗଡ଼, ବୌଦ୍ଧ ଓ ମୟୂରଭଞ୍ଜର ଶାସକମାନେ ନିଜ ଅଞ୍ଚଳରେ ଦୃଢ଼ ବୈଧତା ବଜାୟ ରଖିଥିଲେ। ଏହାସହିତ ଓଡ଼ିଶାର ଜନଜାତି ଯୋଦ୍ଧାଙ୍କର ପରାକ୍ରମୀ ପ୍ରତିରୋଧ ଓ ବିଦ୍ରୋହ, ଔପନିବେଶିକ ସ୍ଥାପତ୍ୟକୁ ସୁଯୋଗ ଦେଉ ନ ଥିଲେ। ସାମ୍ରାଜ୍ୟ ସାଧାରଣତଃ ସେଠାରେ ହିଁ ତାହାର ଭବ୍ୟତା ଗଢ଼େ, ଯେଉଁଠାରେ ସେ ନିଜକୁ ସୁରକ୍ଷିତ ଓ ସ୍ଥିର ମନେ କରେ। କିନ୍ତୁ ଓଡ଼ିଶା କେବେ ବି ଇଂରେଜଙ୍କୁ ସେହି ପ୍ରକାରର ନିଶ୍ଚିତତା ଦେଇନଥିଲା।

ଯେତେବେଳେ ଇଂରେଜମାନେ ଓଡ଼ିଶାରେ ନୂତନ ଭାବରେ ନିଜ ପ୍ରଶାସନିକ ପାଦ ଦୃଢ଼ କରିବାକୁ ଚେଷ୍ଟା କରୁଥିଲେ, ସେହି ସମୟରେ ସେମାନେ ଏକ ଶକ୍ତିଶାଳୀ ଓ ସଂଗଠିତ ପ୍ରତିରୋଧର ସାମ୍ନା କରିଥିଲେ, ଯାହାର ଉଦାହରଣ ଥିଲା ୧୮୧୭ ମସିହାର ପାଇକ ବିଦ୍ରୋହ। ଏହା ଥିଲା ଏକ ସମନ୍ୱିତ ଓ ପ୍ରଦେଶବ୍ୟାପୀ ଆନ୍ଦୋଳନ, ଯେଉଁଥିରେ ସେନାନୀ ନେତା, ଜମିଦାର, କୃଷକ ଓ ଆଦିବାସୀ ଗୋଷ୍ଠୀ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ସେମାନେ ବ୍ରିଟିଶ ପୁଲିସ ଥାନା, ରାଜସ୍ୱ କାର୍ଯ୍ୟାଳୟ ଓ କୋଷାଗାର ଉପରେ ଆକ୍ରମଣ କରିଥିଲେ, ଯାହାର ପରିଣାମରେ କମ୍ପାନୀ ଶାସନକୁ କେବଳ ଖୋର୍ଦ୍ଧା ଅଞ୍ଚଳକୁ ନିୟନ୍ତ୍ରଣ କରିବା ପାଇଁ ବଡ଼ ସେନା ବ୍ୟବସ୍ଥା କରିବାକୁ ପଡ଼ିଥିଲା।

କଟକ ଏକ ପ୍ରଶାସନିକ କେନ୍ଦ୍ରରେ ପରିଣତ ହୋଇଥିଲା ସତ, କିନ୍ତୁ ପଶ୍ଚିମବଙ୍ଗ କିମ୍ବା ବମ୍ବେ ପରି କେବେ ବିଶାଳ ଔପନିବେଶିକ ରାଜଧାନୀର ରୂପ ନେଇପାରି ନ ଥିଲା। ତାହା ସହିତ ଓଡ଼ିଶାର ବିଶାଳ ଆଦିବାସୀ ଅଞ୍ଚଳ ଯଥା କୋରାପୁଟ, କନ୍ଧମାଳ, ଗଞ୍ଜାମ, କେନ୍ଦୁଝର, ମୟୂରଭଞ୍ଜ ଓ ସୁନ୍ଦରଗଡ଼ର ଜନଜାତି ଯୋଦ୍ଧାମାନେ ଔପନିବେଶିକ ଶାସନକୁ ଭୌତିକ ଓ ପ୍ରଶାସନିକ ଭାବରେ ଅନିଶ୍ଚିତ କରିଦେଇଥିଲେ। ଔପନିବେଶିକ ଅଧିକାରୀମାନେ ନିଜ ସରକାରୀ ଚିଠିପତ୍ରରେ ମଧ୍ୟ ଏହି ଅଞ୍ଚଳଗୁଡ଼ିକୁ ପ୍ରାୟତଃ 'ଶାସନହୀନ', 'ବିଦ୍ରୋହପ୍ରବଣ' ଓ 'କର୍ତ୍ତୃପକ୍ଷ ପ୍ରତି ଅସହଯୋଗୀ' ବୋଲି ବର୍ଣ୍ଣନା କରିଥିଲେ। ଭୂମିଜ ବିଦ୍ରୋହ, ଜୁଆଙ୍ଗ ଓ ଭୂୟାଁଙ୍କ ପ୍ରତିରୋଧ, କନ୍ଧ ବିଦ୍ରୋହ ଏବଂ ଉତ୍ତର ଓ ଦକ୍ଷିଣ ପାର୍ବତ୍ୟ ଅଞ୍ଚଳର ଅନେକ ସ୍ଥାନୀୟ ଆନ୍ଦୋଳନ, ସାମ୍ରାଜ୍ୟବାଦୀ ଏକୀକରଣ ପ୍ରକ୍ରିୟା ପ୍ରତି ଏକ ଅସ୍ଥିର ଏବଂ ବିରୋଧାତ୍ମକ ପରିବେଶ ସୃଷ୍ଟି କରିଥିଲା।

ଘୁମୁସର ବିଦ୍ରୋହ ସ୍ପଷ୍ଟ କରିଦେଇଥିଲା ଯେ ରାଜକୀୟ ଓ ଆଦିବାସୀ ଶକ୍ତିର ସଂଯୁକ୍ତ ପ୍ରତିରୋଧ, ଔପନିବେଶିକ ଶାସନକୁ ଅସ୍ଥିର ଓ ଅନିଶ୍ଚିତ କରିପାରିବ। ଏହାସହିତ ଉପକୂଳ ଓ ଆଭ୍ୟନ୍ତରୀଣ ଜିଲ୍ଲାଗୁଡ଼ିକର ଗ୍ରାମବାସୀମାନେ ବ୍ରିଟିଶ ନୀତି ଓ ପ୍ରଶାସନିକ ବ୍ୟବସ୍ଥା ପ୍ରତି ନିରନ୍ତର ଅସହଯୋଗ ପ୍ରଦର୍ଶନ କରୁଥିଲେ। ସେମାନେ ଟିକସ ଦେବାକୁ ବିରୋଧ କରୁଥିଲେ, ବାଧ୍ୟତାମୂଳକ ଶ୍ରମରୁ ପଳାଇଯାଉଥିଲେ, ଜଙ୍ଗଲ ଆଇନକୁ ବେଖାତିର କରୁଥିଲେ ଏବଂ ରାଜସ୍ୱ ବ୍ୟବସ୍ଥାକୁ ବାରମ୍ବାର ଅସ୍ଥିର କରିଦେଉଥିଲେ। ଏହାସହିତ ଔପନିବେଶିକ ପ୍ରକଳ୍ପକୁ ଆର୍ଥିକ ଭାବେ ସମର୍ଥନ କରିବା ପାଇଁ କୌଣସି ପ୍ରଭାବଶାଳୀ ବ୍ୟବସାୟୀ ବର୍ଗ କିମ୍ବା ବ୍ୟାପାରୀ ଗୋଷ୍ଠୀ ମଧ୍ୟ ଓଡ଼ିଶା ଗଢ଼ିଉଠିନଥିଲା। ଫଳସ୍ୱରୂପ, ଓଡ଼ିଶା ଅନେକ ପରିମାଣରେ ଔପନିବେଶିକ ନଗରୀକରଣ ପ୍ରବାହରୁ ଦୂରେଇ ରହିଲା। ଏଠାରେ ବ୍ରିଟିଶ ଆବାସ କମ୍ ରହିଲା, ବାଣିଜ୍ୟିକ ବସତି ଓ କ୍ୟାଣ୍ଟନମେଣ୍ଟର ବିକାଶ ସୀମିତ ରହିଲା। ସେହି କାରଣରୁ ସାମ୍ରାଜ୍ୟବାଦୀ ଶାସନର ସ୍ମାରକ ଭବନ ଓ ପ୍ରତୀକାତ୍ମକ ସ୍ଥାପତ୍ୟ ଅନ୍ୟ ଔପନିବେଶିକ କେନ୍ଦ୍ରମାନଙ୍କ ତୁଳନାରେ ଓଡ଼ିଶାରେ ଅତ୍ୟଳ୍ପ ଦୃଶ୍ୟମାନ।

ପରବର୍ତ୍ତୀ କାଳରେ ମଧୁସୂଦନ ଦାସ, ଗୋପବନ୍ଧୁ ଦାସ, ମାଳତୀ ଚୌଧୁରୀ, ରମା ଦେବୀ, ବୀର ସୁରେନ୍ଦ୍ର ସାଏ, ବିର୍ସା ମୁଣ୍ଡା, ନିର୍ମଳ ମୁଣ୍ଡା, ଚିଲ୍କା ମାଝୀଙ୍କ ସମେତ ଅନେକ ଆଦିବାସୀ ନାୟକ-ନାୟିକା ଏବଂ ସ୍ୱାଧୀନତା ସଂଗ୍ରାମୀଙ୍କ ଭାଗିଦାରୀ ଏହି ପ୍ରତିରୋଧର ଧାରାକୁ ଜୀବନ୍ତ ରଖିଥିଲା। ଓଡ଼ିଶା ଏମିତି ଏକ ପ୍ରଦେଶ ଥିଲା, ଯେଉଁଠାରେ ବ୍ରିଟିଶ ସାମ୍ରାଜ୍ୟକୁ ସର୍ବଦା ରାଜନୈତିକ, ସାଂସ୍କୃତିକ, ନୈତିକ ଓ ଭୌଗୋଳିକ ପ୍ରତିବନ୍ଧକର ସାମ୍ନା କରିବାକୁ ପଡୁଥିଲା। ତେଣୁ ଏହି ଭୂମିରେ ବ୍ରିଟିଶ ଆଧିପତ୍ୟର ନଗଣ୍ୟ ସ୍ମାରକୀ, ଆଜି ଓଡ଼ିଶା ମାଟିର ଗୁଣଗାନ କରି କହୁଛି- 'ଓଡ଼ିଶାବାସୀ ଭାରି ସାହସୀ'।

ପର୍ଯ୍ୟଟନ ଉପଭୋଗ ଭଳି ଭବ୍ୟ ବ୍ରିଟିଶ ସ୍ଥାପତ୍ୟ ଭବନ ଓଡ଼ିଶାରେ ଦେଖିବାକୁ ମିଳି ନ ପାରେ, ହେଲେ ସେଇ ସ୍ଥାପତ୍ୟର ଶୂନ୍ୟତା ହିଁ ଓଡ଼ିଶାର ଗର୍ବ। ଓଡ଼ିଶାରେ ସେମାନଙ୍କର ଅନୁପସ୍ଥିତି ବ୍ରିଟିଶ ସାମ୍ରାଜ୍ୟର ବିଫଳତାକୁ ନିର୍ବାକ ଭାବରେ ପ୍ରକାଶ କରେ। ବ୍ରିଟିଶ ସ୍ମାରକୀର ଅନୁପସ୍ଥିତି ନିଜେ ହିଁ ଓଡ଼ିଶାର ସର୍ବଶ୍ରେଷ୍ଠ ଐତିହାସିକ ସ୍ମାରକୀମାନଙ୍କ ମଧ୍ୟରୁ ଗୋଟିଏ। ପ୍ରତ୍ୟେକ ଓଡ଼ିଆ ଆଜି ଗର୍ବିତ ଯେ, ଓଡ଼ିଶା ମାଟିକୁ ବ୍ରିଟିଶ ସାମ୍ରାଜ୍ୟ କେବେବି ଜିତି ପାରି ନ ଥିଲା। ●

ଭୁବନେଶ୍ୱର, ମୋ:୭୩୭୦୯୦୫୯୪୭

## ନଗ୍ନତାର ଦିବ୍ୟତା ଓ ଅତୀତର ନଗ୍ନ-ସତ୍ୟ

ଦୁର୍ଗାପ୍ରସାଦ ଆଚାର୍ଯ୍ୟ

ସିନ୍ଧୁ ସଭ୍ୟତାର ସେହି କ୍ଷୁଦ୍ର କାଂସ୍ୟମୂର୍ତ୍ତିଟି ପ୍ରାୟ ସାଢ଼େ ଚାରିହଜାର ବର୍ଷ ଧରି ଅନବଦ୍ୟ ମୌନତାର ଶାସ୍ତ୍ରୀୟ ଆଭୂଷଣ ପିନ୍ଧି ଦେଖି ଚାଲିଥିଲା ଉତ୍ତାନପାଦ ମଣିଷର ଶୀର୍ଷତମ ପାବଚ୍ଛ ଅଭିମୁଖେ ନିରବଚ୍ଛିନ୍ନ ଯାତ୍ରା ଏବଂ ତା'ର ସେହି ଯାତ୍ରାପଥରେ ସେ ଭୋଗି ଚାଲୁଥିବା ଅପ୍ରମେୟ ସ୍ଖଳନର ରକ୍ତଝରା ଯନ୍ତ୍ରଣା ସହ ଉତ୍‌ଥାନର ଅପ୍ରମେୟ ଉତ୍ସବ-ମୁଖରତା। ହଜାର ହଜାର ବର୍ଷ ଧରି ସେ ସଲ୍ଲଜ-ନୃତ୍ୟ ମୁଦ୍ରାରେ ସ୍ୱର୍ଗୀୟ ନଗ୍ନତାର ଚାରୁରାଗିଣୀ ଶୁଣାଇ ଚାଲିଥିଲା କ୍ରମ-ବିବର୍ତ୍ତିତ ସଭ୍ୟତାର କଲ୍ମଷରୁ ତଥାପି ମୁକ୍ତ ରହିଥିବା ମଣିଷକୁ। ତା'ର ଅପୂର୍ବ ଭଙ୍ଗୀ, ଅପୂର୍ବ ଠାଣିରେ ସେ ଯେତିକି ବିମୋହିତ କରୁଥିଲା, ତତୋଧିକ ରହସ୍ୟାଭିଭୂତ କରୁଥିଲା ପ୍ରତ୍ୟେକଙ୍କୁ। କିଏ ସେହି ବିମୋହନଭାବରେ ଘାରି ହୋଇ ରଚନା କରି ବସୁଥିଲା ତା'ର ସ୍ୱପ୍ନର କେଉଁ ଅନୂଢ଼ା ତରୁଣୀ ପାଇଁ କବିତାର ମାଳା, ଆଉ କିଏ ତା'କୁ ତା'ର ନଗ୍ନତାର ଅଳଙ୍କାର ପିନ୍ଧାଇଥିବା ତା'ର ସେହି ସ୍ରଷ୍ଟା, ସେହି ମୂର୍ତ୍ତିକାରଙ୍କ ପରିଚୟ ଖୋଜି ଖୋଜି ସମଗ୍ର ସିନ୍ଧୁ ସଭ୍ୟତାର ପ୍ରତିଟି ଜୀର୍ଣ୍ଣଅଙ୍ଗନ ଘୂରି ବୁଲୁଥିଲା ଅତୁଟ ମୋହାବେଶରେ।

ନୃତ୍ୟରତା ଲଳନାର ଦକ୍ଷିଣ ହାତଟି ଛନ୍ଦି ରହିଥିଲା ତା'ର କ୍ଷୀଣକଟି ।।ରେ, ବାମ ହାତଟି ଝୁଲି ରହିଥିଲା, ସତେଯେପରି ସେ ପିନ୍ଧିଥିବା ବାହୁବନ୍ଧମାନଙ୍କ ଭାରାରେ, ଏକ ନମ୍ର ଶିଥିଳତାରେ। ବକ୍ଷ ଦେଶରେ ଝୁଲି ରହିଥିଲା ଦୁଇ ବା ତିନୋଟି ଛୋଟ ପଦକଗୁଚ୍ଛିତ ଗଳାହାର। ବେଶ୍ ଦର୍ଶନୀୟ ବି ଥିଲା କେଶବିନ୍ୟାସ। କିନ୍ତୁ ତା'ର ସେ ନଗ୍ନତା ଥିଲା ଅନାବୃତ୍ତ ଓ ଅନାଭରଣ। କେବେ ଯଦି କିଏ ତା'କୁ ପଚାରି ଦେଉଥିଲା - 'କିଏ ଆଗୋ ତୁହି ତ୍ରିଭଙ୍ଗୀ ଠାଣିରେ ଉଭା ଅସଂବୃତା ରମଣୀ ଚାରୁଶୀଳା?' ସେ ଲଳିତ ସ୍ୱରରେ କହୁଥିଲା - 'ମୁଁ ତୁମ ଇତିହାସର ସାକ୍ଷୀକନ୍ୟା। ମତେ ରହିବାକୁ ଦିଅ ସେହି ଇତିହାସର ଫର୍ଦ୍ଦରେ, ସେଇଠି ରହି ମୁଁ ତୁମକୁ କହୁଥିବି ସଭ୍ୟତାର ଆଦିପର୍ବର ଅପାସୋରା କାହାଣୀମାନ। ଲୋଡ଼ା ମୋର କେବଳ ତୁମର ଖୋଲା ଗ୍ରହଣଶୀଳତା।'

ଆଜି କିନ୍ତୁ ଶତାବ୍ଦୀ ଶତାବ୍ଦୀ ପରେ ଆମେ ତା'କୁ ଆବୃତ୍ତ ବା ବସ୍ତ୍ରାବୃତ କଲେ। କାରଣ ତା'ର ନଗ୍ନତାର ପବିତ୍ର ମାଧୁର୍ଯ୍ୟ ଭିତରେ ଅଶ୍ଳୀଳତାର ବିକୃତିକୁ ଖୋଜି ଖୋଜି ଚାଲିଲେ ଆମେ। ଏହା କେବଳ ଏକ ଚିତ୍ରର ତଥାକଥିତ ସଂଶୋଧନ ନୁହେଁ। ଏହା ଆମର ବର୍ତ୍ତମାନର ଏକଦେଶଦର୍ଶୀ ଦୃଷ୍ଟିକୋଣର ପରିଚାୟକ ମାତ୍ର; ଆମର ମହାର୍ଘ ଅତୀତର ଅପାପବିଦ୍ଧ ଜୀବନଧାରାକୁ ବୁଝି ନ ପାରିବାର ବେଦନାଦାୟକ ଅକ୍ଷମତା।

ଇତିହାସକୁ ଯେତେବେଳେ ଆଜିର ବିଡ଼ମ୍ବିତ ଯୁଗରୁଚି, ନୈତିକତା ଓ ପରିବର୍ତ୍ତିତ ମୂଲ୍ୟବୋଧ ସବୁର ମାପକାଠିରେ ମପାଯାଏ ଏବଂ ଇତିହାସର ସାରସୌରଭ ବିନଷ୍ଟ ହୋଇଯାଏ; ସେତେବେଳେ ଇତିହାସ ପୃଷ୍ଠାରେ ଉତ୍କୀର୍ଣ୍ଣ ହୋଇଥିବା ପ୍ରବହମାନ ଆମ ମହାନ ସଭ୍ୟତାର କାହାଣୀଗୁଡ଼ିକ ଆମକୁ ଅସାର, ଅର୍ଥହୀନ ମନେ ହୋଇଥାଏ। ସେଥିପାଇଁ ଆମେ ଇତିହାସର ପୁନଃଲିଖନ/ପୁନଃଚିତ୍ରଣ କରିବା ଭଳି ଅବାଞ୍ଛିତ କର୍ମରେ ବ୍ରତୀ ହୋଇଥାଉ। ଆମେ ଭୁଲିଯାଉ ଅତୀତର ଭାଷା, ଅତୀତର କବିତା ଓ ଚାରୁକଳା, ଅତୀତର ଜୀବନବୋଧର ମହିମା ଓ ମହତ୍ତ୍ୱ। ଭିନ୍ନ ଥିଲା ଅତୀତର ସୌନ୍ଦର୍ଯ୍ୟବୋଧ, ଭିନ୍ନ ଥିଲା ଅତୀତର ଭୌତିକ ତଥା ଆଧ୍ୟାତ୍ମିକ ରୂପରେଖ ଓ ଭାବସ୍ୱର।

ସେହି ଭିନ୍ନତା, ସେହି ଅନନ୍ୟତା ଜାଣିବା ଓ ବୁଝିବା ଆମର ଓ ଆମ ଆଗାମୀ ପିଢ଼ିର ଦାୟାଦମାନଙ୍କ କର୍ତ୍ତବ୍ୟ, ଆମ ଶିକ୍ଷାର ଉଦ୍ଦେଶ୍ୟ। କିନ୍ତୁ ଏକଥା ଆମେ ଭୁଲିଯାଇଥାଉ ସଂକ୍ରାମକ ରୂଢ଼ିବାଦ ଓ ରକ୍ଷଣଶୀଳତାର ଶରବ୍ୟ ହୋଇ। ଭୁଲିଯାଇଥାଉ ଆଜିର ରାଜନୀତି- ଦୋଷଦୁଷ୍ଟ ସାଂସ୍କୃତିକ ରାଷ୍ଟ୍ରବାଦର ଅସହାୟ କ୍ରୀଡ଼ନକ ହୋଇ।

ସିନ୍ଧୁ ସଭ୍ୟତାର ସେହି କମନୀୟା ନୃତ୍ୟରତା ଲଳନାର ନଗ୍ନତା କାଳେ ଆମ ଶିଶୁ, ଆମ କିଶୋର କିଶୋରୀମାନଙ୍କୁ ତୁଚ୍ଛା ଅଶ୍ଳୀଳତାର ପାଠ ଶିଖାଇଦେବ, ସେଥିପାଇଁ ଆଜି ଇତିହାସ ବହିରେ ଆମେ ତା'କୁ ରଖିଦେଇଛୁ ବହଳେ କଳାରଙ୍ଗରେ ଗାଧୋଇ ଦେଇ, ସତେଯେପରି ସେ ପିନ୍ଧିଛି କଳାରଙ୍ଗୀ ଶାଢ଼ି ଖଣ୍ଡେ। ଆମ କୋଣାର୍କ, ଖଜୁରାହୋ ବା ଅନ୍ୟ କେତେ କେତେ ମନ୍ଦିରଗାତ୍ରରେ ଶୋଭାପାଉଥିବା ସଂପୂର୍ଣ୍ଣ ନଗ୍ନ ବା ଅଳ୍ପବସ୍ତ୍ରାବୃତ ରମଣୀମାନଙ୍କୁ ଆମେ ଏବେ ତା'ହେଲେ କ'ଣ ଢାଙ୍କିଦେବା ଶତସହସ୍ର ଘନକୃଷ୍ଣ ପରଦାମାନଙ୍କରେ? ଆଉ କ'ଣ ଆମ ନୟନ ପଥଗାମୀ ହେବେ ନାହିଁ କୋଣାର୍କର ଅପରୂପା ଶାଳଭଂଜିକା ଓ ଅକୁଣ୍ଠିତା ଅଭିସାରିକାମାନେ? ରାଣୀପୁର-ଝରିଆଲର ବିପୁଳତନୁ ବିଶିଷ୍ଟା ନଗ୍ନା ଯୋଗିନୀମାନେ କିମ୍ବା ହୀରାପୁରର ଯୋଗିନୀ ମନ୍ଦିରରେ ସ୍ୱର୍ଗୀୟ ଆଭାଔଜଲ୍ୟରେ ଝଟକୁଥିବା ଲାବଣ୍ୟମୟୀ ମାତୃରୂପା ଦେବୀମାନେ?

କେଉଁଠି ନାହିଁ ଦେହର ଉପାସନା ଓ ଗୌରବଗାନ? କେଉଁଠି ନାହିଁ ମରତନୁର ଉତ୍ସବ? ଆମ ପୂର୍ବପୁରୁଷ ନିର୍ଜୀବ ପ୍ରସ୍ତରରେ ଫୁଟାଇ ଦେଇଥିଲେ ଜୀବନର ରସୋଚ୍ଛଳତା, ନଗ୍ନତାର ଅମୃତମୟ କବିତା। ନଗ୍ନତାକୁ ସେମାନେ ଗ୍ରହଣ କରିଥିଲେ ସୃଷ୍ଟିର ପ୍ରତୀକ ରୂପେ। ସେମାନେ ଅନାବୃତ ଦେହକୁ ଅଶ୍ଳୀଳ ବୋଲି ଭାବୁ ନ ଥିଲେ। କାରଣ ସେ ପ୍ରକାର ବିଷଭାବନା ସେମାନଙ୍କ ଚେତନାକୁ କଳୁଷିତ କରି ନଥିଲା। ଦେହ ଥିଲା ଦିବ୍ୟ। ଦେହ ମାଧ୍ୟମରେ ଦେହାତୀତର ବି କଳ୍ପଦର୍ଶନ କରାଯାଇପାରେ ବୋଲି ଜାଣିଥିଲେ ସେମାନେ। ଦେହର ନଗ୍ନତା କାମନାର ନୁହେଁ, ନିର୍ମଳତାର; ଉତ୍ତେଜନାର ନୁହେଁ, ଉପଲବ୍ଧିର - ଏହି ଜ୍ଞାନରେ ଧନୀ ଥିଲେ ଆମର ପୂର୍ବପୁରୁଷମାନେ, ଆମ ଅତୀତର କବି, ଶିଳ୍ପୀ ଓ ଚିତ୍ରକରମାନେ।

ସତ୍ୟ ସର୍ବଦା ଉଲଗ୍ନ ଓ ଅନାବୃତ। ସିନ୍ଧୁ ସଭ୍ୟତାର ମୂର୍ତ୍ତିକଳା ସେହି ସତ୍ୟର ପରିସ୍ଫୁଟନ କରିଥିଲା ନୃତ୍ୟରତା ଲଳନାର ନଗ୍ନତା ମାଧ୍ୟମରେ। ଯେଉଁ ଦେଶର ଦୂର ଅତୀତ ମାନବଦେହକୁ ଶିଳ୍ପର ଶିଖରକୁ ନେଇଯାଇଥିଲା, ସେହି ଦେଶ ଯଦି ଆଜି ନିଜ ଐତିହ୍ୟକୁ ଦେଖିବାକୁ ସଂକୋଚ କରେ, ସେଇଠି ସାଂସ୍କୃତିକ ପୁନ୍‌ରୁତ୍‌ଥାନ ନୁହେଁ; କେବଳ ସାଂସ୍କୃତିକ ସ୍ମୃତିର ସଂକୋଚନ ହୋଇଥାଏ ଅତି ବିମର୍ଷକର ଭାବରେ। ସତରେ କ'ଣ ଆମେ ଏ ଏକବିଂଶ ଶତାବ୍ଦୀରେ ଅଗ୍ରଗତି କରୁଛେ ଶିକ୍ଷାରେ, ଦୀକ୍ଷାରେ, ବୌଦ୍ଧିକତାରେ କିମ୍ବା ନାନ୍ଦନିକ ରସବୋଧରେ! ଇଏ ଏକ ଅନୁତ୍ତରିତ ପ୍ରଶ୍ନବାଚୀ ନୁହେଁ କି? ●

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)
କୋତିଆଁ ବାରଙ୍ଗ, ମୋ: ୯୮୫୩୩୫୫୧୦୭

## ଆମ ବୃକ୍ଷଲତା ଆମ ଜୀବନ

### କଦଳୀ
(Banana- Musa sapientum)

ପ୍ରକୃତି-ପରିବେଶ

ସୌଭାଗ୍ୟସୁନ୍ଦର

କଦଳୀ ଉଷ୍ମମଣ୍ଡଳୀୟ ଫଳ ମଧ୍ୟରୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଏବଂ ଉତ୍ପାଦନ ଅଙ୍ଗୁର ପରେ ଦ୍ୱିତୀୟ। ପ୍ରତିବର୍ଷ ପ୍ରାୟ ୫ ନିୟୁତ ଟନ୍ କଦଳୀ ଆନ୍ତର୍ଜାତୀୟ ବାଣିଜ୍ୟରେ ପ୍ରବେଶ କରେ, ଯାହା ମଧ୍ୟରୁ ତିନି-ଚତୁର୍ଥାଂଶ ମଧ୍ୟ ଓ ଦକ୍ଷିଣ ଆମେରିକାରେ ଉତ୍ପାଦିତ ହୁଏ। ସର୍ବାଧିକ ଉତ୍ପାଦକ ହେଉଛନ୍ତି ହଣ୍ଡୁରାସ୍, ଇକ୍ୱାଡର୍, ପାନାମା, କଲମ୍ବିଆ ଓ ବ୍ରାଜିଲ୍। ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଉତ୍ପାଦକ ଦେଶଭିତରେ ଭାରତ, ଫିଲିପାଇନ୍ସ, ଥାଇଲ୍ୟାଣ୍ଡ ଓ ଇଣ୍ଡୋନେସିଆ ଅଛନ୍ତି। କଦଳୀ ଉଷ୍ମମଣ୍ଡଳୀୟ ଇଣ୍ଡୋମାଲାୟ(ଭାରତ-ମଳୟ) ଅର୍ଥାତ୍ ଭାରତୀୟ ଉପମହାଦେଶ ତଥା ଦକ୍ଷିଣ-ଏସିଆ ରାଷ୍ଟ୍ର ସମୂହ ଏବଂ ଅଷ୍ଟ୍ରେଲିଆର ମୂଳଜାତ ଉଦ୍ଭିଦ। କଦଳୀର ଅନେକ ପ୍ରକାର ଜାତି ପ୍ରାୟ ୧୩୫ଟି ଦେଶରେ ଚାଷ କରାଯାଏ, ମୁଖ୍ୟତଃ ଫଳ ପାଇଁ, କିଛି ପରିମାଣରେ କାଗଜ ଓ ବସ୍ତ୍ର ତିଆରି ପାଇଁ ଏବଂ କିଛି ସାଜସଜ୍ଜା ପାଇଁ। ୨୦୨୨ ମସିହାରେ ବିଶ୍ୱର ସର୍ବାଧିକ କଦଳୀ ଉତ୍ପାଦକ ଭାରତ ଓ ଚୀନ୍ ଥିଲେ, ଯାହା ମିଳିତ ଭାବରେ ବିଶ୍ୱର ମୋଟ ଉତ୍ପାଦନର ପ୍ରାୟ ୨୬% ଥିଲା।

ସାଧାରଣତଃ କଦଳୀ ଦୁଇ ଶ୍ରେଣୀର, ଯଥା ପାଚିଲା କଦଳୀ ଏବଂ କଞ୍ଚା ବା ପରିବା କଦଳୀ। ଇଂରାଜୀ ଭାଷାରେ ପାଚିଲା କଦଳୀକୁ ବାନାନା ଏବଂ କଞ୍ଚା କଦଳୀକୁ ପ୍ଲାନଟେନ କୁହାଯାଏ। ପାଚିଲା କଦଳୀ ଖାଇବା ପୂର୍ବରୁ ଏହାର ନରମ ଚୋପାକୁ ଛଡ଼ାଇ ଫୋପାଡ଼ି ଦିଆଯାଏ। ପରିବା କଦଳୀକୁ ରନ୍ଧା ହୋଇ ଖିଆଯାଏ। କଦଳୀରୁ ଚିପ୍ସ ଭଳି ଅନେକ ପ୍ରକାରର ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ କରାଯାଏ। ପବିତ୍ର ଓ ଶୁଭ ଅବସରରେ ଖାଦ୍ୟ ଗ୍ରହଣ କରିବା ପାଇଁ କଦଳୀ ପତ୍ରକୁ ପତ୍ର ପ୍ଲେଟ୍ ଭାବରେ ବ୍ୟବହାର କରାଯାଏ। ଶୁଖିଲା ତନ୍ତୁମୟ ପତ୍ର ଡେମ୍ଫ ଆବରଣକୁ ରସି ବା ଦଉଡ଼ି ଭଳି ବାନ୍ଧିବା ସାମଗ୍ରୀ ଭାବରେ ବ୍ୟବହାର କରାଯାଏ। କେତେକ ସମୟରେ କଦଳୀକୁ କୋକୋ ଏବଂ କଫି ପାଇଁ ଛାଇ ଗଛ ଭାବରେ ବ୍ୟବହାର କରାଯାଏ। କଟା ନକଲି ଗଣ୍ଡି ଓ ପତ୍ରକୁ ପଶୁମାନଙ୍କୁ ଖାଇବାକୁ ଦିଆଯାଇପାରିବ। କଦଳୀ ଗଛ ହାତୀ ଭଳି ଅନେକ ବନ୍ୟ ପ୍ରାଣୀଙ୍କ ପ୍ରିୟ ଖାଦ୍ୟ।

ମଧୁମେହ, ହାଇପରକୋଲେଷ୍ଟେରୋଲେମିଆ, ଅଣୁଜୀବ ସଂକ୍ରମଣ, ହାଇପରଲିପିଡେମିଆ, ପ୍ରଦାହ, ଡାଇରିଆ, ଅଲ୍ସର ବା ଘା' ଚିକିତ୍ସା, ଓ କେଶ ଝଡ଼ିବା, ରକ୍ତ ବିଶୋଧନ ପାଇଁ କଦଳୀ ଉପକାରୀ ବୋଲି ଚିକିତ୍ସକମାନେ କହନ୍ତି। କଦଳୀ ଅନେକ ଗୁରୁତ୍ୱପୂର୍ଣ୍ଣ ପୁଷ୍ଟିକର ପଦାର୍ଥର ଏକ ଭଲ ଉତ୍ସ, ଯେଉଁଥିରେ ପୋଟାସିୟମ୍, ମ୍ୟାଗ୍ନେସିୟମ୍, ଫସଫରସ୍, ଫାଇବର, ଭିଟାମିନ୍ ଏ, ବି ୬, ବି ୧୨ ଓ ସି ସମେତ ଫେନୋଲିକ୍ ଏସିଡ୍, ଫ୍ଲାଭୋନଏଡ୍, ଟେଟ୍ରାପେନଏଡ୍, କ୍ୟାଟେକୋଲାମାଇନ୍ସ, ଆଲକାଲଏଡ୍, ସାପୋନିନ୍, ଅତ୍ୟାବଶ୍ୟକ ତେଲ, ଭିଟାମିନ୍, ଗାଲିକ୍ ଏସିଡ୍, ସିରିଙ୍ଗିନ୍ ଓ କାଫିକ୍ ଏସିଡ୍, ଇତ୍ୟାଦି ମହଜୁଦ ଥାଏ। ଏହାର ବିଭିନ୍ନ ଅଂଶ ଯଥା ମୂଳ, ଫଳ, ଚୋପା, କାଣ୍ଡ, ବ୍ର୍ୟାକ୍ଟ, ଫୁଲରେ ଏହି ସବୁ ଉପାଦାନ ଥାଏ।

କଦଳୀର ସମସ୍ତ ଅଂଶ ଉପଯୋଗୀ। ହିନ୍ଦୁ ଧର୍ମରେ, କଦଳୀ ସମୃଦ୍ଧି ଏବଂ ପ୍ରଜନନର ପ୍ରତୀକ ଭାବେ ଗ୍ରହଣୀୟ। ପ୍ରମୁଖ ପର୍ବ ଓ ବିବାହ ସମୟରେ ପ୍ରଚୁରତା ପାଇଁ ଆଶୀର୍ବାଦ ଆହ୍ୱାନ କରିବା ପାଇଁ ଏହାକୁ ଅର୍ପଣ କରାଯାଏ। ବୌଦ୍ଧ ପରମ୍ପରାରେ କଦଳୀକୁ ପ୍ରଚୁରତା ଓ ମନର ପ୍ରତୀକ ଭାବରେ ଅନ୍ତର୍ଭୁକ୍ତ କରାଯାଇଛି। ମନ୍ଦିରଗୁଡ଼ିକ ପ୍ରାୟତଃ କଦଳୀ ପତ୍ର ଏବଂ ଫଳକୁ ଆନୁଷ୍ଠାନିକ ନୈବେଦ୍ୟ ଓ ସାଜସଜ୍ଜାରେ ବ୍ୟବହାର କରାଯାଏ। କଦଳୀ ହେଉଛି ବାଇବଲର 'ଜ୍ଞାନର ଗଛ' ଓ କୋରାନର 'ସ୍ୱର୍ଗଗଛ'। ଏହାର ପ୍ରସାରର ଅନେକ ପଦ୍ଧତି ଅଛି, ଯେପରିକି ବିଭାଜନ, ଶୋଷକ ବା ସକର ଓ ଟିସୁ ବା କୋଷ ବିଭାଜନ ପ୍ରକ୍ରିୟା। ପ୍ରତ୍ୟେକ ପଦ୍ଧତିର ନିଜସ୍ୱ ସୁବିଧା ଓ ବିଚାର ଅଛି। ତେଣୁ ଆବଶ୍ୟକତା ଏବଂ ସମ୍ବଳକୁ ଉପଯୁକ୍ତ କରୁଥିବା ଗୋଟିଏ ବାଛିବା ଗୁରୁତ୍ୱପୂର୍ଣ୍ଣ। ସ୍ଥାନୀୟ ପରିସ୍ଥିତି ଉପରେ ନିର୍ଭର କରି ରୋପଣଠାରୁ ଅମଳ ପର୍ଯ୍ୟନ୍ତ ୯-୧୮ ମାସ ସମୟ ଲାଗେ। କଦଳୀ ବିଭିନ୍ନ ପ୍ରକାରର ମାଟିରେ ବଢ଼ିଥାଏ, ଯେପର୍ଯ୍ୟନ୍ତ ଏହା ଅତି କମରେ ୬୦ ସେଣ୍ଟିମିଟର ଗଭୀର, ଭଲ ଜଳ ନିଷ୍କାସନ ଥାଏ ଓ ସଙ୍କୁଚିତ ହୁଏ ନାହିଁ। ଏଗୁଡ଼ିକ ଦ୍ରୁତ ବଢୁଥିବା ଗଛ। କଦଳୀ ଚାଷ ପରଜୀବୀ ନେମାଟୋଡ୍, କୀଟପତଙ୍ଗ, କବକ, ଜୀବାଣୁ ଜନିତ ରୋଗ ଦ୍ୱାରା କ୍ଷତିଗ୍ରସ୍ତ ହୋଇପାରେ।, ଯାହା ମଧ୍ୟରୁ ଗୋଟିଏ ହେଉଛି ପାନାମା ରୋଗ ଯାହା ଫୁସାରିଅମ୍ ଫଙ୍ଗସ୍ ଦ୍ୱାରା ହୋଇଥାଏ। ●

ଭୁବନେଶ୍ୱର, ମୋ: ୯୪୩୭୧୯୦୪୨୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଫ୍ରାଞ୍ଚାଇଜ୍ ଆଳରେ ୩.୫ କୋଟି ଠକେଇ
# ନେପାଳ-ପଶ୍ଚିମବଙ୍ଗ ସୀମାରୁ ଧରାପଡ଼ିଲା ଧୂର୍ତ୍ତ



- ପଟିଆ, ଖଣ୍ଡଗିରି ଓ ଗଞ୍ଜାମରେ କରିଥିଲା ଅଫିସ୍
- ଦରମା ବାବଦ ୬୩ ଲକ୍ଷ ବି ଚଳୁ କରିଛି
- ନିଜକୁ ପୂର୍ବତନ ସମ୍ବଲପୁର ସାଂସଦଙ୍କ ପୁଅ ବୋଲି କହୁଥିଲା
- ଫସିଛନ୍ତି ୨୫୦ରୁ ଅଧିକ ଲୋକ
- ଆର୍ଥିକ ଖୋଳତାଡ଼ ପାଇଁ ବ୍ୟାଙ୍କକୁ ଚିଠି ଲେଖିବ ପୁଲିସ

ଭୁବନେଶ୍ୱର, ୨୮।୬ (ସମିସ): ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିବା ଭଳି ଦରମା ଟଙ୍କା ନ ଦେବା ମାମଲାର ତଦନ୍ତ କରୁଥିବା ଇନ୍‌ଫୋସିଟି ଥାନା ପୁଲିସ ବଡ଼ଧରଣର ଠକେଇର ପର୍ଦ୍ଦାଫାସ୍ କରିଛି। ଫ୍ରାଞ୍ଚାଇଜ୍ ନାଁରେ ୩.୫ କୋଟି ଟଙ୍କା ଠକି ନେଇଥିବା ଧୂର୍ତ୍ତକୁ ପୁଲିସ ନେପାଳ-ପଶ୍ଚିମବଙ୍ଗ ସୀମାରୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଉଛି ନଖରା ଗ୍ରାଣ୍ଟ ବଜାରରେ ରହୁଥିବା ବରଗଡ଼ ଜିଲ୍ଲା ଭେଡେନ ଥାନା କେନ୍ଦୁପଲ୍ଲୀ ଗାଁର ସଚ୍ଚିଦାନନ୍ଦ ଭୋଇ (୫୧)।

ପୁଲିସ ସୂଚନାନୁଯାୟୀ, ସଚ୍ଚିଦାନନ୍ଦ ନିଜକୁ ସମ୍ବଲପୁରର ପୂର୍ବତନ ସାଂସଦ କୃପାସିନ୍ଧୁ ଭୋଇଙ୍କ ପୁଅ ବୋଲି ପରିଚୟ ଦେବା ସହ ଆଇଆଇଏମ୍ ଅହମ୍ମଦାବାଦରୁ ଗ୍ରାଜୁଏସନ୍ କରିଛି ବୋଲି କହିଥିଲା। 'ଗୋ ସ୍ପିଡି ଗୋ' ନାମକ ଗାଡ଼ି ମରାମତି କମ୍ପାନୀ ଖୋଲି ନିଜେ ସିଇଓ ଭାବେ କାମ କରୁଥିଲା। ସିଡିଏର ବିମଳ କୁମାର ତ୍ରିପାଠୀଙ୍କୁ ମୁଖ୍ୟ ମାନବସମ୍ବଳ ଅଧିକାରୀ, ଅଙ୍କିତ ପରୱଲ ଓ ପ୍ରଶାନ୍ତ ବାରିକ କମ୍ପାନୀର ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦେଇଥିଲା। ସେହିପରି ଗୁଞ୍ଜନ ଆକୃତି ଓ ସୁଜିତ କୁମାର ନାମକ ଦୁଇ ବ୍ୟକ୍ତି କମ୍ପାନୀକୁ ପରିଚାଳନା କରୁଥିଲେ। ପଟିଆ, ଖଣ୍ଡଗିରି ଓ ଗଞ୍ଜାମରେ ନିଜର ଅଫିସ ଖୋଲିଥିଲା।

ରାସ୍ତା, ଘର କିମ୍ବା ଯେ କୌଣସି ସ୍ଥାନରେ ଗାଡ଼ି ଖରାପ ହେଲେ 'ଗୋ ସ୍ପିଡି ଗୋ' କମ୍ପାନୀର ସ୍ୱତନ୍ତ୍ର ଭ୍ୟାନ୍ ଓ ମେକାନିକ୍ ଯାଇ ମରାମତି କରିବେ ବୋଲି ସଚ୍ଚିଦାନନ୍ଦ କହିଥିଲା। ଏହାସହିତ ଫ୍ରାଞ୍ଚାଇଜ୍ ନେଲେ ସ୍ୱତନ୍ତ୍ର ଭ୍ୟାନ୍ ସହ ବ୍ୟାବସାୟିକ ସହଯୋଗ ଯୋଗାଇ ଦିଆଯିବ ଓ ଏଥିରୁ ଭଲ ଲାଭ ମିଳିବ ବୋଲି ସଚ୍ଚିଦାନନ୍ଦ ନିଜ ସହକର୍ମୀମାନଙ୍କୁ ପ୍ରଲୋଭିତ କରିଥିଲା। ସହକର୍ମୀମାନେ ସଚ୍ଚିଦାନନ୍ଦ କଥାରେ ପଡ଼ି ସେମାନଙ୍କ ବନ୍ଧୁବାନ୍ଧବ ଓ ସାଙ୍ଗସାଥୀଙ୍କୁ ବ୍ୟବସାୟ ପ୍ରତି ଆକୃଷ୍ଟ କରିଥିଲେ। କମ୍ପାନୀ କର୍ମଚାରୀ ଓ ଅଧିକାରୀମାନଙ୍କ ମାଧ୍ୟମରେ ଅନେକ ଲୋକ ଫ୍ରାଞ୍ଚାଇଜ୍ ନେବାକୁ ଆବେଦନ କରିଲେ। ପ୍ରତ୍ୟେକ ବ୍ୟକ୍ତି ଫ୍ରାଞ୍ଚାଇଜ୍ ବାବଦରେ ୧ ଲକ୍ଷରୁ ୧.୫ ଲକ୍ଷ ଟଙ୍କା ଲେଖାଏଁ ସଚ୍ଚିଦାନନ୍ଦକୁ ଦେଇଥିଲେ। ହେଲେ ଟଙ୍କା ନେବାପରେ ସଚ୍ଚିଦାନନ୍ଦ ହଠାତ୍ ଗାଏବ ହୋଇ ଯାଇଥିଲା। ଦରମା ନ ପାଇ ବିମଳ କୁମାର ତ୍ରିପାଠୀ ଇନ୍‌ଫୋସିଟି ଥାନାରେ ଏତଲା ଦେବାପରେ ଖୋଳତାଡ଼ ଆରମ୍ଭ କରିଥିଲା ପୁଲିସ।

ଦରମା ଟଙ୍କା ମାମଲାର ତଦନ୍ତ କରୁଥିବା ବେଳେ ପୁଲିସ ବଡ଼ଧରଣର ଠକେଇର ଗନ୍ଧ ବାରିଥିଲା। ପରେ ପରେ ଠକେଇର ଶିକାର ହୋଇଥିବା ଲୋକମାନେ ଇନ୍‌ଫୋସିଟି ପୁଲିସର ଦ୍ୱାରସ୍ଥ ହୋଇଥିଲେ। ସଚ୍ଚିଦାନନ୍ଦ ଫ୍ରାଞ୍ଚାଇଜ୍ ଦେବା ଆଳରେ ପ୍ରାୟ ୨୫୦ ଜଣଙ୍କଠାରୁ ୩.୫ କୋଟି ଟଙ୍କା ଠକି ନେଇଥିବା ପ୍ରାଥମିକ ତଦନ୍ତରୁ ପୁଲିସ ଜାଣିବାକୁ ପାଇଥିଲା। ଏହାସହ କର୍ମଚାରୀ ଓ ଅଧିକାରୀମାନଙ୍କ ଦରମା ନ ଦେଇ ୬୩ ଲକ୍ଷ ଟଙ୍କା ଆତ୍ମସାତ୍ କରି ଦେଇଥିବା ଜଣାପଡ଼ିଥିଲା। ଘଟଣା ପରଠାରୁ ଫେରାର ସଚ୍ଚିଦାନନ୍ଦ ନେପାଳ-ପଶ୍ଚିମବଙ୍ଗ ସୀମାରେ ଥିବା ଖବର ପାଇ ଇନ୍‌ଫୋସିଟି ଥାନାର ସ୍ୱତନ୍ତ୍ର ଟିମ୍ ଦାର୍ଜିଲିଂ ଖରିବାରୀ ଥାନା ପୁଲିସ ସହାୟତାରେ ପାଣିଟାଙ୍କି ଅଞ୍ଚଳରୁ ତାକୁ କାବୁ କରିଥିଲା। ପୁଲିସ ସଚ୍ଚିଦାନନ୍ଦକୁ ସିଲିଗୁଡ଼ି କୋର୍ଟରେ ହାଜର କରି ୪ ଦିନିଆ ଟ୍ରାନଜିଟ୍ ରିମାଣ୍ଡରେ ଆଣି ପଚରାଉଚରା ପରେ ଆଜି କୋର୍ଟ ଚାଲାଣ କରିଛି। ଏତେ ପରିମାଣର ଟଙ୍କା ଠକି ନେଇ କେଉଁଠାରେ ବିନିଯୋଗ କରିଛି, ତାହା ଜାଣିବାକୁ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖାଯିବ ବୋଲି ପୁଲିସ କହିଛି। ସଚ୍ଚିଦାନନ୍ଦ ନାମରେ ପୂର୍ବରୁ କ୍ରାଇମବ୍ରାଞ୍ଚରେ ଗୋଟିଏ, ସ୍ପେଶାଲ କ୍ରାଇମ୍ ୟୁନିଟରେ ଗୋଟିଏ, ସହିଦନଗର ଥାନାରେ ୩ଟି, କ୍ରାଇମ ବ୍ରାଞ୍ଚ ଥାନା, ପାହାଳ ଥାନାରେ ଗୋଟିଏ ଲେଖାଏଁ ମାମଲା ରହିଥିବା ବେଳେ ଝାରସୁଗୁଡ଼ାସ୍ଥିତ ଜିଲ୍ଲା ଖାଉଟି ଅଦାଲତରେ ଜାମିନ ବିହୀନ ୱାରେଣ୍ଟ ଜାରି କରାଯାଇଛି।

## ଅବଶିଷ୍ଟାଂଶ

### ୟୁରୋପରେ ଭୟଙ୍କର...

ହୋଇଛନ୍ତି। ବ୍ରିଟେନ, ଜର୍ମାନୀ, ଡେନମାର୍କ, ସୁଇଜରଲାଣ୍ଡ ମଧ୍ୟ ଭୀଷଣ ଭାବେ କ୍ଷତିଗ୍ରସ୍ତ ହୋଇଛି। ବ୍ରିଟେନ ଓ ଜର୍ମାନୀରେ ତାତି ସ୍ତର ରେକର୍ଡ ଅତିକ୍ରମ କରିସାରିଲାଣି। ସୂଚନାଯୋଗ୍ୟ ଯେ ୨୦୦୩ ରେ ୟୁରୋପରେ ସବୁଠାରୁ ଭୟଙ୍କର ଗ୍ରୀଷ୍ମ ପ୍ରବାହ ହୋଇଥିଲା ଏବଂ ଏଥିରେ ୧୫ ହଜାରରୁ ଅଧିକ ଲୋକ ପ୍ରାଣ ହରାଇଥିଲେ।

### ପୁଣି ଅଶାନ୍ତ...

ଆମେରିକାର ସାମରିକ ପ୍ରତିଷ୍ଠାନଗୁଡ଼ିକୁ ଟାର୍ଗେଟ୍ କରିଛନ୍ତି। କୁଏତ ସେନା ପକ୍ଷରୁ ସୂଚନା ଦିଆଯାଇଛି ଯେ ସେମାନଙ୍କର ଆକାଶ ମାର୍ଗ ପ୍ରତିରକ୍ଷା ପ୍ରଣାଳୀ ଶତ୍ରୁପକ୍ଷର ଅନେକ କ୍ଷେପଣାସ୍ତ୍ରକୁ ଆକାଶରେ ହିଁ ଧ୍ୱଂସ କରିଦେଇଛି। ତେବେ ଆମେରିକା ସେନାର କେତେ କ୍ଷୟକ୍ଷତି ହୋଇଛି, ସେ ନେଇ ସ୍ପଷ୍ଟ ସୂଚନା ମିଳିନାହିଁ।

ଇରାନର ସାମରିକ ନେତୃତ୍ୱ କହିଛନ୍ତି ଯେ ଆମେରିକାର ଆକ୍ରମଣ ଦ୍ୱାରା ରଣନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ହରମୁଜ୍ ଜଳପଥ ଉପରେ ସେମାନଙ୍କର ପ୍ରଭାବ କମିବ ନାହିଁ। ନିୟମ ଉଲ୍ଲଂଘନ କରୁଥିବା ଯେକୌଣସି ଜାହାଜ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହାସହ ଆଗାମୀ ଦିନରେ ଏହି ଅଞ୍ଚଳରେ ଥିବା ସମସ୍ତ ଆମେରିକୀୟ ସାମରିକ ଘାଟି ଉପରେ ଭୟାବହ ଆକ୍ରମଣ କରାଯିବ ବୋଲି ଇରାନ ଚେତାବନୀ ଦେଇଛି। ଇରାନର ଅଭିଯୋଗ ଯେ ଆମେରିକା ପ୍ରଥମେ ଅସ୍ତ୍ରବିରତି ନିୟମ ଭାଙ୍ଗିଛି ଏବଂ ଆଲୋଚନା ମାଧ୍ୟମରେ ଶାନ୍ତି ପ୍ରତିଷ୍ଠା ପ୍ରକ୍ରିୟାକୁ ବନ୍ଦ କରିବାକୁ ଚେଷ୍ଟା କରୁଛି। ଆମେରିକା ସେନା ମୁଖ୍ୟାଳୟ ପକ୍ଷରୁ କୁହାଯାଇଛି ଯେ ପାନାମାର ଏକ ବୃହତ ତେଲ ବାହୀ ଜାହାଜ ଉପରେ ଇରାନର ଡ୍ରୋନ୍ ସାହାଯ୍ୟରେ ଆକ୍ରମଣ କରାଯାଇଥିଲା। ଏହି ଜାହାଜରେ ପ୍ରାୟ କୋଡ଼ିଏ ଲକ୍ଷ ବ୍ୟାରେଲ୍ ଅଶୋଧିତ ତେଲ ରହିଥିଲା। ଏହି ଆକ୍ରମଣ ପରେ ହିଁ ଆମେରିକା ରାଷ୍ଟ୍ରପତିଙ୍କ ନିର୍ଦ୍ଦେଶରେ ଇରାନ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ଏହା ପୂର୍ବରୁ ଗୁରୁବାର ଦିନ ମଧ୍ୟ ଏକ ମାଲବାହୀ ଜାହାଜ ଉପରେ ଇରାନ ଆକ୍ରମଣ କରିଥିଲା।

### ପରିଚୟ ଖୋଜୁଛି...

ପ୍ରମାଣ ନୁହେଁ । ୟୁଆଇଡ଼ିଆଇଏ ପୋର୍ଟାଲରେ ମଧ୍ୟ ଏହା ସ୍ପଷ୍ଟ ଉଲ୍ଲେଖ କରାଯାଇଛି। ସେହିପରି ଭୋଟର ପରିଚୟପତ୍ର କେବଳ ଭୋଟ ଦେବାର ଅଧିକାର ପାଇଁ ବ୍ୟବହାର କରାଯାଇଥାଏ ଓ ଏହା ନାଗରିକତାର ପ୍ରମାଣପତ୍ର ନୁହେଁ ବୋଲି କୁହାଯାଇଛି। ନିର୍ବାଚନ ଆୟୋଗ ମଧ୍ୟ ସର୍ବୋଚ୍ଚ ନ୍ୟାୟାଳୟରେ ଏହା ଉଲ୍ଲେଖ କରି ଭୋଟର କାର୍ଡ ନାଗରିକତାର ଅନ୍ତିମ ପ୍ରମାଣ ନୁହେଁ ବୋଲି କହିଛନ୍ତି। ଅନୁରୂପ ଭାବରେ ପ୍ୟାନ୍ କାର୍ଡ କେବଳ ଆୟକର ଓ ଆର୍ଥିକ କାରବାର ପାଇଁ ବ୍ୟବହୃତ ହୋଇଥାଏ ଏବଂ ବିଦେଶୀ ନାଗରିକ ଓ ବ୍ୟବସାୟିକ ସଂସ୍ଥାମାନେ ମଧ୍ୟ ଭାରତରେ ବ୍ୟବସାୟ ଓ ଟିକସ ଦେବା ପାଇଁ ଭାରତୀୟ ପାନ୍ କାଡର୍ ପାଉଥିବା କୁହାଯାଉଛି। ରାସନ କାର୍ଡ କେବଳ ପରିବାରର ଆର୍ଥିକ ସ୍ଥିତି ଓ ଠିକଣାର ପ୍ରମାଣ ବୋଲି କୁହାଯାଉଛି ଓ ସରକାରୀ ଖାଦ୍ୟ ସୁରକ୍ଷା ଯୋଜନାର ହିତାଧିକାରୀଙ୍କୁ ପ୍ରଦାନ କରାଯାଉଥିବା କୁହାଯାଉଛି। ସେହିପରି ଡ୍ରାଇଭିଂ ଲାଇସେନ୍ସ ଗାଡ଼ି ଚଳାଇବାର ଅନୁମତି ପତ୍ର ମାତ୍ର। ଭିସାରେ ଭାରତକୁ ଆସିଥିବା ବିଦେଶୀମାନଙ୍କୁ ମଧ୍ୟ ଡ୍ରାଇଭିଂ ଲାଇସେନ୍ସ ମିଳିଥିବା ଦୃଷ୍ଟାନ୍ତ ରହିଛି। ତେଣୁ ଏହି ସବୁ ଦସ୍ତାବିଜ ମଧ୍ୟ ନାଗରିକତାର ପ୍ରମାଣ ନୁହେଁ ବୋଲି କୁହାଯାଉଛି । ତେବେ ଭାରତୀୟଙ୍କ ନିକଟରେ ଭାରତବାସୀ ହେବାର ପ୍ରମାଣପତ୍ର ବୋଲି ବର୍ତ୍ତମାନ ସମୟରେ କିଛି ନାହିଁ।

ଗୃହ ମନ୍ତ୍ରଣାଳୟର ସୂଚନା ଅନୁସାରେ ଯେ ଭାରତୀୟ ନାଗରିକତ୍ୱ ପାଇଁ ନାଗରିକତା ଆଇନ ୧୯୫୫ ଓ ପରବର୍ତ୍ତୀ ସଂଶୋଧନକୁ ଆଧାର କରାଯାଇଥାଏ। ଏଥିପାଇଁ କୌଣସି ଗୋଟିଏ ସାର୍ବଜନୀନ ଦସ୍ତାବିଜ ନାହିଁ। ଜନ୍ମ ତାରିଖ, ଜନ୍ମ ସ୍ଥାନ ଓ ପିତାମାତାଙ୍କ ନାଗରିକତା ଭଳି ତଥ୍ୟ ଆଧାରରେ ଏହା ନିର୍ଣ୍ଣୟ କରାଯାଇଥାଏ । ୧ ଜୁଲାଇ ୧୯୮୭ ପୂର୍ବରୁ ଭାରତରେ ଜନ୍ମ ହୋଇଥିବା ବ୍ୟକ୍ତି ସାଧାରଣତଃ ଜନ୍ମ ଆଧାରରେ ଭାରତୀୟ ନାଗରିକ ବୋଲି ମନେ କରାଯାଇଥାଏ। ୧ ଜୁଲାଇ ୧୯୮୭ରୁ ୩ ଡିସେମ୍ବର ୨୦୦୪ ମଧ୍ୟରେ ଜନ୍ମିତ ବ୍ୟକ୍ତିଙ୍କ ପାଇଁ ତାଙ୍କର ପିତା କିମ୍ବା ମାତାଙ୍କ ମଧ୍ୟରୁ ଜଣେ ଭାରତୀୟ ନାଗରିକ ହେବା ଆବଶ୍ୟକ। ମାତ୍ର ୩ ଡିସେମ୍ବର ୨୦୦୪ ପରେ ଜନ୍ମ ହୋଇଥିବା ବ୍ୟକ୍ତିଙ୍କ କ୍ଷେତ୍ରରେ ଉଭୟ ପିତାମାତା ଭାରତୀୟ ନାଗରିକ ହେବା ଜରୁରୀ ବୋଲି କୁହାଯାଉଛି । ମାତ୍ର ଏଥିପାଇଁ କୌଣସି ନାଗରିକତ୍ୱ ପ୍ରମାଣପତ୍ର କାହାରିକୁ ଦିଆଯାଇ ନାହିଁ । ଯାହା ହିଁ ସବୁଠାରୁ ଜଟିଳ ପରିସ୍ଥିତି ସୃଷ୍ଟି କରିଛି । ତେଣୁ ଏହାକୁ ଆଧାର କରି ଆଗାମୀ ଦିନରେ କେନ୍ଦ୍ର ସରକାର ଏନ୍‌ଆର୍‌ସି କାର୍ଯ୍ୟକାରୀ କରିପାରନ୍ତି ବୋଲି ମନେ କରାଯାଉଛି ।

### 'ଶୁଦ୍ଧ ମୁହୂର୍ତ୍ତ'କୁ...

ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ଗୃହମନ୍ତ୍ରୀଙ୍କ ସାକ୍ଷାତ ପରେ ଏ ସଂକ୍ରାନ୍ତରେ ସରଗରମ ହୋଇଥିବା ଚର୍ଚ୍ଚା ଏବେ ସାମାନ୍ୟ ଶୀତଳ ପଡ଼ିଛି।

ତଥାପି ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଗତ ୨୦୧୪ରୁ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ନିରନ୍ତର ମନ୍ତ୍ରୀ ରହି ଆସିଥିବା ଜଣେ ଦୁଇଜଣ ନେତାଙ୍କୁ ଆଗାମୀ ସମ୍ପ୍ରସାରଣରେ ବାଦ ଦିଆଯାଇପାରେ। ସେହିପରି ବର୍ତ୍ତମାନ ରହିଥିବା ମନ୍ତ୍ରୀମାନଙ୍କ ମଧ୍ୟରୁ ଅନେକ ମନ୍ତ୍ରୀଙ୍କ ବିଭାଗ ପରିବର୍ତ୍ତନ ଓ କିଛି ମନ୍ତ୍ରୀଙ୍କୁ ଅବ୍ୟାହତି ଦିଆଯାଇ ସାଂଗଠନିକ କାର୍ଯ୍ୟରେ ନିୟୋଜିତ କରାଯାଇପାରେ। ନିକଟ ଭବିଷ୍ୟତରେ ୩ଟି ରାଜ୍ୟର ରାଜ୍ୟପାଳଙ୍କ କାର୍ଯ୍ୟକାଳ ଶେଷ ହେବ ଓ ଜଣେ ବା ଦୁଇଜଣ ମନ୍ତ୍ରୀଙ୍କୁ ରାଜ୍ୟପାଳ ଭାବରେ ଅବସ୍ଥାପିତ କରାଯାଇପାରେ ବୋଲି ମଧ୍ୟ ସୂଚନା ମିଳିଛି। ପୁନଶ୍ଚ ଶିବସେନାର ଶ୍ରୀକାନ୍ତ ସିନ୍ଦେ, ଏନ୍‌ସିପିର ପ୍ରଫୁଲ୍ଲ ପଟେଲ ବା ସୁନୀଲ ତଟକରେ, ବିଜେପି ନେତା ଦିଲ୍ଲୀପ ଘୋଷ, ଆପ୍ ତ୍ୟାଗ କରି ବିଜେପିରେ ସାମିଲ ହୋଇଥିବା ୭ ସାଂସଦଙ୍କ ମଧ୍ୟରୁ ଜଣେ, ତୃଣମୂଳ ତ୍ୟାଗ କରି ନୂଆ ସିଟିଜେନ୍ସ ପାର୍ଟିରେ ସାମିଲ ହୋଇ ଏନ୍‌ଡ଼ିଏକୁ ସମର୍ଥନ ଦେଇଥିବା ସାଂସଦଙ୍କ ମଧ୍ୟରୁ ଦୁଇଜଣ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇପାରନ୍ତି ବୋଲି ଜାତୀୟ ଗଣମାଧ୍ୟରେ ଚର୍ଚ୍ଚା ଚାଲିଛି। ତେବେ ସବୁଠାରୁ ଚର୍ଚ୍ଚାର ପରିଧି ମଧ୍ୟରେ ରହିଛନ୍ତି ପ୍ରଧାନମନ୍ତ୍ରୀ ମୋଦୀଙ୍କ ପରାମର୍ଶଦାତା ଶକ୍ତିକାନ୍ତ ଦାସ । ସେ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଅବସ୍ଥାପିତ ହୋଇପାରନ୍ତି ବୋଲି କୁହାଯାଉଛି ।

ଅନ୍ୟପକ୍ଷରେ ଓଡ଼ିଶାରେ ବିଜେପି ସରକାର ଗଠନ ହେବା ଦିନଠାରୁ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହେବ ବୋଲି ଶୁଣାଯାଉଛି। ମୋହନ ସରକାରରେ ଖାଲିଥିବା ୬ଟି ମନ୍ତ୍ରୀ ପଦ ପୂରଣକୁ ନେଇ ଗତ ଦୁଇ ବର୍ଷ ମଧ୍ୟରେ ଅନେକ କଳ୍ପନାଜଳ୍ପନା ସୃଷ୍ଟି ହୋଇଛି । ରାଜ୍ୟ ବିଜେପି ପ୍ରଭାରୀଙ୍କ 'ଖୁବ୍ ଶୀଘ୍ର' ଓ ରାଜ୍ୟ ବିଜେପି ସଭାପତିଙ୍କ 'ସଠିକ୍ ସମୟ' ମଧ୍ୟ ଏଯାଏ ହୋଇନାହିଁ। ଏହି ପରିପ୍ରେକ୍ଷୀରେ ମୋଦୀ ସରକାରଙ୍କ ମନ୍ତ୍ରୀ ପରିଷଦର ଆମୂଳଚୂଳ ପରିବର୍ତ୍ତନ ଉତ୍ତାରୁ ରାଜ୍ୟ ସରକାରଙ୍କ କଥିତ ସମ୍ପ୍ରସାରଣ ହେବ ବୋଲି କୁହାଯାଉଥିଲେ ହେଁ ତାହାର ସୋରଶବ୍ଦ ଶୁଭୁନାହିଁ। କେବଳ ମନ୍ତ୍ରୀ ପଦ ନୁହେଁ, ବିଭିନ୍ନ ନିଗମ ଓ ବୋଡର୍‌ଗୁଡ଼ିକରେ ଥଇଥାନ ଆଶାୟୀ ଦଳୀୟ ନେତାମାନେ ବି ଆତୁର ହୋଇ ଚାହିଁ ବସିଛନ୍ତି । ତେଣୁ କେନ୍ଦ୍ର ମନ୍ତ୍ରିମଣ୍ଡଳ ପୁନର୍ଗଠନ ପରେ ଓଡ଼ିଶାରେ ମୋହନ କ୍ୟାବିନେଟ ସମ୍ପ୍ରସାରଣ ହୋଇପାରେ ବୋଲି କୁହାଯାଉଛି ।

### ମହାନଦୀରେ ବୁଡ଼ିଗଲେ ...

ବିଏସ୍‌ସି ଶେଷ ବର୍ଷର ଛାତ୍ର। ନୂଆବଜାର ମହିମାନଗରର ପ୍ରତ୍ୟୁଷ ସ୍ୱାଇଁ(୨୦)ଙ୍କ ଘର ଜଗତସିଂହପୁର କ୍ରିଷ୍ଟାନନ୍ଦପୁର ହୋଇଥିବା ବେଳେ ସେ ଭଡ଼ାରେ ରହୁଥିଲେ। ସମସ୍ତ ଛାତ୍ର ବିଏସ୍‌ସି ଦ୍ୱିତୀୟ ଓ ଶେଷ ବର୍ଷର ଛାତ୍ର ବୋଲି ଜଣାପଡ଼ିଛି। ତେବେ ସନ୍ଧ୍ୟା ୬ଟା୩୦ରୁ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ରେସ୍କ୍ୟୁ ଅପରେସନ୍ ଚାଲିଥିବା ବେଳେ ନିଖୋଜ ୩ଛାତ୍ରଙ୍କ ପତ୍ତା ମିଳି ପାରିନଥିବା ଚାଉଳିଆଗଞ୍ଜ ଅଗ୍ନିଶମ କାର୍ଯ୍ୟାଳୟର ଏଏସ୍‌ଓ ରମେଶଚନ୍ଦ୍ର ବେହେରା ସୂଚନା ଦେଇଛନ୍ତି। ଘଟଣାସ୍ଥଳରେ ଜଗତପୁର ଥାନା ପୁଲିସ ରେସ୍କ୍ୟୁ ଅପରେସନ୍‌ରେ ସାମିଲ ଅଛନ୍ତି।

ଅଗ୍ନିଶମ ବାହିନୀ ସୂଚନା ଅନୁସାରେ, ନୂଆବଜାର ଛକରେ ଅରିଜିତ୍, ମୁକ୍ତି, ଅମ୍ଲାନ୍ ଓ ପ୍ରତ୍ୟୁଷ ଆଜି ଅପରାହ୍ଣ ୨ଟାରେ ଏକତ୍ରିତ ହୋଇଥିଲେ। ଏହାପରେ ସାତବାଟିଆ ପାଖରେ ଥିବା ଖଇରାଘାଟରେ କମ୍ ପାଣିଥିବା ଆଲୋଚନା ହୋଇଥିଲା। ୪ଜଣ ସାଙ୍ଗ ଗୋଟିଏ ସ୍କୁଟି ଓ ଗୋଟିଏ ବାଇକ୍ ଯୋଗେ ମହାନଦୀର ଖଇରାଘାଟ ନିକଟରେ ୪ଟା ୨୦ସୁଦ୍ଧା ପହଞ୍ଚିଥିଲେ। ସେଠାରେ ଡ୍ରେସ୍ ବଦଳାଇ ନଦୀ ମଧ୍ୟକୁ ପ୍ରବେଶ କରିଥିଲେ। ପ୍ରତ୍ୟୁଷଙ୍କୁ ପହଁରା ଜଣାଥିବା ବେଳେ ଅନ୍ୟ ୩ଜଣଙ୍କୁ ଆଦୌ ପହଁରା ଜଣା ନଥିଲା। ୪ଜଣ ସାଙ୍ଗ ଗରମରୁ ମୁକ୍ତି ପାଇବା ପାଇଁ ନଦୀ ମଧ୍ୟକୁ ପ୍ରବେଶ କରିଥିଲେ। କୂଳରୁ କିଛି ଦୂର ନଦୀ ମଧ୍ୟକୁ ପ୍ରବେଶ କରିବା ପରେ ପ୍ରଥମେ ଅମ୍ଲାନ୍‌ଙ୍କ ପାଦ ଖସିଯାଇଥିଲା। ନଦୀର ଅନ୍ତଃସ୍ରୋତ ତାଙ୍କୁ ନଦୀଗର୍ଭକୁ ଟାଣି ହୋଇଯାଇଥିବା ବେଳେ ପହଁରା ଜାଣିଥିବାରୁ ସେ ପହଁରି ପହଁରି କୂଳକୁ ଆସି ନିଜ ଜୀବନ ବଞ୍ଚାଇ ପାରିଥିଲେ। ଏହାରି ଭିତରେ ଅରିଜିତ୍, ମୁକ୍ତି ଓ ପ୍ରତ୍ୟୁଷ ବୁଡ଼ିଯାଇଥିଲେ। ୩ଜଣ ସାଙ୍ଗ ପରସ୍ପର ଭିତରେ ହାତ ଧରାଧରି ହୋଇ କୂଳକୁ ଆସିବାକୁ ଚେଷ୍ଟା କରିଥିବା ବେଳେ ବିଫଳ ହୋଇଥିଲେ। ମହାନଦୀର ପ୍ରଖର ସ୍ରୋତ ଓ ଅନ୍ତଃସ୍ରୋତ ସେମାନଙ୍କୁ ନଦୀ ଗର୍ଭକୁ ଭସାଇ ନେଇ ବୁଡାଇ ଦେଇଥିଲା। ଜୀବନ ରକ୍ଷା କରି କୂଳକୁ ଆସିଥିବା ଅମ୍ଲାନ୍ ତୁରନ୍ତ ସ୍ଥାନୀୟ ଲୋକଙ୍କୁ ଡାକିବା ସହିତ ପୁଲିସ ଓ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ।

ଖବର ପାଇ ଘଟଣାସ୍ଥଳରେ ଚାଉଳିଆଗଞ୍ଜ ଅଗ୍ନିଶମ ବିଭାଗର ଏକ ୮ଜଣିଆ ରେସ୍କ୍ୟୁ ଟିମ୍ ପହଞ୍ଚି ଅତ୍ୟାଧୁନିକ ପାୱାର୍ ବୋଟ୍ ସାହାର୍ଯ୍ୟରେ ନଦୀରେ ଖୋଜାଖୋଜି ଆରମ୍ଭ କରିଥିଲେ। ଜଗତପୁର ଥାନା ପୁଲିସ ସେଠାରେ ପହଞ୍ଚି ସାରିଥିଲା। ଅନ୍ଧାର ହେବାରୁ ଲାଇଟ୍ ଲଗାଯାଇ ସର୍ଚ୍ଚ ଅପରେସନ୍ କରାଯାଇଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ନିଖୋଜ ୩ଜଣ ଛାତ୍ରଙ୍କ ଖୋଜଖବର ମିଳି ପାରିନାହିଁ। ଆସନ୍ତା କାଲି ସକାଳୁ ପୁଣି ଥରେ ରେସ୍କ୍ୟୁ ଅପରେସନ୍ କରାଯିବ ବୋଲି ଜଣାପଡ଼ିଛି। ଘଟଣାସମ୍ପର୍କରେ ଏଏସ୍‌ଓ ଶ୍ରୀ ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ଖଇରା ଘାଟରେ ଦୂରରୁ କମ୍ ପାଣି ରହିଥିବା ଦୃଶ୍ୟମାନ ହେଉଥିବା ବେଳେ ବାସ୍ତବରେ ସେମିତି ନୁହେଁ। ସେଠାରେ ନଦୀ କୂଳରେ ଗଭୀର ଜଳରାଶି ରହିଛି। ଅଣ୍ଡର୍ କରେଣ୍ଟ ଯୋଗୁଁ ସେଠାରେ ଏଭଳି ଅଘଟଣ ଘଟିଛି।

### ଆଷାଢ଼ ଅଧା...

ରେକର୍ଡ ହୋବୋ ବେଳେ ସୁନ୍ଦରଗଡ଼ରେ ୭୨, ମାଲକାନଗିରିରେ ୭୦, କଳାହାଣ୍ଡି ୭୩, ବଲାଙ୍ଗୀର ୬୩, ଅନୁଗୋଳ ୬୬, ପୁରୀରେ ୬୫ ପ୍ରତିଶତ କମ୍ ବର୍ଷା ରେକର୍ଡ ହୋଇଛି। ମୟୂରଭଞ୍ଜ, ଗଞ୍ଜାମ, ବାଲେଶ୍ୱର ଆଦି ଜିଲ୍ଲାରେ ମଧ୍ୟ ଯଥେଷ୍ଟ କମ୍ ବର୍ଷା ରହିଛି। ନିଅଣ୍ଟିଆ ବର୍ଷା ଜନିତ ସ୍ଥିତିରେ ପଶ୍ଚିମ ଓ କେନ୍ଦ୍ରୀୟ ଓଡ଼ିଶା ସବୁଠୁ ଅଧିକ ପ୍ରଭାବିତ ହୋଇଥିବାରୁ ଏଠାରେ ଚାଷ କାର୍ଯ୍ୟ ଆରମ୍ଭ ହେବାରେ ଯଥେଷ୍ଟ ବିଳମ୍ବ କିମ୍ବା ଗଜା ମରୁଡ଼ି ସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି, ଓଡ଼ିଶାରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଏବେ ବି ଦୁର୍ବଳ ଓ ଅସମାନ ଅବସ୍ଥାରେ ରହିଛି। ବିଶ୍ୱସ୍ତରୀୟ ପାଣିପାଗ ମଡେଲ୍ ଅନୁସାରେ ୧-୩ ଜୁଲାଇ ମଧ୍ୟରେ ବଙ୍ଗୋପସାଗରର ଏକ ଦୁର୍ବଳ ଲଘୁଚାପ ସୃଷ୍ଟି ହୋଇପାରେ। ମୌସୁମୀ ଅକ୍ଷରେଖା ମଧ୍ୟ ଜୁଲାଇ ପ୍ରଥମ ସପ୍ତାହରେ ଧୀରେ ଧୀରେ ସକ୍ରିୟ ହେବାର ସମ୍ଭାବନା ରହିଛି। ତେଣୁ ସମଗ୍ର ରାଜ୍ୟରେ ହଠାତ୍ ବ୍ୟାପକ ବର୍ଷା ହେବା ପରିବର୍ତ୍ତେ ବର୍ଷା କ୍ରମେ ବଢ଼ିବାର ସମ୍ଭାବନା ଅଧିକ ରହିଛି। ଜୁଲାଇ ପ୍ରଥମରୁ ଦ୍ୱିତୀୟ ସପ୍ତାହ ମଧ୍ୟରେ ଚାଷ ପାଇଁ ଅଧିକ ଅନୁକୂଳ ବର୍ଷା ମିଳିବାର ସମ୍ଭାବନା ରହିଛି। ଏହାର ସଠିକ୍ ସମୟ ଓ ସ୍ଥାୟୀତ୍ୱ ବଙ୍ଗୋପସାଗରର ପାଣିପାଗ ବ୍ୟବସ୍ଥା ଏବଂ ମୌସୁମୀ ଅକ୍ଷରେଖାର ବିକାଶ ଉପରେ ନିର୍ଭର କରିବ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

ଚଳିତ ବର୍ଷ ଏଲ୍ ନିନୋ ପ୍ରଭାବ ଯୋଗୁଁ ଦେଶରେ ମୌସୁମୀ ପ୍ରବାହ ଦୁର୍ବଳ ରହିବା ସହ ସ୍ୱାଭାବିକ ତୁଳନାରେ କମ୍ ବର୍ଷା ଆକଳନ କରାଯାଇଥିଲା। ଏଥିପାଇଁ ଖରିଫ୍ ଋତୁ ପାଇଁ ବିହନ ବୁଣା ବୁଣି କାର୍ଯ୍ୟ ପାଇଁ ପୂର୍ବ ପ୍ରସ୍ତୁତି ରହିବାକୁ ବିଶେଷଜ୍ଞମାନେ ପରାମର୍ଶ ଦେଇଥିଲେ। କୋରାପୁଟ, ମାଲକାନଗିରି, ଦେବଗଡ଼, ସୁନ୍ଦରଗଡ଼, କଳାହାଣ୍ଡି ଆଦି ଜିଲ୍ଲାରେ ଚାଷୀମାନେ ଏପର୍ଯ୍ୟନ୍ତ ଚାଷ ଆରମ୍ଭ କରି ପାରୁ ନ ଥିବାରୁ ଚିନ୍ତାରେ ପଡ଼ିଛନ୍ତି। ଜଳସେଚନ ସୁବିଧା କମ୍ ଥିବା ଢିପ ଜମିର ପରିସ୍ଥିତି ଆହୁରି ସମ୍ବେଦନଶୀଳ ରହିଛି। ବର୍ଷା ଅଭାବ ଯୋଗୁଁ ଜଳଭଣ୍ଡାରଗୁଡ଼ିକର ଜଳସ୍ତର ମଧ୍ୟ କମ୍ ରହିଛି, ଯାହା ପରବର୍ତ୍ତୀ ଋତୁ ପାଇଁ ଚିନ୍ତା ବଢ଼ାଇଛି। ଆଇଏମ୍‌ଡିର ପୂର୍ବାନୁମାନ ଅନୁଯାୟୀ ଜୁଲାଇ ୨ ପର୍ଯ୍ୟନ୍ତ ରାଜ୍ୟର ଅଧିକାଂଶ ସ୍ଥାନରେ ସାଧାରଣରୁ କମ୍ ବର୍ଷା ହେବାର ସମ୍ଭାବନା ରହିଛି। ଜୁଲାଇ ଆରମ୍ଭରୁ ପରିସ୍ଥିତିରେ ଉନ୍ନତି ଆସିପାରେ। ଜୁଲାଇ ୩-୪ ପରେ ଉତ୍ତର ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଥିବାରୁ ବର୍ଷା ସାମାନ୍ୟ ବଢ଼ିବା ନେଇ ଆଶା ରହିଛି। ଜୁନ୍ ୨୦୨୬ ଓଡ଼ିଶା ପାଇଁ ଏକ ଆହ୍ୱାନ ପୂର୍ଣ୍ଣ ମୌସୁମୀ ବର୍ଷ ହୋଇଥିବା ବେଳେ ଜୁଲାଇରେ ମୌସୁମୀ ସକ୍ରିୟ ନ ହେଲେ ପରିସ୍ଥିତି ଆହୁରି ଭୟଙ୍କର ହେବାର ଆଶଙ୍କା ସୃଷ୍ଟି କରିଛି।

## ଆଜିର ରାଶିଫଳ

**ମେଷ:** ଅଫିସ୍ କାର୍ଯ୍ୟ ପ୍ରଭାବିତ ହେବ। ଖାଦ୍ୟପାନୀୟ ପ୍ରତି ଧ୍ୟାନ ରଖିବେ। ମହିଳାଙ୍କଠାରେ ଆଣ୍ଠୁଗଣ୍ଠି ସମସ୍ୟା ଦେଖାଦେବ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ ।

**ବୃଷ:** ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ। ବ୍ୟବସାୟରେ ସମସ୍ୟାକୁ ସାମ୍ନା କରିବେ। ଆର୍ଥିକ କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହେବ। ମନ ପ୍ରସନ୍ନ ରହିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ମିଥୁନ:** ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ବିଦେଶ ଯାତ୍ରା ଯୋଗ ରହିଛି। ପରିବାର ସହିତ ହସଖୁସିରେ ସମୟ ଅତିବାହିତ କରିବେ।

**କର୍କଟ:** ଶାନ୍ତ ଓ ଖୁସି ମନରେ ସମସ୍ତ କାମ ପୂରା କରିବେ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ଜୀବନସାଥୀଙ୍କ ସହ ବୁଲିବାକୁ ଯିବେ। ଆଇଟି କ୍ଷେତ୍ରରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

**ସିଂହ:** ବ୍ୟବସାୟରେ ବିରୋଧୀଙ୍କୁ ସାମ୍ନା କରିବେ। ନୂଆ କାମରେ ବନ୍ଧୁ ତଥା ପରିବାର ସଦସ୍ୟଙ୍କ ସହଯୋଗ ମିଳିବ। ବିବାହ ପ୍ରସ୍ତାବ ସ୍ଥିର ହେବ। ଦେବ କାର୍ଯ୍ୟରେ ମନୋଯୋଗ ଦେବେ।

**କନ୍ୟା:** ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ବିଦ୍ୟାର୍ଥୀ ପ୍ରବେଶିକା ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ।

**ତୁଳା:** କୋର୍ଟକଚେରୀ ମାମଲାରେ ବିଜୟ ଲାଭ କରିବେ। ପାରିବାରିକ ବିବାଦ ଦେଖା ଦେବ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ବିଛା:** ଅନଲାଇନ୍ ବ୍ୟବସାୟୀଙ୍କୁ ଲାଭ ମିଳିବ। ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖା ଦେବ। ଭାଇ-ଭଉଣୀଙ୍କ ସମ୍ପର୍କ ମଜଭୁତ ହେବ। ଦାମ୍ପତ୍ୟ ଜୀବନ ଅଶାନ୍ତି ଭିତରେ ଗତି କରିବ।

**ଧନୁ:** କର୍ମ ଚଞ୍ଚଳ ରହିବେ। ଧାର୍ମିକ କାର୍ଯ୍ୟ ପ୍ରତି ରୁଚି ବଢ଼ିବ। ଅଫିସ୍ କାର୍ଯ୍ୟରେ ସମସ୍ୟା ଆସିବ। ସମୟ ପୂର୍ବରୁ କାମ ଶେଷ କରିବେ। ଆୟର ନୂତନ ମାର୍ଗ ଉନ୍ମୋଚନ ହେବ।

**ମକର:** ଆୟଠୁ ଅଧିକ ବ୍ୟୟ ହେବ। ପରିବାର ସଦସ୍ୟଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ସ୍ୱାସ୍ଥ୍ୟ ପ୍ରତି ସଚେତନ ହେବେ। ଅଯଥା ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**କୁମ୍ଭ:** ଧାର କରଜରୁ ଦୂରେଇ ରହିବେ। ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳ ହେବେ। ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ମୀନ:** ଦିନଟି ବ୍ୟସ୍ତତା ଭିତରେ କଟିବ। ପରିବାରରେ ହସଖୁସିର ପରିବେଶ ରହିବ। ଖେଳାଳୀଙ୍କ ପାଇଁ ଅନୁକୂଳ ସମୟ। ଧନଲାଭ ଯୋଗ ଅଛି। ଦାମ୍ପତ୍ୟ ଜୀବନ ସୁଖମୟ ହେବ।


**AFFIDAVIT**

I Muslima Sultana, W/o- Mohammad Feraz Ahamad, At/Po/Ps-Champua, Dist-Keonjhar, Odisha-758041. Declare by this affidavit No. 2048 dated 24.06.2026 that now onwards I shall be known as Muslima Sultana, W/o- Mohammed **Feraz Ahamad** for all future purposes.

**NOTICE FOR MINOR**

By virtue of an affidavit sworn before Notary Public, Karanjia, dated 27.06.2026,I, Pabitra Das, Address At-Kirikichipal, Po-Champajhar, Ps-Mahuldiha, Dist.-Mayurbhanj, Pin-757038, Odisha declare that I have changed the name of my daughter from Reena Das to Sruti Priya Das. Henceforth, she shall be known as **Sruti Priya** Das for all purposes.

PABITRA DAS

**AFFIDAVIT**

By virtue of an affidavit no.100 before the Executive Magistrate, Papadahandi, dtd. 12.06.2026, I, Ramabati Bhatra, Vill- Daleiguda, P.O./P.S. Papadahandi, Dist. Nabarangpur hereby declare that the name of my minor daughter has been changed from "Sabetri Bhatara" to "Laxmi Bhatra". Henceforth, she shall be known and called as **Laxmi Bhatra** for all purposes.

Sd/- Ramabati Bhatra

**REQUIREMENT**

Civil Engg. Diploma / Degree Required Experience-10yrs in building construction. Site- Cuttack, Project- CPWD project Joining within 10days. Salary: 15-30K, Company will give Accommodation & Fooding.

**Contact No.: 9547756937**
**Mr. Santu Mondol**



**OFFICE OF THE MUNICIPAL COUNCIL, BOUDHGARH**
**Boudh, PIN: 762014**
**E-mail:** boudhgarhnac@yahoo.co.in, **Ph. No.:** 06841-223024

13001/1011/2627

**"e" Procurement Notice**
**Bid Identification No.:** OR/ULB/BUDM/02/2026-27
**Tender Call Notice No.:** 1952, **Date:** 19.06.2026

1. **Name of Work:** Civil works as mentioned in website.
2. **No. of Works:** 4 No. of Civil Works.
3. **Bid Value: Rs. 4,94,651.00 to Rs. 16,75,523.00**
4. **Date & Time of Availability / Receipt of Bid Documents in the Portal:** From **10:00 A.M. on 23.06.2026** to **5:00 P.M. on 29.06.2026.**
5. **Opening of Online Bids: 30.06.2026 at 11:00 A.M.**
6. **Submission of Original Documents:** On or before **10:30 A.M. on 30.06.2026.**
7. **Name & Address of the Officer Inviting Bid: Executive Officer, Boudhgarh Municipality.**

**For further details can be seen from the Procurement portal:** www.tendersorissa.gov.in

**Executive Officer**
**Boudhgarh Municipality**

OIPR-13001/13155/1/26-27/0002



25001/543/2627

E.Mail: rw_sundargarh@yahoo.co.in

GOVERNMENT OF ODISHA
**OFFICE OF THE SUPERINTENDING ENGINEER**
**RURAL WORKS DIVISION, SUNDARGARH**
**E-PROCUREMENT NOTICE**
**BID IDENTIFICATION NO. ONLINE-SESNG-07 OF 2026-27**

1 Name of the Work : Building Work
2 Total No. of Works : 1 No. Building
3 Estimated Cost : From **Rs. 46.98 Lakhs**
4 Class of Contractor : Only **'B'**
5 Period of Completion : **06 Calendar Months**
6 Type of Tender : **Single Cover**
7 Other Details

| Procurement Officer | Bid Identification No. | Availability of Tender On-line for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Superintending Engineer, Rural Works Division, Sundargarh | Online-SESNG-07 of 2026-27 | 29.06.2026 11.00 A.M. | 09.07.2026, 06:00 P.M. |

Further details can be seen from the website: **www.tendersodisha.gov.in**

**Superintending Engineer**
**Rural Works Division, Sundargarh**

OIPR-25001/25046/1/26-27/0010



25001/539/2627

E.Mail: rw_sundargarh@yahoo.co.in

GOVERNMENT OF ODISHA
**OFFICE OF THE SUPERINTENDING ENGINEER**
**RURAL WORKS DIVISION, SUNDARGARH**
**E-PROCUREMENT NOTICE**
**BID IDENTIFICATION NO. ONLINE-SESNG-09 OF 2026-27**

1 Name of the Work : Road Work
2 Total No. of Works : 7 No. Roads
3 Estimated Cost : From **Rs. 57.80 Lakhs to Rs. 72.03 Lakhs**
4 Class of Contractor : Only **'B'**
5 Period of Completion : **01 and 02 Calendar Months**
6 Type of Tender : **Double Cover**
7 Other Details

| Procurement Officer | Bid Identification No. | Availability of Tender On-line for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Superintending Engineer, Rural Works Division, Sundargarh | Online-SESNG-09 of 2026-27 | 30.06.2026, 10:00 A.M. | 14.07.2026, 06:00 P.M. |

Further details can be seen from the website: **www.tendersodisha.gov.in**

**Superintending Engineer**
**Rural Works Division, Sundargarh**

OIPR-25001/25046/1/26-27/0009



**HOUSING & URBAN DEVELOPMENT DEPARTMENT, GOVT. OF ODISHA**
**OFFICE OF THE MUNICIPAL COUNCIL, KABISURYANAGAR**
AT/PS- KABISURYANAGAR, DIST- GANJAM (ODISHA), PIN-761104
**EMAIL:** KSNNAC@REDIFFMAIL.COM, **PHONE:** 06810-295444
**Letter No.:** 1349, **Date:** 23/06/2026

13001/1006/2627

**EXPRESSION OF INTEREST**

Executive Officer, KabisuryaNagar Municipality, Kabisuryanagar on behalf of Municipal Council, Kabisuryanagar Municipality, Kabisuryanagar invites Expression of Interest for detailed survey and Preparation of Quantity Survey (Calculation city volume) Report for "Rejuvenation of different Water Bodies within Kabisuryanagar Municipality area" from Registered / Experienced / Reputed Consultants/Architects.

Details of the EOI can be obtained from the office of Kabisuryanagar NAC by paying the Bid Processing Fees/Tender Cost Fee **Rs. 400 (Rupees Four Hundred)** only, non-refundable, during office hours on or before the due date.

The completed application, as per instructions in the RFP document, should reach the following address by hand / registered post / speed post / courier latest by **17:00 Hrs on 04.07.2026**. Kabisuryanagar Municipality reserves the sole right to accept or reject any or all proposals without assigning any reason whatsoever.

**Executive Officer**
**Kabisuryanagar Municipality**

OIPR-13001/13208/1/26-27/0002



25001/548/2627

E-Mail ID: eerw_blgr@yahoo.co.in

GOVERNMENT OF ODISHA
**OFFICE OF THE SUPERINTENDING ENGINEER**
**RURAL WORKS DIVISION: BOLANGIR**
**e-Procurement Notice**
**IFB IDENTIFICATION NO. EEBLGR-Online-02-2026-27**

| | | |
|---|---|---|
| 1 | Name of Work | Road Works |
| 2 | Total No. of Works | **15 (Fifteen) Nos.** |
| 3 | Approximate Estimated Cost | **Rs. 21.01 to Rs. 40.34 Lakh** |
| 4 | Time for Completion | **2 (Two) Calendar Months** |
| 5 | Mode of Submission of Tender | Tender should be submitted online in www.tendersodisha.gov.in |
| 6 | Other Details are as follow | As per **TCN No. EEBLGR-Online-02/2026-27** |

| Procurement Officer | Bid Identification No. | Availability of Tender online for bidding | | Last Date & Time for Seeking Clarification | Date & Time of Opening |
|---|---|---|---|---|---|
| | | From | To | | |
| Executive Engineer, R.W. Division, Bolangir | EEBLGR-Online-02/2026-27 | 30.06.2026 at 11:00A.M | 14.07.2026 up to 5:00 P.M. | 13.07.2026 up to 1:00 P.M. | 15.07.2026 at 11:00 A.M. |

- Further details can be seen from the website **www.tendersodisha.gov.in**.
- Any **Corrigendum/Addendum** will be displayed only on the above e-Tender website.

**Executive Engineer**
**R.W. Division, Bolangir**

OIPR-25001/25068/1/26-27/0001

### ସିପିଆଇର ସାଧାରଣ କର୍ମୀ ସମାବେଶ

# କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକୁ ନିନ୍ଦା

ରମ୍ଭା,୨୮।୬(ସମିସ):



ରବିବାର ଦିନ କଲେଜ ଛକ କଲ୍ୟାଣ ମଣ୍ଡପ ପରିସରରେ ସିପିଆଇ ଗଞ୍ଜାମ ଆଞ୍ଚଳିକ ପରିଷଦର କର୍ମୀ ସମାବେଶ ସାଥି ସଦାନନ୍ଦ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସମାବେଶରେ ପାର୍ଟିର ଜାତୀୟ ପରିଷଦ ସଭ୍ୟ ତଥା ପୂର୍ବତନ ବିଧାୟକ ଏନ. ନାରାୟଣ ରେଡ଼ି, ଜିଲ୍ଲା ସମ୍ପାଦକ ଶ୍ରୀ ହର୍ଷରଥ, ସହ ସମ୍ପାଦକ ନୀଳକଣ୍ଠ ଦାସ ଓ ପ୍ରଦୀପ ସେଠି, ଜନାର୍ଦ୍ଦନ ରେଡ଼ି, ସୀମାଞ୍ଚଳ ବେହେରା, ଜିଲ୍ଲା କାର୍ଯ୍ୟକାରୀ କମିଟି ସଭ୍ୟ ଦୁର୍ଗା ଚରଣ ପାତ୍ର ପ୍ରମୁଖ ମଞ୍ଚାସିନ ଥିଲେ। ଡବଲ ଇଂଜିନ ସରକାର ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମିଥ୍ୟା ପ୍ରଲୋଭନ ଦେଖାଇ ନିଜର ଆସନକୁ ଦୃଢ଼ୀଭୁତ କରିବା ପାଇଁ ଉଦ୍ୟମ କରିଛନ୍ତି ବୋଲି ଉପସ୍ଥିତି ଅତିଥିମାନେ ମତପୋଷଣ କରିଥିଲେ। ତତ ସହିତ ଦେଶ ଓ ରାଜ୍ୟର ରାଜନୈତିକ ଅବସ୍ଥା, ଜନସାଧାରଣଙ୍କ ନଗଦ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଏଥି ସହିତ ଚାଷୀ ଓ କ୍ଷେତ ମଜଦୁର, ଶ୍ରମିକ ମାନଙ୍କ ସମସ୍ୟା ଉପରେ ଧ୍ୟାନ ଆକର୍ଷଣ କରିବା ସହିତ ଦେଶର ସମ୍ପତିକୁ ଶାଗ ମାଛ ଦରରେ ଆଦାନୀ ଓ ଆମ୍ବାନୀ ହାତରେ ଟେକି ଦେଉଛନ୍ତି। ପାର୍ଟିକୁ ଦୃଢ଼ ଶକ୍ତି ଠିଆ କରିବା ପାଇଁ ଗଣପାଣ୍ଠି ଆଦାୟ ପାର୍ଟିକୁ ମଜଭୁତ କରିବ ବୋଲି ଜଣାଇଥିଲେ। ପାର୍ଟିକୁ ଚଳଚଞ୍ଚଳ କରିବା ପାଇଁ ଜେ ଭାସ୍କର ପାତ୍ର(ସମ୍ପାଦକ ), ପ୍ରତାପ ବିଶ୍ୱାଳ ଓ ରଜନୀକାନ୍ତ ବେହେରାଙ୍କୁ ସହ ସମ୍ପାଦକ ରୂପେ ସର୍ବ ସମ୍ମତି କ୍ରମେ ମନୋନୀତ କରାଯାଇଛି। ବରିଷ୍ଠ ତଥା ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ନାରାୟଣ ନାୟକ ଧନ୍ୟବାଦ ଦେଇ ସଭାସାଙ୍ଗ କରିଥିଲେ। କାର୍ଯ୍ୟକ୍ରମକୁ ସଂଚାଳନରେ ସହଯୋଗ କରିଥିଲେ ପୂର୍ବତନ ସରପଞ୍ଚ ତୋଫାନ ନାହାକ, ୧୩ନଂ କାଉନସିଲର ନିରାକାର ବେହେରା, ୧୨ନଂ କାଉନସିଲର କ୍ଷେତ୍ର ମୋହନ ବେହେରା, କୃଷକ ନେତା ଜେ ଲୋକନାଥ ପାତ୍ର, ଗୋପାଳ ରେଡ଼ି ଚକ୍ର ପାଣି ରେଡ଼ି, ପୂର୍ଣ୍ଣ ଚନ୍ଦ୍ର ବିଶ୍ୱାଳ, କବି ବିଶ୍ୱାଳ, ଏମ ରାମଚନ୍ଦ୍ର ପାତ୍ର, ନରେନ୍ଦ୍ର ବେହେରା, ଏନ ମାଧବ ରାଓ, ଫକୀର ବେହେରା, ଘନଶ୍ୟାମ ନାହାକ, ରାଧା ମୋହନ ପ୍ରଧାନ, ଜଗଦୀଶ ପାତ୍ର ପ୍ରମୁଖ ସହଯୋଗ କରିଥିଲେ।

# ଜିଲ୍ଲାସ୍ତରୀୟ ପଲ୍ସ ପୋଲିଓ ଦିବସ

ବ୍ରହ୍ମପୁର,୨୮।୬(ସମିସ): ରାଜ୍ୟରେ ଜନ୍ମ ଠାରୁ ୫ ବର୍ଷ ବୟସର ଶିଶୁମାନଙ୍କୁ ପୋଲିଓମୁକ୍ତ ରଖିବା ଲକ୍ଷ୍ୟରେ ଚଳିତ ମାସ ୨୮ରୁ ୩୦ତାରିଖ ପର୍ଯ୍ୟନ୍ତ ଆଇପିପିଆଇ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ସେହିକ୍ରମେ ସିଟି ହସ୍ପିଟାଲର ପରିସରରେ ଜିଲ୍ଲା ସ୍ତରୀୟ ପଲ୍ସ ପୋଲିଓ ଦିବସ ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ନିର୍ଦ୍ଦେଶକ .ସନ୍ତୋଷ କୁମାର ପାଢ଼ୀ, ସିଡ଼ିଏମଓ ଡା.ଭବାନୀ ଶଙ୍କର ମିଶ୍ର, ଡିପିଏଚ୍ଓ ଡା.ବାଲୁଙ୍କେଶ୍ୱର ଷଡ଼ଙ୍ଗୀ, ଏଡିପିଏଚଓ ଡା.ଅନୀଲ ପଟ୍ଟନାୟକ, ଡା.ଅବନୀ ପାତ୍ର, ଏସ୍ଏମ୍ଓ ଡା.ରଞ୍ଜନ ପଟ୍ଟନାୟକ, ଭ୍ୟାକସିନ ମ୍ୟାନେଜର ସ୍ମୃତିବର୍ଦ୍ଧନ ଦାଶ ଓ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ପ୍ରଶାନ୍ତ ବରାଳ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମାରେ ଛୋଟ ଶିଶୁଙ୍କୁ ପୋଲିଓ ପ୍ରାଦାନ କରାଯାଇଥିବା ବେଳେ ଏ ସମ୍ପର୍କୀତି ସଚେତନାତା କରାଯାଇଥିଲା। ଜନ୍ମ ଠାରୁ ୫ ବର୍ଷ ବୟସର ସମସ୍ତ ଶିଶୁଙ୍କୁ ନିକଟସ୍ଥ ପୋଲିଓ ବୁଥ୍‌କୁ ନେଇ ପୋଲିଓ ଟିକା ଖୁଆଇବା ସହ ଘରକୁ ଆସୁଥିବା ସ୍ୱାସ୍ଥ୍ୟ କର୍ମୀଙ୍କୁ ସହଯୋଗ କରିବାକୁ ସ୍ୱାସ୍ଥ୍ୟ ବିଭାଗ ଅଭିଭାବକମାନଙ୍କୁ ଅନୁରୋଧ କରିଛି। ପୋଲିଓ ନିରାକରଣ ଦିଗରେ ଏହି ସାମୂହିକ ପ୍ରୟାସ ସଫଳ କରିବା ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଜିଲ୍ଲାରେ ମୋଟ ୩ ଲକ୍ଷ ୪୫ ହଜାର ୧୧ ଜଣ ଜନ୍ମ ଠାରୁ ୫ ବର୍ଷ ବୟସର ଶିଶୁଙ୍କୁ ପୋଲିଓ ଟିକା ପ୍ରଦାନ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏଥି ପାଇଁ ୪ ଲକ୍ଷ ଡୋଜ୍ ପୋଲିଓ ଟିକା ଉପଲବ୍ଧ କରାଯାଇଛି। କାର୍ଯ୍ୟକ୍ରମର ପ୍ରଥମ ଦିନ ବୁଥ୍‌ଗୁଡ଼ିକରେ ପୋଲିଓ ଟିକାକରଣ ହେବ। ପରବର୍ତ୍ତୀ ୨୯ ଓ ୩୦ ତାରିଖରେ ସ୍"ାସ୍ଥ୍ୟ କର୍ମୀମାନେ ଘରକୁ ଘର ବୁଲି ଟିକାକରଣ କାର୍ଯ୍ୟ ସମ୍ପନ୍ନ କରିବେ, ଯାହାଦ୍ୱାରା କୌଣସି ଶିଶୁ ଟିକାକରଣରୁ ବଞ୍ଚିତ ନହୁଅନ୍ତି। ସେ ନେଇ ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଛି।



ଏହି ଅଭିଯାନ ସଫଳ କରିବା ପାଇଁ ଜିଲ୍ଲାରେ ୧୬୩୭ଟି ବୁଥ୍, ୩୨୭୪ଟି ଟିମ୍, ୬୫୪୮ ଜଣ ଟିକାକରଣ କର୍ମୀ, ୭୫ଟି ଟ୍ରାନ୍‌ଜିଟ୍ ଟିମ୍, ୫୫ଟି ମୋବାଇଲ୍ ଟିମ୍, ୩୨୩ ଜଣ ସୁପରଭାଇଜର ଏବଂ ୭୮ଟି କୋଲ୍ଡ ଚେନ୍ ପଏଣ୍ଟ ବ୍ୟବସ୍ଥା କରିହିଥିବା ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନ ପକ୍ଷରୁ କୁହାଯାଇଛି।

### ଆବର୍ଜନା ପାଣି ନିଷ୍କାସନକୁ କେନ୍ଦ୍ରକରି ପଡ଼ୋଶୀଙ୍କୁ ମରଣାନ୍ତକ ଆକ୍ରମଣ

# ୧୫ ମାସ ପରେ ଅଭିଯୁକ୍ତ ୨ ଭାଇ ଗିରଫ

ଦିଗପହଣ୍ଡି,୨୮।୬(ସମିସ): ଦିଗପହଣ୍ଡି ବ୍ଲକ ବି. ତୁରୁବୁଡ଼ି ଗ୍ରାମର ଅଶୋକ ବେହେରା ଏବଂ ତାଙ୍କ ସାନ ଭାଇ କୈଳାସ ବେହେରାଙ୍କୁ ରବିବାର ଦିଗପହଣ୍ଡି ପୋଲିସ ଗିରଫ କରି ସନ୍ଧ୍ୟାରେ କୋର୍ଟ ଚାଲାଣ କରିଛନ୍ତି। ଥାନା ମାମଲା ନଂ.୧୦୯/୨୫ ଅନୁଯାୟୀ ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତ ଦ୍ୱୟଙ୍କୁ ଦିଗପହଣ୍ଡି ସବ ଜେଲ ହାଜତକୁ ପଠାଇ ଦିଆଯାଇଛି। ଗତ ୨୦୨୫ ମାର୍ଚ୍ଚ ୧୫ ତାରିଖ ରାତି ପ୍ରାୟ ସାଢେ ୯ ଟାରେ ଘରର ଆବର୍ଜନା ନାଳ ପାଣି ନିଷ୍କାସନକୁ କେନ୍ଦ୍ରକରି କୈଳାସଙ୍କ ସ୍ତ୍ରୀ ଏବଂ ତାଙ୍କ ପଡୋଶୀ ମହେନ୍ଦ୍ର ବେହେରାଙ୍କ ସ୍ତ୍ରୀଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ପରେ ତାହା ଉଗ୍ର ରୂପ ନେଇଥିଲା। ଅଶୋକ ଏବଂ କୈଳାସ ଘଟଣାସ୍ଥଳରେ ପହଞ୍ଚି ମହେନ୍ଦ୍ର ଏବଂ ତାଙ୍କ ସ୍ତ୍ରୀ ରଶ୍ମିତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଘଟଣାର ପରଦିନ ଏନେଇ ମହେନ୍ଦ୍ର ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ।ଏତଲାକୁ ଭିତ୍ତିକରି ପୋଲିସ ମକଦ୍ଦମା ରୁଜୁ କରିଥିଲେ।

## ଜମି ନିକଟରେ ଟଳି ପଡ଼ିଲେ ଚାଷୀ

ଦିଗପହଣ୍ଡି,୨୮।୬(ସମିସ): ଦିଗପହଣ୍ଡି ବ୍ଲକ ନିମଖଣ୍ଡିପେଣ୍ଠ ପଞ୍ଚାୟତ ପନାଡ଼ ଗ୍ରାମର ଜଣେ ଚାଷୀ ଉଦୟ ଗୌଡ଼(୬୦) ରବିବାର ସକାଳ ପ୍ରାୟ ୬ ଟାରେ ହଳ ନେଇ ଚାଷ ଜମିକୁ ଯାଉଥିବା ବେଳେ ଗ୍ରାମର ମାଟିଆଝୋଲା ନାଳ ନିକଟରେ ଟଳି ପଡ଼ିଥିଲେ। ଆଖପାଖରେ ଥିବା କିଛି ଚାଷୀ ଏନେଇ ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ତାଙ୍କୁ ଚେତାଶୂନ୍ୟ ଅବସ୍ଥାରେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ହୃଦଘାତରେ ତାଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ପରେ ପରିବାର ଲୋକେ ତାଙ୍କ ମୃତଦେହକୁ ଘରକୁ ନେଇଯାଇଥିଲେ। ଉଦୟଙ୍କ ଆକସ୍ମିକ ମୃତ୍ୟୁ ଘଟିଥିବାରୁ ଶୋକାକୁଳ ପରିବେଶ ମଧ୍ୟରେ ଗାଁ ଶ୍ମଶାନରେ ତାଙ୍କ ଶେଷକୃତ୍ୟ କରାଯାଇଛି।

# ଆସିକାରେ ଅନ୍ତଃଜିଲ୍ଲା 'ବିକ୍ଷିପ୍ତା' ସାହିତ୍ୟ ସମ୍ମିଳନୀ

ଆସିକା,୨୮।୬(ସମିସ): ଆସିକା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ବିକ୍ଷିପ୍ତା ସାହିତ୍ୟ ପ୍ରତିଷ୍ଠାନ ପକ୍ଷରୁ ଅନ୍ତଃଜିଲ୍ଲା 'ବିକ୍ଷିପ୍ତା' ସାହିତ୍ୟ ସମ୍ମିଳନୀ ଆଡମ୍ବରପୂର୍ଣ୍ଣ ଭାବେ ଅନୁଷ୍ଠିତ



ହୋଇଯାଇଛି। ପ୍ରତିଷ୍ଠାତା ସମ୍ପାଦକ ଡ. ଶ୍ୟାମା ପ୍ରସାଦ ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ସାହିତ୍ୟ ସମ୍ମିଳନୀରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ବହୁ ସାହିତ୍ୟିକ, କବି, ଗବେଷକ ଓ ସାହିତ୍ୟପ୍ରେମୀ ଯୋଗଦେଇ ସାହିତ୍ୟିକ ପରିବେଶକୁ ସରଗରମ କରିଥିଲେ। କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ସାହିତ୍ୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଉଦ୍ଘାଟନୀ ଅଧିବେଶନରେ ଡ. ବିନୋଦ ଚନ୍ଦ୍ର ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାହିତ୍ୟ ସମାଜର ଦର୍ପଣ ବୋଲି କହିଥିଲେ। ସମ୍ମାନିତ ଅତିଥି ଶ୍ରୀ ଦୁର୍ଗା ପ୍ରସାଦ ପଣ୍ଡା ଓଡ଼ିଆ ଭାଷା ଓ ସାହିତ୍ୟର ସୁରକ୍ଷା ସହ ନୂତନ ପିଢ଼ିଙ୍କ ମଧ୍ୟରେ ପାଠାଭ୍ୟାସ ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ। ଦ୍ୱିତୀୟ ଅଧିବେଶନରେ ମୁଖ୍ୟ ଅତିଥି ଭାବେ କାଳିନ୍ଦୀ ଚରଣ ନାୟକ ଯୋଗଦେଇ ବିକ୍ଷିପ୍ତା ସାହିତ୍ୟ ପ୍ରତିଷ୍ଠାନର ଦୀର୍ଘ ୩୮ ବର୍ଷର ସାହିତ୍ୟିକ ଯାତ୍ରାର ଭୂୟସୀ ପ୍ରଶଂସା କରିଥିଲେ। ମୁଖ୍ୟ ବକ୍ତା ସୁଶାନ୍ତ ଦାଶ ସାହିତ୍ୟର ସାମାଜିକ ଦାୟିତ୍ୱ ଓ ସୃଜନଶୀଳତାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଡ. ସୁଶାନ୍ତ ଦାସ ଓ ଡ. ଗଜାନନ ତ୍ରିପାଠୀ ଓଡ଼ିଆ ସାହିତ୍ୟର ବର୍ତ୍ତମାନ ସ୍ଥିତି, ନୂତନ ସୃଷ୍ଟିଧାରା ଏବଂ ଭବିଷ୍ୟତ ସମ୍ଭାବନା ଉପରେ ମାର୍ଗଦର୍ଶନ କରିଥିଲେ। ପ୍ରଥମ ଏବଂ ୨ୟ ପର୍ଯ୍ୟାରେ ଶ୍ରୀ ଗୌରୀପତି ଦାଶ ସଭାପତିତ୍ୱ କରିଥିଲେ। ଏହାପରେ ଆୟୋଜିତ କବିତା ପାଠୋତ୍ସବରେ ବି. ଗୋବିନ୍ଦ ରାଓ ସଭାପତିତ୍ୱ କରିଥିବା ବେଳେ ରାଜୀବ ଲୋଚନ ପାଣିଗ୍ରାହୀ, ସୁନୀଲ କୁମାର ଗୌଡ଼, ଅଶୋକ କୁମାର ମାହାନ୍ତି, ଅମୂଲ୍ୟ କୁମାର ଦାଶ, ପ୍ରସନ୍ନ କୁମାର ସାହୁ ଓ ଚିନ୍ମୟ କୁମାର ବେବର୍ତ୍ତା ପ୍ରମୁଖ ବରେଣ୍ୟ ଅତିଥି ଭାବେ ଉପସ୍ଥିତ ରହି କବିମାନଙ୍କୁ ଉତ୍ସାହିତ କରିଥିଲେ।ସମ୍ମିଳନୀର ଅନ୍ୟତମ ଆକର୍ଷଣ ଥିଲା କବିତା ଆସର। ଏଥିରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ୧୫୦ରୁ ଅଧିକ କବି ନିଜର ସ୍ୱରଚିତ କବିତା ପାଠ କରି ଉପସ୍ଥିତ ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। କବିତା ଆସରକୁ ଯୁବ ସାହିତ୍ୟିକ ରାଜେଶ କୁମାର ପାତ୍ର, ରୁଦ୍ର ନାରାୟଣ ନାୟକ , ନନ୍ଦିନୀ ମହାରଣା ଏବଂ କାର୍ତ୍ତିକ ପାଣିଗ୍ରାହୀ ସୁନ୍ଦର ଭାବେ ସଂଯୋଜନା କରିଥିଲେ।

ଏହି ଅବସରରେ ବକ୍ତାମାନେ କହିଥିଲେ ଯେ, ୩୮ ବର୍ଷ ଧରି ବିକ୍ଷିପ୍ତା ସାହିତ୍ୟ ପ୍ରତିଷ୍ଠାନ ଓଡ଼ିଆ ସାହିତ୍ୟର ବିକାଶ, ନୂତନ ପ୍ରତିଭାର ସନ୍ଧାନ ଏବଂ ସାହିତ୍ୟିକମାନଙ୍କୁ ଏକ ମଞ୍ଚରେ ଏକତ୍ର କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଆସୁଛି। ସଂସ୍ଥାର ଏହି ଅବଦାନ ଓଡ଼ିଆ ସାହିତ୍ୟ ଇତିହାସରେ ସଦା ସ୍ମରଣୀୟ ହୋଇ ରହିବ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ସମ୍ମିଳନୀ ଅବସରରେ ବିଭିନ୍ନ କ୍ଷେତ୍ରରେ ସାହିତ୍ୟ ସେବା କରିଥିବା ବହୁ ପ୍ରତିଭାସମ୍ପନ୍ନ ସାହିତ୍ୟିକଙ୍କୁ ମାନପତ୍ର, ଉପଢୌକନ ଓ ସମ୍ବର୍ଦ୍ଧନା ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସାଧାରଣ ସମ୍ପାଦକ ଡ. ଶ୍ୟାମା ପ୍ରସାଦ ମିଶ୍ର ସଫଳତାର ସହ ପରିଚାଳନା କରିଥିବା ବେଳେ ଯୁବ ସଂଯୋଜକ ରାଇ ରଞ୍ଜନ ନନ୍ଦ ଓ ସୁପ୍ରଜିତ ସାହୁ ବିଭିନ୍ନ ପର୍ଯ୍ୟାୟର ସମନ୍ୱୟ କରିଥିଲେ। ଶେଷରେ ଅନୁଷ୍ଠାନର ସଭାପତି ଗୌରପତି ଦାଶ ଧନ୍ୟବାଦ ଅର୍ପଣ କରି ସମ୍ମିଳନୀର ସଫଳ ସମାପ୍ତି ଘୋଷଣା କରିଥିଲେ।

# ପେଟ୍ରୋଲ ପମ୍ପରେ ତେଲ ପକାଇ ବାଇକ୍ ଚାଳକ ହଟହଟା

ବେଲଗୁଣ୍ଠା,୨୮।୬(ସମିସ): ଗତ କିଛିଦିନ ହେବ ବେଲଗୁଣ୍ଠାର ଏକ ନିର୍ଦ୍ଦିଷ୍ଟ ପେଟ୍ରୋଲ ପମ୍ପରେ ତେଲ ପକାଇବା ପରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୂର୍ବରୁ ଗାଡ଼ି ଠିକ୍ ଠାକ୍ ଚାଲୁଥିବା ବେଳେ ଏଠାରେ ତେଲ ପକାଇବା ପରେ କିଛି ସମୟ ଗାଡ଼ି ଚାଲିବା ପରେ ଗାଡ଼ି ବନ୍ଦହୋଇଯିବା ସହିତ ଏହାକୁ ଧକ୍କା ମାରିବାର ଦୃଶ୍ୟ ଦେଖିବାକୁ ମିଳିଛି। ରାସ୍ତାଘାଟରେ ମୋଟର ସାଇକେଲଗୁଡ଼ିକ ବନ୍ଦ ହୋଇଯିବା ଯୋଗୁଁ ଗ୍ୟାରେଜ୍



ମେକାନିକ୍ ମାନଙ୍କୁ ଡାକରା ପଡୁଛି। ଗ୍ୟାରେଜ କର୍ମଚାରୀମାନେ ଗ୍ୟାରେଜକୁ ଗାଡ଼ି ବୋହି ଆଣୁଥିବା ଦେଖିବାକୁ ମିଳୁଛି। ସୂଚନା ପ୍ରକାରେ ଗତ ୨୪ ତାରିଖ ଠାରୁ ଚାରି ଦିନ ମଧ୍ୟରେ ପ୍ରାୟ ୧୦୦ ରୁ ଅଧିକ ଗାଡ଼ି ବାଟରେ ଅଟକି ଥିବା ବିଭିନ୍ନ ଗ୍ୟାରେଜ ମାଲିକ ମାନେ ପ୍ରକାଶ କରିଛନ୍ତି। ଦୁଇ ଦିନ ମଧ୍ୟରେ କେବଳ ବେଲଗୁଣ୍ଠା ସହର ୩୦ରୁ ଅଧିକ ବାଇକ ରାସ୍ତାରେ ଅଟକି ଯାଇ ଡାଲା ଅଟୋରେ ଗାଡିକୁ ବୋହି ଅଣାଯାଇଥିବା ଖବର ମିଳିଛି। ତେଲରେ ଇଥାନଲ ଅଧିକ ମିଶୁଥିବାରୁ କିମ୍ବା କମ୍ ମିଶି ଯାଉଥିବାରୁ ଏହିପରି ଅସୁବିଧା ହେଉଥିବା ଗ୍ୟାରେଜ୍ ମେକାନିକମାନେ ପ୍ରକାଶ କରିଛନ୍ତି। ବର୍ତ୍ତମାନ ଦୁଇ ଦିନ ମଧ୍ୟରେ ଏହି ତେଲ ଟାଙ୍କିରେ ତେଲ ପକାଇବା ଗାଡ଼ି ସଂଖ୍ୟା କମିଥିବା ବେଳେ ଯେଉଁମାନେ ଜାଣି ନାହାଁନ୍ତି ଏଠାରେ ତେଲ ପକାଇ ବାଟରେ ହଇରାଣ ହେଉଥିବା ଦେଖିବାକୁ ମିଳିଛି। ଏନେଇ ପ୍ରଶାସନ ତରଫରୁ ତଦନ୍ତ କରାଯାଇ ପ୍ରକୃତ କାରଣକୁ ଖୋଜି ବାହାର କରିବା ସହିତ ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବାଇକ୍ ଚାଳକମାନେ ଦାବି କରିଛନ୍ତି।

### ● ବାବା ଅଗସ୍ତିଶ୍ୱର କ୍ରିକେଟ ଟୁର୍ନାମେଣ୍ଟ ଉଦଯାପିତ

# ସୋମପେଣ୍ଠା ଏକାଦଶ ଦଳ ବିଜୟୀ

ଛତ୍ରପୁର, ୨୮।୬(ସମିସ): ଛତ୍ରପୁର ନିକଟସ୍ଥ ଟି. ନୁଆଁଗାଁ ପଡିଆରେ ଚାଲିଥିବା ଶ୍ରୀ ଶ୍ରୀ ବାବା ଅଗସ୍ତିଶ୍ୱର କ୍ରିକେଟ ଟୁର୍ନାମେଣ୍ଟ ଆଜି ଉଦଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ରଙ୍ଗେଇଲୁଣ୍ଡା ଓ ସୋମପେଣ୍ଠା ଦଳ ମଧ୍ୟରେ କଡା ମୁକାବିଲା ହୋଇଥିଲା। ଏଥିରେ ସୋମପେଣ୍ଠା ଟିମ ବିଜୟୀ ହୋଇଥିବା ବେଳେ ରଙ୍ଗେଇଲୁଣ୍ଡା ଟିମ ପରାଜିତ ହୋଇଥିଲେ। ଉଦଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା



ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟ ରେ ଛତ୍ରପୁର ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ତଥା ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ମୁନା ଦାସ, ଶ୍ରମିକ ନେତା ଶଙ୍କର ପ୍ରସାଦ ଦାଶ, ଯୁବ ବିଜେଡିର ରାଜ୍ୟ ସାଧାରଣ ସମ୍ପାଦକ ବିମଳ କୁମାର ପଣ୍ଡା, ଯୁବନେତା ଟି. ଚନ୍ଦ୍ର ଶେଖର ରାଓ, ଛତ୍ରପୁର ବ୍ଲକ ବିଜେଡି ସଭାପତି ଏସ. ଚକ୍ରପାଣି ରେଡ୍ଡୀ, ଚମାଖଣ୍ଡି ସରପଞ୍ଚ ସିଏଚ. ମନୋଜ କୁମାର ରେଡ୍ଡୀ, ବି. ଲିଙ୍ଗରାଜ ପାତ୍ର, ରାଜେଶ ମହାରଣା ଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ମାନେ ଯୋଗଦେଇ ଥିଲେ। ଏହି ଅବସର ଆୟୋଜକ ପକ୍ଷରୁ ବିଜୟୀ ଦଳକୁ ଟ୍ରଫି ସହ ୩୦ ହଜାର ଓ ପରାଜିତା ଦଳକୁ ଟ୍ରଫି ସହ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଏହି ଟୁର୍ନାମେଣ୍ଟରେ ୮ ଟି ଦଳ ଏହି ଅଂଶ ଗ୍ରହଣ କରିଥିଲେ। ରାଜ୍ୟ ବାହାରୁ ମଧ୍ୟ କିଛି ଦଳ ସାମିଲ ହୋଇଥିଲେ। ଏହି ଟୁର୍ନାମେଣ୍ଟକୁ ଶ୍ରୀରାମ ଦାସ ଓ ଅରୁଣ ଦାସଙ୍କ ସହ ଯୁବ ଗୋଷ୍ଠୀମାନେ ପରିଚାଳନା କରିଥିଲେ ଶୁଭାରମ୍ଭ ରେ ସାନଖେମୁଣ୍ଡି ବିଧାୟକ ଶ୍ରୀ ଜେନାଙ୍କୁ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ମୁନା ଦାସଙ୍କ ନେତୃତ୍ୱ ରେ ବିଶାଳ ଶୋଭାଯାତ୍ରା ମାଧ୍ୟମରେ ଟୁର୍ଣ୍ଣାମେଣ୍ଟ ନିକଟକୁ ପାଛୋଟି ଅଣାଯାଇଥିଲା। ବହୁ ଜନଗହଳି ହୋଇଥିବାର ଦେଖିବାକୁ ମିଳିଛି।

# ଶିବସେବକ ରାଉଳ ମୁନି କୁଳ ଉନ୍ନୟନ ମହାସଂଘର କର୍ମକର୍ତ୍ତା ନିର୍ବାଚନ



ବ୍ରହ୍ମପୁର,୨୮।୬(ସମିସ): ଶ୍ରୀ ଶ୍ରୀ ଶିବ ସେବକ ରାଉଳ ମୁନି କୁଳ ଉନ୍ନୟନ ମହାସଂଘ ଓଡ଼ିଶା ଆନ୍ଧ୍ର ମହାସଂଘ ଦ୍ୱାରା ଆୟୋଜିତ ମହାସଭା ସ୍ଥାନୀୟ ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମହାସଂଘର ସଭାପତି ରୂପେଶ୍ୱର ମହାପାତ୍ର ପୌରୋହିତ୍ୟ କରିଥିବା ବେଳେ ମୁଖ୍ୟଅତିଥି ଭାବେ ସେନାଧିକରୀ ରଶ୍ମୀ ରଞ୍ଜନ ମହାପାତ୍ର, ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଡ଼ଃ. ଅଜିତ୍ କୁମାର ମୁନି, ବିଶିଷ୍ଟ ଅତିଥିଭାବେ ଗୋସାଣିନୂଆଗାଁ ଥାନା ଉପଧିକାରୀ ରଞ୍ଜିତ କୁମାର ରାଉଳ ଓ ସପ୍ତ ଦଶାଞ୍ଚଳ ସଭାପତି ବୃନ୍ଦ ଏବଂ ଉପଦେଷ୍ଟା ମଣ୍ଡଳୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଇଂ.ବିଚିତ୍ରାନନ୍ଦ ମୁନି ମଞ୍ଚ ପରିଚାଳନା କରିବା ସହ ଉପସ୍ଥିତ ବରିଷ୍ଠ ସଦସ୍ୟଙ୍କୁ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଦ୍ୱିତୀୟ ଅଧିବେସନରେ ନିର୍ବାଚନ ଆୟୋଗ ଗଠନ କରି ମହାସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ରୂପେଶ୍ୱର ମହାପାତ୍ର, ଉପସଭାପତି ଭାବେ ପ୍ରକାଶ ଚନ୍ଦ୍ର ମୁନି, ଅଭିମନ୍ୟୁ ରାଉଳ, ନିରଞ୍ଜନ ରାଉଳ, ଲଡୁକିଶୋର ମୁନି (ବବୁଲା) ଓ ସୁରେଶଚନ୍ଦ୍ର ମୁନି ଏବଂ ସାଧାରଣ ସମ୍ପାଦକ ଭାବେ ଇଂ. ବିଚିତ୍ରାନନ୍ଦ ମୁନି, ଯୁଗ୍ମ ସମ୍ପାଦକ ଭାବେ ସୁବାସଚନ୍ଦ୍ର ମୁନି, ମିଥୁନ ମୁନି, ରବୀନ୍ଦ୍ର ରାଉଳ ଓ ବିଜୟ ରାଉଳ, କୋଷାଧ୍ୟକ୍ଷ ଭାବେ ପ୍ରସନ୍ନ କୁମାର ରାଉଳ, ଆଇନ ପରାମର୍ଶଦାତା ଭାବେ ଭଗବାନ ମୁନୀ ଓ ଜିତେନ୍ଦ୍ର ରାଉଳ। ସଂଘର ଉପଦେଷ୍ଟା ଭାବେ କାମରାଜୁ ମୁନି, ସଦାନନ୍ଦ ରାଉଳ, କାଳୁଚରଣ ରାଉଳ ପ୍ରମୁଖ ସର୍ବସମ୍ମତିରେ ମନୋନୀତ ହୋଇଥିଲେ। ଏଥି ସହିତ ଶିକ୍ଷା ଓ ସଂସ୍କୃତି ପ୍ରମୁଖ ଭାବେ ଭଗବାନ ମୁନୀ ଓ ରାଜେନ୍ଦ୍ର ରାଉଳ ଏବଂ ଅର୍ଥବିଭାଗ ଅଧିକାରୀ ଭାବେ ପଞ୍ଚାନନ ରାଉଳ ଓ ସୁରେନ୍ଦ୍ର ମୁନିଙ୍କୁ ଚୟନ କରାଯାଇଥିଲା।

# ବିଜେପିର ବୁଦ୍ଧିଜୀବୀ ସମ୍ମିଳନୀ



ରଙ୍ଗେଇଲୁଣ୍ଡା, ୨୮।୬(ସମିସ): ଗୋପାଳପୁର ନିର୍ବାଚନ ମଣ୍ଡଳୀରେ ରାଜ୍ୟରେ ବିଜେପି ୨ ବର୍ଷ ଓ କେନ୍ଦ୍ରରେ ବିଜେପି ସରକାର ୧୨ ବର୍ଷ ପୂର୍ତ୍ତି ଅବସରରେ ବିକାଶର ଧାରା ଓଡ଼ିଶା ସାରା ଆଜି ଗୋଲନ୍ଥରା ସ୍ଥିତ ବନ୍ଦେ ମାତରମ୍ କାର୍ଯ୍ୟାଳୟରେ ବୁଦ୍ଧିଜୀବୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ଖଣି ଇସ୍ପାତ ଓ ବାଣିଜ୍ୟ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା ଯୋଗ ଦେଇଥିଲେ। କେନ୍ଦ୍ର ସରକାରରେ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ସଫଳ ୧୨ ବର୍ଷ ଓ ରାଜ୍ୟ ସରକାରଙ୍କ ଜନହିତକର ୨ ବର୍ଷର ସେବା ଓ ସୁଶାସନର ସଫଳତାକୁ ନେଇ ବିଭିନ୍ନ ପଂଚାୟତରୁ ଆସିଥିବା ବୁଦ୍ଧିଜୀବୀମାନଙ୍କ ବିଭିନ୍ନ ଯୋଜନା ସମ୍ପର୍କ କହିବା ସହ ମନ୍ତ୍ରୀ ଆଲୋଚନା କରିଥିଲେ। ଏହି ଅବସରରେ ପ୍ରଫେସର ଭାଗବତ ପାତ୍ର, ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି, ଆଇନଜୀବୀ ଅଜିତ ସାହୁ, ପ୍ରକାଶ ଚନ୍ଦ୍ର ସେଠି, ଗୌରୀ ସାମନ୍ତରାୟ, କେ.ପ୍ରେମେସ୍ୱର ରାଓ, ସୁନୀଲ କୁମାର ପାତ୍ର ଗୋପୀନାଥ ମହାରଣା, ଗଙ୍ଗାଧର ଶତପଥୀ, କେ କ୍ରିଷ୍ଣା ମୃତ୍ତି, ଗୁଣନିଧି ସାହୁ, ରାଜେନ୍ଦ୍ର ପାଢ଼ୀ ଓ ଶତାଧିକ ଉପସ୍ଥିତ ଥିଲେ।

# ଇଫଟୁ ପକ୍ଷରୁ ଶ୍ରମିକ ସ୍ଥିତି ସଂକ୍ରାନ୍ତ ଆଲୋଚନା

ବ୍ରହ୍ମପୁର,୨୮।୬(ସମିସ):

ଇଣ୍ଡିଆନ୍ ଫେଡେରେସନ୍ ଅଫ୍ ଟ୍ରେଡ୍ ୟୁନିଅନ୍ସ (ଇଫଟୁ) ଜାତୀୟ କମିଟି ବୈଠକ ଜୁନ୍ ୨୭ ଓ ୨୮ ତାରିଖ ଦୁଇଦିନ ଧରି ଗୋପାଳପୁର ଠାରେ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ଜାତୀୟ ସଭାନେତ୍ରୀ ଡଃ ଅପର୍ଣ୍ଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଦୁଇଦିନିଆ ବୈଠକରେ ଭାରତର ବିଭିନ୍ନ ରାଜ୍ୟରୁ ଜାତୀୟ କମିଟି ସଦସ୍ୟ, ସଦସ୍ୟା ତଥା ଶ୍ରମିକ ଆନ୍ଦୋଳନର ବରିଷ୍ଠ ନେତାମାନେ ଅଂଶଗ୍ରହଣ କରିଥିଲେ। ଜାତୀୟ କମିଟି ଦେଶରେ ଶ୍ରମିକମାନଙ୍କ ବର୍ତ୍ତମାନର ସ୍ଥିତି ସମ୍ପର୍କରେ ବିସ୍ତୃତ ଆଲୋଚନା କରିବା ସହ ନଏଡା, ମାନସେର, ଗୁରୁଗାଓଁ ପରି ଦେଶର ବଡବଡ ଶିଳ୍ପ କେନ୍ଦ୍ରମାନଙ୍କରେ ମଜୁରୀ ବୃଦ୍ଧି, ଉତ୍ତମ କାର୍ଯ୍ୟ ପରିବେଶ ତଥା ଚାକିରୀର ନିରାପତ୍ତା ଦାବିରେ ଶିଳ୍ପ ଶ୍ରମିକ ଓ ନିର୍ମାଣ ଶ୍ରମିକମାନଙ୍କ ଲଢୁଆ ଆନ୍ଦୋଳନକୁ ସମର୍ଥନ କରୁଛି। ଆଶା କର୍ମୀ,




ଅଙ୍ଗନବାଡ଼ି କର୍ମୀ ଏବଂ ମଧ୍ୟାହ୍ନ ଭୋଜନ ରୋଷେୟାଙ୍କ ଭଳି ସ୍କିମ୍ ବା ଯୋଜନାଭିତ୍ତିକ କର୍ମଚାରୀମାନଙ୍କୁ "ଶ୍ରମିକ'ର ମାନ୍ୟତା ପ୍ରଦାନ କରି ସେମାନଙ୍କୁ ସର୍ବନିମ୍ନ ମଜୁରି ପ୍ରଦାନ କରିବା ଓ ସମାନ କାମ ପାଇଁ ସମାନ ଦରମା ଦେବାକୁ ଆଇଏଫଟିୟୁ (ଇଫଟୁ) ଜାତୀୟ କମିଟି ଦାବି କରିଛି। ଫାର୍ମାସ୍ୟୁଟିକାଲ୍ ଉତ୍ପାଦନ କ୍ଷେତ୍ରରେ ବାରମ୍ବାର ଘଟୁଥିବା ଶିଳ୍ପ ଦୁର୍ଘଟଣା ପାଇଁ ଦାୟୀ ବ୍ୟକ୍ତିଙ୍କୁ ଆଇନର ଧାରା ୩୦୪ (ହତ୍ୟା ପରିସରଭୁକ୍ତ ହେଉନଥିବା ଦୋଷାବହ ନରହତ୍ୟା) ଅଧୀନରେ ଗିରଫ କରାଯାଉ ବୋଲି ଜାତୀୟ କମିଟି ଦାବି କରିଛି। ଓଡ଼ିଶା ସରକାର ବିଦ୍ୟୁତ କର୍ମଚାରୀମାନଙ୍କ ଉପରେ ଲଗାଇଥିବା ଏସମାକୁ ଅବିଳମ୍ବେ ପ୍ରତ୍ୟାହାର କରିବାକୁ କମିଟି ଦାବି କରିଛି। ଚାକିରିରୁ ବହିଷ୍କୃତ ବିଭିନ୍ନ ବିଭାଗର ୫ହଜାରରୁ ଉଦ୍ଧ୍ୱର୍ ସରକାରୀ ଆଉଟ୍‌ସୋର୍ସିଂ କର୍ମଚାରୀଙ୍କୁ ଓଡ଼ିଶା ସରକାର ତୁରନ୍ତ ଚାକିରିରେ ପୁନଃନିଯୁକ୍ତି ଦିଅନ୍ତୁ ବୋଲି ଜାତୀୟ କମିଟି ଦାବି କରିଛି। ଓଡ଼ିଶାରୁ ତାମିଲନାଡୁକୁ ଯାଇଥିବା ପ୍ରବାସୀ ଶ୍ରମିକମାନଙ୍କ ଘଟଣା, ଯେଉଁଥିରେ ଅପରାଧିକ ଅବହେଳା ଏବଂ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥାର ଅଭାବ ଯୋଗୁଁ ବର୍ତ୍ତମାନ ସୁଦ୍ଧା ୧୧ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେହି ଦୁଃଖଦାୟକ ଘଟଣା ପ୍ରତି ଜାତୀୟ କମିଟି ଗଭୀର ଶୋକ ଓ ଦୁଃଖ ପ୍ରକାଶ କରିଛି। ତାମିଲନାଡୁ ସରକାରଙ୍କ ସହ ଓଡିଶା ସରକାର ସମନ୍ୱୟ ରକ୍ଷା କରି ଦାୟୀ ବ୍ୟକ୍ତିମାନଙ୍କ ବିରୁଦ୍ଧରେ ଧାରା ୩୦୪ ଅନୁଯାୟୀ ଅପରାଧିକ ମାମଲା ରୁଜୁ କରନ୍ତୁ ବୋଲି ଇଫଟୁର ଜାତୀୟ କମିଟି ଦାବି କରିଛି। ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସଭାନେତ୍ରୀ ଡଃ ଅପର୍ଣ୍ଣା, ସାଧାରଣ ସମ୍ପାଦକ ଟି. ଶ୍ରୀନିବାସ, ଜାତୀୟ କମିଟି ସଦସ୍ୟ (କର୍ଣ୍ଣାଟକ) କେ. ବାଲନ ଓ ଇଫଟୁ ରାଜ୍ୟ ସଭାପତି ପ୍ରତାପ ପ୍ରଧାନ ଉପସ୍ଥିତ ଥିଲେ।

## ବଜ୍ରାଘାତରେ ୧୩ ଗୋରୁ ମୃତ, ମହିଳା ଗୁରୁତର



ମୋହନା,୨୮।୬(ସମିସ): ଗଜପତି ଜିଲ୍ଲା ଅଡବା ଥାନା ପାଣିଗଣ୍ଡା ପଂଚାୟତର କନ୍ଦକିଆରି ଗାଁରେ ବଜ୍ରପାତ ଘଟି ୧୩ଟି ଗାଇ ବଳଦ ମୃତ୍ୟୁ ହୋଇଥିବା ବେଳେ ଜଣେ ମହିଳା ଗୁରୁତର ଆହତ ହୋଇଛନ୍ତି। ଖବର ନେବାରୁ ଜଣାପଡ଼ିଛି ଯେ, ରବିବାର ସନ୍ଧ୍ୟାରେ ଗାଁ ନିକଟରେ ଥିବା ଆମ୍ବ ଗଛରେ ୧୩ଟି ଗାଇ ବଳଦ ଥିବା ସମୟରେ ବଜ୍ରପାତ ହୋଇଥିଲା। ଫଳରେ ଗାଇ ବଳଦ ମୃତ୍ୟୁ ହୋଇଛନ୍ତି ଏବଂ ସେହି ଗାଁ ର ମହିଳା ପୁଇଙ୍ଗି ମୁଠାମାଝୀ ଗୁରୁତର ଆହତ ହୋଇଛନ୍ତି। ଗ୍ରାମର ୮ଟି ପରିବାରର ଚଷୀ ଙ୍କ ଗାଇ ବଳଦ ମୃତ୍ୟୁ ବରଣ କରିଛନ୍ତି। ଆଗକୁ ଚାଷ କାମ ଥିବାରୁ କିଭଳି ଚାଷ କାର୍ଯ୍ୟ କରିବେ ଚିନ୍ତା ଅଛନ୍ତି ଚାଷୀ। ଏଣୁ ପ୍ରଶାସନ ତରଫରୁ କିଛି କ୍ଷତି ଦେବା ପାଇଁ ଦାବି କରିଛନ୍ତି ଚଷୀ।

## କାର୍ ଧକ୍କାରେ ୫ମ ଶ୍ରେଣୀ ଛାତ୍ର ଗୁରୁତର

ଦିଗପହଣ୍ଡି,୨୮।୬(ସମିସ): ଦିଗପହଣ୍ଡି ବ୍ଲକ ସହଦେବ ଟିକରପଡ଼ା ପଞ୍ଚାୟତ ବାବୁଲି ବନ୍ଧ ଗ୍ରାମର ସୁବାସ ନାଇକଙ୍କ ପୁଅ ୫ମ ଶ୍ରେଣୀରେ ପଢୁଥିବା ଛାତ୍ର ଅବିନାଶ ନାଇକ(୧୦)ଙ୍କୁ ରବିବାର ସକାଳେ ଏକ କାର ଧକ୍କା ଦେଇ ଚମ୍ପଟ ମାରିଛି। ସେ ଗୁରୁତର ଆହାତ ହୋଇ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ରବିବାର ମଧ୍ୟାହ୍ନରେ ଅବିନାଶ ତାଙ୍କ ବାପାଙ୍କ ସହ ଘରକୁ ଫେରୁଥିବା ବେଳେ ବିପରୀତ ଦିଗରୁ ଦ୍ରୁତଗତିରେ ଆସୁଥିବା କାର୍ଟି ଅବିନାଶଙ୍କୁ ଧକ୍କା ଦେଇ ଘଟଣାସ୍ଥଳରୁ ଚାଲିଯାଇଥିଲା। ଅବିନାଶଙ୍କୁ ଗୁରୁତର ଅବସ୍ଥାରେ ତାଙ୍କ ବାପା ସମ୍ପର୍କୀୟମାନଙ୍କ ସହାୟତାରେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରେ ଭର୍ତ୍ତି କରିଥିଲେ।



ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ତାଙ୍କ ଡାହାଣ ପାଦ ଓ ଗୋଡ଼ରେ କାର୍ ଚକା ମାଡି ଯାଇଛି। ଫଳରେ ତାଙ୍କ ପାଦ କଟି ଯିବାର ଆଶଙ୍କା ରହିଛି ବୋଲି ଅବିନାଶଙ୍କ ବାପା କହିଛନ୍ତି। ଏନେଇ ସେ ଥାନାରେ ଏତଲା ଦେଇଛନ୍ତି। ପୋଲିସ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ବିଭିନ୍ନ ବ୍ୟକ୍ତିଙ୍କ ଘର ଓ ଦୋକାନମାନଙ୍କରେ ଲାଗିଥିବା ସିସିଟିଭି ଫୁଟେଜ ସଂଗ୍ରହ କରି ଦୁର୍ଘଟଣା ଘଟାଇଥିବା ଉକ୍ତ କାରକୁ ଖୋଜୁଥିବା ଜଣାପଡ଼ିଛି।

## ଓଡ଼ିଶା ବ୍ରାହ୍ମଣ ମହାସଂଘ ପକ୍ଷରୁ ବୈଠକ

ପାରଳାଖେମୁଣ୍ଡି, ୨୮ ।୬ (ସମିସ) : ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ଉତ୍କଳ ହିତୈଷିଣୀ ସମାଜ ସଭାଗୃହରେ ଓଡ଼ିଶା ବ୍ରାହ୍ମଣ ମହା ସଂଘ ଗଜପତି ଶାଖା ତରଫରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଉପଦେଷ୍ଟା ରଘୁନାଥ ପ୍ରହରାଜ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ଅଧ୍ୟକ୍ଷତା କରିଥିଲେ ଅଶିନୀ କୁମାର ପାଢ଼ୀ। ପ୍ରାରମ୍ଭରେ ରାଜ୍ୟ କାର୍ଯ୍ୟକାରିଣୀ ପଦାଧିକାରୀମାନଙ୍କର ସୂଚନା ପ୍ରଦାନ କରାଯାଇଥିଲା। ଏହା ସହ ପ୍ରତ୍ୟେକ ଜିଲ୍ଲାର ସାଙ୍ଗଠନିକ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା ସହ ଗଜପତି ଜିଲ୍ଲାର ସାଙ୍ଗଠନିକ ଦକ୍ଷତାକୁ ବଢ଼ାଇବା ସହ ଆଜୀବନ ସଭ୍ୟ/ସଭ୍ୟା ସଂଖ୍ୟା ବୃଦ୍ଧି କରାଇବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଜିଲ୍ଲାର ଆଜୀବନ ସଭ୍ୟ/ସଭ୍ୟା ବ୍ୟକ୍ତିବିଶେଷଙ୍କୁ ପରିଚୟ ପ୍ରଦାନ କରାଯାଇଥିଲା। ଶେଷରେ ତ୍ରିପତି ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରମୋଦ ଚନ୍ଦ୍ର ପାଢ଼ୀ ସଭା ସମ୍ପାଦକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଆରପାରିରେ ମଞ୍ଚ ନିର୍ଦ୍ଦେଶକ ସୁରଭାଇ



ବ୍ରହ୍ମପୁର,୨୮ ।୬(ସମିସ): ମଞ୍ଚ ନିର୍ଦ୍ଦେଶକ ସୁରଭାଇଙ୍କ ଦେହାନ୍ତରେ ନିର୍ଦ୍ଦେଶକ ସଂଘ ତରଫରୁ ଗଭୀର ଶୋକ ପ୍ରକାଶ କରାଯାଇଛି। ଗଞ୍ଜାମ ଜିଲ୍ଲାର ଜଣେ ବରିଷ୍ଠ ମଞ୍ଚ କଳାକାର ତଥା ନିର୍ଦ୍ଦେଶକ ସୁରେନ୍ଦ୍ର ସାହୁଙ୍କର ରବିବାର ପରଲୋକ ହୋଇଯାଇଛି। ସୁର ଭାଇ ଏକାଧାରରେ ଜଣେ ମଞ୍ଚ କଳାକାର, ନିର୍ଦ୍ଦେଶକ ଓ ଜଣେସଙ୍ଗୀତ ନିର୍ଦ୍ଦେଶକ ମଧ୍ୟ ଥିଲେ। ଗଞ୍ଜାମ ଜିଲ୍ଲା ବେଲଗୁଣ୍ଠା ବ୍ଲକ ନିମପଦର ଗ୍ରାମର ସେ ଥିଲେ ମୂଳ ବାସିନ୍ଦା ହୋଇଥିବା ବେଳେ ସେ ବ୍ରହ୍ମପୁର ସହରରେ ରହୁଥିଲେ। ଗ୍ରାମାଞ୍ଚଳରେ କଳାକାରଙ୍କୁ ନାଟ୍ୟ ଓ ସଙ୍ଗୀତ ଶିକ୍ଷା ଦେବାରେ ତାଙ୍କର ବେଶ ସୁନାମ ରହିଥିଲା। ତାଙ୍କ ବିୟୋଗରେ କଳା ଜଗତରେ ଶୋକର ଛାୟା ଖେଳିଯାଇଛି। ଗଞ୍ଜାମ ଜିଲ୍ଲା ନାଟ୍ୟ ନିର୍ଦ୍ଦେଶକ ସଂଘର ସଭାପତି ରାଜଗୋପାଳ ପାଢ଼ୀ ସୁରଭାଇଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିବା ସହିତ ଏହା କଳାଜଗତ ପାଇଁ ଏକ ବିରାଟ କ୍ଷତି ବୋଲି କହିଛନ୍ତି।

## ଶିଶୁ ମନ୍ଦିରରେ ପ୍ରଥମ ଅଭିଭାବକ ବୈଠକ

ଭଞ୍ଜନଗର,୨୮।୬(ସମିସ) : ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ନବମ ଓ ଦଶମ ଶ୍ରେଣୀର ପ୍ରଥମ ଅଭିଭାବକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଉପସଭାପତି ଆଦିତ୍ୟ ଦାସ ଏହି ବୈଠକରେ ଅଧ୍ୟକ୍ଷତା କରିଥିଲେ। ସହ ପ୍ରଧାନ ଆଚାର୍ଯ୍ୟ ଉତ୍ତମ କୁମାର ମହାରଣା ସମସ୍ତଙ୍କୁ ମଞ୍ଚାସୀନ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ପୂର୍ଣ୍ଣ ଚନ୍ଦ୍ର ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ଅଭିଭାବକମାନଙ୍କୁ ଅବଗତ କରାଇଥିଲେ। ବିଦ୍ୟାଳୟର ସମ୍ପାଦକ ଜ୍ୟୋତି ରଞ୍ଜନ ବିଶୋୟୀ ନିଜ ଉଦବୋଧନ ରେ ବିଦ୍ୟାଳୟ ଓ ଅଭିଭାବକଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି କହିଥିଲେ। ବୈଠକରେ ମୋଟ ୭୦ ଜଣ ଅଭିଭାବକ ଓ ଅଭିଭାବିକା ଉପସ୍ଥିତ ରହି ବିଦ୍ୟାଳୟର ଶୈକ୍ଷିକ ପରିବେଶ, ଶୃଙ୍ଖଳା, ପରୀକ୍ଷା ପ୍ରସ୍ତୁତି ଓ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶ ସମ୍ପର୍କରେ ଆଲୋଚନାରେ ଅଂଶଗ୍ରହଣକରିଥିଲେ।ବରିଷ୍ଠଆଚାର୍ଯ୍ୟାସଙ୍ଗୀତାପଟ୍ଟନାୟକକାର୍ଯ୍ୟକ୍ରମରସଂଯୋଜନା କରିଥିବାବେଳେ ଯୁଗ୍ମ ସମ୍ପାଦକ ଗଙ୍ଗାଧର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ସେବବ୍ରତୀଙ୍କ ସହଯୋଗରେ ବୈଠକ ସୁଚାରୁରୂପେ ସମ୍ପନ୍ନ ହୋଇଥିଲା।

### କୋଟଗଡ଼ରେ ବିଏସ୍ଏନ୍ଏଲ୍ ନେଟ୍ୱାର୍କ

# ରହୁଛି ଅଳପ, କଟୁଛି ବେଶୀ



ବାଲିଗୁଡା,୨୮।୬(ସମିସ)

କନ୍ଧମାଳ ଜିଲ୍ଲାର ଉପାନ୍ତ ବ୍ଲକ ହେଡ଼କ୍ୱାଟର ରେ ବିଏସଏନଏଲ ନେଟୱାର୍କ କେବେ ବି ରହୁନଥିବା ଅଭିଯୋଗ କରିଛନ୍ତି ଅଞ୍ଚଳବାସୀ। ଭେଲିଡିଟି ରିଚାର୍ଜ ନାମରେ ମାସିକ ଲକ୍ଷ ଲକ୍ଷ ଟଙ୍କା ଲୁଟୁଥିବା ବେଳେ ହନ୍ତସନ୍ତ ହେଉଛନ୍ତି ବିଏସଏନଏଲ ଗ୍ରାହକ। କୋଟଗଡରେ ନେଟୱାର୍କ ସମସ୍ୟା ବୁଝିବାକୁ ମଧ୍ୟ କର୍ମଚାରୀ ନଥିବା ଦେଖିବାକୁ ମିଳିଛି। ସୂଚନା ଥାଉକି,କୋଟଗଡ ବଜାରରେ ବହୁବାଦ ବିବାଦ ପରେ ପ୍ରାୟ ୨୦୦୭ମସିହାରେ ବିଏସଏନଏଲ ଏକମାତ୍ର ନେଟୱାର୍କ ଭାବେ କାର୍ଯ୍ୟକ୍ଷମ ହୋଇଥିଲା, ଆଉ ସେତେବେଳେ ପ୍ରଥମ ନେଟୱାର୍କ ବୋଲି ସମସ୍ତେ ଖୁସିହୋଇଥିଲେ। କିନ୍ତୁ ବର୍ତ୍ତମାନ କୋଟଗଡ ରେ ହଜାର ହଜାର ବିଏସଏନଏଲ ଉପୋଭୋକ୍ତାଙ୍କ ଦୁଃଖର କାରଣ ବିଏସଏନଏଲ ନେଟୱାର୍କ 'ରହୁଛି ଅଳପ , କଟୁଛି ବେଶି। ବିକଳ୍ପ ଭାବରେ ରିଲିଆନ୍ସର ଜିଓ ନେଟୱାର୍କ ଅଛି, ହେଲେ ତା ଅବସ୍ଥା ବି ନ କହିବା ଭଲ, କାରଣ 'ଏଇ ଅଛି, ଏଇ ନାହିଁ "ପରି ଲୁଚକାଳି ଖେଳୁଛି ଜିଓ ନେଟୱର୍କ। ତେଣୁ ଏକ ପ୍ରକାର ହରଡ଼ଘଣାରେ ଜନସାଧାରଣ ଠୁ ଆରମ୍ଭ କରି ସରକାରୀ ବେସରକାରୀ ଅନୁଷ୍ଠାନର କର୍ମଚାରୀ ଓ ସରକାରୀ କାମ। ତେଣୁ କୋଟଗଡ ବିଏସଏନଏଲ ନେଟୱାର୍କ ଉପଖଣ୍ଡ ପରିଚାଳନା ଅଧିକାରୀଙ୍କୁ ଅନୁରୋଧ ତୁରନ୍ତ ଏହାର ଆଶୁ ସମାଧାନ କରାଯାଉ, ନଚେତ୍ କୋଟଗଡ କାର୍ଯ୍ୟରତ ସାମ୍ବାଦିକ ସମୂହ ବିଏଏନଏଲ କାର୍ଯ୍ୟାଳୟ ଘେରାଓ କରିବା ସହ କଂଜୁମର କୋର୍ଟର ଦ୍ୱାରସ୍ତ ହେବା ନେଇ ପ୍ରସ୍ତୁତ ହେଉଥିବା କହିଛନ୍ତି ସ୍ଥାନୀୟ ପ୍ରେସକ୍ଲବ ସଦସ୍ୟସମୂହ।

## ତାର ଚୋରି ସନ୍ଦେହରେ ନାବାଳକଙ୍କୁ ନିର୍ଯାତନା; ପୂଜକ ଅଟକ



ପାରଳାଖେମୁଣ୍ଡି, ୨୮ ।୬ (ସମିସ): ଗଜପତି ଜିଲ୍ଲା ସଦମହକୁମା ପାରଳାଖେମୁଣ୍ଡି ସହରରେ ତାର ଚୋରି ସନ୍ଦେହରେ ଜଣେ ନାବାଳକଙ୍କୁ ଅମାନବୀୟ ଭାବେ ମାଡ଼ ମାରିବା ଏବଂ ବାନ୍ଧି ନିର୍ଯାତନା ଦେବା ଅଭିଯୋଗରେ ପୋଲିସ ଜଣେ ମନ୍ଦିର ପୂଜକଙ୍କୁ ଅଟକ ରଖିଛି। ଅଭିଯୋଗ ଅନୁଯାୟୀ, ୧୪ ନମ୍ବର ୱାର୍ଡ ଗୁଣ୍ଡିଚା ବାଡ଼ି ନିକଟସ୍ଥ ହନୁମାନ ମନ୍ଦିରରେ କିଛି ନାବାଳକ ଖେଳୁଥିବା ବେଳେ ବିଦ୍ୟୁତ୍ ତାର ଚୋରି ସନ୍ଦେହ ଘଟଣାକୁ କେନ୍ଦ୍ର କରି ପୂଜକ ବଳରାମ ପଣ୍ଡା ଜଣେ ନାବାଳକଙ୍କୁ ମନ୍ଦିରର ଏକ ଖୁଣ୍ଟରେ ବାନ୍ଧି ପ୍ଲାଷ୍ଟିକ ପାଇପରେ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ନାବାଳକଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ଘଟଣାକୁ ନେଇ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଦ୍ୱାରା ଲିଖିତ ଅଭିଯୋଗ କରାଯାଇଛି । ଏନେଇ ନେଇ ପାରଳାଖେମୁଣ୍ଡି ଥାନାରେ ଶିଶୁ ନିର୍ଯାତନା ସମ୍ପର୍କିତ ୨୬୨/୨୬ରେ ଏକ ମାମଲା ରୁଜୁ ମଧ୍ୟ ହୋଇଛି । ତେବେ ଅଭିଯୁକ୍ତ ପୂଜକଙ୍କୁ ପୋଲିସ ଅଟକ ରଖି ତଦନ୍ତ କରୁଥିବା ପାରଳାଖେମୁଣ୍ଡି ଥାନା ପ୍ରଶାନ୍ତ ଭୂପତି ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ ନାବାଳକଙ୍କ ପରିବାର ପକ୍ଷରୁ କୁହାଯାଇଛି ଯେ, ପିଲାଟି ଚୋରିରେ ସମ୍ପୃକ୍ତ ନ ଥିଲେ ମଧ୍ୟ ସନ୍ଦେହବଶତଃ ତାଙ୍କୁ ଅମାନୁଷିକ ଭାବେ ନିର୍ଯାତନା ଦିଆଯାଇଛି ଏବଂ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ପରିବାର ଲୋକେ ଦାବି କରିଛନ୍ତି। ପ୍ରକାଶ ଥାଉ କି ନାବାଳିକାର ବାପାଙ୍କ ପରଲୋକ ହୋଇଥିବା ବେଳେ ମାଆ ଏବେ ଆନ୍ଧ୍ରରେ ଦାଦନ ଖଟୁଛନ୍ତି। ଏପରିସ୍ଥଳେ ସେ ତାଙ୍କ ଜେଜେ ମାଆଙ୍କ ପାଖରେ ରହୁଛନ୍ତି।

### ଅବକାରୀ ବିଭାଗର ମିଳିତ ଚଢ଼ଉ

## ବିପୁଳ ପରିମାଣର ମହୁଲ ପୋଚ ସହ ଦେଶୀ ମଦ ଜବତ





ପାରଳାଖେମୁଣ୍ଡି, ୨୮।୬(ସମିସ): ଗଜପତି ଜିଲ୍ଲା ଅବକାରୀ ଅଧୀକ୍ଷକ ପ୍ରଦୀପ କୁମାର ସାହୁଙ୍କ ନିର୍ଦ୍ଦେଶ କ୍ରମେ ଭ୍ରାମ୍ୟମାଣ ଅବକାରୀ ନିରୀକ୍ଷକ ମନୁ ଆୟର୍, ପାରଳାଖେମୁଣ୍ଡି ସଦର ଅବକାରୀ ଥାନାର ଭାରପ୍ରାପ୍ତ ଅଧିକାରୀ ଦଣ୍ଡ ଶବରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଜିଲ୍ଲାର ଗୁରାଣ୍ଡି ଓ ରାୟଗଡ ଥାନା ଅନ୍ତର୍ଗତ ବିଭିନ୍ନ ଗ୍ରାମାଞ୍ଚଳରେ ଅବକାରୀ ବିଭାଗ ପକ୍ଷରୁ ଚଢଉ କରାଯାଇ ବିପୁଳ ପରିମାଣର ମହୁଲ ପୋଚ ଓ ଦେଶୀ ମହୁଲ ମଦ ଜବତ କରାଯାଇଛି। ଅବକାରୀ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ରାୟଗଡ ଓ ଗୁରାଣ୍ଡି ଥାନା ଅନ୍ତର୍ଗତ ଗୋଠେଇ, ଗୋବିନ୍ଦପୁର ଆଦି ଗ୍ରାମାଞ୍ଚଳର ପାହାଡ ଏବଂ ନାଳ ପାର୍ଶ୍ୱ ଅଞ୍ଚଳରେ ଆଜି ଅବକାରୀ ବିଭାଗ ପକ୍ଷରୁ ଅତର୍କିତ ଚଢାଉ କରାଯାଇଥିଲେ। ଏହି ଚଢାଉ ବେଳେ ବେଆଇନ ମଦ ଭାଟିରୁ ୬୪୦ ଲିଟର ଦେଶୀ ମହୁଲ ମଦ ଏବଂ ୬୪୦୦ ଲିଟର ମହୁଲ ପୋଚ ଓ ମଦ ପ୍ରସ୍ତୁତ ପାଇଁ ବିଭିନ୍ନ ସରଞ୍ଜାମକୁ ଜବତ କରାଯାଇଥିଲା । ଏହି ଚଢାଉରେ ଅବକାରୀ ବିଭାଗର ଏଏସ୍ଆଇ ମିନତି ପାଇକ, ଦେବଦତ୍ତ ଶବର, ଉଷାଦେବୀ ଶବର, ସୁଶିଲ୍ ଘାଣ୍ଟିଆ, ମାନିନି ବେହେରା, ସର୍ବେଶ୍ୱର ଦାସ ପ୍ରମୁଖ ସାମିଲ ଥିଲେ।

## ସରକାରୀ ଓକିଲଙ୍କ ଦୁଇଦିନିଆ ପ୍ରଶିକ୍ଷଣ ଶିବିର ଉଦ୍ଯାପିତ



ପାରଳାଖେମୁଣ୍ଡି, ୨୮ ।୬ (ସମିସ) : ଭୁବନେଶ୍ୱରସ୍ଥିତ ସାଧାରଣ ଅଭିଯୋଜନ ନିର୍ଦ୍ଦେଶାଳୟର ନିର୍ଦ୍ଦେଶରେ ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳ ସମ୍ମିଳନୀ କକ୍ଷରେ ଅଭିଯୋଜନ ବିଭାଗର ଉପ-ନିର୍ଦ୍ଦେଶକ ଅଜିତ କୁମାର ପଟ୍ଟନାୟକଙ୍କ ସଂଯୋଜନାରେ ଜିଲ୍ଲା ନ୍ୟାୟାଳୟର ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଜିଲ୍ଲା ଅଭିଯୋଜନ ବିଭାଗ ତରଫରୁ ଜିଲ୍ଲାର ସମସ୍ତ ନନ-କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟରଙ୍କ ପାଇଁ ଚାଲିଥିବା ଦୁଇ ଦିନିଆ ପ୍ରଶିକ୍ଷଣ ଶିବିର ଶେଷ ହୋଇଛି। ଏହି କ୍ରମରେ ଆଜି ସର୍ବ ପ୍ରଥମେ ଶ୍ରୀ ମିଶ୍ର ତ୍ୱରିତ ବିଚାର ବ୍ୟବସ୍ଥାରେ ତର୍କ ବିତର୍କରେ ସରକାରୀ ଓକିଲଙ୍କ ବିଶେଷ ଅବଦାନ ଉପରେ ନିଜର ମତପୋଷଣ ସହ ସହାୟକ ନିର୍ଦ୍ଦେଶକ ଡ଼ି. ଅନୁପରାଜ ଆଚାରି ଅଦାଲତରେ ସରକାରୀ ଓକିଲଙ୍କ କର୍ତ୍ତବ୍ୟ ଉପରେ ନିଜର ମତ ରଖିଥିଲେ। ସେହି ସମୟରେ ସେଠାରେ ଉପସ୍ଥିତ ଥିବା ପାରଳାଖେମୁଣ୍ଡି ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ମାଧବାନନ୍ଦ ନାୟକ ଯଥାସମ୍ଭବ ପୀଡ଼ିତଙ୍କୁ ନ୍ୟାୟଦେବା ପାଇଁ ପୋଲିସ ସତତ ଚେଷ୍ଟିତ ରହିବ ବୋଲି ନିଜର ମତ ପ୍ରକାଶ କରିଥିଲେ। ପରେ ସାଇଣ୍ଟିଫିକ ଅଫିସର ସୌମ୍ୟ ଦର୍ଶନ ମହାପାତ୍ର ବୈଜ୍ଞାନିକ ପଦ୍ଧତିରେ କିପରି ସୁଚାରୁ ରୂପେ ନ୍ୟାୟ ପ୍ରଦାନ କରାଯାଇପାରିବ, ସେ ନେଇ ସମସ୍ତଙ୍କୁ ସଚେତନ କରାଇଥିଲେ । ଆର. ଉଦୟଗିରି ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ତଥା ଯୁବ ଆଇପିଏସ ରାକେଶ କୁମାର ସାହୁ ନୂତନ ଭାବେ ଦେଖା ଦେଉଥିବା ଅପରାଧର କିପରି ମୁକାବିଲା କରାଯାଇ ପୀଡ଼ିତଙ୍କୁ ତ୍ୱରିତ ନ୍ୟାୟ ଦିଆଯାଇପାରିବ ସେ ନେଇ ନିଜର ମତ ପ୍ରକାଶ କରିବା ସହ ସମସ୍ତ ନବ ନିଯୁକ୍ତ ପ୍ରସିକ୍ୟୁଟରଙ୍କୁ ସେମାନଙ୍କ ଦକ୍ଷତାକୁ ନେଇ ସମ୍ମାନିତ କରିଥିଲେ । ଶେଷରେ ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର ଏହି କାର୍ଯ୍ୟକ୍ରମର ସୁଚାରୁ ରୂପେ ସମ୍ପାଦନ ନିମନ୍ତେ ସମସ୍ତଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ନନ କ୍ୟାଡର ପ୍ରସିକ୍ୟୁଟରମାନେ ଯୋଗଦେଇଥିଲେ।

## ଫିରିଙ୍ଗିଆ ବ୍ଲକରେ ପୋଲିଓ ବୁନ୍ଦାନେଲେ ୧୮ ହଜାର ୭ ଶହ ୨୮ ଶିଶୁ




ଫିରିଙ୍ଗିଆ,୨୮।୬(ସମିସ): ପୋଲିଓ ଦିବସ ଅବସରରେ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକରେ ମୋଟ ୧୮ ହଜାର ୭ ଶହ ୨୮ ଜଣ ଶିଶୁଙ୍କୁ ପୋଲିଓ ବୁନ୍ଦା ଦିଆଯାଇଛି। ଫିରିଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସୁମନ୍ତ କୁମାର ମାଝୀଙ୍କ ଅଧକ୍ଷତା ଓ ଗୋଷ୍ଠୀ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସଜନୀ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନର ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଥିବା ଏହି ଦିବସରେ ବିଧାୟକଙ୍କ ଫିରିଙ୍ଗିଆ ସ୍ୱାସ୍ଥ୍ୟ ବିଭାଗ ପ୍ରତିନିଧି ଅକ୍ଷୟ କୁମାର କଟା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟ କେନ୍ଦ୍ରର ଏଲଏଚଭି ନିର୍ମଳା ବେହେରା, ସ୍ୱାସ୍ଥ୍ୟ ଅଧୁକାରିଣୀ ବାସନ୍ତୀ ଦିଗାଲ, ଅଙ୍ଗନବାଡି ସୁପରଭାଇଜର ଅପର୍ଣ୍ଣା ଦିଗାଲ, ମହିଳା ସ୍ୱାସ୍ଥ୍ୟ କର୍ମୀ ପଦ୍ମାଳୟା ମିରକାପ ଆଶା କର୍ମୀ ଶାନ୍ତିଲତା ପ୍ରଧାନ, ଅଙ୍ଗନବାଡି କର୍ମୀ ବିନୋଦିନୀ ମହାନନ୍ଦ, ଦୀପା ନାଏକ, ପଦ୍ମିନୀ କହଁର, ସବିତା ମଳିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେପଟେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ସମୁଦାୟ ୧୩୯ଟି କେନ୍ଦ୍ର ଖୋଲା ଯାଇଥିବା ବେଳେ କେନ୍ଦ୍ରମାନଙ୍କରେ ବିଭିନ୍ନ ପ୍ରକାର ଅନୁସଙ୍ଗିକ ସୁବିଧା ସହ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ମାନଙ୍କ ସହ ସ୍ଥାନୀୟ ଆଶା ଓ ଅଙ୍ଗନବାଡ଼ି କର୍ମୀ ମନେ ଉପସ୍ଥିତ ରହି ଶିଶୁ ମାନଙ୍କୁ ପୋଲିଓ ଖୁଆଇ ଥିଲେ। ତେବେ ଏହି ଫିରିଙ୍ଗିଆ ବ୍ଲକରେ ଗୋଟିଏ ଦିନରେ ସମୁଦାୟ ୮ ହଜାର ସାତସହ ଅଠେଇଶି ଜଣ ଶିଶୁଙ୍କୁ ପୋଲିଓ ଖାଇବାକୁ ଦିଆଯାଇଥିଲା।

### ଗୋପାଳପୁର–ରାୟଗଡା ରେଳ ପ୍ରକଳ୍ପ ଦାବିରେ ଆନ୍ଦୋଳନ ନିମନ୍ତେ ପ୍ରସ୍ତୁତି

## ବାଲିପଡ଼ାରେ ବିଶାଳ ସଭା, ସର୍ବଦଳୀୟ ଓ ସର୍ବସ୍ତରୀୟ ସମର୍ଥନ

କୁକୁଡାଖଣ୍ଡି, ୨୮ ।୬(ସମିସ): ବହୁ ପ୍ରତୀକ୍ଷିତ ଗୋପାଳପୁର–ରାୟଗଡା ରେଳ ପ୍ରକଳ୍ପର ଶୀଘ୍ର କାର୍ଯ୍ୟକାରିତା ଦାବିରେ ଗଞ୍ଜାମ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଜନସଚେତନତା ଓ ଗଣଆନ୍ଦୋଳନ ଜୋରଦାର ହେଉଥିବା ବେଳେ କୁକୁଡାଖଣ୍ଡି ବ୍ଲକର ବାଲିପଡ଼ାରେ ରବିବାର ଏକ ବିଶାଳ ସଭା ଅନୁଷ୍ଠିତ ହୋଇଛି। ସଭାରେ ଉପସ୍ଥିତ ବକ୍ତାମାନେ ଏହି ରେଳ ପ୍ରକଳ୍ପ ଦକ୍ଷିଣ ଓଡ଼ିଶାର ଆର୍ଥିକ, ଶିଳ୍ପ ଓ ସାମାଜିକ ବିକାଶ ପାଇଁ ଅତ୍ୟନ୍ତ ଜରୁରୀ ବୋଲି ମତ ପ୍ରକାଶ କରିଥିଲେ। ବାଲିପଡ଼ା କଲ୍ୟାଣ ମଣ୍ଡପରେ ଆୟୋଜିତ ସଭାରେ ପୂର୍ବତନ ସର୍ବଭାରତୀୟ ପ୍ରଶାସକ ଡ଼. ବାଳକୃଷ୍ଣ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ମଞ୍ଚରେ ଦିଗପହଣ୍ଡି ଏନଏସି ଅଧ୍ୟକ୍ଷ ପ୍ରଫୁଲ ପଣ୍ଡା, ବରିଷ୍ଠ ସାମ୍ୟବାଦୀ ନେତା କୈଳାଶ ଷଡ଼ଙ୍ଗୀ, ବରିଷ୍ଠ କଂଗ୍ରେସ ନେତା ବୃନ୍ଦାବନ ଖଟେଇ, ଦକ୍ଷିଣ ଓଡ଼ିଶା ରେଳ ବିକାଶ ପରିଷଦର ଉପସଭାପତି ରମେଶ ଚନ୍ଦ୍ର ପଣ୍ଡା, ବାଲିପଡ଼ା ସରପଞ୍ଚ ପ୍ରତିନିଧି ଜିତେନ୍ଦ୍ର ସେଠି ଓ ପୂର୍ବତନ ସରପଞ୍ଚ ମନୋଜ ବିଷୋୟୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଆଇନଜୀବୀ କୁରେଶୁ ପଣ୍ଡା ସଂଯୋଜନା କରିଥିଲେ।ସଭାରେ ବକ୍ତାମାନେ କହିଥିଲେ ଯେ, ଗୋପାଳପୁର–ରାୟଗଡା ରେଳ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଦକ୍ଷିଣ ଓଡ଼ିଶାର ବାଣିଜ୍ୟ, ଶିଳ୍ପ, ପର୍ଯ୍ୟଟନ, କୃଷି ଓ ରୋଜଗାର କ୍ଷେତ୍ରରେ ନୂଆ ସମ୍ଭାବନା ସୃଷ୍ଟି ହେବ। ପ୍ରକଳ୍ପକୁ ତୁରନ୍ତ ଅନୁମୋଦନ ଓ କାର୍ଯ୍ୟକାରୀ କରିବା ପାଇଁ ଆବଶ୍ୟକ ହେଲେ ଗଣଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଥିଲା। ଏହାସହ ପ୍ରକଳ୍ପ ଅଧୀନସ୍ଥ ସମସ୍ତ ଗ୍ରାମ ପଞ୍ଚାୟତର ସରପଞ୍ଚ, ବୁଦ୍ଧିଜୀବୀ, ସାମାଜିକ ସଂଗଠକ ଓ ଜନପ୍ରତିନିଧିଙ୍କୁ ନେଇ ଏକ ସମନ୍ୱୟ କମିଟି ଗଠନ କରାଯିବାକୁ ସଭାରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ସଭାରେ ଜିଲ୍ଲାର ବିଭିନ୍ନ ଅଞ୍ଚଳର ଜନପ୍ରତିନିଧି, ଆଇନଜୀବୀ, ସାମାଜିକ କର୍ମୀ ଓ ବୁଦ୍ଧିଜୀବୀମାନେ ଯୋଗଦେଇ ନିଜ ମତାମତ ରଖିଥିଲେ। ପ୍ରକୃତିବନ୍ଧୁ ବୃନ୍ଦାବନ ପଣ୍ଡା, ଜିଲ୍ଲା ପରିଷଦ ସଦସ୍ୟ ସୁନୀଲ କୁମାର ବିଷୋୟୀ ଓ ରାଧାକାନ୍ତ ମହାଙ୍କୁଡ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ବିଜୟ କୁମାର ପ୍ରଧାନ, ଗଞ୍ଜାମ ଜିଲ୍ଲା ସରପଞ୍ଚ ସଂଘ ସଭାପତି ମନୋରଞ୍ଜନ ଗୌଡ଼ଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହି ପ୍ରକଳ୍ପ ପ୍ରତି ଦୃଢ଼ ସମର୍ଥନ କରିଥିଲେ।

## ଓକିଲ ସଂଘ କାର୍ଯ୍ୟାଳୟରେ 'ବେଲ୍' ସଂକ୍ରାନ୍ତ ସେମିନାର୍

ଛତ୍ରପୁର,୨୮।୬(ସମିସ): ଛତ୍ରପୁର ଓକିଲ ସଂଘ କାର୍ଯ୍ୟାଳୟ ପରିସର ରେ ସଭାପତି ଏଲ୍.ଗୋପାଳ ରାଓଙ୍କ ଅଧ୍ୟକ୍ଷତାରେ (ବେଲ )"ଜାମିନ" ସମ୍ବନ୍ଧୀୟ ଏକ (କର୍ମଶାଳା) ସେମିନାର ଅନୁଷ୍ଠିତ ହୋଇଯାଇଛି। ଜାମିନ (ବେଲ )ହେଉଛି କୋଣସି ଅଭିଯୁକ୍ତଙ୍କୁ ଜେଲରୁ ମୁକ୍ତ କରିବାର ଆଇନଗତ ପ୍ରକ୍ରିୟା। ଅଦାଲତଙ୍କ ସର୍ତ୍ତ ଅନୁଯାୟୀ, ଜାମିନଦାର ଏବଂ ମୁଚାଲିକା ଦାଖଲ କରି ଅଭିଯୁକ୍ତ ନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଜେଲରୁ ବାହାରେ ରହିପାରନ୍ତି। ଭାରତୀୟ ଆଇନ ବ୍ୟବସ୍ଥାରେ ଜାମିନ ପ୍ରମୁଖତଃ ତିନି ପ୍ରକାରର ହୋଇଥାଏ। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ ଜିଲ୍ଲା ଦୌରା ଜଜ୍ (ଛତ୍ରପୁର) ପ୍ରଦୀପ କୁମାର ସାମଲ ଯୋଗଦେଇ ଜାମିନ (ବେଲ)ର ବିଭିନ୍ନ ଦିଗ ଉପରେ କହିବା ସହିତ ଏହାର କଣ ବ୍ୟବସ୍ଥା ରହିଛି ସେ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ସିନିୟର ସିଭିଲ ଜଜ୍ ପୂଜା ଦେ, ଏସ୍ଡିଜେଏମ୍ ବିଷ୍ଣୁପ୍ରିୟା ସାମନ୍ତରାୟ, ଜେଏମ୍ଏଫସି ସ୍ୱାଗତିକା ସ୍ୱାଇଁ ଓ ବରିଷ୍ଠ ଆଇନଜୀବୀ ସୂର୍ଯ୍ୟନାରାୟଣ ସାମନ୍ତରାୟ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଛତ୍ରପୁର ଓକିଲ ସଂଘର ଉପସଭାପତି ପ୍ରଦୀପ କୁମାର ପଲାଇ, ସାଧାରଣ ସମ୍ପାଦକ କେ. ଦୁର୍ଯ୍ୟୋଧନ ରେଡ୍ଡୀ, ଲାଇବ୍ରେରୀ ସେକ୍ରେଟାରୀ ଏନ. ଗୋପୀଙ୍କ ସମେତ ବହୁ ବରିଷ୍ଠ ଏବଂ ଯୁବ ଆଇନଜୀବୀ ମାନେ ଏହି ସେମିନାରଅଂଶ ଗ୍ରହଣ କରିଥିଲେ।

### ● ଉତ୍କଳ ସାମ୍ବାଦିକ ସଂଘ ଜିଲ୍ଲା ଶାଖାର ବାର୍ଷିକ ଉତ୍ସବ

## 'ନାଗରିକ ସାମ୍ବାଦିକତାର ବୃଦ୍ଧି ଓ ପ୍ରଭାବ' ସଂକ୍ରାନ୍ତ ଆଲୋଚନା

ପାରଳାଖେମୁଣ୍ଡି, ୨୮ ।୬ (ସମିସ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ କେନ୍ଦ୍ର ସଭାଗୃହରେ ଉତ୍କଳ ସାମ୍ବାଦିକ ସଂଘ ଗଜପତି ଜିଲ୍ଲା ଶାଖାର ବାର୍ଷିକ ଉତ୍ସବ ଆଡ଼ମ୍ବରପୂର୍ଣ୍ଣ ପରିବେଶରେ ପାଳିତ ହୋଇଯାଇଛି।

### ଯୁବ ଆଇପିଏସ୍ ରାକେଶ ସାହୁଙ୍କୁ 'ଉତ୍କର୍ଷ ସମ୍ମାନ'



ସଂଘର ସଭାପତି ଦ୍ୱୀଜେନ୍ଦ୍ରନାଥ ପାଢ଼ୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପାରଳାଖେମୁଣ୍ଡି ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ମୋହନା ବିଧାୟକ ଦାଶରଥି ଗମାଙ୍ଗ, ଗଜପତି ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପ୍ରହ୍ଲାଦ ସାହାୟ ମୀନା ଓ ଆର୍. ଉଦୟଗିରି ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ରାକେଶ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। 'ପ୍ରଗତିବାଦୀ' ଖବରକାଗଜର କାର୍ଯ୍ୟନିର୍ବାହୀ ସମ୍ପାଦକ ବିରୂପାକ୍ଷ ତ୍ରିପାଠୀ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ । ଏହି ଅବସରରେ 'ନାଗରିକ ସାମ୍ବାଦିକତାର ବୃଦ୍ଧି ଓ ତାହାର ପ୍ରଭାବ' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ବକ୍ତା ବିରୂପାକ୍ଷ ତ୍ରିପାଠୀ ନାଗରିକ ସାମ୍ବାଦିକତାର ସକାରାତ୍ମକ ଓ ନକାରାତ୍ମକ ଦିଗ ଉପରେ ବିସ୍ତୃତ ଆଲୋଚନା କରିବା ସହ ସମାଜରେ ସାମ୍ବାଦିକଙ୍କ ଭୂମିକା, ଦାୟିତ୍ୱ ଓ ନୈତିକତା ସମ୍ପର୍କରେ ପ୍ରାଞ୍ଜଳ ଭାବେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଇଂ. ରୂପେଶ ପାଣିଗ୍ରାହୀ ଏଭଳି କାର୍ଯ୍ୟକ୍ରମର ଆୟୋଜନକୁ ପ୍ରଶଂସା କରିବା ସହ ସାମ୍ବାଦିକମାନଙ୍କୁ ସମାଜର ଜାଗ୍ରତ ପ୍ରହରୀ ବୋଲି ଅଭିହିତ କରିଥିଲେ। ସେ କହିଥିଲେ, ଜିଲ୍ଲାର ପ୍ରତ୍ୟେକ ସାମ୍ବାଦିକମାନଙ୍କ ସମସ୍ୟା ସମାଧାନ ଓ ସେମାନଙ୍କ ପରିବାରର ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆବଶ୍ୟକ ସହଯୋଗ ପାଇଁ ସେ ସର୍ବଦା ସାଥୀ ହୋଇ ରହିବେ। ତାଙ୍କର ଏହି ପ୍ରତିଶ୍ରୁତି ସାମ୍ବାଦିକମାନଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିଥିଲା। ଏହି ଅବସରରେ ରା.ଉଦୟଗିରି ଏସଡିପିଓ ରାକେଶ କୁମାର ସାହୁଙ୍କୁ ତାଙ୍କର ଉଲ୍ଲେଖନୀୟ କାର୍ଯ୍ୟଶୈଳୀ, ଦକ୍ଷତା ଓ ଜନସେବା ପ୍ରତି ନିଷ୍ଠା ପାଇଁ ଚଳିତ ବର୍ଷର 'ଉତ୍କର୍ଷ ସମ୍ମାନ' ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ସହ-ସମ୍ପାଦକ ସୁଜିତ୍ ପ୍ରଧାନ ଅତିଥି ପରିଚୟ ଓ ଆମନ୍ତ୍ରଣ ପାଠ କରିଥିବା ବେଳେ କାର୍ଯ୍ୟକାରୀ ସଭାପତି ସୁଜିତ୍ ବିଷୋୟୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମ୍ପାଦକ ସରୋଜ ବୀର ସମ୍ପାଦକୀୟ ପାଠ କରି ସଂଘର ବାର୍ଷିକ କାର୍ଯ୍ୟକଳାପ ଓ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ସଦସ୍ୟମାନଙ୍କୁ ଅବଗତ କରାଇଥିଲେ। ଶେଷରେ ଉପସଭାପତି ସନ୍ତୋଷ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲାସ୍ତରୀୟ ପଲ୍ସ ପୋଲିଓ ଟିକାକରଣ

ପାରଳାଖେମୁଣ୍ଡି,୨୮ ।୬(ସମିସ): ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଠାରେ ପଲ୍ସ ପୋଲିଓ ଟୀକାକରଣ କାର୍ଯ୍ୟକ୍ରମ ୨୦୨୬ର ଶୁଭାରମ୍ଭ ହୋଇଯାଇଛି। ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ଅଦ୍ୟ ଆଜିଠାରୁ ୩୦ ତାରିଖ ପର୍ଯ୍ୟନ୍ତ ସମଗ୍ର ଜିଲ୍ଲାରେ ପଲ୍ସ ପୋଲିଓ ଟିକାକରଣ କାର୍ଯ୍ୟକ୍ରମ କରାଯିବ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ଜନ୍ମରୁ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ସମସ୍ତ ଶିଶୁ ପ୍ରାୟ ୬୬୩୬୫ ଜଣ ଶିଶୁଙ୍କୁ ଦୁଇ ବୁନ୍ଦା ପୋଲିଓ ଟୀକା ଖୁଆଇବାର ଲକ୍ଷ୍ୟ ରଖାଯାଇଅଛି । ଏଥିପାଇଁ ଚିହ୍ନଟ କରାଯାଇଥିବା ୫୬୪ ଟି ବୁଥରେ ଦୁଇ ଜଣିଆ ଟୀକା ପ୍ରଦାନକାରୀ ଦଳଙ୍କୁ ନିୟୋଜିତ କରାଯାଇଅଛି । ଏତଦ ବ୍ୟତିତ, ୨୦ଟି ଭ୍ରାମ୍ୟମାଣ ଦଳ ଏବଂ ଜନସାଧାରଣ ଯାତାୟାତ କରୁଥିବା ମୁଖ୍ୟ ଚିହ୍ନିତ ସ୍ଥାନ ସମୂହରେ ୩୦ଟି ଦଳ ନିୟୋଜିତ କରାଯାଇଅଛି । ଟୀକାକରଣର ପ୍ରଥମ ଦିନରେ ଚିହ୍ନଟ କରାଯାଇଥିବା ବୁଥ ସମୂହରେ ଟୀକାକରଣ କରାଯିବ । ପରବର୍ତ୍ତୀ ଦୁଇ ଦିନ, ଟୀକା ପ୍ରଦାନକାରୀ ଦଳ ଗୃହ ପରିଦର୍ଶନ କରି ପୋଲିଓ ଟୀକା ପାଇନଥିବା ଶିଶୁଙ୍କୁ ପୋଲିଓ ବୁନ୍ଦା ଖୁଆଇବେ । କାର୍ଯ୍ୟକ୍ରମଟିକୁ ତଦାରଖ କରିବା ପାଇଁ ଜିଲ୍ଲା ତଥା ବ୍ଲକ ସ୍ତରୀୟ ଅଧିକାରୀମାନେ ନିୟୋଜିତ ଅଛନ୍ତି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଜିଲ୍ଲା ମୁଖ୍ୟ ଚିକିତ୍ସକ ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମଞ୍ଜୁ ରାଣୀ ଜେନା, ଡିଏମ୍ଓ ଡାକ୍ତର ଶାନ୍ତନୁ



କୁମାର ପାଢ଼ୀ, ଡିପିଏମ୍ ସରିତା ମହାପାତ୍ରଙ୍କ ସମେତ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଉପସ୍ଥିତ ରହି ପୋଲିଓ ବୁନ୍ଦା ଖୁଆଇ ଥିଲେ । ଏନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସାଧାରଣଙ୍କୁ ଏହି କାର୍ଯ୍ୟକ୍ରମରେ ସମ୍ପୂର୍ଣ୍ଣ ସହଯୋଗ କରି ସମାଜକୁ ପୋଲିଓ ମୁକ୍ତ ରଖିବାରେ ସହାୟକ ହେବା ପାଇଁ ଅନୁରୋଧ କରାଯାଇଛି ।

ଆଜି ଦେବସ୍ନାନ ପୂର୍ଣ୍ଣିମା

# ପ୍ରତ୍ୟକ୍ଷ ସ୍ନାନ କରିବେ ବିଶ୍ୱନିୟନ୍ତା



ପୁରୀ,୨୮।୬(ସମିସ): ସୋମବାର ଦେବସ୍ନାନ ପୂର୍ଣ୍ଣିମା। ଏହି ପବିତ୍ର ତିଥିରେ ରତ୍ନସିଂହାସନରୁ ଓହ୍ଲାଇ ସ୍ନାନମଣ୍ଡପକୁ ଆସିବେ ବିଶ୍ୱନିୟନ୍ତା। ପ୍ରତିଦିନ ବିମ୍ବ (ଦର୍ପଣ) ସ୍ନାନ କରୁଥିବା ଦାରୁଦିଅଁ ଭକ୍ତଙ୍କ ସମ୍ମୁଖରେ କରିବେ ପ୍ରତ୍ୟକ୍ଷ ସ୍ନାନ। ପୁଣି ହାତୀ ବେଶରେ ସଜେଇ ହୋଇ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବେ। ଏଥିପାଇଁ ସ୍ନାନବେଦୀ ପ୍ରସ୍ତୁତ ଥିବାବେଳେ ସେହି ଦିବ୍ୟ ମୁହୂର୍ତ୍ତକୁ ଅପେକ୍ଷା କରିଛନ୍ତି ଲକ୍ଷ ଲକ୍ଷ ଭକ୍ତ। ଆଉ ସ୍ନାନଯାତ୍ରା ପାଇଁ ଚଳଚଞ୍ଚଳ ହୋଇପଡ଼ିଛି ଶ୍ରୀକ୍ଷେତ୍ର ପୁରୀ।

ମହାପ୍ରଭୁଙ୍କ ଶ୍ରୀଅଙ୍ଗ ସୁରକ୍ଷା ପାଇଁ

- ପ୍ରସ୍ତୁତ ସ୍ନାନବେଦୀ, ଅପେକ୍ଷାରେ ଭକ୍ତ
- ଭୋର୍ ୫ରୁ ଆରମ୍ଭ ହେବ ପହଣ୍ଡି
- ଅପରାହ୍ଣ ୪ରେ ହାତୀ ବେଶ
- ୨ ଘଣ୍ଟା ସାହାଣ ମେଲା ଦର୍ଶନ
- ରାତି ୧୦ରେ ବେଶ ମଇଲମ

ରବିବାର ସେନାପଟା ଲାଗି ଶେଷ ହୋଇଛି। ରତ୍ନସିଂହାସନରେ ଚାରବାଡ଼ ବନ୍ଧା ସରିଥିବାବେଳେ ଭୋର୍ ୫ଟାରୁ ସକାଳ ୭ଟା ମଧ୍ୟରେ ପହଣ୍ଡି ଲାଗି ନୀତି ନିର୍ଘଣ୍ଟ ହୋଇଛି। ପ୍ରଥମେ ଶ୍ରୀସୁଦର୍ଶନ, ପରେ ବଡ଼ଠାକୁର ବଳଭଦ୍ର, ମା' ସୁଭଦ୍ରା ଓ ଶେଷରେ ସ୍ନାନବେଦୀକୁ ଆସିବେ ଜଗତରନାଥ ଶ୍ରୀଜଗନ୍ନାଥ। ପ୍ରତିଦିନ ବିମ୍ବ (ଦର୍ପଣ) ସ୍ନାନ କରୁଥିବା ଦାରୁବିଗ୍ରହମାନେ ସ୍ନାନବେଦୀରେ କରିବେ ପ୍ରତ୍ୟକ୍ଷ ସ୍ନାନ। ସୁନା ଗୋସେଇଁ ପରିବାରର ସଦସ୍ୟମାନେ ସୁନାକୂଅରୁ ୧୦୮ ଗଡୁ ଜଳ ଆଣି ଜଳ ଗୃହରେ ରଖିବେ। ଚୁଆ, ଚନ୍ଦନ, କର୍ପୂର ଆଦି ପକାଯାଇ ଜଳକୁ ଅଧିବାସ କରାଯିବ। ଅଧିବାସ ଗୃହରୁ ଗରାବଡୁ ସେବକମାନେ ୧୦୮ ଗଡୁ ଜଳ ନେଇ ୪ଟି ପନ୍ତିରେ ସ୍ନାନବେଦୀରେ ରଖିବେ। ମଧ୍ୟାହ୍ନ ୧୨ଟାରୁ ସ୍ନାନବିଧି ଆରମ୍ଭ କରାଯିବ। ଜଳ ବିଜେ ଓ ପୂଜା ପରେ ଚତୁର୍ଦ୍ଧାବିଗ୍ରହଙ୍କ ସ୍ନାନ ନୀତି ସମ୍ପନ୍ନ ହେବ। ଶ୍ରୀବଳଭଦ୍ର ୩୩ ଗଡୁ, ସୁଭଦ୍ରା ୨୨ ଗଡୁ, ଶ୍ରୀଜଗନ୍ନାଥ ୩୫ ଗଡୁ ଏବଂ ସୁଦର୍ଶନ ୧୮ ଗଡୁ ଜଳରେ ସ୍ନାନ କରିବେ। ଅପରାହ୍ଣ ସାଢ଼େ ୩ଟାରେ ଛେରାପହଁରା ନୀତି ସମ୍ପନ୍ନ ହେବା ପରେ ଅପରାହ୍ଣ ୪ଟାରେ ମହାପ୍ରଭୁଙ୍କ ଦୁର୍ଲ୍ଲଭ ହାତୀବେଶ ଅନୁଷ୍ଠିତ ହେବ। ଏହି ବେଶ ଥାଇ ଘଣ୍ଟ ଛତା ସକାଳ ଧୂପ ଭୋଗ ସରିବ। ତିନିଠାକୁରଙ୍କ ପହଣ୍ଡି ବିଜେ ସମ୍ପନ୍ନ ହେବା ସାହାଣ ମେଲା ପୂର୍ବ ପର୍ଯ୍ୟନ୍ତ ସ୍ନାନମଣ୍ଡପ ତଳ ସମ୍ମୁଖ ଭାଗରେ ଥିବା ସ୍ଥାୟୀ ର୍‌ୟାମ୍ପରେ ନିରବଚ୍ଛିନ୍ନ ଭାବେ ଭକ୍ତମାନେ ଦର୍ଶନ କରିପାରିବେ। ସନ୍ଧ୍ୟା ସାଢ଼େ ୭ରୁ ରାତି ସାଢ଼େ ୯ଟା ଅର୍ଥାତ୍ ୨ ଘଣ୍ଟା ସାହାଣ ମେଲା ଦର୍ଶନ ରହିଛି। ଶ୍ରଦ୍ଧାଳୁମାନେ ସ୍ନାନମଣ୍ଡପ ଉପରକୁ ଯାଇ ଦର୍ଶନ କରିବେ କିନ୍ତୁ କେହି ଠାକୁରଙ୍କୁ ସ୍ପର୍ଶ କରିପାରିବେ ନାହିଁ। ରାତି ୧୦ଟାରେ ହାତୀବେଶ ମଇଲମ ହେବ। ଏହାପରେ ପୁଷ୍ପାଞ୍ଜଳି ଓ ଡୋର ଲାଗି ସରିବା ପରେ ମହାପ୍ରଭୁ ସ୍ନାନବେଦୀରୁ ଗୋଟି ପହଣ୍ଡିରେ ଅଣସର ପିଣ୍ଡିକୁ ବିଜେ କରିବେ। ରାତି ୧୧ଟାରୁ ୨ଟା ମଧ୍ୟରେ ବାହୁଡ଼ା ପହଣ୍ଡି ଶେଷ କରାଯିବା ଲାଗି ସମୟ ନିର୍ଘଣ୍ଟ ହୋଇଛି। ଏହାପରେ ରାତି ସାଢ଼େ ୨ଟାରେ ସୁନାଚିତା ଓ ରାହୁରେଖା ମଇଲମ ହୋଇ ଟାଟି ବନ୍ଧାଯିବ। ଆରମ୍ଭ ହେବ ଅଣସର ନୀତି। ସ୍ନାନ ପରେ ଜ୍ୱରରେ ପଡ଼ିବେ ମହାପ୍ରଭୁ। ଏହାପରେ ଉପଶମ ପାଇଁ ଚାଲିବ ଉପଚାର। ଦଇତାପତି ସେବକମାନେ ଏହି ଗୁପ୍ତ ସେବା କରିବେ। ମହାପ୍ରଭୁ ସୁସ୍ଥ ହେବା ପରେ ଜୁଲାଇ ୧୬ ତାରିଖରେ ରଥରେ ବସି ଯିବେ ଜନ୍ମବେଦୀକୁ।

ଦେବସ୍ନାନ ପୂର୍ଣ୍ଣିମା ଲାଗି ଚଳଚଞ୍ଚଳ ହୋଇପଡ଼ିଛି ଶ୍ରୀକ୍ଷେତ୍ର। ଅନ୍ୟପକ୍ଷରେ ଘୋଷଯାତ୍ରା ବିଧି ଯୋଗୁ ପ୍ରାୟ ମାସେ ପର୍ଯ୍ୟନ୍ତ ରତ୍ନବେଦୀରେ ଆଉ ଦାରୁବିଗ୍ରହଙ୍କ ଦର୍ଶନ ମିଳିବ ନାହିଁ। ତେଣୁ ଶ୍ରୀମନ୍ଦିରରେ ରବିବାର ଭକ୍ତଙ୍କ ପ୍ରବଳ ଭିଡ଼ ହୋଇଥିଲା। ଅପରପକ୍ଷେ ଶନିବାର ରାତି ୧ଟା ୩୫ରେ ଶ୍ରୀମୁଖ ଖଣ୍ଡୁଆ ଏବଂ ୨ଟା ୧୦ରେ ବାହୁଟ କଣ୍ଟ ହୋଇଥିଲା। ରାତି ୨ଟା ୧୫ରେ କୋଠସୁଆଁସିଆମାନେ ଚାରବନ୍ଧାକୁ ପ୍ରବେଶ କରିଥିଲେ। ରବିବାର ସକାଳ ୭ଟାରେ ଚାରବନ୍ଧା ସରିଥିଲା। ଏହାପରେ ଦଇତାପତି ସେବକମାନେ ୭ଟା ୧୫ରେ ସେନାପଟା ଲାଗିକୁ ପ୍ରବେଶ କରିଥିଲେ। ତେଣୁ ରବିବାର ଅପରାହ୍ନ ପ୍ରାୟ ୨ଟା ୩୫ ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିଲା। ଏହାପରେ ମହାପ୍ରଭୁଙ୍କୁ ଦର୍ଶନ ପାଇଁ ଭକ୍ତଙ୍କ ପ୍ରବଳ ଭିଡ଼ ହୋଇଥିଲା।

| ଦେବସ୍ନାନ ପୂର୍ଣ୍ଣିମା ନୀତି ନିର୍ଘଣ୍ଟ | |
|---|---|
| ମଙ୍ଗଳାର୍ପଣ | ରାତି ୪ଟା ୩୦ |
| ଡୋରଲାଗି ଓ ପୁଷ୍ପାଞ୍ଜଳି ହୋଇ ପହଣ୍ଡି ଆରମ୍ଭ | ଭୋର୍ ୫ଟାରୁ ସକାଳ ୭ଟା |
| ମଙ୍ଗଳ ଆଳତି | ପୂର୍ବାହ୍ଣ ୯ଟା |
| ମଇଲମ | ପୂର୍ବାହ୍ଣ ୯ଟା ୧୫ |
| ତଡ଼ପଲାଗି | ପୂର୍ବାହ୍ଣ ୯ଟା ୨୫ |
| ଅଧରପୋଛା | ପୂର୍ବାହ୍ଣ ୯ଟା ୪୫ |
| ଅବକାଶ | ପୂର୍ବାହ୍ଣ ୧୦ଟା ୨୦ |
| ରୋଷହୋମ | ପୂର୍ବାହ୍ଣ ୧୦ଟା ୩୦ |
| ସୂର୍ଯ୍ୟପୂଜା | ପୂର୍ବାହ୍ଣ ୧୦ଟା ୫୫ |
| ଦ୍ୱାରପାଳ ପୂଜା | ପୂର୍ବାହ୍ଣ ୧୧ଟା ୧୦ |
| ବେଶ ଶେଷ | ପୂର୍ବାହ୍ଣ ୧୧ଟା ୨୫ |
| ଜଳବିଜେ, ପୂଜା ଓ ସ୍ନାନ | ମଧ୍ୟାହ୍ନ ୧୨ଟାରୁ ଅପରାହ୍ଣ ୨ଟା |
| ମଇଲମ, ମେକାପ ଓ ନୂଆଲୁଗା ଲାଗି | ଅପରାହ୍ଣ ୨ଟା ୩୦ |
| ଛେରାପହଁରା | ଅପରାହ୍ଣ ୩ଟା ୩୦ |
| ହାତୀବେଶ | ଅପରାହ୍ଣ ୪ଟାରୁ ୫ଟା |
| ମହନ୍ତ ଶାଢ଼ିବନ୍ଧା | ସନ୍ଧ୍ୟା ୫ଟା |
| ଘଣ୍ଟଛତା, ସକାଳ ଧୂପ | ସନ୍ଧ୍ୟା ୫ଟା ୩୦ରୁ ୭ଟା ୩୦ |
| ଦକ୍ଷିଣୀଘର ଭୋଗ | ରାତି ୮ଟା |
| ସାହାଣମେଲା | ସନ୍ଧ୍ୟା ସାଢ଼େ ୭ରୁ ସାଢ଼େ ୯ଟା |
| ହାତୀବେଶ ମଇଲମ | ରାତି ୧୦ଟା |
| ପୁଷ୍ପାଞ୍ଜଳି ଓ ଡୋରଲାଗି | ରାତି ୧୦ଟା ୩୦ |
| ବାହୁଡ଼ା ପହଣ୍ଡି | ରାତି ୧୧ରୁ ୨ଟା |
| ସୁନାଚିତା ଓ ରାହୁରେଖା ମଇଲମ | ରାତି ୨ଟା ୩୦ |

ସ୍ନାନ ପୂର୍ଣ୍ଣିମା ପାଇଁ ପୁରୀ ଆସୁଥିଲେ

# କେଉଁ ବାଟେ ଆସି କେଉଁଠି କରିବେ ଗାଡ଼ି ପାର୍କିଂ

ପୁରୀ,୨୮।୬(ସମିସ): ସୋମବାର ଦେବସ୍ନାନ ପୂର୍ଣ୍ଣିମା। ମହାପ୍ରଭୁଙ୍କ ଦିବ୍ୟସ୍ନାନ ଏବଂ ହାତୀବେଶ ଦର୍ଶନ ପାଇଁ ଏଥର ପୁରୀରେ ଭକ୍ତଙ୍କ ପ୍ରବଳ ସମାଗମ ହେବା ସମ୍ଭାବନା ରହିଛି। ତେଣୁ କେଉଁ ବାଟେ ଆସି କେଉଁଠି ଗାଡ଼ି ପାର୍କିଂ କରିବେ ସେ ନେଇ ପୁଲିସ ଟ୍ରାଫିକ୍ ପରାମର୍ଶ ଜାରି କରିଛି। ଭୁବନେଶ୍ୱର, ବ୍ରହ୍ମଗିରି ଏବଂ କୋଣାର୍କ ପଟୁ ବାଇକ୍‌ରେ ଆସୁଥିବା ଭକ୍ତମାନଙ୍କୁ ମାର୍କେଟ ଛକ ପର୍ଯ୍ୟନ୍ତ ଅନୁମତି ପ୍ରଦାନ କରାଯିବ। ସେମାନେ ବାଇକ୍‌ଗୁଡ଼ିକୁ ମ୍ୟୁନିସିପାଲିଟି ମାର୍କେଟ କମ୍ପ୍ଲେକ୍ସରେ ରଖିବେ। ମ୍ୟୁନିସିପାଲିଟି ମାର୍କେଟ କମ୍ପ୍ଲେକ୍ସ ପୂର୍ଣ୍ଣ ହୋଇଯିବା ପରେ ପୁରୁଣା ଜଗନ୍ନାଥ ବଲ୍ଲଭରେ ପାର୍କିଂ କରିବେ। ଫେରିବା ସମୟରେ ପୁରୁଣା ଜଗନ୍ନାଥ ବଲ୍ଲଭରେ ପାର୍କିଂ କରିଥିବା ଯାନ ନରେନ୍ଦ୍ରକୋଣ ଏବଂ ଜଟିଆ ବାବାଜୀ ଛକ ଦେଇ ଫେରିବେ। ମ୍ୟୁନିସିପାଲିଟି ମାର୍କେଟ କମ୍ପ୍ଲେକ୍ସରେ ପାର୍କିଂ କରିଥିବା ବାଇକ୍‌ଗୁଡ଼ିକ ମେଡିକାଲ ଛକ ଦେଇ ଫେରିବେ। ସମୁଦ୍ରକୂଳକୁ ଆସୁଥିବା ଶ୍ରଦ୍ଧାଳୁ ନିଜ ଦୁଇ ଚକିଆ ଯାନଗୁଡ଼ିକ ଭିଆଇପି ରୋଡ୍ ଦେଇ ଦିଗବାରେଣିଠାରେ ପାର୍କିଂ କରିବାକୁ ଅନୁମତି ଦିଆଯାଇଛି। ଫେରିବା ସମୟରେ ସେହି ରାସ୍ତା ଦେଇ ଫେରିବେ। ଯେଉଁ ଭକ୍ତମାନେ ପ୍ରଥମେ ଆସିବେ ତାଙ୍କୁ ପ୍ରଥମେ ଅଗ୍ରାଧିକାର ଦିଆଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

ସେହିପରି ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ଚାରିଚକିଆ ଗାଡ଼ି ନେଇ ଭୁବନେଶ୍ୱର ପାର୍ଶ୍ୱରୁ ଆସୁଥିବା ଗାଡ଼ିଗୁଡ଼ିକ ସାକ୍ଷୀଗୋପାଳ, ମାଳତିପାଟପୁର, ବାଟଗାଁ ଏବଂ ଶ୍ରୀସେତୁ ଦେଇ ନୂଆ ଜେବିପିସି ପାର୍କିଂରେ ରଖିବେ। ସେଠାରେ ପାର୍କିଂ ପୂର୍ଣ୍ଣ ହେବା ପରେ ଜେଲ୍ ରୋଡ୍ ପାର୍କିଂରେ ପାର୍କ କରିବେ। ଏହି ପାର୍କିଂ ପୂର୍ଣ୍ଣ ହେବା ପରେ ମେଡିକାଲ ଛକ ଓ ବଡ଼ଶଙ୍ଖ ଦେଇ ଶରଧାବାଲି ନିକଟରେ ନିର୍ଦ୍ଧାରିତ ସ୍ଥାନରେ ପାର୍କିଂ କରିବେ। ଶରଧାବାଲି ପାର୍କିଂ ପୂର୍ଣ୍ଣ ହେବା ପରେ ମେଡିକାଲ୍ ଛକ ଭିଆଇପି ରୋଡ୍ ଦେଇ ବ୍ଲୁ ଫ୍ଲାଗ୍ ବିଚ୍ ପାର୍କିଂ ଓ ହୋଟେଲ୍ ନୀଳାଚଳ ଅଶୋକ ପାର୍କିଂରେ ପାର୍କ କରିବେ। ଏହି ସମସ୍ତ ପାର୍କିଂ ପୂର୍ଣ୍ଣ ହେବା ପରେ ମାଳତିପାଟପୁର ଆର୍‌ଓବି, ବାଇଦାସନଗର, ଗ୍ରିଡ୍ ଷ୍ଟେସନ, ଭୂଦାନ ଦେଇ ତାଳବଣିଆ ପାର୍କିଂରେ ପାର୍କ କରିବେ। ଫେରିଲା ବେଳେ ସେହି ସମାନ ରାସ୍ତା ଦେଇ ଫେରିବେ। ବ୍ରହ୍ମଗିରି ପାର୍ଶ୍ୱରୁ ଆସୁଥିବା ହାଲୁକା ଯାନ ଶ୍ରୀସେତୁ ଦେଇ ନୂଆ ଜେବିପିସିରେ ପାର୍କିଂ କରିବେ। ଏହି ପାର୍କିଂ ପୂର୍ଣ୍ଣ ହେବା ପରେ ମଙ୍ଗଳା ଘାଟ ଛକ, ଷ୍ଟର୍ଲିଂ ଛକ ଦେଇ ଯାତ୍ରିକା ପାର୍କିଂରେ ରଖିବେ। ସେମାନେ ଫେରିଲା ବେଳେ ସେହି ସମାନ ରାସ୍ତା ଦେଇ ଫେରିବେ। କୋଣାର୍କ ପାର୍ଶ୍ୱରୁ ଆସୁଥିବା ହାଲୁକା ଯାନ, ବାଇଦାସ ନଗର, ଗ୍ରିଡ୍ ଷ୍ଟେସନ, ପେଣ୍ଟକଟା, ସିଟି ରୋଡ୍, ସୁଭାଷ ବୋଷ ଛକ ଦେଇ ବ୍ଲୁ ଫ୍ଲାଗ୍ ବିଚ୍ ପାର୍କିଂ ଓ ହୋଟେଲ୍ ନୀଳାଚଳ ଅଶୋକ ପାର୍କିଂରେ ପାର୍କ କରିବେ। ଏହି ପାର୍କିଂ ପୂର୍ଣ୍ଣ ହେବା ପରେ ଯାନଗୁଡ଼ିକ ଭୂଦାନ ଛକ ଦେଇ ତାଳବଣିଆ ପାର୍କିଂ ଓ ଆଇଟିଆଇ ପାର୍କିଂରେ ପାର୍କ କରିବେ। ସେମାନେ ଫେରିଲା ବେଳେ ସମାନ ରାସ୍ତା ଦେଇ ଫେରିବେ। ଯଦି ଭୁବନେଶ୍ୱର, କୋଣାର୍କ କିମ୍ବା ବ୍ରହ୍ମଗିରି ପଟୁ ଆସୁଥିବା କୌଣସି ଭକ୍ତ ସମୁଦ୍ର କୂଳ ଆସୁଥାଆନ୍ତି ତେବେ ସେମାନେ ବାଟଗାଁ, ମଙ୍ଗଳାଘାଟ ଏବଂ ଷ୍ଟର୍ଲିଂ ଛକ ଦେଇ ଯାତ୍ରିକା ପାର୍କିଂରେ ପାର୍କ କରିବେ ଏବଂ ସେମାନେ ଫେରିବା ସମୟରେ ସମାନ ରାସ୍ତା ଦେଇ ଫେରିବେ ବୋଲି ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି।

ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଠ୍ୟପୁସ୍ତକରେ ତ୍ରୁଟି ପ୍ରସଙ୍ଗ

# ୪୮ ଘଣ୍ଟା ମଧ୍ୟରେ ଗଣଶିକ୍ଷା ମନ୍ତ୍ରୀ ଇସ୍ତଫା ଦିଅନ୍ତୁ: ବିଜେଡି



ଭୁବନେଶ୍ୱର,୨୮।୬(ସମିସ): ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଠ୍ୟପୁସ୍ତକରେ ହୋଇଥିବା ତ୍ରୁଟି ଶିକ୍ଷା ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ନଷ୍ଟ କରିଛି। ପିଲାଙ୍କ ଭବିଷ୍ୟତ ସହିତ ରାଜ୍ୟ ସରକାର ଖେଳ ଖେଳିଛନ୍ତି। ମୁଖ୍ୟମନ୍ତ୍ରୀ ରାଜଧର୍ମ ପାଳନ କରିବାରେ ବିଫଳ

- ପାଠ୍ୟପୁସ୍ତକରେ ତ୍ରୁଟି ଓଡ଼ିଶାକୁ ସାରା ଦେଶରେ ନିନ୍ଦିତ କରିଛି
- ବହିରେ ହୋଇଥିବା ତ୍ରୁଟିର ତୁରନ୍ତ ସିବିଆଇ ତଦନ୍ତ କରାଯାଉ

ହୋଇଛନ୍ତି। ତେଣୁ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଇସ୍ତଫା ଦିଅନ୍ତୁ ଓ ଘଟଣାର ସିବିଆଇ ତଦନ୍ତ କରାଯାଉ ବୋଲି ଦାବି କରିଛି ବିଜୁ ଯୁବ ଓ ଛାତ୍ର ଜନତା ଦଳ।

ରବିବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜୁ ଯୁବ ଜନତା ଦଳ ସଭାପତି ଚିନ୍ମୟ ସାହୁ କହିଛନ୍ତି ଯେ ନୂତନ ଏନଇପି-୨୦୨୦ ଆଧାରିତ ଓଡ଼ିଆ ପାଠ୍ୟପୁସ୍ତକରେ ହୋଇଥିବା ବ୍ୟାପକ ତ୍ରୁଟି କେବଳ ଏକ ପ୍ରଶାସନିକ ଭୁଲ ନୁହେଁ, ବରଂ ଓଡ଼ିଆ ଭାଷା, ସଂସ୍କୃତି, ଐତିହ୍ୟ ଏବଂ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଉପରେ ଆକ୍ରମଣ। ଏହି ଘଟଣା ଜାତୀୟସ୍ତରରେ ମଧ୍ୟ ଓଡ଼ିଶାକୁ ଲଜ୍ଜିତ କରିଛି। ଏହା ସତ୍ତ୍ୱେ ମୁଖ୍ୟମନ୍ତ୍ରୀ ରାଜଧର୍ମ ପାଳନ କରି ବିଭାଗୀୟ ମନ୍ତ୍ରୀଙ୍କ ବିରୋଧରେ କୌଣସି ପଦକ୍ଷେପ ନେଇନାହାନ୍ତି। କେବଳ ଲୋକଦେଖାଣିଆ ଭାବେ ୫ ଜଣଙ୍କୁ ନିଲମ୍ବିତ କରାଯାଇଛି। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଠ୍ୟପୁସ୍ତକରେ ପ୍ରାୟ ୧୭୬୮ଟି ତ୍ରୁଟି ଚିହ୍ନଟ ହୋଇଛି। ସେଥିରୁ ସର୍ବାଧିକ ୭୦୫ଟି ତ୍ରୁଟି କେବଳ ଅଷ୍ଟମ ଶ୍ରେଣୀର ପୁସ୍ତକରେ ରହିଛି। ପୁସ୍ତକ ପ୍ରକାଶନରେ ପ୍ରାୟ ୩୮୦ କୋଟି ଟଙ୍କାର ଦୁର୍ନୀତି ହୋଇଛି। ତେଣୁ ଏହି ସମଗ୍ର ଘଟଣାର ସିବିଆଇ ତଦନ୍ତ କରାଯିବା ସହ ସମ୍ପୃକ୍ତ ସମସ୍ତ ଦୋଷୀ ଅଧିକାରୀ ଓ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ବିଜୁ ଛାତ୍ର ଜନତା ଦଳ ସଭାନେତ୍ରୀ ଇପ୍ସିତା ସାହୁ କହିଥିଲେ ଯେ ତ୍ରୁଟିପୂର୍ଣ୍ଣ ପୁସ୍ତକ ବିଷୟରେ ଜାଣିବା ପରେ ସରକାରଙ୍କ ପ୍ରଥମ କାମ ଥିଲା ସେଗୁଡ଼ିକୁ ତୁରନ୍ତ ପ୍ରତ୍ୟାହାର କରିବା। କିନ୍ତୁ ସରକାର ତାହା ନକରି ଲକ୍ଷ ଲକ୍ଷ ପିଲାଙ୍କୁ ଭୁଲ ତଥ୍ୟ ପଢ଼ିବାକୁ ବାଧ୍ୟ କରିଛନ୍ତି। ଶିକ୍ଷକମାନଙ୍କୁ ପୁସ୍ତକ ସଂଶୋଧନ କରି ପଢ଼ାଇବାକୁ କହି ସରକାର ଦାୟିତ୍ୱହୀନତାର ପରିଚୟ ଦେଇଛନ୍ତି। ଏହି ଅକ୍ଷମଣୀୟ ତ୍ରୁଟି ପାଇଁ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ ନୈତିକ ଦାୟିତ୍ୱ ନେଇ ୪୮ ଘଣ୍ଟା ମଧ୍ୟରେ ଇସ୍ତଫା ଦିଅନ୍ତୁ। ପ୍ରକାଶନରେ ଖର୍ଚ୍ଚ ହୋଇଥିବା ସରକାରୀ ଅର୍ଥ ସମ୍ପୃକ୍ତ ଦୋଷୀଙ୍କ ଠାରୁ ଆଦାୟ କରାଯାଉ। ତଦନ୍ତ ରିପୋର୍ଟକୁ ତୁରନ୍ତ ସାର୍ବଜନୀନ କରାଯାଉ। ନଚେତ ବିଜୁ ଯୁବ ଜନତା ଦଳ ଓ ବିଜୁ ଛାତ୍ର ଜନତା ଦଳ ମିଳିତ ଭାବେ ରାଜ୍ୟବ୍ୟାପୀ ଗଣ ଆନ୍ଦୋଳନ କରିବ ବୋଲି ସେ ଚେତାବନୀ ଦେଇଛନ୍ତି।

# ଆଜି ଦ୍ୱିତୀୟ ଶ୍ରୀକ୍ଷେତ୍ରରେ ସ୍ନାନଯାତ୍ରା



ବାରିପଦା, ୨୮।୬ (ସମିସ): ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ଶ୍ରୀଶ୍ରୀ ହରିବଳଦେବଜୀଉଙ୍କ ପବିତ୍ର ସ୍ନାନଯାତ୍ରା ସୋମବାର ଅନୁଷ୍ଠିତ ହେବ। ଯାହାକୁ ନେଇ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ହୋଇଛି। ନିର୍ଦ୍ଧାରିତ ନିର୍ଘଣ୍ଟ ଅନୁଯାୟୀ ସମସ୍ତ ନୀତିକାନ୍ତି ସମ୍ପାଦିତ ହେବ। ଦେବତ୍ତୋର ବିଭାଗ ଓ ମନ୍ଦିର ସେବାୟତ ଏଥିପାଇଁ ସମସ୍ତ କାର୍ଯ୍ୟ ସଠିକ ଭାବେ ତୁଲାଇବା ପାଇଁ ପ୍ରୟାସ ଜାରି ରଖିଛନ୍ତି। ସକାଳ ୫:୩୦ରୁ ସ୍ନାନ ମଣ୍ଡପକୁ ଗୋଟି ପହଣ୍ଡିରେ ତିନିଦିଅଁଙ୍କୁ ସ୍ନାନ ମଣ୍ଡପକୁ ବିଜେ କରାଯିବ। ଗଙ୍ଗାଙ୍କ ଆବାହନ କରାଯାଇ ଅମୃତ ସ୍ନାନ, ୧୦୮ ପଇଡ ଜଳ ସ୍ନାନ ଓ ପରେ ମନ୍ଦିର ପରିସରର ସ୍ୱତନ୍ତ୍ର କୂଅରୁ ୧୦୮ କୁମ୍ଭ ଜଳ ଅଣାଯାଇ ଶ୍ରୀଜୀଉଙ୍କ ଦେବସ୍ନାନ ନୀତି ଅନୁଷ୍ଠିତ ହେବ। ଏହାପରେ ତିନି ଠାକୁରଙ୍କ ଚନ୍ଦନ ଓ ଫୁଲ ବେଶ ହୋଇ ସାହାଣମେଲା ଅନୁଷ୍ଠିତ ହେବ। ସର୍ବସାଧାରଣଙ୍କ ଦର୍ଶନ ଜାରି ରହିବା ସହିତ ସନ୍ଧ୍ୟାରେ ଶ୍ରୀଜୀଉମାନେ ଗଜ ବେଶରେ ଭକ୍ତଙ୍କୁ ଦର୍ଶନ ଦେବେ। ସେପଟେ ସ୍ଥାନୀୟ ସାନଜଗନ୍ନାଥ (ବାଣିଆ ଜଗନ୍ନାଥ) ମହାପ୍ରଭୁଙ୍କ ମନ୍ଦିରରେ ମଧ୍ୟ ଦେବସ୍ନାନ ପୂର୍ଣ୍ଣିମା ଯଥାରୀତିରେ ସମ୍ପନ୍ନ ହେବ। ପରମ୍ପରା ଅନୁସାରେ ସ୍ନାନ ପୂର୍ଣ୍ଣିମା ମଧ୍ୟରାତ୍ରରେ ତିନି ଠାକୁର ଗୋଟି ପହଣ୍ଡିରେ ୧୫ ଦିନ ପାଇଁ ଅଣସର ପିଣ୍ଡିକୁ ବିଜେ କରିବେ। ସ୍ନାନଯାତ୍ରା ପରେ ମହାପ୍ରଭୁ ଅଣସର ଘରକୁ ବିଜେ କରିବେ। ଏହି ସମୟରେ ଶ୍ରୀମନ୍ଦିରରେ ପଟି ଦିଅଁ ପୂଜା ପାଇବେ। ଏଥିପାଇଁ ଚିତ୍ରକର ସେବକ ପଟିଦିଅଁ ପ୍ରସ୍ତୁତି କରିଛନ୍ତି। ପାରମ୍ପରିକ ରଙ୍ଗ ଦେବା କାର୍ଯ୍ୟ ମଧ୍ୟ ଶେଷ ହୋଇଛି। ସ୍ନାନ ମଣ୍ଡପରେ ତିନି ଦିଅଁଙ୍କୁ ଦର୍ଶନ କରିବା ପାଇଁ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାର ଜଗନ୍ନାଥ ମନ୍ଦିରରେ ହଜାର ହଜାର ଭକ୍ତଙ୍କର ଭିଡ ହେବ। ଏହାକୁ ଦୃଷ୍ଟିରେ ରଖି ଜିଲ୍ଲା ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି। ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀଙ୍କ ନିର୍ଦ୍ଦେଶ ଅନୁଯାୟୀ ଦିଅଁ ଦର୍ଶନ ପାଇଁ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ଭୋର ସମୟରୁ ରାତି ପର୍ଯ୍ୟନ୍ତ ମନ୍ଦିର ସମ୍ମୁଖ ଦେଇ ଯାନବାହାନ ଚଳାଚଳର ରୁଟ ପରିବର୍ତ୍ତନ କରାଯାଇଛି। ଶାନ୍ତିଶୃଙ୍ଖଳା ପାଇଁ ଜଣେ ଅତିରିକ୍ତ ଏସପିଙ୍କ ସହିତ ୩ ଜଣ ଡିଏସପି, ୫ ଜଣ ଇନ୍ସପେକ୍ଟର, ୩୭ ଜଣ ସବଇନ୍ସପେକ୍ଟର/ସହକାରୀ ସବଇନ୍ସପେକ୍ଟର, ୬ ପ୍ଲାଟୁନ ଫୋର୍ସ, ୧୨ ଜଣ ଟ୍ରାଫିକ ପୁଲିସ୍, ୭୬ ଜଣ ହୋମଗାର୍ଡ ମୁତୟନ ବ୍ୟବସ୍ଥା କରାଯାଇଛି। ଅସ୍ଥାୟୀ ଫାଣ୍ଡି ସହ ସିପ୍ଟ ଅନୁସାରେ ଭୋର ୩ଟାରୁ ସକାଳ ୮, ୮ଟାରୁ ଅପରାହ୍ନ ୧ଟା, ଅପରାହ୍ନ ୧ଟାରୁ ସନ୍ଧ୍ୟା ୬ଟା ଓ ସନ୍ଧ୍ୟା ୬ଟାରୁ ମନ୍ଦିର ନୀତି ସମ୍ପନ୍ନ ପର୍ଯ୍ୟନ୍ତ ଡ୍ୟୁଟି ଜାରି ରହିବ ବୋଲି ଜିଲ୍ଲା ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ଚାକିରି ଠକେଇ ଅଭିଯୋଗର ପର୍ଦ୍ଦାଫାସ; ଜଣେ ଗିରଫ

କେନ୍ଦୁଝର, ୨୮।୬(ସମିସ): କେନ୍ଦୁଝର ସଦର ପୁଲିସ ଚାକିରି ଦେବା ନାମରେ ଲକ୍ଷ ଲକ୍ଷ ଟଙ୍କାର ଠକେଇ ଘଟଣାର ପର୍ଦ୍ଦାଫାସ କରିବା ସହ ଜଣେ ଅଭିଯୁକ୍ତକୁ ଗିରଫ କରିଛି। ଅଭିଯୁକ୍ତ ହେଉଛି ସମୀର କୁମାର ବର୍ମନ। ତା' ନାମରେ କଟକ ଜିଲ୍ଲା କିଶୋରନଗରର ସାନ୍ତରାପୁର ଗ୍ରାମର ସରୋଜ କୁମାର ବର୍ମନ ଅଭିଯୋଗ କରିଛନ୍ତି ଯେ ସେ ରାଜ୍ୟ ସଚିବାଳୟରେ ସ୍ୱାସ୍ଥ୍ୟ ବିଭାଗର ଜଣେ କର୍ମଚାରୀ ଭାବରେ ନିଜକୁ ମିଥ୍ୟା ପରିଚୟ ଦେଇ ସରକାରୀ ଚାକିରି ଯୋଗାଇବାର ପ୍ରତିଶ୍ରୁତି ଦେଇଥିଲା। ଅନେକ ଚାକିରି ଆଶାୟୀଙ୍କୁ ଠକିଥିଲା। ତଦନ୍ତ ସମୟରେ, ଏହା ଜଣାପଡ଼ିଥିଲା ଯେ ଅଭିଯୁକ୍ତ ଅଭିଯୋଗକାରୀ ଏବଂ ଅନ୍ୟ ନଅ ଜଣଙ୍କୁ ବିଭିନ୍ନ ସରକାରୀ ପ୍ରତିଷ୍ଠାନରେ ନିଯୁକ୍ତି ପ୍ରଦାନ କରିବାର ମିଥ୍ୟା ପ୍ରତିଶ୍ରୁତି ଦେଇ ଅସାଧୁ ଭାବରେ ମୋଟ ୨୩,୯୭,୦୦୦ ଟଙ୍କା ଦେଇ ପ୍ରବର୍ତ୍ତାଇଥିଲେ। ପୀଡିତମାନେ ନଗଦ ଏବଂ ଡିଜିଟାଲ କାରବାର ମାଧ୍ୟମରେ ଟଙ୍କା ଦେଇଥିଲେ। ଅଭିଯୁକ୍ତ ୮୦,୦୦୦ ଟଙ୍କା ଆଂଶିକ ପରିଶୋଧ ବ୍ୟତୀତ ପ୍ରତିଶ୍ରୁତି ଦିଆଯାଇଥିବା ଚାକିରି ପ୍ରଦାନ କରି ନଥିଲା କିମ୍ବା ଟଙ୍କା ଫେରସ୍ତ କରି ନଥିଲା। ପୀଡିତଙ୍କ ବିଶ୍ୱାସ ହାସଲ କରିବା ପାଇଁ, ସେ କିଛି ପ୍ରାର୍ଥୀଙ୍କ ନାମରେ ନକଲି ନିଯୁକ୍ତି ପତ୍ର ମଧ୍ୟ ଜାରି କରିଥିବା ଅଭିଯୋଗ ହୋଇଛି। ତଦନ୍ତ ସମୟରେ, ବିଭିନ୍ନ କାରବାର ରେକର୍ଡ, ବ୍ୟାଙ୍କ ଜମା ସ୍ଲିପ୍, ଚେକ୍ ବିବରଣୀ ଏବଂ ନକଲି ନିଯୁକ୍ତିପତ୍ର ସମେତ ଡକ୍ୟୁମେଣ୍ଟାରୀ ପ୍ରମାଣ ଜବତ କରାଯାଇଛି। ଏନେଇ କେନ୍ଦୁଝର ସଦର ପୁଲିସ ଷ୍ଟେସନରେ ଏକ ମାମଲା ରୁଜୁ କରାଯାଇଛି।

■ ନୟାଗଡ଼ ମିଥ୍ୟା ଗିରଫଦାରୀର ମାମଲା

# ତଥ୍ୟ ଭିତ୍ତିକ ରିପୋର୍ଟ ମାଗିଲେ ଏନ୍‌ଏଚ୍‌ଆର୍‌ସି

ଭୁବନେଶ୍ୱର, ୨୮।୬ (ସମିସ): ନୟାଗଡ଼ ଜିଲ୍ଲାରେ ଅଞ୍ଚଳରେ ହୋଇଥିବା ଏକ ହତ୍ୟା ମାମଲାରେ ନୟାଗଡ଼ ଜିଲ୍ଲା ପୁଲିସ ଦ୍ୱାରା ମିଥ୍ୟା ଗିରଫଦାରୀ କରିଥିବା ଅଭିଯୋଗ ହୋଇଥିଲା। ଜଣେ ବ୍ୟକ୍ତିଙ୍କର ଏହି ମାମଲାରେ କୌଣସି ସମ୍ପୃକ୍ତି ନଥିଲେ ମଧ୍ୟ ତାଙ୍କୁ ମିଛ ଅଭିଯୁକ୍ତ ବନାଯାଇଥିଲା। ପୁଲିସ ତାଙ୍କୁ ଜବରଦସ୍ତୀ ଆଣି ତାଙ୍କ ମୁହଁରେ କପଡ଼ା ଗୁଡାଇ ମୁଖ୍ୟ ଅଭିଯୁକ୍ତ ଭାବେ ସାମ୍ବାଦିକ ସମ୍ମିଳନୀ କରିଥିଲା। କହିଥିଲା ହତ୍ୟାକାଣ୍ଡ ମାମଲାରେ ସେ ହିଁ ମୁଖ୍ୟ ଅଭିଯୁକ୍ତ। ନୟାଗଡ଼ ଏସ୍‌ପିଙ୍କ କାର୍ଯ୍ୟାଳୟରେ ଖୋଦ୍ ଡିଆଇଜି ଏହି ସାମ୍ବାଦିକ ସମ୍ମିଳନୀ କରିଥିଲେ। ଏଭଳି ମିଥ୍ୟା ଗିରଫଦାରୀ ଜଣାପଡ଼ିବା ପରେ ଏହାକୁ ନେଇ ଜିଲ୍ଲାରେ ତୁମ୍ବି ତୁଫାନ ହୋଇଥିଲା। ପରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ପୁଲିସ ରାତାରାତି ଛାଡ଼ି ଦେଇଥିଲା। ଏହି ମାମଲାର ତଥ୍ୟ ଭିତ୍ତିକ ରିପୋର୍ଟ ଦେବାକୁ ଏନ୍‌ଏଚ୍‌ଆର୍‌ସି ରାଜ୍ୟ ପୁଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଅଭିଯୋଗକାରୀ ସିଧାସଳଖ ଭାବେ ଦର୍ଶାଇଛନ୍ତି ଯେ, ନୟାଗଡ଼ ଜିଲ୍ଲା ଅତିରିକ୍ତ ଏସ୍‌ପି ନିଜ କ୍ଷମତାର ଅପବ୍ୟବହାର କରିଛନ୍ତି। ସେ ବାଲି ଏବଂ ପଥର ଚାଲାଣ ମାଫିଆଙ୍କୁ ସୁରକ୍ଷା ପ୍ରଦାନ କରୁଛନ୍ତି ବୋଲି ଅଭିଯୋଗ ହୋଇଥିଲା। ଏଣୁ ଏହି ମାମଲାର ଗମ୍ଭିରତାକୁ ଦୃଷ୍ଟିରେ ରଖି ଜାତୀୟ ମାନବାଧିକାର କମିସନ ଅଭିଯୋଗକୁ ଗୁରୁତର ସହିତ ନେଇଛନ୍ତି। କମିସନଙ୍କ ପରବର୍ତ୍ତି ଶୁଣାଣି ସୁଦ୍ଧା କେନ୍ଦ୍ରାଞ୍ଚଳ ଡିଆଇଜି ଏହି ମାମଲାରେ ଏକ ତଥ୍ୟ ଭିତ୍ତିକ ରିପୋର୍ଟ ଉପସ୍ଥାପନା କରିବାକୁ ଏନ୍‌ଏଚ୍‌ଆର୍‌ସି ନିର୍ଦ୍ଦେଶ ଦେଇଛନ୍ତି।

# ମାଲକାନଗିରିରେ ମାଓବାଦୀଙ୍କ ଅସ୍ତ୍ରଭଣ୍ଡାର ଠାବ

ମାଲକାନଗିରି,୨୮।୬(ସମିସ): ମାଲକାନଗିରି ଜିଲ୍ଲାରେ ମାଓବାଦୀ ବିରୋଧୀ ଅଭିଯାନରେ ସୁରକ୍ଷା ବାହିନୀକୁ ପୁଣି ଏକ ବଡ଼ ସଫଳତା ମିଳିଛି। ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କଠାରୁ ମିଳିଥିବା ସୂଚନା ଆଧାରରେ କାଲିମେଲା ଥାନା

ବିପୁଳ ପରିମାଣର ଅସ୍ତ୍ର, ବିସ୍ଫୋରକ ଜବତ

ଅନ୍ତର୍ଗତ ଗୁଣ୍ଡାବଡ଼ା ଓ କଦମଗୁଡ଼ା ଜଙ୍ଗଲରେ ଡିଭିଏଫ୍ ଯବାନମାନେ ତଲାସୀ ଅଭିଯାନ ଚଳାଇ ଏକ ବଡ଼ ମାଓ ଡମ୍ପ୍ ଠାବ କରିଛନ୍ତି। ଆନ୍ଧ୍ରପ୍ରଦେଶର ଅଲ୍ଲୁରି ସୀତାରାମ ରାଜୁ ଜିଲ୍ଲା ସୀମା ସଂଲଗ୍ନ ଏହି ଅଞ୍ଚଳରୁ ୨ଟି ଏସ୍‌ଏଲ୍‌ଆର୍ ରାଇଫଲ, ୩ଟି ପିସ୍ତଲ, ୩୦୩ ବନ୍ଧୁକ ବ୍ୟାରେଲ, ୨ଟି ଆଇଇଡି, ଗୋଟିଏ କ୍ଲେମୋର ମାଇନ, ୪ଟି ବିଜିଏଲ୍ ସେଲ, ୭ଟି ୱାକି-ଟକି, ୪୫ଟି ପେନ୍‌ଡ୍ରାଇଭ୍, ହାର୍ଡ ଡିସ୍କ, ପାୱାର ବ୍ୟାଙ୍କ, ବ୍ୟାଟେରୀ, ମେଡିସିନ୍ କିଟ୍ ସମେତ ବହୁ ବିସ୍ଫୋରକ ଓ ଦୈନନ୍ଦିନ ବ୍ୟବହାର ସାମଗ୍ରୀ ଜବତ କରାଯାଇଛି। ପୁଲିସର ସନ୍ଦେହ ଅନୁସାରେ, ଏହି ଅସ୍ତ୍ରଶସ୍ତ୍ର ଆନ୍ଧ୍ର-ଓଡ଼ିଶା ସୀମା ବିଶେଷ ଜୋନାଲ କମିଟିର



ମାଓବାଦୀ କ୍ୟାଡରଙ୍କର ହୋଇଥିବା ବେଳେ ସୁରକ୍ଷା ବାହିନୀ ଓ ସାଧାରଣ ଲୋକଙ୍କୁ ଟାର୍ଗେଟ୍ କରିବା ଉଦ୍ଦେଶ୍ୟରେ ଏହା ଗଚ୍ଛିତ ରଖାଯାଇଥିବା ଅନୁମାନ କରାଯାଉଛି। ଚଳିତ ଜୁନ୍ ମାସରେ ଏହା ତୃତୀୟ ବଡ଼ ମାଓ ଡମ୍ପ ଉଦ୍ଧାର ଘଟଣା। ଏହା ପୂର୍ବରୁ ୯ ଜୁନରେ ମାଥିଲି ଅଞ୍ଚଳ ଏବଂ ୧୫ ଜୁନରେ ପଡ଼ିଆ ଅଞ୍ଚଳରୁ ବିପୁଳ ପରିମାଣର ଅସ୍ତ୍ର ଓ ବିସ୍ଫୋରକ ସାମଗ୍ରୀ ଜବତ ହୋଇଥିଲା। ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସପି ବିନୋଦ ପାଟିଲ ଏଚ୍ ଏହି ସୂଚନା ଦେଇ କହିଛନ୍ତି ଯେ, ମାଓବାଦୀ କାର୍ଯ୍ୟକଳାପକୁ ସମୂଳେ ଦମନ କରିବା ପାଇଁ ଜିଲ୍ଲାର ବିଭିନ୍ନ ଜଙ୍ଗଲ ଅଞ୍ଚଳରେ ଏସ୍‌ଓଜି ଓ ଡିଭିଏଫ୍ ଯବାନଙ୍କ ମିଳିତ କମ୍ବିଂ ଓ ସର୍ଚ୍ଚ ଅପରେସନ୍ ଜାରି ରହିଛି। ଲଗାତାର ଡମ୍ପ ଉଦ୍ଧାର ଘଟଣା ମାଓବାଦୀ ସଂଗଠନ ଦୁର୍ବଳ ହେଉଥିବା ସ୍ଥିତିକୁ ସ୍ପଷ୍ଟ କରୁଥିବା ବେଳେ ସୁରକ୍ଷା ବାହିନୀଙ୍କ ଅଭିଯାନକୁ ଆହୁରି ସଫଳତା ମିଳୁଥିବା ଦେଖାଯାଉଛି।

## ଓଡ଼ିଶା ଜନତା କଂଗ୍ରେସର ୯ ଜିଲ୍ଲା ସଭାପତି ନିଯୁକ୍ତ

ଭୁବନେଶ୍ୱର,୨୮।୬(ସମିସ): ଓଡ଼ିଶା ଜନତା କଂଗ୍ରେସ ପକ୍ଷରୁ ରାଜ୍ୟ କମିଟି ପରେ ବିଭିନ୍ନ ସାଂଗଠନିକ ଜିଲ୍ଲାର ଜିଲ୍ଲା ସଭାପତିଙ୍କ ନାଁ ଘୋଷଣା ହୋଇଛି। ଓଜେସି ସଭାପତି ମହମ୍ମଦ ମୋକିମଙ୍କ ଅନୁମୋଦନ କ୍ରମେ ୯ ସଂଗଠକଙ୍କୁ ୯ ସାଂଗଠନିକ ଜିଲ୍ଲାର ସଭାପତି ଭାବେ ନିଯୁକ୍ତ କରାଯାଇଛି। ଜିଲ୍ଲା ସଭାପତିମାନଙ୍କ ନିଯୁକ୍ତିରେ ମଧ୍ୟ ବରିଷ୍ଠ ଓ ଅଭିଜ୍ଞ ନେତୃତ୍ୱଙ୍କ ସହିତ ଯୁବ ନେତୃତ୍ୱମାନଙ୍କୁ ସୁଯୋଗ ମିଳିଛି। କୋରାପୁଟ ଜିଲ୍ଲା ପାଇଁ ମନୋଜ କୁମାର ବାଘ, କନ୍ଧମାଳ ପାଇଁ ଆନନ୍ଦେଶ୍ୱର କଅଁର, ବଲାଙ୍ଗୀର ପାଇଁ ରୂପେଶ କୁମାର ବେହେରା ସଭାପତି ପଦରେ ନିଯୁକ୍ତି ପାଇଛନ୍ତି। ସେହିପରି ଭୁବନେଶ୍ୱରରେ ବଦ୍ରି ନାରାୟଣ ମହାନ୍ତି, କଟକ (ସହର)ରେ ଗିରିବାଳା ବେହେରା, କଟକ (ଜିଲ୍ଲା)ରେ ଅନିଲ କୁମାର ବେହେରା, ଯାଜପୁରରେ ବିଦ୍ୟାଧର ମହାନ୍ତି, ଜଗତସିଂହପୁରରେ ସତ୍ୟଦୀପ ବିଶ୍ୱାଳ ଓ କେନ୍ଦ୍ରାପଡାରେ ଅଶୋକ ପ୍ରତିହାରୀଙ୍କୁ ଦାୟିତ୍ୱ ମିଳିଛି। ଜିଲ୍ଲା ସଭାପତିଙ୍କ ନାମ ଘୋଷଣା କରାଯିବା ପରେ ସମସ୍ତ ନୂତନ ପଦାଧିକାରୀମାନଙ୍କୁ ଓଜେସି ସଭାପତି ଶୁଭେଚ୍ଛା ଜଣାଇବା ସହ ସେମାନେ ପାର୍ଟିର୍ ସଂଗଠନକୁ ମଜବୁତ କରିବେ ବୋଲି ଆଶାବ୍ୟକ୍ତ କରିଛନ୍ତି।

ପ୍ରକାଶ ପାଉନି ପିଜି ପ୍ରବେଶିକା ପରୀକ୍ଷା ଫଳ

# ୫୫ ହଜାର ଛାତ୍ରଛାତ୍ରୀ ଭବିଷ୍ୟତ ନେଇ ସନ୍ଦିହାନ

ଭୁବନେଶ୍ୱର, ୨୮।୬(ସମିସ): ଗତବର୍ଷ ଜୁନ୍ ଶେଷ ବେଳକୁ ସ୍ନାତକୋତ୍ତର ପାଇଁ ଦ୍ୱିତୀୟ ରାଉଣ୍ଡ ନାମଲେଖା ସରିଥିଲା। ଜୁଲାଇ ପ୍ରଥମ ସପ୍ତାହ ସୁଦ୍ଧା ପ୍ରଥମ ପର୍ଯ୍ୟାୟ ନାମଲେଖା ସରି ୧୦ ତାରିଖରୁ ପାଠପଢ଼ା ଆରମ୍ଭ ହୋଇଥିଲା। ମାତ୍ର ଚଳିତବର୍ଷ ଏବେଯାଏଁ ପ୍ରବେଶିକା ପରୀକ୍ଷା (ସିପିଇଟି) ପରୀକ୍ଷା ଫଳ ପ୍ରକାଶ ପାଇନାହିଁ। କେବେ ଫଳ ପ୍ରକାଶ ପାଇବ, କେବେ ନାମଲେଖା ହେବ ଓ କେବେଠାରୁ ପାଠପଢ଼ା ଆରମ୍ଭ ହେବ, ସେନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କୌଣସି ସୂଚନା ଦିଆଯାଉ ନାହିଁ। ତେଣୁ ପ୍ରବେଶିକା ପରୀକ୍ଷା ଦେଇଥିବା ୫୫ ହଜାର ଛାତ୍ରଛାତ୍ରୀମାନେ ଚିନ୍ତାରେ ପଡ଼ିଛନ୍ତି।

ଗତବର୍ଷ ନାମଲେଖା ସରିବା ବେଳକୁ ପ୍ରଥମ ସେମିଷ୍ଟାର ପରୀକ୍ଷା ସରିଥିଲା

ଚଳିତବର୍ଷ ମେ ୫ ତାରିଖରୁ ୧୬ ତାରିଖ ଯାଏଁ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଏହାର ଦିନକ ପରେ ପ୍ରୋଭିଜିନାଲ୍ ଉତ୍ତର କି' ପ୍ରକାଶ ପାଇଥିଲା। ଉତ୍ତରକୁ ନେଇ ଦ୍ୱନ୍ଦ୍ୱରେ ଥିବା ପରୀକ୍ଷାର୍ଥୀ୨୨ ତାରିଖ ମଧ୍ୟରେ ଆପତ୍ତି କରିଥିଲେ। ମାତ୍ର ପ୍ରବେଶିକା ସରିବାର ଦେଢ଼ମାସ ପରେ ବି ଫଳ ପ୍ରକାଶ ପାଇନାହିଁ। ପରୀକ୍ଷା ପରିଚାଳନା କରିଥିବା ରାଜ୍ୟ ପ୍ରବରଣ ମଣ୍ଡଳୀ (ଏସ୍‌ଏସ୍‌ବି) ପକ୍ଷରୁ ଚୂଡ଼ାନ୍ତ ପରୀକ୍ଷା ଫଳ ଓକାକ୍‌କୁ ପ୍ରଦାନ କରାଯାଇଛି। ମାତ୍ର ଓକାକ୍ ସହାୟତାରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏଯାଏଁ ପରୀକ୍ଷା ଫଳ ଘୋଷଣା ହୋଇନାହିଁ। ପରୀକ୍ଷାଫଳ ପ୍ରକାଶ କରିବାରେ ମାତ୍ରାଧିକ ବିଳମ୍ବ କାରଣରୁ ପାଠପଢ଼ା ବ୍ୟାଘାତ ହେବା ଏକ ପ୍ରକାର ନିଶ୍ଚିତ ହୋଇଛି। ଗତବର୍ଷ ନାମଲେଖା ସରିଲା ବେଳକୁ ପ୍ରଥମ ସେମିଷ୍ଟାର ପରୀକ୍ଷା ସରିଯାଇଥିଲା। କିଛି ଛାତ୍ରଛାତ୍ରୀ ଶିକ୍ଷାନୁଷ୍ଠାନ ମାଟି ମାଡିବା ଆଗରୁ ସେମାନଙ୍କ ବ୍ୟାକ୍ ଲାଗିଥିଲା। ଏଣୁ ଚଳିତ ବର୍ଷ ମଧ୍ୟ ଏପରି ବିଳମ୍ବ ଆଶଙ୍କା ଛାତ୍ରଛାତ୍ରୀଙ୍କୁ ଘାରିଛି ଓ ନିଜର ଶୈକ୍ଷିକ ଭବିଷ୍ୟତ ନେଇ ସେମାନେ ସନ୍ଦିହାନ ହୋଇପଡ଼ିଛନ୍ତି। କେବେ ନାମଲେଖା ପ୍ରକ୍ରିୟା ସରିବ ଓ ପାଠପଢ଼ା ସ୍ୱାଭାବିକ ହେବ ବୋଲି ପ୍ରାୟ ୫୮ ହଜାର ପରୀକ୍ଷାର୍ଥୀ ସରକାରଙ୍କୁ ପ୍ରଶ୍ନ କରୁଛନ୍ତି। ସୂଚନାଯୋଗ୍ୟ, ରାଜ୍ୟରେ ମୋଟ୍ ୩୨,୩୦୯ ଟି ସ୍ନାତକୋତ୍ତର ସିଟ୍ ଥିବାବେଳେ ୫୫,୩୦୧ ଜଣ ଛାତ୍ରଛାତ୍ରୀ ଆବେଦନ କରିଛନ୍ତି।



# ଟ୍ରକକୁ ପିଟିଲା ସ୍କର୍ପିଓ, ମହିଳା ମୃତ, ୨ ଗୁରୁତର

ବ୍ରହ୍ମପୁର,୨୮।୬(ସମିସ): ଜାତୀୟ ରାଜପଥ-୧୬ ଖଜୁରିଆ ଓଭରବ୍ରିଜ ନିକଟରେ ଏକ ସ୍କର୍ପିଓ ଗୋଟିଏ ଟ୍ରକକୁ ପଛପଟୁ ଧକ୍କା ଦେବାରୁ ଜଣେ ମହିଳାଙ୍କ ମୃତ୍ୟୁ ହୋଇଯାଇଛି। ସେ ହେଲେ ସୁନ୍ଦରଗଡର ରାଧା ମିଶ୍ର(୫୬)। ସେହିପରି ଏହି ଦୁର୍ଘଟଣାରେ ଆଉ ୨ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଚନ୍ଦନ କୁମାର ଓ ଦିନେଶ ପାଣ୍ଡୋ ସେମାନଙ୍କୁ ଚିକିତ୍ସା ପାଇଁ ଏମକେସିଜି ମେଡିକାଲରେ ଭର୍ତ୍ତି କରାଯାଇଛି। ଖବରପାଇ ପୁଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡିକୁ ଜବତ କରି ତଦନ୍ତ ଚଳାଇଛି। ଆଜି ସନ୍ଧ୍ୟା ୫ଟା ବେଳେ ଆନ୍ଧ୍ରପ୍ରଦେଶରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଏହି ସ୍କର୍ପିଓ ସମ୍ମୁଖକୁ ଏକ ଗାଇ ହାଠତ ଚାଲିଆସିବାରୁ ଏହି ଦୁର୍ଘଟଣା ଘଟିଥିଲା। ସ୍କର୍ପିଓଟି ରାସ୍ତା କଡରେ ଥିବା ଏକ ଟ୍ରକକୁ ପଛପଟୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ ଗାଇର ମୃତ୍ୟୁ ହୋଇଯାଇଛି।

# ଗଞ୍ଜାମ ଜିଲ୍ଲାରେ ୩ ଲକ୍ଷ ୪୫ ହଜାର ୧୧ ଶିଶୁକୁ ଦିଆଯିବ ପୋଲିଓ ବୁନ୍ଦା



ଛତ୍ରପୁର,୨୮।୬(ସମିସ): ଜୀବନ ପାଇଁ ଦୁଇ ବୁନ୍ଦା, ଜନ୍ମରୁ ୫ବର୍ଷର ଶିଶୁଙ୍କୁ ଅତ୍ୟନ୍ତ ଜରୁରୀ ପୋଲିଓ ଦୁଇ ବୁନ୍ଦା । ପୋଲିଓ ମୁକ୍ତ ହେବ ଭାରତ ଏହି ଲକ୍ଷ୍ୟ ନେଇ ଚାଲିଛି ଏହି ଅଭିଯାନ। ଏହା ରବିବାରଠୁ ୩ ଦିନ ଧରି ଚାଲିବ। ରାଜ୍ୟ ସରାକରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି କାର୍ଯ୍ୟକ୍ରମ କରାଯାଉଛି। କୌଣସି ଶିଶୁ ଯେପରି ଏଥିରୁ ବାଦ ପଡିବେ ନାହିଁ ,ଶିଶୁ ସୁସ୍ଥ ରହିଲେ ଦେଶ ଆଗକୁ ବଢିବ। ଗଞ୍ଜାମ ଜିଲାରେ ଚଳିତ ବର୍ଷ ୩ ଲକ୍ଷ ୪୫ ହଜାର ୧୧ ଜଣ ଶିଶୁକୁ ଏହି ପଲସ ପୋଲିଓ ବିନ୍ଦୁ ପାନ କରାଯିବା ନେଇ ଲକ୍ଷ୍ୟ ଧାର୍ଯ୍ୟ ରଖାଯାଇଛି। ଏନେଇ ଆଜି ୧୬୩୭ଟି ବୁଥରେ ଦିଆଯାଉଛି ଏହି ପୋଲିଓ ବୁନ୍ଦା। ମେଡିକାଲ, ଅଙ୍ଗନାବାଡି କେନ୍ଦ୍ର ମଧ ଦିଆଯାଉଛି। ଏନେଇ ୩୨୭୪ଟି ଟିମ କରାଯାଇଥିବା ବେଳେ ୬୫୪୮ ଜଣ କର୍ମୀ ନିୟୋଜିତ ହୋଇଛନ୍ତି। ୭୫ଟି ଟ୍ରାଞ୍ଜିଟ ଟିମ ଓ ୫୫ଟି ମୋବାଇଲ ଟିମ ଗଠନ ହୋଇଥିବା ବେଳେ ଏହାକୁ ତଦାରଖ କରିବା ପାଇଁ ୩୨୩ ଜଣ ସୁପରଭାଇଜର ନିୟୋଜିତ ହୋଇଛନ୍ତି। ଯେଉଁ ଶିଶୁ ଏହି ପୋଲିଓ ବୁନ୍ଦା ଖାଇବାରୁ ବଞ୍ଚିତ ରହିଯାଇଛନ୍ତି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆସନ୍ତା ୨୯ ଓ ୩୦ରେ ଘରକୁ ଘର ବୁଲି ପଲସ ପୋଲିଓ ବୁନ୍ଦା ଦେବେ। ଯେପରି ଜଣେ ବି କେହି ଏଥିରୁ ବାଦ ପଡିବେ ନାହିଁ ସେ ଲକ୍ଷ୍ୟ ରଖାଯାଇଛି। ସେହିପରି ଛତ୍ରପୁର ରେଳ ଷ୍ଟେସନ ରେ ମଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଗ୍ରାମାଞ୍ଚଳରେ ୯,୮୮୭ ଶିଶୁ ନେବେ ପୋଲିଓ ବୁନ୍ଦା



ଆସିକା,୨୮।୬(ସମିସ): ଆସିକା ସହରାଞ୍ଚଳ ସମେତ ବାଲିସିରା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ଥିବା ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ସ୍ୱାସ୍ଥ୍ୟ ଉପକେନ୍ଦ୍ର ଠାରେ ସଶକ୍ତ ପଲ୍ସ ପୋଲିଓ ଟିକାକରଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଗ୍ରାମାଞ୍ଚଳ ର ୯୮୮୭ ଜଣ ଜନ୍ମରୁ ପାଞ୍ଚ ବର୍ଷ ର ଶିଶୁ ମାନଙ୍କୁ କିଭଳି ଚିହ୍ନଟ କରି ତିନିଦିନ ମଧ୍ୟରେ ଶତ ପ୍ରତିଶତ ଦୁଇ ବୁନ୍ଦା ପଲସ ପୋଲିସ ଖୁଆଇବା ପାଇଁ ଆଶା, ଅଙ୍ଗନବାଡି, ସ୍ୱାସ୍ଥ୍ୟ କର୍ମୀ, ସ୍ୱେଚ୍ଛାସେବୀ ସମୂହ ଲାଗିଛନ୍ତି। ଭାରତ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏକ ଦେଶବ୍ୟାପୀ ଅଭିଯାନ ଯାହା ପାଞ୍ଚ ବର୍ଷରୁ କମ୍ ବୟସର ସମସ୍ତ ପିଲାଙ୍କୁ ଦୁଇ ବୁନ୍ଦା ମୌଖିକ ପୋଲିଓ ଟିକା ଦେଇ ପୋଲିଓମାଏଲାଇଟିସ୍ (ପୋଲିଓ) ଦୂର କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଆସିକା ବ୍ଲକର ପଢାଳ, ମଙ୍ଗଳପୁର, ଗହଂଗୁ, ଭେଟନଇ, ବାଲିସିରା ଏବଂ ଖାରିଆ ଠାରେ ପ୍ରାୟ ୧୬୦ ଜଣ ଆଶା କର୍ମୀ, ୨୦ ରୁ ଉର୍ଦ୍ଧ ମହିଳା ସ୍ୱାସ୍ଥ୍ୟ କର୍ମୀ ସମେତ ସ୍ୱେଚ୍ଛାସେବୀ ମାନେ ପୋଲିଓ କାର୍ଯ୍ୟକ୍ରମରେ ସହଯୋଗ କରୁଛନ୍ତି। ଏହି କାର୍ଯ୍ୟକ୍ରମ ରେ ଡାକ୍ତର ଅକ୍ଷୟ କୁମାର ପାଣିଗ୍ରାହୀ, ମନୋଜ ସ୍ୱାଇଁ, ଡାକ୍ତର ଭାଗବତ ବିଷୋୟୀ, ଭାରପ୍ରାପ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ କୁବେର ପାତ୍ର, ପ୍ରମୁଖ ତଦାରଖ କରୁଛନ୍ତି।

# ଧରାକୋଟରେ ପଲ୍ସ ପୋଲିଓ କାର୍ଯ୍ୟକ୍ରମ

ଧରାକୋଟ,୨୮।୬(ସମିସ): ଧରାକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡାକ୍ତର ଏମଭିକେ ଅଶୋକଙ୍କ ତତ୍ତ୍ୱାବଧାନରେ ପଲ୍ସ ପୋଲିଓ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ମୁଖ୍ୟ ଅତିଥି ଭାବରେ ବ୍ଲକ ଅଧକ୍ଷା ସୁଲକ୍ଷଣା ଗୀତାଞ୍ଜଳି ଦେବୀ ଛୋଟ ଛୋଟ ପିଲା ମାନଙ୍କୁ ପୋଲିଓ ବୁନ୍ଦା ଖୁଆଇ ଏହାର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ସମାଜସେବୀ ଶ୍ରୀମୟ ମହାପାତ୍ର, ଡାକ୍ତର ଶଙ୍କର ନାରାୟଣ ବେହେରା, ବିପିଏମ ଗୋଲକ ନାରାୟଣ ଗାରିଆଗଡୁ, ଏଏନ ଏମ୍ କେ ବିଷ୍ଣୁପ୍ରିୟା ରେଡ୍ଡୀ, ସଙ୍ଗୀତାଞ୍ଜଳି ପ୍ରଧାନ, ଆଶା କର୍ମୀ ଉର୍ମିଳା ବେହେରା, ରୀତାରାଣୀ ସ୍ୱାଇଁ, ଉଜ୍ୱଳା ସିଂ ଓ ବଙ୍ଗାଳୀ ଗୌଡ଼ ପ୍ରମୁଖ ଉପସ୍ଥିତ ରହିଥିଲେ। ଆଜି ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଶୂନ୍ୟରୁ ୫ ବର୍ଷ ଯାଏଁ ପିଲାଙ୍କୁ ଏହି ବୁନ୍ଦା ଖୁଆ ଯାଇଥିବା ବେଳେ ଆସନ୍ତା ସୋମବାର ଓ ମଙ୍ଗଳବାର ଦିନ ୫୨ ଗୋଟି ବୁଥ ସମେତ ଘରକୁ ଘର ବୁଲି ଏହି ବୁନ୍ଦା



ଶିଶୁ ମାନଙ୍କୁ ଖୁଆଯିବ । ସମଗ୍ର ବ୍ଲକରେ ୧୧,୦୦୨ ଜଣ ଶିଶୁଙ୍କୁ ଏହା ଖୁଆଯିବା ପାଇଁ ଲକ୍ଷଧାର୍ଯ୍ୟ ହୋଇଛି। ପୋଲିଓ ମୁକ୍ତ ଭାରତ ପାଇଁ ଏହି ଅଭିଯାନ ଆରମ୍ଭ ହୋଇଛି। ଏହି ଅବସରରେ ଏକ ସଚେତନତା ରଥକୁ ସୁପରିନ୍‌ଟେନଡେଣ୍ଟ ଡାକ୍ତର ଅଶୋକ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏଥିରେ ସ୍ୱାସ୍ଥ୍ୟକେନ୍ଦ୍ର ର ସମସ୍ତ କର୍ମଚାରୀ ସହଯୋଗ ପ୍ରଦାନ କରିଥିଲେ।

## ଖେମୁଣ୍ଡି ଉନ୍ନୟନ ମଞ୍ଚ ପକ୍ଷରୁ ଆଲୋଚନା ସଭା

# ନୂଆ ରେଳ ଲାଇନ୍ ଦାବିରେ ଜନ ଆନ୍ଦୋଳନ ନିଷ୍ପତ୍ତି





ଦିଗପହଣ୍ଡି,୨୮।୬(ସମିସ):

ଦିଗପହଣ୍ଡି ନିକଟ ବାଲିପଡ଼ା ଗ୍ରାମ ସ୍ଥିତ କଲ୍ୟାଣ ମଣ୍ଡପରେ ରବିବାର ଦକ୍ଷିଣ ଓଡ଼ିଶା ବିକାଶ ସମିତି ଆନୁକୁଲ୍ୟରେ ପ୍ରସ୍ତାବିତ ଗୋପାଳପୁର - ରାୟଗଡ଼ା ରେଳ ଲାଇନ ପ୍ରକଳ୍ପ ସମ୍ପର୍କରେ ଖେମୁଣ୍ଡି ଉନ୍ନୟନ ମଞ୍ଚ ପକ୍ଷରୁ ଆଲୋଚନାସଭା ଅନୁଷ୍ଠିତ ହୋଇଯାଇଛି। ଆଇନଜୀବି କୁରେଶୁ ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ ସଭାରେ କେନ୍ଦ୍ରୀୟ ପ୍ରଶାସନିକ ଅଧିକାରୀ ଅବସରପ୍ରାପ୍ତ ଆଇଏଏସ ଡ଼. ବାଳକୃଷ୍ଣ ପଣ୍ଡା ଅଧକ୍ଷତା କରିଥିଲେ। ଦିଗପହଣ୍ଡି ଏନଏସି ଅଧକ୍ଷ ପ୍ରଫୁଲ ପଣ୍ଡା, ବରିଷ୍ଠ ସାମ୍ୟବାଦୀ ନେତା କୈଳାଶ ଷଡଙ୍ଗୀ, ପୂର୍ବତନ ଜିଲା ପରିଷଦ ସଦସ୍ୟ ବୃନ୍ଦାବନ ଖଟେଇ, ଦକ୍ଷିଣ ଓଡ଼ିଶା ରେଳ ବିକାଶ ପରିଷଦର ଉପସଭାପତି ରମେଶ ଚନ୍ଦ୍ର ପଣ୍ଡା,ବାଲିପଡ଼ା ସରପଞ୍ଚ ପ୍ରତିନିଧି ଜିତେନ୍ଦ୍ର ସେଠୀ, ପୂର୍ବତନ ସରପଞ୍ଚ ମନୋଜ ବିଷୋୟୀ ପ୍ରମୁଖ ମଞ୍ଚାସିନ ଥିଲେ। ସମଗ୍ର ଦକ୍ଷିଣ ଓଡ଼ିଶାର ବହୁ ପ୍ରତୀକ୍ଷିତ ଗୋପାଳପୁର- ରାୟଗଡ଼ା ନୂତନ ରେଳପଥ ପ୍ରକଳ୍ପ କାର୍ଯ୍ୟକ୍ଷମ ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ପ୍ରକଳ୍ପର ଚୂଡ଼ାନ୍ତ ମାନଚିତ୍ର ଓ ସର୍ଭେ କାର୍ଯ୍ୟ ସରିଛି। ସର୍ଭେ କାର୍ଯ୍ୟ ଦାୟିତ୍ୱରେ ଥିବା ଆନ୍ଧ୍ରର କିଛି ରେଲୱେ ଅଧିକାରୀ ପୂର୍ବରୁ ସର୍ଭେ କରାଯାଇଥିବା ଗୋପାଳପୁର ଠାରୁ ଜଗନ୍ନାଥପୁର, ଗୁରୁଣ୍ଟୀ, ବାଲିପଡ଼ା, ଡେଙ୍ଗାପଦର, ଅନଙ୍ଗପୁର, ଦିଗପହଣ୍ଡି, ଗୁମା, ଫାସିଗୁଡ଼ା ଭୀଷ୍ମଗିରି, ଚାକୁଣ୍ଡାପଲ୍ଲୀ ଦେଇ ଗଜପତି ଜିଲା ଢେପାଗୁଡ଼ା, ଚାନ୍ଦିପୁଟ, ମୋହନା, ଅନ୍ତର୍ବା, ପଦ୍ମପୁର, ଗୁଡ଼ାରି ଠାରୁ ରାୟଗଡ଼ା ସିଙ୍ଗାପୁର ରୋଡ଼ ମାତ୍ର ୧୮୦ କିଲୋମିଟର ପରିବର୍ତ୍ତେ ଗୋପାଳପୁର ଠାରୁ ଭାୟା ଗଜପତି ଦେଇ ରାୟଗଡ଼ା ଅଙ୍କା ବଙ୍କା ରାସ୍ତା ର ୨୫୮ କି. ମି ରେଳ ଲାଇନ ନିର୍ମାଣ ପାଇଁ ଚୂଡାନ୍ତ ସର୍ଭେ ରିପୋର୍ଟ ପ୍ରସ୍ତୁତ କରି ରେଲୱେ ମନ୍ତ୍ରଣାଳୟର ଅନୁମୋଦନ ନିମନ୍ତେ ବିଶାଖାପାଟଣା ରେଲୱେ ଡିଭିଜନ କାର୍ଯ୍ୟାଳୟକୁ ପଠାଇଥିବା ନେଇ ସଭାରେ ଆଲୋଚନା କରାଯାଇଥିଲା। ତେଣୁ ପୂର୍ବ ସର୍ଭେ ରିପୋର୍ଟ ଅନୁଯାୟୀ ରେଳ ଲାଇନ୍ କରାଯିବା ଦାବିରେ ବ୍ୟାପକ ଜନ ଆନ୍ଦୋଳନ ପାଇଁ ସଭାରେ ନିଷ୍ପତ୍ତି ନିଆଯାଇଥିଲା। ଗୁରୁତ୍ୱପୂର୍ଣ୍ଣ ଗୋପାଳପୁର ଭାୟା ଦିଗପହଣ୍ଡି ଦେଇ ରାୟଗଡ଼ା ରେଳଲାଇନର ଚୂଡ଼ାନ୍ତ ରୁଟ୍ ନିର୍ଦ୍ଧାରଣ କରାଗଲେ ଅନାବଶ୍ୟକ ବଙ୍କା ଏବଂ ଦୀର୍ଘ ରୁଟ୍‌କୁ ଏଡ଼ାଇବା ଦ୍ୱାରା ରେଳ ମନ୍ତ୍ରଣାଳୟର ପ୍ରାରମ୍ଭିକ ନିର୍ମାଣ ଖର୍ଚ୍ଚ (କାପେକ୍ସ) ରେ ହଜାର ହଜାର କୋଟି ଟଙ୍କା ସଞ୍ଚୟ ହେବା ସହ ଭବିଷ୍ୟତର ରକ୍ଷଣାବେକ୍ଷଣ ଖର୍ଚ୍ଚ ମଧ ବହୁ ପରିମାଣରେ ହ୍ରାସ ପାଇଁ ପାରିବ। ମାଲ୍ ପରିବହନ ଖର୍ଚ୍ଚରେ ଅଧିକ ପରିଣାମରେ ହ୍ରାସ ଘଟିବ। ଦକ୍ଷିଣ ଓଡ଼ିଶାର ଶିଳ୍ପାଞ୍ଚଳରୁ ବହୁ ପରିମାଣରେ ବକ୍ସାଇଟ୍, ଆଲୁମିନା ଏବଂ କୋଇଲା ଭଳି ସାମଗ୍ରୀ ପରିବହନ ହୋଇଥାଏ। ରେଳପଥର ଦୂରତା ହ୍ରାସ ଯୋଗୁଁ ପ୍ରତି ଟନ୍ ପ୍ରତି କିଲୋମିଟର ହିସାବରେ ପରିବହନ ଖର୍ଚ୍ଚ ଯଥେଷ୍ଟ କମିଯିବ । ଏହି ବାଣିଜ୍ୟିକ ସହଜତା ଆମର ଆଞ୍ଚଳିକ ତଥା ଦେଶର ଶିଳ୍ପଗୁଡ଼ିକୁ ବିଶ୍ୱସ୍ତରରେ ଅଧିକ ପ୍ରତିଯୋଗିତାମୂଳକ କରିପାରିବ। ଦକ୍ଷିଣ ଓଡ଼ିଶା ଏବେ ଏକ ବଡ଼ ସାମୁଦ୍ରିକ ବାଣିଜ୍ୟ କେନ୍ଦ୍ର ଭାବେ ଗଢ଼ି ଉଠୁଛି। ତେଣୁ ଏହି ସଂକ୍ଷିପ୍ତ ୧୮୦ କିଲୋମିଟର ବିଶିଷ୍ଟ ରେଳଲାଇନ୍ ଦ୍ୱାରା ଗଜପତି ଜିଲା ଓ ରାୟଗଡ଼ାର ଖଣିଜ ସମ୍ପଦ ସିଧାସଳଖ ଏବଂ ଦ୍ରୁତ ଗତିରେ ଗୋପାଳପୁର ବନ୍ଦର ଏବଂ ପ୍ରସ୍ତାବିତ ବାହୁଦା ବନ୍ଦର କୁ ରପ୍ତାନି ପାଇଁ ଯାଇ ପାରିବ । ଏହାଦ୍ୱାରା ରପ୍ତାନି-ଆମଦାନୀ ବୃଦ୍ଧି ସହ ରାଜସ୍ୱ ଆଦାୟ ବଢିବ। ତେଣୁ ପୂର୍ବ ସର୍ଭେ? ରିପୋର୍ଟ ଅନୁଯାୟୀ ରେଳ ଲାଇନ୍ କରାଯିବା ଦାବୀ ରେ ବ୍ୟାପକ ଜନ ଆନ୍‌ଦୋଳନ ପାଇଁ ସଭାରେ ନିଷ୍ପତ୍ତି ନିଆଯାଇଥିଲା। ଏହି ପ୍ରସ୍ତାବିତ ରେଳ ପ୍ରକଳ୍ପ ଅଧିନସ୍ଥ ପ୍ରତ୍ୟେକ ଗ୍ରାମ ପଞ୍ଚାୟତର ସରପଞ୍ଚ ତଥା ଅନ୍ୟାନ୍ୟ ବରିଷ୍ଠ ସଙ୍ଗଠକ ଓ ବୁଦ୍ଧିଜୀବୀ ମାନଙ୍କୁ ନେଇ ଏକ କମିଟି ଗଠନ କରାଯିବାକୁ ସଭାରେ ନିଷ୍ପତ୍ତି ନିଆଯାଇଥିଲା। ରାୟଗଡା ଜିଲା ପଦ୍ମପୁର ବିକାଶ ପରିଷଦର ସଭାପତି ଉଦୟ ନାଥ ସାହୁ ପ୍ରକୃତିବନ୍ଧୁ ବୃନ୍ଦାବନ ପଣ୍ଡା, ଗଜପତି ଜିଲା ଚାନ୍ଦିପୁଟ ଗ୍ରାମ ଜିଲା ପରିଷଦ ସଦସ୍ୟ ସୁନୀଲ କୁମାର ବିଷୋୟୀ, ଦିଗପହଣ୍ଡି ର ଜିଲା ପରିଷଦ ସଦସ୍ୟ ରାଧାକାନ୍ତ ମହାଙ୍କୁଡ,ପୂର୍ବତନ ଜିଲା ପରିଷଦ ସଦସ୍ୟ ବିଜୟ କୁମାର ପ୍ରଧାନ, କଇଠଖଣ୍ଡି ପଞ୍ଚାୟତ ସରପଞ୍ଚ ତଥା ଗଞ୍ଜାମ ଜିଲା ସରପଞ୍ଚ ସଂଘର ସଭାପତି ମନୋରଞ୍ଜନ ଗୌଡ଼, ଫାସିଗୁଡ଼ା ସରପଞ୍ଚ ପ୍ରତିନିଧି ଶିବରାମ ପ୍ରଧାନ, ଚଷା ନିମଖଣ୍ଡି ସରପଞ୍ଚ ପ୍ରତିନିଧି ରବିଚନ୍ଦ୍ର ଗୌଡ଼, ଖମାରିଗାଁ ସରପଞ୍ଚ ପ୍ରତିନିଧି ଚିତ୍ରସେନ ଗୌଡ଼, ତୁରୁବୁଡି ସରପଞ୍ଚ ଲିଙ୍ଗରାଜ ଦୋରା, ପ୍ରାକ୍ତନ ସରପଞ୍ଚ, ରାଜେନ୍ଦ୍ର ପ୍ରସାଦ ପାଠୀ, ସୁଶାନ୍ତ ପାଣି, ପିତାମ୍ବର ଗୌଡ଼, ଭୀମସେନ ସାହୁ, ସଂଜୀବ ରେଡ୍ଡୀ, ସାରଥୀ ଗୌଡ଼, ସିମାଞ୍ଚଳ ବିଷୋୟୀ, ସମିତି ସଭ୍ୟ ଯତୀନ୍ଦ୍ର ପାତ୍ର, ସାମାଜିକ କର୍ମୀ ଶୁଭେନ୍ଦୁ ପାଢ଼ୀ,ମନୋଜ ପଟ୍ଟନାୟକ, ଦକ୍ଷିଣ ଓଡିଶା ରେଳ ବିକାଶ ପରିଷଦର ସଦସ୍ୟ ସୁଜିତ କୁମାର ତ୍ରିପାଠୀ, ଅବସରପ୍ରାପ୍ତ କଲେଜ ଅଧକ୍ଷ ଡ଼. ଯୁଧିଷ୍ଠିର ସ୍ୱାଇଁ, ଅବସରପ୍ରାପ୍ତ ଶିକ୍ଷକ ପଦ୍ମ ଚରଣ ମେକାପ, କାଉନସିଲର ସୁନୀଲ ପଣ୍ଡା, ଆଇନଜୀବୀ ନକୁଳ ପ୍ରଧାନ, ସତ୍ୟନାରାୟଣ ରଥ, ସୁକାନ୍ତ ପ୍ରଧାନ ପ୍ରମୁଖ ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ। ସଭାରେ ବିଭିନ୍ନ ପଞ୍ଚାୟତର ଜନ ପ୍ରତିନିଧି,ଆଇନଜୀବି ଓ ବହୁ ସଂଖ୍ୟକ ସାମାଜିକ କର୍ମୀ ଉପସ୍ଥିତ ଥିଲେ। ଶେଷରେ ସମିତିସଭ୍ୟ କାହ୍ନୁ ଚରଣ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଯୁବ ଗୋଷ୍ଠୀଙ୍କ ଦ୍ୱାରା ମନ୍ଦିର ଓ ଗ୍ରାମର ରାସ୍ତାଘାଟ ସଫେଇ



ପାତ୍ରପୁର,୨୮।୬(ସମିସ): ଗ୍ରାମର ସ୍ୱଚ୍ଛତା ଓ ସୌନ୍ଦର୍ଯ୍ୟକରଣକୁ ଲକ୍ଷ୍ୟ କରି ଗ୍ରାମର ଯୁବକମାନଙ୍କ ପକ୍ଷରୁ ଏକ ସ୍ୱଚ୍ଛାସେବୀ ସ୍ୱଚ୍ଛତା ଅଭିଯାନ ଜୟନ୍ତିପୁର ପଞ୍ଚାୟତ ଅନ୍ତର୍ଗତ ବୋରିବାଡ ଗ୍ରାମରେ ରବିବାର ଆୟୋଜିତ ହୋଇଛି। ସାମ୍ବାଦିକ ଆଲୁ ଜୟପ୍ରକାଶଙ୍କ ତତ୍ତ୍ୱାବଧାନରେ ଗ୍ରାମର ମନ୍ଦିର ପରିସର, ରାସ୍ତାଘାଟ, ନାଳ ଏବଂ ସର୍ବସାଧାରଣ ସ୍ଥାନରେ ଜମି ରହିଥିବା ଅଳିଆ-ଆବର୍ଜନା ସଫା କରାଯାଇଥିଲା। ଯୁବକମାନେ ଶ୍ରମଦାନ କରି ପରିବେଶକୁ ସ୍ୱଚ୍ଛ ଓ ସୁନ୍ଦର କରିବା ସହ ଗ୍ରାମବାସୀଙ୍କୁ ସ୍ୱଚ୍ଛତା ବଜାୟ ରଖିବା ପାଇଁ ସଚେତନ କରିଥିଲେ। ଏହି ମହତ୍ କାର୍ଯ୍ୟକୁ ଗ୍ରାମର ବରିଷ୍ଠ ବ୍ୟକ୍ତି ଓ ସାଧାରଣ ଲୋକେ ପ୍ରଶଂସା କରିବା ସହ ଅନ୍ୟ ଯୁବପିଢ଼ିଙ୍କ ପାଇଁ ଏହା ଏକ ପ୍ରେରଣାଦାୟକ ପଦକ୍ଷେପ ବୋଲି ମତ ପ୍ରକାଶ କରିଛନ୍ତି। ଏଭଳି ସ୍ୱଚ୍ଛାସେବୀ ଉଦ୍ୟମ ନିୟମିତ ଭାବେ ଜାରି ରହିଲେ ଗ୍ରାମର ସ୍ୱଚ୍ଛତା ସହ ପରିବେଶ ସୁରକ୍ଷା ଏବଂ ସାମାଜିକ ଏକତା ଆହୁରି ସୁଦୃଢ଼ ହେବ ବୋଲି ସ୍ଥାନୀୟ ଲୋକମାନେ ଆଶା ପ୍ରକାଶ କରିଛନ୍ତି। ଆଜିର ସ୍ୱଚ୍ଛତା କାର୍ଯ୍ୟକ୍ରମରେ ଗ୍ରାମର ଗୁଜୁ ବାଲୁ, ଜେ ବିନୟ, ଜି ଶିବା, ଆଲୁ ଯୁବରାଜ, ଭି ପୋଲାୟା, ଆଲୁ ବାଲକୃଷ୍ଣ, ଜେ ଚରଣ, ବିନୟ ସେଠି, ଏ ସାଇ, ଏ ଅଜୟ, ନାନି ସେଠୀଙ୍କ ସହିତ ବହୁ ଯୁବଗୋଷ୍ଠୀ ସହଯୋଗ କରିଥିଲେ।

# ଡଃ. ପ୍ରସନ୍ନ ଦଳାଇ ପାଇଲେ ଅନ୍ତର୍ଜାତୀୟ ସମ୍ମାନ

କବିସୂର୍ଯ୍ୟନଗର,୨୮।୬(ସମିସ): କବିସୂର୍ଯ୍ୟନଗର ନନ୍ଦିଆଗଡା ଏକ ନିପଟ ପଲ୍ଲୀରେ ଜନ୍ମିତ ଡଃ. ପ୍ରସନ୍ନ କୁମାର ଦଳାଇ ଇଁରାଜୀ କବିତା ଲେଖି ବିଶ୍ୱ ଦରବାରରେ ପରିଚିତ। ତାଙ୍କ ଦ୍ୱାରା ରଚିତ ଇଁରାଜୀ କବିତା ଦେଶ, ବିଦେଶରେ ଅନେକ ପ୍ରଶଂସା ସାଉଁଟିଥିବା ସହ ବହୁ ପୁରସ୍କାରର ଅଧିକାରୀ ହୋଇପାରିଛନ୍ତି। ଇଂରାଜୀ ସାହିତ୍ୟରୁ ଓଡ଼ିଆ ସାହିତ୍ୟର ଜୟଯାତ୍ରାରେ ସେ ଗଞ୍ଜାମ ତଥା



ଓଡ଼ିଶାର ଅଦ୍ୱିତୀୟ ସ୍ରଷ୍ଟାରୂପେ ବିବେଚିତ। ଅନ୍ତଃରାଷ୍ଟ୍ରୀୟ ସ୍ତରରେ ଲିଖିତ କବିତାଗୁଡିକ ବେଶ ପ୍ରଶଂସନୀୟ। ହୃଦୟର ନିର୍ଯାସରୁ କବିତାର ରୂପ ଦେଇ ସୃଷ୍ଟି କରିପାରିଛନ୍ତି ମନୋରମ କବିତା ସମୂହ। ମାଟି ମାକୁ ସମ୍ମାନ, ସମାଜ ପ୍ରତି ଆଦର ସବୁପରି, ଆପଣଙ୍କ ସନ୍ତୁଳିତ ବ୍ୟବହାର ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟକ। ଜଣେ ଆଦର୍ଶ ଇଁରାଜୀ ଅଧ୍ୟାପକ ଭାବେ ଅଞ୍ଚଳରେ ସୁପରିଚିତ।

ଦିଲ୍ଲୀ ଚାଣକ୍ୟପୁରୀ ଠାରେ ଆୟୋଜିତ କାର୍ଯ୍ୟକ୍ରମ ଗ୍ଲୋବାଲ ଆୱାର୍ଡ ଏଣ୍ଡ ରିକୋଗନେସନ କାଉନସିଲ ପକ୍ଷରୁ ଭାରତ ରତ୍ନମ ଗ୍ଲୋବାଲ -୨୦୨୬ ରେ ସଂମାନିତ କରିଛନ୍ତି। ଏହାକୁ ପ୍ରଦାନ କରିଥିଲେ ଡାଇରେକ୍ଟର ଡକ୍ଟର ସଚ୍ଚିଦାନନ୍ଦ ସାନ୍ଧିଳିଆ। ସେହିପରି ଆମେରିକା ବିଶ୍ୱବିଦ୍ୟାଳୟରୁ ସମ୍ମାନ ସୂଚକ ଡକ୍ଟରେଟ ସଂମାନରେ ସଂମାନିତ କରାଯାଇଛି। ଦୁଇଟି ଆନ୍ତର୍ଜାତିକ ପୁରସ୍କାର ଗ୍ରହଣ କରିଥିବା ହେତୁ ବହୁ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ତାଙ୍କପ୍ରତି ଯେଉ ଆସ୍ଥା, ବିଶ୍ୱାସ ରଖିଥିବା ହେତୁ ଶୁଭେଚ୍ଛାଙ୍କୁ ଧନ୍ୟବାଦ ଦେଇଛନ୍ତି ଡ଼. ପ୍ରସନ୍ନ କୁମାର ଦଳାଇ।

# ବିଧାୟକଙ୍କ ଅଭିଯୋଗକୁ ଖଣ୍ଡନ କଲେ ବିଜେଡି ନେତା

ବେଗୁନିଆପଡ଼ା,୨୮।୬(ସମିସ): କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକଙ୍କ ମଦ ସମ୍ପର୍କିତ ଅଭିଯୋଗକୁ ଚାଲେଞ୍ଜ କଲେ ଆସ୍କା ସଂସଦୀୟ କ୍ଷେତ୍ର ବିଜେଡି ସାଂସଦ ପ୍ରାର୍ଥୀ ରଞ୍ଜିତା ସାହୁଙ୍କ ବାପା ତଥା ବିଜେଡିର ବରିଷ୍ଠ ନେତା ହରପ୍ରସାଦ ସାହୁ। ଶନିବାର ଗଞ୍ଜାମ ଜିଲ୍ଲା କୋଦଳା ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ଠାରେ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ ଏକ ସାମ୍ବାଦିକ ସମ୍ମିଳନୀରେ ଅଙ୍ଗନବାଡି ମହିଳାଙ୍କୁ ଅଶ୍ଳୀଳ ଆଚରଣ କରିଥିବା ଅଭିଯୋଗକୁ ଖଣ୍ଡନ କରି ଏହା ସମ୍ପୂର୍ଣ୍ଣ ମିଥ୍ୟା ଓ ଭିତ୍ତିହୀନ ଓ ବିରୋଧୀଙ୍କ ଚକ୍ରାନ୍ତ ବୋଲି କହିଛନ୍ତି। ଏହା ସହିତ କୋଦଳାର ବରିଷ୍ଠ ବିଜେଡି ନେତା ତଥା ବିଜେଡି ସାଂସଦ ପ୍ରାର୍ଥୀ ରଞ୍ଜିତା ସାହୁଙ୍କ ବାପା ହର ପ୍ରସାଦ ସାହୁଙ୍କ



ବିରୁଦ୍ଧରେ ପ୍ରତ୍ୟକ୍ଷ ଭାବେ ଗତ ୩୦ ବର୍ଷ ଧରି ମହୁଲି ମଦ ନାଁରେ ବିଷାକ୍ତ ମଦ ବିକ୍ରି କରୁଥିବା ଅଭିଯୋଗ ଆଣିବା ସହ ଏହି ମଦ ପିଇ ବହୁ ଲୋକ ମୃତ୍ୟୁବରଣ କରିଥିବା ଓ ସେମାନଙ୍କ ପତ୍ନୀଙ୍କୁ ବିଧବା ସଜେଇ ଦେଇଥିବା ଭଳି ସଙ୍ଗିନ ଅଭିଯୋଗ ଉପସ୍ଥାପନ କରିଥିଲେ। ସେହି ଅଭିଯୋଗକୁ ଖଣ୍ଡନ କରିବାକୁ ଯାଇ ବରିଷ୍ଠ ବିଜେଡି ନେତା ହରପ୍ରସାଦ ସାହୁ ନିଜ ବାସଭବନରେ ଏକ ସାମ୍ବାଦିକ ସମ୍ମିଳନୀ କରି ବିଧାୟକ ମୋ ବିରୁଦ୍ଧରେ ଉପଯୁକ୍ତ ତଥ୍ୟ ପ୍ରମାଣ ସହିତ ପ୍ରମାଣିତ କରନ୍ତୁ ବୋଲି ଆହ୍ୱାନ ଦେଇଛନ୍ତି।

# ଚିକିଲିରେ ମେଗା ରକ୍ତଦାନ ଶିବିର

## ■ ୧୨୩ ୟୁନିଟ ରକ୍ତ ସଂଗ୍ରହ

ଖଲ୍ଲିକୋଟ,୨୮।୬(ସମିସ): ଖଲ୍ଲିକୋଟ ବ୍ଲକ୍ ଅନ୍ତର୍ଗତ ଚିକିଲି ଗ୍ରାମରେ ରବିବାର ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଚିକିଲି ଗ୍ରାମ ପଞ୍ଚାୟତ ଓ ଜୀବନଧାରା ପରିବାର ମିଳିତ ସହଯୋଗରେ ଚିକିଲି କଲ୍ୟାଣ ମଣ୍ଡପ ଠାରେ ଏହି ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ରକ୍ତଦାନ ଶିବିରରେ ୩ ଜଣ ମହିଳାଙ୍କ ସମେତ ୧୨୩ ଜଣ ରକ୍ତଦାତା ସ୍ୱେଚ୍ଛାକୃତ ରକ୍ତ ଦାନ କରିଥିଲେ। ବିଜେପି ଜିଲ୍ଲା ଉପସଭାପତି



ଅରୁଣ କୁମାର ଖୁଣ୍ଟିଆଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରକୁ ବରିଷ୍ଠ ବିଜେପି ନେତା ଅନିଲ କୁମାର ପଣ୍ଡା ଓ ଜୀବନଧାରା ପରିବାରର ସଭାପତି ଏମ୍. ଗୋପବନ୍ଧୁ ଆଚାରୀ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଆସିକା ଲୋକ ସଭା ସାଂସଦଙ୍କ ପ୍ରତିନିଧି ତଥା ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ଯଜ୍ଞ ନାରାୟଣ ଦାସ, ଘୁମୁସର ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ଅଜିତ କୁମାର ପଣ୍ଡା, ଡାକ୍ତର ରଶ୍ମି ପାଣିଗ୍ରାହୀ, ପୂର୍ବତନ ନଗରପାଳ ଶଙ୍କର ପ୍ରସାଦ ନାହାକ ପ୍ରମୁଖ ଉପସ୍ଥିତ ଥିଲେ। ବ୍ରହ୍ମପୁରର ରକ୍ତ ଭଣ୍ଡାର କର୍ମଚାରୀ ମାନେ ରକ୍ତ ସଂଗ୍ରହ କରିଥିଲେ।

## ପାଣି ପାଇପ ଫାଟି ଆଁ

# କ୍ଷେତରେ ଭାସୁଛି; ପିଇବାକୁ ନାହିଁ

ଜଗନ୍ନାଥ ପ୍ରସାଦ,୨୮।୬(ସମିସ):



ଜଗନ୍ନାଥ ପ୍ରସାଦ ବିଜ୍ଞାପିତ ଅଞ୍ଚଳରେ ପ୍ରାୟ ୧୦ଦିନ ହେବ ପାନିଅ ଜଳ ଶଙ୍କଟ ଦେଖାଦେଇଛି। ଫଳରେ ଅଞ୍ଚଳବାସୀ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡିଛି। ନଳକୂପର ଖାରିଜଳ ଓ କୂଅ ପାଣି ଭରସା।

ସୂଚନା ଥାଉ କି ଜଗନ୍ନାଥ ପ୍ରସାଦ ସହାରକୁ ପାନିଅ ଜଳ ନିମନ୍ତେ ଗୋଟିଏ ମାତ୍ର ଇନଟେକ ୱାଲ ସାହାଭାରସା କ୍ଷ ନା ଅଛି ଓଭରହେଡ଼ ଟାଙ୍କି ନା ଅନ୍ୟ ବିକଳ୍ପ। ରାଜ୍ୟ ରାଜପଥ-୨୧ ବୋଡାନଦୀ ନିକଟରେ ଥିବା ଇନଟେକ ୱାଲର ସଂଗୃହିତ ଜଳକୁ ମୋଟର ସାହାର୍ଯ୍ୟରେ ସମୟ ନିର୍ଧାରଣ କରି ସମସ୍ତ ସାହିବାସୀକୁ ଯୋଗାଇ ଦିଆଯାଇଥାଏ। ବର୍ତ୍ତମାନ ପାଣି ପାଇପ ଫାଟି ଯିବାରୁ ଜଳ ଯୋଗାଣ ଦୀର୍ଘ ୧୦ଦିନ ହେବ ବନ୍ଦ ରହିଥିବା ବେଳେ କ୍ୱଚିତ ପାଣି ପାଇପ ଦ୍ୱାରା ଯୋଗାଇ ଦିଆଯାଉଛି। କିନ୍ତୁ ତାହାର ବେଗ କମ ରହିଥିବରୁ ପାଖାପଖି ଗୋଟିଏ ସାହିକୁ ପାଣି ଯାଉଛି। ଅନ୍ୟାନ୍ୟ ପାଣି ନିକଟର କାଜୁ ବଗିଚାକୁ ଯାଇ କୃତ୍ରିମ ପୋଖରୀ ସୃଷ୍ଟି ହେଲାଣି। ଅଥଚ ଏଯାବତ ବିଭାଗ ପକ୍ଷରୁ ପାଇପକୁ ମରାମତି କରାଯାଇନାହିଁ। ସମସ୍ୟା ୧୦ଦିନ ହେଲାଣି, କିନ୍ତୁ ବିଭାଗ ଚିର ନିଦ୍ରାରେ ଶୋଇଛି। ଫଳରେ ଅଞ୍ଚଳର କଇଥ ସାହି, ବଜାର ସାହି, ମେଡିକାଲ, କରଞ୍ଜେଇ ସାହି, ବଡ଼ଦାଣ୍ଡ ସାହି,ହାଟପଦା, ଜଳିସାହି, କରଣ ସାହି, ପାଇକ ସାହି, ବ୍ଲକ ଛକ ଏବଂ ତନ୍ତିକଲୋନୀ ସାହିକୁ ଦୀର୍ଘ ୧୦ଦିନ ହେବ ଜଳଯୋଗଣ ବନ୍ଦ ରହିଛି। ଅଞ୍ଚଳବାସୀ ନିକଟସ୍ଥ ନଳକୂପର ଖାରିଜଳ କିମ୍ବା କୂଅ ପାଣି ବ୍ୟବହାର କରୁଥିବା ବେଳେ ଅନେକ ପେଟ୍ରୋଲ ପମ୍ପରେ ଥିବା ଫିଲଟର ପାଣି ପିଉଛନ୍ତି ଏବଂ ଅନେକ ଜନସାଧାରଣ ବଜାରରେ ବିକ୍ରି ହେଉଥିବା ପାଣି ବୋତଲକୁ ବ୍ୟବହାର କରୁଛନ୍ତି। ଏ ନେଇ ପମ୍ପ ଡ୍ରାଇଭରଙ୍କ ଯୋଗାଯୋଗ କରିବାରେ ପାଣି ପାଇପ ଫାଟି ଯାଇଥିବା କହିଥିଲେ। ସାହିବାସୀ ଫାଟିଥିବା ପାଣି ପାଇପକୁ ନେଇ ସୋସିଆଲ ମିଡିଆରେ ଘୁରି ବୁଲୁଛି। ସାମ୍ବାଦିକ ମାନେ ସମସ୍ୟା ନେଇ ଘଟଣା ସ୍ଥଳକୁ ଗଲାବେଳେ ଏହାର ନଗ୍ନଚିତ୍ର ନଜରରେ ପଡ଼ିଥିଲା। ପାଇପଟି ପ୍ଲାଷ୍ଟିକ ହୋଇଥିବାରୁ ଏହା ନଷ୍ଟ ହୋଇଗଲାଣି। ତେଣୁ ଚାରୋଟି ମୋଟରର ପାଣି ଏକାଥରରେ ଏହି ପାଇପରେ ଯାଉଥିବାରୁ ଏହା ଜାମ ହୋଇ ବାରମ୍ବାର ଫାଟୁଛି। ବିଭାଗ ପକ୍ଷରୁ ଏଥି ପ୍ରତି ଦୃଷ୍ଟି ଦେଇ ତୁରନ୍ତ ମରାମତି କରି ଅଂଚଳବସୀଙ୍କୁ ପାଣି ଯୋଗାଇବା ପାଇଁ ଦାବି ହୋଇଛି। ତେବେ ଏହି ପ୍ଲାଷ୍ଟିକ ପାଇପଟି ମୁଖ୍ୟ ପାଇପ ଏବଂ ଏହା ବାରମ୍ବାର ନଷ୍ଟ ହେଉଥିବାରୁ ଏହାକୁ ବଦଳାଇ ଲୁହା ପାଇପ ବ୍ୟବହାର ପାଇଁ ସାଧାରଣରେ ଦାବି ହୋଇଛି।

# ପୁରୁଣା ସ୍ମୃତି ସାଉଁଟିଲେ ପୁରାତନ ଛାତ୍ର



ଗଞ୍ଜାମ, ୨୮।୬(ସମିସ): ଗଞ୍ଜାମ ସହର ସ୍ଥିତ ଭାରତୀ ବିଦ୍ୟାପୀଠ ୧୯୮୮ ବ୍ୟାଚ ମ୍ୟାଟ୍ରିକ ପୁରାତନ ଛାତ୍ର ବନ୍ଧୁ ମିଳନ କାର୍ଯ୍ୟକ୍ରମ ରବିବାର ତାମ୍ପରା ହ୍ରଦ ଠାରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଭାରତ ମାତାଙ୍କୁ ସମ୍ମାନ ଜଣାଇ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ପରେ ୧୯୮୮ ରେ ଭାରତୀ ବିଦ୍ୟାପୀଠରେ କାର୍ଯ୍ୟରତ ପରଲୋକଗତ ଶିକ୍ଷକଙ୍କ ପାଇଁ ଶୋକସଭା ଅମର ଆତ୍ମାର ସଦଗତି କାମନା କରାଯାଇଥିଲା। ଏଥିସହ ଅତୀତରେ ବିତି ଯାଇଥିବା ପୁରୁଣା ସ୍ମୃତିକୁ ମନେ ପକାଇ ଭାବ ବିହୋଳ ହୋଇ ପଡିଥିଲେ ସମସ୍ତେ। ଆଗାମୀ ବର୍ଷ ବନ୍ଧୁ ମିଳନ ଅବସରରେ ମା ନାରାୟଣୀ ମନ୍ଦିର ଚତୁର୍ପାଶ୍ୱ ସଫେଇ କରାଯିବାକ୍ଷ ପାଇଁ ନିସ୍ୱତୀ ନିଆଯାଇଥିଲା। ଏହି ବନ୍ଧୁ ମିଳନରେ ସୁରେନ୍ଦ୍ର ନାହାକ, ନାରାୟଣ ତରାଇ, ସୁଧୀର କୁମାର ପଣ୍ଡା,ଟୁକୁନା ବେହେରା, ରାଧା ପଣ୍ଡା, ଯୁଗଳ ପାଢ଼ୀ, ପ୍ରଶାନ୍ତ କୁମାର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

ସକାଳ THE SAKALA

www.sakalaepaper.com






# ଇତିହାସ ରଚିଲା କଙ୍ଗୋ

ଆଟଲାଣ୍ଟ, ୨୮ ।୬ (ଏଜେନ୍ସି): ଫିଫା ବିଶ୍ୱକପ୍ ପଦାର୍ପଣର ୫୨ ବର୍ଷ ପରେ ଆଫ୍ରିକୀୟ ରାଷ୍ଟ୍ର କଙ୍ଗୋ ପ୍ରଥମଥର ନକ୍‌ଆଉଟ୍ ଖେଳିବାର ସୌଭାଗ୍ୟ ଲାଭ କରିଛି। ରବିବାର ଭୋର ସମୟରେ ସ୍ଥାନୀୟ ଆଟଲାଣ୍ଟ ଷ୍ଟାଡିୟମରେ ଅନୁଷ୍ଠିତ ଗ୍ରୁପ୍-କେ'ର ଏକ ମ୍ୟାଚରେ କଙ୍ଗୋ ୩-୧ ଗୋଲ୍‌ରେ ଉଜବେକିସ୍ତାନକୁ ମାତ୍ ଦେଇଥିଲା। ଫିଫା ବିଶ୍ୱକପ୍‌ରେ କଙ୍ଗୋର ଏହା ମଧ୍ୟ ସର୍ବପ୍ରଥମ ବିଜୟ ଥିଲା। କଙ୍ଗୋ ପକ୍ଷରୁ ୟୋଆନେ ୱିସା (୬୦ତମ ଓ ୯୦+୧ତମ ମିନିଟ) ଡବଲ୍ ଗୋଲ୍ ଦେଇ ଦଳକୁ ବିଜୟୀ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେହିଭଳି ଫିଷ୍ଟୋନ ମାୟେଲେ ୭୮ତମ ମିନିଟରେ ଅନ୍ୟତମ ଗୋଲଟି ଦେଇଥିଲେ। ମ୍ୟାଚର ୧୦ମ ମିନିଟରେ ଉଜବେକିସ୍ତାନ ପ୍ରଥମ ଗୋଲ୍ ଦେଇ ଅଗ୍ରଣୀ ହାସଲ କରିଥିଲେ ମଧ୍ୟ ଏହାର ଫାଇଦା ଉଠାଇ ପାରି ନ ଥିଲା। କଙ୍ଗୋ ୩ଟି ମ୍ୟାଚରୁ ଗୋଟିଏ ଲେଖାଏ ବିଜୟ, ପରାଜୟ ଓ ଡ୍ର ସହ ୪ ପଏଣ୍ଟ ପାଇ ଗ୍ରୁପର ୩ୟ ସ୍ଥାନରେ ରହିଛି। ଏଥିସହ ଶ୍ରେଷ୍ଠ-୮ଟି ତୃତୀୟ ସ୍ଥାନିତ ଦଳ ଭାବେ କଙ୍ଗୋ ରାଉଣ୍ଡ-୩୨କୁ ଉନ୍ନିତ ହୋଇଛି। ଅପରପକ୍ଷରେ ଉଜବେକିସ୍ତାନ ହ୍ୟାଟ୍ରିକ ପରାଜୟ ସହ ବିଦାୟ ନେଇଛି। କଙ୍ଗୋ ପ୍ରଥମଥର ଲାଗି ୧୯୭୪ ସଂସ୍କରଣରେ ଖେଳି ଫିଫା ବିଶ୍ୱକପ୍‌ରେ ପଦାର୍ପଣ କରିଥିଲା। ଏଥିରେ କିନ୍ତୁ କଙ୍ଗୋ ୩ଟି ଯାକ ମ୍ୟାଚ୍ ହାରି ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟ ନେଇଥିଲା। ଏହାର ୫୨ ବର୍ଷ ପରେ ଦଳ ପୁଣିଥରେ ବିଶ୍ୱକପକୁ ଯୋଗ୍ୟତା ଅର୍ଜନ କରି ନକ୍‌ଆଉଟ୍‌ରେ ସ୍ଥାନ ପକ୍କା କରିଛି।

**ପ୍ରଥମଥର ଖେଳିବ ନକ୍‌ଆଉଟ୍**

## ଶୀର୍ଷରେ ଇଂଲଣ୍ଡ

**ନ୍ୟୁୟର୍କ:** ଦ୍ୱିତୀୟ ବିଜୟ ସହ ଇଂଲଣ୍ଡ ଫିଫା ବିଶ୍ୱକପ୍‌ର ନକ୍‌ଆଉଟରେ ପହଞ୍ଚିଛି। ପାନାମା ବିପକ୍ଷ ଅନ୍ତିମ ଗ୍ରୁପ୍-ଏଲ୍ ମ୍ୟାଚକୁ ଇଂଲଣ୍ଡ ୨-୦ ଗୋଲରେ ଜିତିନେଇଥିଲା। ନ୍ୟୁଜର୍ସି ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚର ପ୍ରଥମ କ୍ୱାର୍ଟର ଗୋଲ୍‌ଶୂନ୍ୟ ରହିଥିଲା। ତେବେ ଦ୍ୱିତୀୟାର୍ଦ୍ଧରେ ୫ ମିନିଟ ମଧ୍ୟରେ ଦୁଇଟି ଗୋଲ୍ ଦେଇ ଇଂଲଣ୍ଡ ମ୍ୟାଚକୁ କବଜା କରିନେଇଥିଲା। ୬୨ତମ ମିନିଟରେ ଜଡେ ବେଲିଙ୍ଗହାମ ଇଂଲଣ୍ଡ ପାଇଁ ପ୍ରଥମ ଗୋଲ୍ ଦେଇଥିଲେ। ଏହାପରେ ୬୭ତମ ମିନିଟରେ ଅଧିନାୟକ ହ୍ୟାରୀ କେନଙ୍କ ଗୋଲ୍ ବଳରେ ଇଂଲଣ୍ଡ ୨-୦ରେ ଅଗ୍ରଣୀ ହାସଲ କରିଥିଲା। ପାନାମା ଦଳ ବଳକା ୨୩ ମିନିଟରେ ମ୍ୟାଚକୁ ପ୍ରତ୍ୟାବର୍ତ୍ତନ ଲାଗି ଆପ୍ରାଣ ଉଦ୍ୟମ କରି ବିଫଳ ହୋଇଥିଲା। ଇଂଲଣ୍ଡ ୩ୟ ମ୍ୟାଚରୁ ୨ୟ ବିଜୟ ସହ ୭ ପଏଣ୍ଟ ପାଇ ଗ୍ରୁପ୍ ଶୀଷ ସ୍ଥାନ ଅର୍ଜନ କରିଛି। ରାଉଣ୍ଡ-୩୨ରେ ଇଂଲଣ୍ଡର ମୁକାବିଲା କଙ୍ଗୋ ସହ ହେବ। ଏହି ମ୍ୟାଚ୍ ଜୁଲାଇ ୧ ତାରିଖରେ ଖେଳାଯିବ। ଅପରପକ୍ଷରେ ପାନାମା ହ୍ୟାଟ୍ରିକ ପରାଜୟ ସହ ବିଶ୍ୱକପରୁ ବିଦାୟ ନେଇଛି।

# ମେସିଙ୍କ କମାଲ; ଆର୍ଜେଣ୍ଟିନାର ହ୍ୟାଟ୍ରିକ୍ ବିଜୟ

ଆର୍ଲିଂଟନ, ୨୮ ।୬ (ଏଜେନ୍ସି)

ଚଳିତ ଫିଫା ବିଶ୍ୱକପ୍‌ରେ ହ୍ୟାଟ୍ରିକ ବିଜୟ ସହ ଡିଫେଣ୍ଡିଂ ଚାମ୍ପିଅନ ଆର୍ଜେଣ୍ଟିନା ନକ୍‌ଆଉଟରେ ପ୍ରବେଶ କରିଛି। ରବିବାର ସକାଳେ ସ୍ଥାନୀୟ ଡଲାସ ଷ୍ଟାଡିୟମରେ ଅନୁଷ୍ଠିତ ଗ୍ରୁପ୍-ଜେ'ର ଏକ ମ୍ୟାଚରେ ଲିଓନେଲ ମେସିଙ୍କ ଆର୍ଜେଣ୍ଟିନା ଦଳ ୩-୧ ଗୋଲ୍‌ରେ ଜୋର୍ଡାନକୁ ପରାସ୍ତ କରିଛି। ବିଜୟୀ ଆର୍ଜେଣ୍ଟିନା ପକ୍ଷରୁ ଗିଓଭାନି ସେଲସୋ ୧୯ତମ ମିନିଟରେ ପ୍ରଥମ ଗୋଲ୍ ଦେଇଥିଲେ। ୩୧ତମ ମିନିଟରେ ମିଳିଥିବା ପେନାଲ୍ଟିର ଭରପୁର ଫାଇଦା ଉଠାଇ ଲୌତାରୋ ମାର୍ଟିନେଜ ଆର୍ଜେଣ୍ଟିନା ପାଇଁ ଦ୍ୱିତୀୟ ଗୋଲ୍ ଦେଇଥିଲେ। ସେହିଭଳି ମ୍ୟାଚର ପ୍ରାରମ୍ଭରୁ ବେଞ୍ଚରେ ବସିଥିବା ମହାନ ଖେଳାଳି ମେସି ୬୦ତମ ମିନିଟରେ ପଡ଼ିଆକୁ ପ୍ରବେଶ କରିଥିଲେ। ୮୦ତମ ମିନିଟରେ ସେ ଏକ ଦର୍ଶନୀୟ ଫ୍ରି-କିକ୍ ଗୋଲ୍ ଦେଇଥିଲେ। ଫଳରେ ଆର୍ଜେଣ୍ଟିନା ୩-୧ ଗୋଲ୍‌ରେ ସହଜରେ ବିଜୟୀ ହୋଇଥିଲା। ଜୋର୍ଡାନ ପକ୍ଷରୁ ୫୫ତମ ମିନିଟରେ ମୁସା ଅଲ୍-ତାମାରି ଏକମାତ୍ର ଗୋଲଟି ଶୁଝିଥିଲେ।

ହ୍ୟାଟ୍ରିକ ବିଜୟ ସହ ଆର୍ଜେଣ୍ଟିନା ୯ ପଏଣ୍ଟ ଅର୍ଜନ କରି ଗ୍ରୁପ୍-ଜେ ଶୀର୍ଷରେ ରହି ରାଉଣ୍ଡ-୩୨ରେ ପହଞ୍ଚିଛି। ରାଉଣ୍ଡ-୩୨ରେ ଆର୍ଜେଣ୍ଟିନା ଜୁଲାଇ ୪ରେ କେପ ଭର୍ଡକୁ ଭେଟିବ। ଅପରପକ୍ଷରେ ଜୋର୍ଡାନ ହ୍ୟାଟ୍ରିକ ପରାଜୟ ସହ ଅଭିଯାନ ଶେଷ କରିଛି। ଏହି ଗ୍ରୁପ୍‌ରୁ ଅଷ୍ଟ୍ରିଆ ମଧ୍ୟ ନକ୍‌ଆଉକୁ ଉନ୍ନୀତ ହୋଇଛି।



### ମେସି ବିଶ୍ୱର ପ୍ରଥମ

ବିଶ୍ୱର ପ୍ରଥମ ଖେଳାଳି ଭାବେ ଆର୍ଜେଣ୍ଟିନା ଅଧିନାୟକ ଲିଓନେଲ ମେସି କ୍ରମାଗତ ୭ଟି ବିଶ୍ୱକପ୍ ମ୍ୟାଚରେ ଗୋଲ୍ ଦେବାର ସୌଭାଗ୍ୟ ଲାଭ କରିଛନ୍ତି। ମେସିଙ୍କ ଏହି ଗୋଲ୍ ଦେବା ଧାରା ୨୦୨୨ ଫିଫା ବିଶ୍ୱକପ୍‌ରୁ ଜାରି ରହିଛି। ସେହିଭଳି ଜୋର୍ଡାନ ବିପକ୍ଷ ଗୋଲ୍ ସହ ମେସିଙ୍କ ବିଶ୍ୱକପ୍ ଗୋଲ୍‌ସଂଖ୍ୟା ୧୯ରେ ପହଞ୍ଚିଛି। ଯାହାକି ସର୍ବକାଳୀନ ସର୍ବାଧିକ। ସେହିଭଳି ଅର୍ନ୍ତଜାତୀୟ ଫୁଟବଲରେ ମେସିଙ୍କ ଏହା ୧୨୩ତମ ଓ ଫ୍ରି-କିକ୍‌ରୁ ୭୨ତମ ଗୋଲ୍ ଥିଲା। ପର୍ତ୍ତୁଗାଲ ତାରକା କ୍ରିଷ୍ଟିଆନୋ ରୋନାଲ୍ଡୋ ୧୪୫ ଗୋଲ୍ ସହ ଶୀର୍ଷରେ ରହିଛନ୍ତି।

### ଘାନାକୁ ହରାଇ ନକଆଉଟ୍‌ରେ କ୍ରୋଏସିଆ

ଫିଲାଡେଫିଆ, ୨୮ ।୬ (ଏଜେନ୍ସି): ଫିଫା ବିଶ୍ୱକପ ଇତିହାସରେ ଚତୁର୍ଥଥର ଲାଗି କ୍ରୋଏସିଆ ନକ୍‌ଆଉଟକୁ ଯୋଗ୍ୟତା ଅର୍ଜନ କରିଛି। ଗତକାଲି ରାତିରେ ଅନୁଷ୍ଠିତ ଗ୍ରୁପ-ଏଲ'ର ଏକ କଡ଼ା ସଂଘର୍ଷପୂର୍ଣ୍ଣ ମ୍ୟାଚରେ କ୍ରୋଏସିଆ ୨-୧ ଗୋଲରେ ଆଫ୍ରିକୀୟ ରାଷ୍ଟ୍ର ଘାନାକୁ ମାତ୍ ଦେଇଥିଲା। ବିଜୟୀ କ୍ରୋଏସିଆ ପକ୍ଷରୁ ପିଟର ସୁସିକ ୩୧ତମ ମିନିଟରେ ପ୍ରଥମ ଗୋଲ୍ ଦେଇଥିଲେ। ତେବେ ମ୍ୟାଚର ଦ୍ୱିତୀୟାର୍ଦ୍ଧ ତଥା ୭୩ତମ ମିନିଟରେ ଡେରିକ ଲୁକାସେନଙ୍କ ଗୋଲ୍ ବଳରେ ଘାନା ମ୍ୟାଚକୁ ୧-୧'ର ବରାବରସ୍ତରକୁ ଆଣିଥିଲା। ଏହାର ଠିକ୍ ୧୦ ମିନିଟ୍ ପରେ ତାରକା ଖେଳାଳି ଲୁକା ମୋଡ୍ରିକଙ୍କ କର୍ନର କିକ୍‌ରୁ ଫାଇଦା ଉଠାଇ ନିକୋଲା ଭ୍ଲାସିକ କ୍ରୋଏସିଆ ପାଇଁ ବିଜୟ ସୂଚକ ଦ୍ୱିତୀୟ ଗୋଲ୍‌ଟି ଦେଇଥିଲେ। ଫଳରେ



କ୍ରୋଏସିଆ ୩ଟି ମ୍ୟାଚରୁ ୨ଟି ବିଜୟ ଓ ଗୋଟିଏ ପରାଜୟ ସହ ୬ ପଏଣ୍ଟ ପାଇ ଗ୍ରୁପରେ ଇଂଲଣ୍ଡ (୭) ପଛକୁ ଦ୍ୱିତୀୟ ସ୍ଥାନରେ ରହି ନକ୍‌ଆଉଟ ଟିକଟ ହାସଲ କରିଛି। ଫିଫା ଇତିହାସରେ କ୍ରୋଏସିଆର ଏହା ଚତୁର୍ଥ ନକ୍‌ଆଉଟ୍ ଯୋଗ୍ୟତା। ଏଥିପୂର୍ବରୁ କ୍ରୋଏସିଆ ୧୯୯୮, ୨୦୧୮ ଓ ୨୦୨୨ରେ ନକ୍‌ଆଉଟ୍ ଖେଳିଥିଲା। ଅପରପକ୍ଷରେ ୪ ପଏଣ୍ଟ ପାଇ ଘାନା ଶ୍ରେଷ୍ଠ-୮ଟି ତୃତୀୟ ସ୍ଥାନିତ ଦଳ ଭାବେ ରାଉଣ୍ଡ-୩୨ରେ ପହଞ୍ଚିଛି।



26

- ଫିଫା ବିଶ୍ୱକପ୍
- ରାଉଣ୍ଡ-୩୨ ମ୍ୟାଚ୍
- ସୋମବାର ରାତି
- ୧- ବ୍ରାଜିଲ-ଜାପାନ
- ଆରମ୍ଭ: ରାତି ୧୦ଟା ୩୦, ହଷ୍ଟନ
- ୨- ଜର୍ମାନୀ-ପାରାଗୁଏ
- ଆରମ୍ଭ: ରାତି ୨ଟା, ଫକ୍ସବର୍ଗ
- ମଙ୍ଗଳବାର ସକାଳ
- ନେଦରଲ୍ୟାଣ୍ଡସ-ମରୋକ୍କୋ
- ଆରମ୍ଭ: ସକାଳ ୬ଟା ୩୦, ଗ୍ୱାଡଲୋପ
- ପ୍ରସାରଣ: ଜୀ ଟିଭି ନେଟ୍‌ୱର୍କ, ଜୀ-୫

## ସାସାଙ୍କ ଗୋଲ୍ ଅଷ୍ଟ୍ରିଆକୁ ବଞ୍ଚାଇଲା

କାନସାସ୍ ସିଟି: ସାସା କାଲାଜଦିକଙ୍କ ଷ୍ଟପେଜ ଟାଇମ୍ ଗୋଲ୍ ବଳରେ ଏଠାରେ ଅନୁଷ୍ଠିତ ଆଲଜେରିଆ ବିପକ୍ଷ ଗ୍ରୁପ୍-ଜେ'ର ଅନ୍ୟ ଏକ ମ୍ୟାଚକୁ ଅଷ୍ଟ୍ରିଆ ଡ୍ର ରଖିବାରେ ସମର୍ଥ ହୋଇଛି। ଏହି ତୀବ୍ର ସଂଘର୍ଷପୂର୍ଣ୍ଣ ମ୍ୟାଚର ନିର୍ଦ୍ଧାରିତ ୯୦ ମିନିଟ୍ ସୁଦ୍ଧା ଉଭୟ ଦଳ ଦୁଇଟି ଲେଖାଏ ଗୋଲ୍ ଦେଇଥିଲେ। ତେବେ ଷ୍ଟପେଜ ତଥା ଇଞ୍ଜୁରୀ ଟାଇମରେ ରୋମାଞ୍ଚ ଦେଖିବାକୁ ମିଳିଥିଲା। ରିୟାଦ ମାହରେଜଙ୍କ ୯୩ତମ ମିନିଟ୍ ଗୋଲ୍ ବଳରେ ଆଲ୍‌ଜେରିଆ ୩-୨ରେ ଅଗ୍ରଣୀ ଲାଭ କରି ବିଜୟ ଅଭିମୁଖେ ଅଗ୍ରସର ହୋଇଥିଲା। କିନ୍ତୁ ୯୬ତମ ମିନିଟରେ ସାସାଙ୍କ ଗୋଲ୍ ବଳରେ ଅଷ୍ଟ୍ରିଆ ମ୍ୟାଚକୁ ୩-୩ର ବରାବର୍‌ସ୍ତରକୁ ଆଣିଥିଲା। ଫଳରେ ଉଭୟ ଦଳ ଏକ ପଏଣ୍ଟ ଲେଖାଏରେ ସନ୍ତୁଷ୍ଟ ରହିଥିଲେ। ଏଥିସହ ୩ଟି ଲେଖାଏ ମ୍ୟାଚରୁ ୪ ପଏଣ୍ଟ ପାଇ ଉଭୟ ଅଷ୍ଟ୍ରିଆ ଓ ଆଲଜେରିଆ ନକ୍‌ଆଉଟରେ ସ୍ଥାନ ପକ୍କା କରିଛନ୍ତି। ଆର୍ଜେଣ୍ଟିନା ପକ୍ଷରୁ ଅଷ୍ଟ୍ରିଆ ଗ୍ରୁପରେ ଦ୍ୱିତୀୟ ସ୍ଥାନରେ ରହିଛି। ସେହିଭଳି ଶ୍ରେଷ୍ଠ-୮ଟି ତୃତୀୟ ସ୍ଥାନିତ ଦଳ ଭାବେ ଆଲ୍‌ଜେରିଆ ରାଉଣ୍ଡ-୩୨ ଟିକଟ ହାସଲ କରିଛି।

## ଗୋଲ୍ ଦେଇପାରିଲେନି ରୋନାଲ୍ଡୋ

ମିଆମି, ୨୮ ।୬ (ଏଜେନ୍ସି)

ଫିଫା ବିଶ୍ୱକପ୍‌ରେ ଗତକାଲି ରାତିରେ ପର୍ତ୍ତୁଗାଲ ଓ କଲମ୍ବିଆ ମଧ୍ୟରେ ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ଗ୍ରୁପ୍-କେ'ର ଏକ ମ୍ୟାଚ୍ ଗୋଲଶୂନ୍ୟ ଭାବେ ଡ୍ର ରହିଛି। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଉଭୟ ଦଳ ଗୋଲ୍‌ଖାତା ଖୋଲିବାରେ ବିଫଳ ହୋଇଥିଷଲ। ଅବଶ୍ୟ କଲମ୍ବିଆ ଅନ୍ତିମ ମୁହୂର୍ତ୍ତରେ ଏକ ଗୋଲ୍ ଦେଇଥିଲା। କିନ୍ତୁ ରେଫରି ଏକ ବିବାଦୀୟ ନିଷ୍ପତ୍ତିକ୍ରମେ ଏହାକୁ ଅଫ୍-ସାଇଡ ଘୋଷଣା କରିଥିଲେ। ଫଳରେ କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କ ଭଳି ମହାନ ଖେଳାଳିଙ୍କ ଉପସ୍ଥିତି ସତ୍ତ୍ୱେ ପର୍ତ୍ତୁଗାଲ ଗୋଲ୍ ଦେଇ ନ ପାରିବା ମିଆମି ଷ୍ଟାଡିୟମରେ ଉପସ୍ଥିତ ହଜାର ହାଜର ପ୍ରଶଂସକଙ୍କୁ ନିରାଶ କରିଛି। ସବୁଠୁ ଉଲ୍ଲେଖନୀୟ କଥା ହେଉଛି ଫିଫା ବିଶ୍ୱକପ ଇତିହାସରେ କଲମ୍ବିଆ ଓ ପର୍ତ୍ତୁଗାଲ୍‌ମଧ୍ୟରେ ଏହା ସର୍ବପ୍ରଥମ ମୁକାବିଲା ଥିଲା। ସେହିଭଳି କଲମ୍ବିଆ ଫିଫା ବିଶ୍ୱକପ୍ ଇତିହାସରେ କଲମ୍ବିଆ ପ୍ରଥମଥର ଲାଗି ଏକ ମ୍ୟାଚ୍ ଗୋଲଶୂନ୍ୟ ଭାବେ ଡ୍ର ରଖିଛି। କଲମ୍ବିଆ ଦୁଇଟି ବିଜୟ ଓ ଗୋଟିଏ ଡ୍ର ସହ ୭ ପଏଣ୍ଟ ପାଇ ଗ୍ରୁପ ଶୀର୍ଷରେ ରହି ରାଉଣ୍ଡ-୩୨ରେ ପହଞ୍ଚିଛି। ସେହିଭଳି ରୋନାଲ୍ଡୋଙ୍କ ନେତୃତ୍ୱାଧୀନ



ପର୍ତ୍ତୁଗାଲ ୨ଟି ଡ୍ର ଓ ଗୋଟିଏ ବିଜୟ ସହ ୫ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହି ନକଆଉଟରେ ପ୍ରବେଶ କରିଛି।

ରାଉଣ୍ଡ-୩୨ରେ ପର୍ତ୍ତୁଗାଲର ମୁକାବିଲା କ୍ରୋଏସିଆ ସହ ହେବ। ଏହି ମ୍ୟାଚ୍ ଜୁଲାଇ ୩ରେ ଅନୁଷ୍ଠିତ ହେବ। ସେହିଭଳି କଲମ୍ବିଆ ଓ ଘାନା ମଧ୍ୟରେ ରାଉଣ୍ଡ-୩୨ ମ୍ୟାଚ ଜୁଲାଇ ୪ ତାରିଖରେ ଖେଳାଯିବ।

# ଲଜ୍ଜା: ଆୟର୍ଲାଣ୍ଡଠୁ ସିରିଜ ହାରିଲା ଭାରତ

ବେଲଫାଷ୍ଟ, ୨୮ ।୬ (ଏଜେନ୍ସି): ନୂଆ ଟି-୨୦ ଅଧିନାୟକ ଶ୍ରେୟସ ଆୟରଙ୍କ ନେତୃତ୍ୱରେ ଭାରତ ଲଜ୍ଜାଜନକ ଅଭିଯାନ ଆରମ୍ଭ କରିଛି। ରବିବାର ଏଠାରେ ଅନୁଷ୍ଠିତ ଭାରତ ବିପକ୍ଷ ଅନ୍ତିମ ତଥା ଦ୍ୱିତୀୟ ଟି-୨୦ ମ୍ୟାଚକୁ ଘରୋଇ ଆୟର୍ଲାଣ୍ଡ ରୋମାଞ୍ଚକ ଭାବରେ ୧ ରନରେ ଜିତିନେଇଛି। ପୂର୍ବରୁ ଶୁକ୍ରବାର ଖେଳାଯାଇଥିବା ସିରିଜର ପ୍ରଥମ ମ୍ୟାଚରେ ମଧ୍ୟ ଭାରତ ୩୪ ରନରେ ହାରିଥିଲା। ଫଳରେ ଘରୋଇ ଆୟର୍ଲାଣ୍ଡ ଦୁଇ ମ୍ୟାଚବିଶିଷ୍ଟ ସିରିଜକୁ ୨-୦ରେ କ୍ଲିନସୁଇପ କରିନେଇଛି। ଫଳରେ ଭାରତ ବିପକ୍ଷରେ ପୂର୍ବରୁ କେବେ ଟି-୨୦ ମ୍ୟାଚ୍ ଜିତିପାରି ନ ଥିବା ଆୟର୍ଲାଣ୍ଡ ଏହି ସିରିଜରେ ଦୁଇ ଦୁଇଟି ଐତିହାସିକ ବିଜୟ ହାସଲ କରିଛି। ପ୍ରଥମେ ଟି-୨୦ ମ୍ୟାଚରେ ଜିତିବା ସହ ପରେ ସିରିଜକୁ ମଧ୍ୟ ହାତେଇ ନେଇଛି। ଇଂଲଣ୍ଡ ବିପକ୍ଷ ଟି-୨୦ ସିରିଜ ପୂର୍ବରୁ ଏହି ଲଜ୍ଜାଜନକ ପରାଜୟ ଭାରତୀୟ ମନୋବଳ ଭାଙ୍ଗିଦେଇଛି। ଭାରତ ଓ ଇଂଲଣ୍ଡ ମଧ୍ୟରେ ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ଟି-୨୦ ସିରିଜ ଜୁଲାଇ ୧ରୁ ଡରହାମରେ ଆରମ୍ଭ ହେବ।

ରବିବାର ଅନୁଷ୍ଠିତ ଏହି ମ୍ୟାଚରେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବ ଆୟର୍ଲାଣ୍ଡ ହ୍ୟାରୀ ଟେକ୍ଟରଙ୍କ ଅର୍ଦ୍ଧଶତକ ବଳରେ ୪ ୱିକେଟରେ ୧୫୪ ରନର ସମ୍ମାନଜନକ ସ୍କୋର କରିଥିଲା। ଟେକ୍ଟର ୪୭ ବଲରେ ସର୍ବାଧିକ ୫୩ ରନ କରିଥିଲେ। ଏଠାରେ ଟି-୨୦ ପଦାର୍ପଣ କରିଥିବା ଭାରତର ପ୍ରିନ୍ସ ଯାଦବ ସର୍ବାଧିକ ୩ଟି ଏବଂ ଅର୍ଶଦୀପ୍ ସିଂହ ଓ ଶିବମ ଦୁବେ ୨ଟି ଲେଖାଏ ୱିକେଟ ନେଇଥିଲେ। ଜବାବରେ ୧୫୫ ରନର ଲକ୍ଷ୍ୟକୁ ପିଛା କରିଥିବା ଭାରତ ଶେଷ ପର୍ଯ୍ୟନ୍ତ ଲଢ଼େଇ କରି ୯ ୱିକେଟରେ ୧୫୩ ରନ କରିପାରିଥିଲା। ତିଲକ ବର୍ମା ଏକାକୀ ୫୫ ରନ କରି ଲଢ଼େଇ କରିଥିଲେ। ତେବେ ଦୁଇ ଓପନର ସଞ୍ଜୁ ସାମସନ ଓ ଅଭିଷେକ ଶର୍ମା ଖାତା ଖୋଲି ନ ପାରିବା ଏବଂ ଇଶାନ କିଶାନ ୧୨ ଓ ଅଧିନାୟକ ଶ୍ରେୟାସ ଆୟର ୧୦ ରନ କରି ଆଉଟ୍ ହେବା ପରାଜୟର ମୁଖ୍ୟ କାରଣ ଥିଲା। ଆୟର୍ଲାଣ୍ଡର ଜାଇ ମୁନଡ୍ରା ଓ ମାଥ୍ୟୁ ହୋଲାର୍ଡ ୩ଟି ଲେଖାଏ ୱିକେଟ୍ ନେଇଥିଲେ।



# ଏକସଙ୍ଗେ ଅବସର ନେଲେ ସୋଫି, ସୁଜି ଓ ଲିଆ

ଲଣ୍ଡନ, ୨୮ ।୬ (ଏଜେନ୍ସି): ପରାଜୟ ସହ ଡିଫେଣ୍ଡିଂ ଚାମ୍ପିଅନ ନ୍ୟୁଜିଲାଣ୍ଡ ଦଳ ଚଳିତ ଆଇସିସି ମହିଳା ଟି-୨୦ ବିଶ୍ୱକପ୍‌ର ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟ ନେଇଛି। ଗ୍ରୁପ୍-ବି'ରେ ସ୍ଥାନ ପାଇଥିବା ନ୍ୟୁଜିଲାଣ୍ଡ ରବିବାର ଏହାର ଶେଷ ମ୍ୟାଚରେ ଇଂଲଣ୍ଡକୁ ଭେଟିଥିଲା। ସେମିଫାଇନାଲରେ ପ୍ରବେଶ ଲାଗି ନ୍ୟୁଜିଲାଣ୍ଡ ପାଇଁ ଏହି ମ୍ୟାଚ୍ ଜିତିବା ନିହାତି ଜରୁରୀ ଥିଲା। କିନ୍ତୁ ନ୍ୟୁଜିଲାଣ୍ଡ ୯ ୱିକେଟ୍‌ରେ ଶୋଚନୀୟ ଭାବେ ପରାସ୍ତ ହୋଇ ବିଦାୟ ନେଇଛି। ପରାଜୟ ସହ ନ୍ୟୁଜିଲାଣ୍ଡର ତିନି ଜଣ କିମ୍ବଦନ୍ତୀ ଖେଳାଳି ସୋଫି ଡିଭାଇନ, ସୁଜି ବେଟ୍ସ ଓ ଲିଆ ତାହୁହୁଙ୍କ ଅନ୍ତର୍ଜାତୀୟ କ୍ୟାରିଅର ଶେଷ ହୋଇଛି। ଚଳିତ ବିଶ୍ୱକପ୍ ପରେ ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ସନ୍ୟାସ ନେବେ ବୋଲି ପୂର୍ବରୁ ଏହି ୩ଜଣ ଖେଳାଳି ଘୋଷଣା କରିଥିଲେ। ଆଜିର ମ୍ୟାଚ୍ ପରେ ଉଭୟ ନ୍ୟୁଜିଲାଣ୍ଡ ଓ ଇଂଲଣ୍ଡ ଖେଳାଳିମାନେ ଏହି ତିନି ଜଣ ଖେଳାଳିଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରିଥିଲେ। ଏହି ସମୟରେ ସୋଫି, ସୁଜି ଓ ଲିଆ କାନ୍ଦି ପକାଇଥିବା ଦେଖିବାକୁ ମିଳିଥିଲା।



## ୮୭.୦୫ ମିଟର ଜାଭେଲିନ ଫିଙ୍ଗିଲେ ରୋହିତ

ଭୁବନେଶ୍ୱର, ୨୮ ।୬ (ସମିସ): ଆଇକନିକ କଳିଙ୍ଗ ଷ୍ଟାଡିୟମରେ ଗତ ୫ ଦିନ ଧରି ଚାଲିଥିବା ୬୫ତମ ଆନ୍ତଃ-ରାଜ୍ୟ ସିନିଅର ଆଥଲେଟିକ୍ସ ଚାମ୍ପିଅନସିପ୍ ରବିବାର ଉଦଯାପିତ ହୋଇଯାଇଛି। ଅନ୍ତିମ ଦିବସରେ ପୁରୁଷ ଜାଭେଲିନ ଥ୍ରୋ'ରେ ଉତ୍ତର ପ୍ରଦେଶର ରୋହିତ ଯାଦବ ୮୭.୦୫ ମିଟର ଦୂରତା ହାସଲ କରି ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ଏଥିସହ ଆଗାମୀ ଏସୀୟ କ୍ରୀଡ଼ାକୁ ମଧ୍ୟ ରୋହିତ ଟିକେଟ୍ ହାସଲ କରିଛନ୍ତି। ସେହିଭଳି ରାଜସ୍ଥାନର ଯଶବୀର ସିଂ (୮୩.୭୨ ମି) ଓ ଉତ୍ତର ପ୍ରଦେଶର ସଚିନ ଯାଦବ (୮୨.୩୨ମି) ଯଥାକ୍ରମେ ରୌପ୍ୟ ଓ କାଂସ୍ୟ ପଦକ ଜିତିବା ସହ ଏସୀୟ କ୍ରୀଡ଼ାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଚଳିତ ସିଜନରେ ବିଶ୍ୱ ପୁରୁଷ ଜାଭେଲିନରେ ଶ୍ରେଷ୍ଠ ପ୍ରଦର୍ଶନକାରୀଙ୍କ ମଧ୍ୟରେ ୨୫ ବର୍ଷୀୟ ସଚିନ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଅପରପକ୍ଷରେ କଳିଙ୍ଗରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ମୂରଲୀ ଶ୍ରୀଶଙ୍କର ଓ ଆନ୍ସି ସୋଜନା ଯଥାକ୍ରମେ ଶ୍ରେଷ୍ଠ ପୁରୁଷ ଓ ମହିଳା ଆଥଲେଟ ବିବେଚିତ ହୋଇଛନ୍ତି।

**ଆଇସିସି ମହିଳା ଟି-୨୦ ବିଶ୍ୱକପ୍**

# ଅଷ୍ଟ୍ରେଲିଆଠୁ ହାରି ଭାରତର ଅଭିଯାନ ଶେଷ

ଲଣ୍ଡନ, ୨୮ ।୬ (ଏଜେନ୍ସି): ଚଳିତ ଆଇସିସି ମହିଳା ଟି-୨୦ ବିଶ୍ୱକପ୍‌ରେ ଭାରତ ଅଭିଯାନ ଶେଷ ହୋଇଛି। ରବିବାର ରାତିରେ ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ଗ୍ରୁପ୍-ଏ'ର ଅନ୍ତିମ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚରେ ଛ'ଥରର ଚାମ୍ପିଅନ ଅଷ୍ଟ୍ରେଲିଆ ୬ ୱିକେଟରେ ଭାରତକୁ ହରାଇ ସେମିଫାଇନାଲରେ ସ୍ଥାନ ପକ୍କା କରିଛି। ଗ୍ରୁପ୍ ପର୍ଯ୍ୟାୟ ସମସ୍ତ ୫ଟି ଯାକ ମ୍ୟାଚ ଜିତି ଅଷ୍ଟ୍ରେଲିଆ ୧୦ ପଏଣ୍ଟ ସହ ଗ୍ରୁପ୍ ଶୀର୍ଷରେ ରହିଛି। ସେହିଭଳି ଦକ୍ଷିଣ ଆଫ୍ରିକା ୪ଟି ବିଜୟ ସହ ୮ ପଏଣ୍ଟ ପାଇ ଏହି ଗ୍ରୁପରୁ ଦ୍ୱିତୀୟ ଦଳ ଭାବେ ସେମିଫାଇନାଲକୁ ଉନ୍ନୀତ ହୋଇଛି। ହରମନପ୍ରୀତ୍ କୌରଙ୍କ ନେତୃତ୍ୱାଧୀନ ଭାରତ ୩ ବିଜୟ ଓ ୨ ପରାଜୟ ସହ ୬ ପଏଣ୍ଟ ପାଇ ଗ୍ରୁପରେ ତୃତୀୟ ସ୍ଥାନରେ ରହି ଅଭିଯାନ ଶେଷ କରିଛି।

**ସେମିଫାଇନାଲ କାର୍ଯ୍ୟସୂଚୀ**

| | | |
|---|---|---|
| ଜୁନ ୩୦ | ଅଷ୍ଟ୍ରେଲିଆ-ୱେଷ୍ଟଇଣ୍ଡିଜ | ଲଣ୍ଡନ |
| ଜୁଲାଇ ୨ | ଇଂଲଣ୍ଡ-ଦକ୍ଷିଣ ଆଫ୍ରିକା | ଲଣ୍ଡନ |



ଏହି 'କର ବା ମର' ମ୍ୟାଚରେ ଟସ୍ ଜିତି ଭାରତ ଆଗଧାଡ଼ିର ବ୍ୟାଟର୍‌ଙ୍କ ମିଳିତ ସଫଳତା ବଳରେ ୪ ୱିକେଟରେ ୧୭୦ ରନର ସମ୍ମାନଜନକ ସ୍କୋର କରିଥିଲା। ଅଧିନାୟିକା ହରମନପ୍ରୀତ୍ କୌର ୬ ଚୌକା ଓ ୩ ଛକା ବଳରେ ୨୭ ବଲରୁ ସର୍ବାଧିକ ୫୬ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶେଫାଳି ବର୍ମା ଓ ଜେମିମା ରୋଡ୍ରିଗ୍ସ ୩୪ ରନ ଲେଖାଏ କରି ଉପଯୋଗୀ ପାଳି ଖେଳିଥିଲେ। ତେବେ ଓପନର ସ୍ମୃତି ମନ୍ଧାନା ୩୭ ବଲରେ ୩୮ ରନର ଧୀମା ବ୍ୟାଟିଂ ଯୋଗୁ ଭାରତ ବଡ଼ ସ୍କୋରରୁ ବଞ୍ଚିତ ହୋଇଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ଅଧିନାୟିକା ସୋଫି ମୋଲିନେକ୍ସ ୨ଟି ୱିକେଟ ନେଇଥିଲେ। ଜବାବରେ ଦୁଇ ଅଭିଜ୍ଞ ବ୍ୟାଟର ଏଲିସେ ପେରୀ (୩୮ ବଲରେ ୫୬ ରନ) ଓ ଆସଲେ ଗାର୍ଡନର (୨୯ ବଲରେ ଅପରାଜିତ ୫୩ ରନ)ଙ୍କ ଅର୍ଦ୍ଧଶତକ ବଳରେ ଅଷ୍ଟ୍ରେଲିଆ ୧୯ ଓଭରରେ ୪ ୱିକେଟ ହରାଇ ବିଜୟ ଲାଭ କରିଥିଲା। ଭାରତର ଶ୍ରୀ ଚରଣିଙ୍କୁ ୨ଟି ୱିକେଟ ମିଳିଥିଲା।

**ସଂକ୍ଷିପ୍ତ ସ୍କୋର**

ଭାରତ: ୧୭୦/୪, ୨୦ ଓଭର (ହରମନପ୍ରୀତ୍- ୫୬, ମନ୍ଧାନା- ୩୮, ଶେଫାଳି- ୩୪, ଜେମିମା- ୩୪, ମୋଲିନେକ୍ସ- ୨/୪୬)।

ଅଷ୍ଟ୍ରେଲିଆ: ୧୭୨/୪, ୧୯ ଓଭର (ପେରୀ- ୫୬, ଗାର୍ଡନର- ୫୩*, ମୁନୀ- ୨୨, ଚରଣି- ୨/୩୨)।

## ଜାଙ୍ଗୋ-ଚେଜଙ୍କ ବିଶ୍ୱ ରେକର୍ଡ ଭାଗୀଦାରି

ଆଣ୍ଟିଗୁଆ, ୨୮ ।୬ (ଏଜେନ୍ସି): ଭ୍ରମଣକାରୀ ଶ୍ରୀଲଙ୍କା ବିପକ୍ଷରେ ଏଠାରେ ଚାଲିଥିବା ପ୍ରଥମ ଟେଷ୍ଟରେ ୱେଷ୍ଟଇଣ୍ଡିଜ୍ ଦଳ ଇତିହାସ ସୃଷ୍ଟି କରିଛି। ଘରୋଇ ୱେଷ୍ଟଇଣ୍ଡିଜର ପ୍ରଥମ ପାଳିରେ ଅଧିନାୟକ ରୋଷ୍ଟନ ଚେଜ୍ ଓ ଆମିର ଜାଙ୍ଗୋ ଷଷ୍ଠ ୱିକେଟ୍ ଭାଗୀଦାରିରେ ୪୦୧ ରନର ସଂଗ୍ରହ କରିଛନ୍ତି। ଫଳରେ ୧୪୯ ବର୍ଷର ଟେଷ୍ଟ ଇତିହାସରେ ପ୍ରଥମଥର ଲାଗି ୬ଷ୍ଠ ୱିକେଟ୍‌ରେ ୪୦୦ କିମ୍ବା ଏହାଠାରୁ ଅଧିକ ରନର ଭାଗୀଦାରି ଦେଖିବାକୁ ମିଳିଛି। ୧୦ ବର୍ଷ ତଳେ ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟରେ ଇଂଲଣ୍ଡର ଜନ୍ନୀ ବେୟାରଷ୍ଟୋ ଓ ବେନ୍ ଷ୍ଟୋକ୍ସ ଯୋଡ଼ି ଷଷ୍ଠ ୱିକେଟ୍ ଭାଗୀଦାରିରେ ୩୯୯ ରନ ସଂଗ୍ରହ କରିଥିଲେ। ଯାହାକି ଟେଷ୍ଟରେ ୬ଷ୍ଠ ୱିକେଟରେ ସର୍ବାଧିକ ଭାଗୀଦାରି ରହିଥିଲା। ଆଣ୍ଟିଗୁଆରେ ଅନୁଷ୍ଠିତ ଏହି ପ୍ରଥମ ଟେଷ୍ଟରେ ଶ୍ରୀଲଙ୍କାର ୩୦୮ ରନ ଜବାବରେ ୱେଷ୍ଟଇଣ୍ଡିଜ ୯ ୱିକେଟରେ ୩୨୬ ରନ କରି ପାଳି ଘୋଷଣା କରିଛି। ଆମିର ଜାଙ୍ଗୋ ୨୩୩ ଓ ରୋଷ୍ଟନ ଚେଜ ୧୯୪ ରନ କରିଥିଲେ। ୩୧୮ ରନ ପଛରେ ଥାଇ ଦ୍ୱିତୀୟ ପାଳି ଆରମ୍ଭ କରିଥିବା ଶ୍ରୀଲଙ୍କା ୪ର୍ଥ ଦିବସ ଷ୍ଟମ୍ପ ସୁଦ୍ଧା ଗୋଟିଏ ୱିକେଟ୍ ହରାଇ ୧୫ ରନ କରିଛି।

### ଆଜିଠୁ ୱିମ୍ବଲଡନ

ଲଣ୍ଡନ, ୨୮ ।୬ (ଏଜେନ୍ସି): ଚଳିତ ବର୍ଷର ତୃତୀୟ ଗ୍ରାଣ୍ଡସ୍ଲାମ ୱିମ୍ବଲଡନର ୧୩୯ତମ ସଂସ୍କରଣ ସୋମବାରଠାରୁ ଆରମ୍ଭ ହେବାକୁଯାଉଛି। ଏଥର ଟୁର୍ଣ୍ଣାମେଣ୍ଟରେ ମୋଟ୍ ୭୯୮କୋଟି ଟଙ୍କା ପୁରସ୍କାର ରହିଛି। ପୁରୁଷ ଓ ମହିଳା ସିଙ୍ଗଲ୍ସରେ ଚାମ୍ପିଅନ ଖେଳାଳିଙ୍କୁ ୪୪.୭୯ କୋଟି ଟଙ୍କା ପୁରସ୍କାର ମିଳିବ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS